R.N.I. REGN. No. 65000/96
POSTAL REGN. No. OR/BN-32/12-14
ରଙ୍ଗିନ ତରଙ୍ଗ ଟାବଲଏଡ ସହ
ତ୍ରିଂଶତମ ବର୍ଷ
ସଂଖ୍ୟା : ୩୩୨
ତିଥି : ଦଶମୀ
୦୬ ସେପ୍ଟେମ୍ବର ୨୦୨୬, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 332, 06 September 2026, Sunday,
Sambalpur, Price: 5.00, Online Portal www.odishasamaya.com,
thesamayanews@gmail.com, www.samayalive.in

Bhubaneswar | Balasore | Angul | Berhampur | Sambalpur

# ମାର୍ଚ୍ଚରେ ପଞ୍ଚାୟତ ନିର୍ବାଚନ

ଭୁବନେଶ୍ୱର, ୫।୯ (ସବ୍ୟୁ) : ମାର୍ଚ୍ଚ ମାସରେ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ମାର୍ଚ୍ଚ ୫ରେ ଜନଗଣନା ପ୍ରକ୍ରିୟା ସରିବା ପରେ ପଞ୍ଚାୟତ ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ରାଜ୍ୟ ନିର୍ବାଚନ କମିଶନ ମଧୁସୂଦନ ପାଢୀ ସୂଚନା ଦେଇଛନ୍ତି ।



ସୂଚନା ଅନୁଯାୟୀ ମାର୍ଚ୍ଚ ଶେଷ ଓ ଏପ୍ରିଲ ପ୍ରଥମ ସପ୍ତାହରେ ପଞ୍ଚାୟତ ନିର୍ବାଚନ ହେବ । ରାଜ୍ୟରେ ୫ ପର୍ଯ୍ୟାୟରେ ନିର୍ବାଚନ କରିବା ଲାଗି ସ୍ଥିର ହୋଇଛି । ପଞ୍ଚାୟନ ନିର୍ବାଚନ ପରେ ଏହାର ୧୫ ଦିନ କିମ୍ବା ମାସେ ଭିତରେ ପୌର ନିର୍ବାଚନ ହେବ । ପଞ୍ଚାୟତ ନିର୍ବାଚନ ବାଲାଟରେ ହେବାକୁ ଥିଲା ବେଳେ ପୌର ନିର୍ବାଚନ ଇଭିଏମରେ ହେବ । ପଞ୍ଚାୟତ ନିର୍ବାଚନ ଲାଗି ୯୧ ହଜାର ବୁଥ୍ ପ୍ରସ୍ତୁତ ହୋଇଛି । ଅକ୍ଟୋବର ୨୪ ରୁ ନଭେମ୍ବର ୭ ସାରା ରାଜ୍ୟରେ ସର୍ଭେ କରାଯିବ ଓ ଫେବୃଆରୀ ୧୦ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ସର୍ଭେର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗୋଟିଏ ଅଞ୍ଚଳର ଭୋଟର ଗୋଟିଏ ୱାର୍ଡରେ ରହିବେ । ୨୦୨୭ରେ ଏକକାଳୀନ ସମ୍ବଲପୁର, ରାଉରକେଲା, ପୁରୀ ମହାନଗର ଲାଗି ନିର୍ବାଚନ ହେବ । ପଞ୍ଚାୟତ ନିର୍ବାଚନ ଲାଗି ସଂରକ୍ଷଣ ପ୍ରକ୍ରିୟା ଅକ୍ଟୋବର ୩୧ ସୁଦ୍ଧା ଶେଷ କରାଯିବ ବୋଲି ସୂଚନା ମିଳିଛି ।

## ଖୁବ୍‌ଶୀଘ୍ର ଏସ୍‌ଆଇ ପରୀକ୍ଷା ବିଜ୍ଞପ୍ତି : ଆୟୋଗ

ଭୁବନେଶ୍ୱର, ୫।୯ (ସବ୍ୟୁ) : ଓଡିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସଏସଏସ୍‌ସି) ପକ୍ଷରୁ ଓଡିଶା ପୋଲିସ ଓ ଅନ୍ୟାନ୍ୟ ବିଭାଗ ଅଧିନରେ କନେଷ୍ଟବଲ ସ୍ତରୀୟ ପଦବୀ ଓ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି । ଏସମ୍ପର୍କିତ ବିସ୍ତୃତ ବିଜ୍ଞାପନ ଓ ଆବଶ୍ୟକ ସୂଚନା ଖୁବଶୀଘ୍ର ପ୍ରକାଶ ପାଇବ । ମିଳିତ ପୋଲିସ ସେବା ପରୀକ୍ଷା ୨୦୨୪ ନିମନ୍ତେ ପ୍ରାପ୍ତ ଆବେଦନପତ୍ରକୁ ବିଚାରକୁ ନେଇ ପରୀକ୍ଷା ପ୍ରକ୍ରିୟା ତ୍ୱରାନ୍ୱିତ କରିବା ନିମନ୍ତେ ଆବଶ୍ୟକ ପଦେକ୍ଷପ ପ୍ରାଥମିକତା ଭିତରେ ଗ୍ରହଣ କରାଯାଉଥିବା ନେଇ ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି ।

ନିଯୁକ୍ତି ଓ ପରୀକ୍ଷା ପ୍ରକ୍ରିୟାକୁ ନେଇ ପ୍ରାର୍ଥୀଙ୍କ ମଧ୍ୟରେ ବ୍ୟାପକ ଆଗ୍ରହ ଓ ଆଶଙ୍କା ପ୍ରତି ଆୟୋଗ ସଚେତନ ଅଛନ୍ତି । ତେଣୁ ନିର୍ଦ୍ଧାରିତ ନିୟମାବଳୀ ଓ ପ୍ରକ୍ରିୟା ଅନୁଯାୟୀ ପରୀକ୍ଷା ପ୍ରକ୍ରିୟାକୁ ସୂଚାରୁ, ନିରପେକ୍ଷ, ସ୍ୱଚ୍ଛ ଓ ସୁରକ୍ଷିତ ଭାବେ ପରିଚାଳନା କରିବାକୁ ସମସ୍ତ ପ୍ରସ୍ତୁତିମୁଳକ ପଦକ୍ଷେପ ଗ୍ରହଣ କରାଯାଉଛି । ପରୀକ୍ଷାର୍ଥୀମାନେ ପରୀକ୍ଷା ନିମନ୍ତେ ପ୍ରସ୍ତୁତ ରହିବା (୯ ପୃଷ୍ଠାରେ)

### ବାତିଲ ଏସ୍‌ଆଇ ପରୀକ୍ଷା କେବେ : ନବୀନ

ଭୁବନେଶ୍ୱର, ୫।୯ (ସବ୍ୟୁ): ବାତିଲ ହୋଇଥିବା ପୋଲିସ ଏସ୍‌ଆଇ ପରୀକ୍ଷା ହେବ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ସୋସିଆଲ ମିଡିଆରେ ସେ ଉଲ୍ଲେଖ କରିଛନ୍ତି ଯେ ୨୦୨୫ରେ ବାତିଲ ହୋଇଥିବା କମ୍ବାଇଣ୍ଡ ପୋଲିସ ସର୍ଭିସ ପରୀକ୍ଷା କେବେ ହେବ? କେବେ ପ୍ରଶ୍ନପତ୍ର (୯ ପୃଷ୍ଠାରେ)

## ଟନେଲରୁ ଚୀନ୍ ନାଗରିକ ଉଦ୍ଧାର

ନୂଆଦିଲ୍ଲୀ, ୫।୯ : ନେପାଳର ଏକ ଟନେଲରୁ ୧୦ ଦିନରୁ ୧୦ ଦିନ ପରେ ଜଣେ ଚୀନ୍ ନାଗରିକଙ୍କୁ ଜୀବନ୍ତ ଅବସ୍ଥାରେ ଉଦ୍ଧାର କରାଯାଇଛି । କାଦୁଅ ଓ ପାହାଡ଼ ଘେରାରେ ହିମାଳୟ ଉପତ୍ୟାକାରେ ଥିବା ଏହି ଟନେଲରୁ ନେପାଳୀ ସେନା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରିଛନ୍ତି । ନେପାଳ ବନ୍ୟାରେ ପ୍ରାୟ ୧୩୪୪ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଛି । ଏବେ ସୁଦ୍ଧା ସରକାରୀ ଭାବେ ୪୯୦୦ ନିଖୋଜ ଥିବା କୁହାଯାଉଛି ।

ନେପାଳୀ ସେନା ପକ୍ଷରୁ କୁହାଯାଇଛି ଯେ ଅପର ତ୍ରିଶୁଳି-୧ ଜଳ ବିଦ୍ୟୁତ୍ ପ୍ରକଳ୍ପର ୨୨୫ ମିଟର ଟନେଲରୁ (୯ ପୃଷ୍ଠାରେ)

## ସ୍ୱତନ୍ତ୍ର ଭରଦ୍ୱାଜ ଗିରଫ

ନୂଆଦିଲ୍ଲୀ, ୫।୯: କକ୍ରୋଚ ଜନତା ପାର୍ଟିର (ସିଜେପି) ଆନ୍ଦୋଳନ ସମୟରେ ଜଣେ ପ୍ରତିବାଦକାରୀ ଛାତ୍ରୀଙ୍କ ବାପାଙ୍କୁ ମାଡ଼ ମାରିବା ଅଭିଯୋଗରେ ସ୍ୱତନ୍ତ୍ର ଭରଦ୍ୱାଜଙ୍କୁ ଗିରଫ କରାଯାଇଛି । ତାଙ୍କୁ ଗିରଫ କରିବା ପାଇଁ ଗତକାଲି ସିଜେପି ପକ୍ଷରୁ ସଂସଦ ମାର୍ଗ ଥାନା ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ଗିରଫ ପରେ ତାଙ୍କୁ ଗୋଟିଏ ଦିନ ପାଇଁ ପୋଲିସ ହେପାଜତକୁ ନିଆଯାଇଛି । ସ୍ୱତନ୍ତ୍ରକୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଜଜ୍‌ଙ୍କ ସମ୍ମୁଖରେ ହାଜର କରାଯାଇଥିଲା । ମାତ୍ର (୯ ପୃଷ୍ଠାରେ)





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ଓଡ଼ିଶା ଇନକ୍ୟୁବେଟର

ଓଡ଼ିଶାର ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଉଦ୍ୟୋଗୀମାନଙ୍କୁ ଅଣ-କୃଷି କ୍ଷେତ୍ରରେ ବ୍ୟବସାୟର ବିକାଶ, ନୂତନ ରୋଜଗାର ସୃଷ୍ଟି ଏବଂ ଜୀବିକାକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ବଳିଷ୍ଠ ପଦକ୍ଷେପ

ସର୍ବମୋଟ ୧୫୦ ଜଣ ଉଦ୍ୟୋଗୀଙ୍କ ଚୟନ କରାଯିବ

ଆବେଦନର ଶେଷ ତାରିଖ: ୨୧ ସେପ୍ଟେମ୍ବର ୨୦୨୬


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ,ଓଡ଼ିଶା






୩ ବର୍ଷର ଇନକ୍ୟୁବେସନ ସମୟରେ IIT ଭୁବନେଶ୍ୱର ପକ୍ଷରୁ ଚ୍ୟାଲେଞ୍ଜ ଫଣ୍ଡ ପ୍ରତିଯୋଗିତା

ପଞ୍ଜୀକୃତ ବଡ଼ ଉଦ୍ୟୋଗୀ :
- ପ୍ରଥମ ପୁରସ୍କାର - ୧୫ ଲକ୍ଷ
- ଦ୍ୱିତୀୟ ପୁରସ୍କାର - ୧୦ ଲକ୍ଷ
- ତୃତୀୟ ପୁରସ୍କାର - ୫ ଲକ୍ଷ

ଗୋଷ୍ଠୀଗତ ଉଦ୍ୟୋଗୀ :
- ପ୍ରଥମ ପୁରସ୍କାର - ୭.୫ ଲକ୍ଷ
- ଦ୍ୱିତୀୟ ପୁରସ୍କାର - ୩.୭୫ ଲକ୍ଷ
- ତୃତୀୟ ପୁରସ୍କାର - ୧.୨୫ ଲକ୍ଷ

ବ୍ୟକ୍ତିଗତ ଉଦ୍ୟୋଗୀ :
- ପ୍ରଥମ ପୁରସ୍କାର - ୬ ଲକ୍ଷ
- ଦ୍ୱିତୀୟ ପୁରସ୍କାର - ୩ ଲକ୍ଷ
- ତୃତୀୟ ପୁରସ୍କାର - ୧ ଲକ୍ଷ

ମୁଖ୍ୟ ଉଦ୍ଦେଶ୍ୟ
- "ଚ୍ୟାଲେଞ୍ଜ ଫଣ୍ଡ" - ଅନୁଦାନ କିମ୍ବା ସୁଧମୁକ୍ତ ସଫ୍ଟ ଲୋନ୍ ମାଧ୍ୟମରେ ଆର୍ଥିକ ସହାୟତା
- "IIT ଭୁବନେଶ୍ୱର" ଦ୍ୱାରା ମାର୍ଗଦର୍ଶନ
- ଯନ୍ତ୍ରପାତି, ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ବ୍ୟବସାୟିକ ପ୍ରକ୍ରିୟା ସମ୍ବନ୍ଧୀୟ ଜ୍ଞାନ ଓ ସହାୟତା
- ନେଟୱର୍କିଂ, ବଜାର ସଂଯୋଗ ଏବଂ ସରକାରୀ ଯୋଜନାଗୁଡ଼ିକରେ ସୁବିଧା ପାଇବାରେ ସହାୟତା
- ବ୍ରାଣ୍ଡିଂ ଏବଂ ବ୍ୟବସାୟର ବିକାଶରେ ସହାୟତା

ଯୋଗ୍ୟତା
- SHG ସଦସ୍ୟା ଓ ସେମାନଙ୍କ ପରିବାର ଯେପରିକି ସ୍ୱାମୀ, ଅବିବାହିତ ପୁଅ କିମ୍ବା ଝିଅ/ ଅବିବାହିତ ଭାଇ କିମ୍ବା ଭଉଣୀ ଓ ପିତାମାତାଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗ
- ବିଗତ ଦୁଇ ଆର୍ଥିକ ବର୍ଷର ସର୍ବନିମ୍ନ ବ୍ୟବସାୟିକ କାରବାର : ପଞ୍ଜୀକୃତ ବଡ଼ ଉଦ୍ୟୋଗୀ (୨୦ ଲକ୍ଷରୁ ଅଧିକ ବାର୍ଷିକ କାରବାର), ଗୋଷ୍ଠୀଗତ ଉଦ୍ୟୋଗୀ (୧୫ ଲକ୍ଷରୁ ଅଧିକ ବାର୍ଷିକ କାରବାର) କିମ୍ବା ବ୍ୟକ୍ତିଗତ ଉଦ୍ୟୋଗୀ (୧୨ ଲକ୍ଷରୁ ଅଧିକ ବାର୍ଷିକ କାରବାର)
- ଉତ୍ପାଦନ ଏବଂ ସେବା କ୍ଷେତ୍ରରେ କାର୍ଯ୍ୟରତ ଉଦ୍ୟୋଗୀ

ବିଜ୍ଞାପନ ଦେଖିବା ପାଇଁ ଲିଙ୍କ : www.missionshakti.odisha.gov.in

ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର

OIPR: 48001/48002/2/26-27/0008 48001/8/2627

## ସୋସିଆଲ କୋଟ୍ସ



ଶର୍ମିଳା ଟାଗୋର କଣ ପାଇଁ ଏଭଳି ମନ୍ତବ୍ୟ ଦେଲେ ତାହା ମୁଁ ଜାଣି ନାହିଁ । ସେ ନିଜ ବୁଦ୍ଧି ହିସାବରେ ମନ୍ତବ୍ୟ ଦେଉଛନ୍ତି। ବୋଧହୁଏ ହଠାତ ତାଙ୍କ ମୁହଁରୁ ଏହି ମନ୍ତବ୍ୟ ବାହାରି ଯାଇଥିବ ।

**ମୁକେଶ ଖନ୍ନା, ଅଭିନେତା**



ପ୍ରଥମରୁ ବହୁତ ଷ୍ଟ୍ରଗଲ କରିଛି। ଅଭିନୟ କରିବି ବୋଲି କେବେ ଭାବି ନଥିଲି । ପ୍ରଥମରୁ ହୋଟେଲରେ କାମ କରୁଥିଲି। ସେ ଦିନ ଗୁଡିକ ଖୁବ କଷ୍ଟ ଥିଲା।

**ପଙ୍କଜ ତ୍ରିପାଠୀ, ଅଭିନେତା**



ସମସ୍ତ ପ୍ରକାର ରେସ୍ତୋରାଁ ଓ କାଫେରେ ବର୍ତ୍ତମାନ ସଫା ସୁତରା ରଖ ନହେଲେ ମୁଁ ତାଙ୍କୁ ପଠେଇ ଦେବି ।

**ସଲମାନ ଖାନ, ଅଭିନେତା**

## ମଣିଷ ଶରୀରରେ ଲାଗିଲା ଘୁଷୁରୀ ବୃକକ୍

ଆମେରିକାର ୬୬ ବର୍ଷୀୟ ଟିମ୍ ଏଣ୍ଡ୍ରୁଜ୍ଙ୍କ ଶରୀରରେ ଲାଗିଛି ଘୁଷୁରୀ ବୃକକ । ବୃକକ ଫେଲ୍ ହେବା ପରେ ମାନବ ବୃକକ ମିଳିବା ପର୍ଯ୍ୟନ୍ତ ଡାକ୍ତରମାନେ ତାଙ୍କ ଶରୀରରେ ଏକ ବିଶେଷଭାବେ ଜେନେଟିକ୍ ପରିବର୍ତ୍ତିତ ଘୁଷୁରୀ ବୃକକକୁ ପ୍ରତିରୋପଣ କରିଥିଲେ । 'ୱିଲ୍‌ମା' ନାମକ ଏକ ୟୁକାତାନ୍ ମିନିଏଚର ପିଗ୍‌ର ଏହି ବୃକକ ପ୍ରତିରୋପଣ ପୂର୍ବରୁ ୬୯ଟି ଜେନେଟିକ୍ ବଦଳ କରାଯାଇଥିଲା । ଯେପରି ମାନବ ଶରୀର ଏହାକୁ ତୁରନ୍ତ ପ୍ରତ୍ୟାଖ୍ୟାନ ନକରେ ସେଥିପାଇଁ ବ୍ୟବସ୍ଥା କରାଯାଇଥିଲା । ଜାନୁଆରୀ ୨୦୨୫ରେ ପ୍ରତିରୋପଣ କରାଯାଇଥିବା ଏହି ବୃକକ ଦୀର୍ଘ ୯ ମାସ ଧରି ଟିମ୍‌ଙ୍କ ଶରୀରରେ ସଫଳତାର ସହ କାର୍ଯ୍ୟ କରିଥିଲା । ଏହି ସମୟ ମଧ୍ୟରେ ତାଙ୍କୁ ଡାୟାଲିସିସ୍ ଦରକାର ପଡ଼ିନଥିଲା। ପ୍ରାୟ ୬ ମାସ ପରେ ବୃକକର ରକ୍ତନଳୀରେ ସମସ୍ୟା ଦେଖାଦେବାରୁ ୯ ମାସ ପରେ ଏହାକୁ କାଢ଼ିଦିଆଯାଇଥିଲା। ପରବର୍ତ୍ତୀ ସମୟରେ ମାନବ ବୃକକ ସଫଳତାର ସହ ପ୍ରତିରୋପଣ କରାଯାଇଥିଲା । ଚିକିତ୍ସା ବିଜ୍ଞାନ ଇତିହାସରେ ମାନବ ବୃକକ ମିଳିବା ପର୍ଯ୍ୟନ୍ତ ଏକ ଘୁଷୁରୀ ବୃକକ ଦୀର୍ଘ ଦିନ ଧରି ବିକଳ୍ପ ସାହାରା ସାଜିବାର ଏହା ପ୍ରଥମ ଘଟଣା । ତେବେ ଏହା ଆଗାମୀ ଦିନରେ ବୃକକ ରୋଗୀଙ୍କ ପାଇଁ ନୂଆ ଆଶାର କିରଣ ଦେଖାଇଛି ।





## ଗଣେଶ ପଣ୍ଡାଲ ପାଇଁ ୭୦୩ କୋଟିର ବୀମା

ଗଣେଶ ପୂଜା ଅବସରରେ ମୁମ୍ବାଇ ମାଟୁଙ୍ଗାସ୍ଥିତ ଜଣାଶୁଣା ଜି.ଏସ୍.ବି. ସେବା ମଣ୍ଡଳ ପକ୍ଷରୁ ନିଜର ଗଣପତି ପଣ୍ଡାଲ ପାଇଁ ୭୦୩ କୋଟି ଟଙ୍କାର ଏକ ବୀମା କରାଯାଇଛି । ପଣ୍ଡାଲରେ ବିରାଜମାନ ମହାଗଣପତିଙ୍କ ମୂର୍ତ୍ତିକୁ ୬୬ କିଲୋଗ୍ରାମରୁ ଅଧିକ ସୁନା ଏବଂ ୩୩୫ କିଲୋଗ୍ରାମରୁ ଅଧିକ ରୂପାର ଅଳଙ୍କାରରେ ସଜ୍ଜିତ କରାଯିବ । ବଜାରରେ ସୁନା-ରୂପାର ବୃଦ୍ଧିପ୍ରାପ୍ତ ମୂଲ୍ୟକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ବୀମାର ପରିମାଣ ବୃଦ୍ଧି କରାଯାଇଛି, ଯାହା ଗତବର୍ଷ ଏହା ପ୍ରାୟ ୪୭୪ କୋଟି ଟଙ୍କା ଥିଲା । ନିଜର ୭୨ତମ ଗଣେଶୋତ୍ସବ ପାଳନ କରୁଥିବା ଏହି ମଣ୍ଡଳରେ ସେପ୍ଟେମ୍ବର ୧୨ ତାରିଖ ରାତି ୮ଟାରେ ପ୍ରଭୁଙ୍କ 'ବିରାଟ ଦର୍ଶନ' ହେବା ସହ ସେପ୍ଟେମ୍ବର ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ମୁଖ୍ୟ ଉତ୍ସବ ଅନୁଷ୍ଠିତ ହେବ । ଏହି ଉତ୍ସବ ଦିନଗୁଡ଼ିକରେ ପ୍ରତିଦିନ ପ୍ରାୟ ୪୦ ହଜାର ଶ୍ରଦ୍ଧାଳୁଙ୍କୁ ଅନ୍ନଦାନ ସେବା ମାଧ୍ୟମରେ ପ୍ରସାଦ ବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଇଛି । ଯାହାଦ୍ୱାରା ମୋଟ ୨ ଲକ୍ଷରୁ ଅଧିକ ଲୋକଙ୍କ ପାଖରେ ପ୍ରସାଦ ପହଞ୍ଚିପାରିବ ।

## ଅସରପାର କ୍ଷୀର ଗାଈକ୍ଷୀରଠାରୁ ଅଧିକ ପୁଷ୍ଟିକର

ବିଜ୍ଞାନ ଜଗତର ଅସାଧାରଣ ଓ ହାସ୍ୟରସାତ୍ମକ ଗବେଷଣାକୁ ସମ୍ମାନିତ କରୁଥିବା ପ୍ରସିଦ୍ଧ 'ଆଇଜି ନୋବେଲ ପୁରସ୍କାର' ୨୦୨୬ ସେରିମୋନି ପ୍ରଥମ ଥର ପାଇଁ ଆମେରିକା ବାହାରେ ସ୍ୱିଜରଲ୍ୟାଣ୍ଡର ଜ୍ୟୁରିଖ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ୧୯୯୧ରୁ 'ଆନାଲ୍ସ ଅଫ୍ ଇମ୍ପ୍ରୋବେବଲ୍ ରିସର୍ଚ୍ଚ' ସାଇନ୍ସ ମାଗାଜିନ ଦ୍ୱାରା ଦିଆଯାଉଥିବା ଏହି ପୁରସ୍କାର ମଧ୍ୟରେ ଅସରପା କ୍ଷୀର ଉପରେ ହୋଇଥିବା ଏକ ଚାଞ୍ଚଲ୍ୟକର ଗବେଷଣା ସ୍ଥାନ ପାଇଛି । ଯେଉଁଥିରେ ଗାଈ କ୍ଷୀର ତୁଳନାରେ ପ୍ରାୟ ୩ ଗୁଣ ଅଧିକ ଶକ୍ତି ପ୍ରଦାନକାରୀ ପ୍ରୋଟିନ୍ ରହିଥିବା ବୈଜ୍ଞାନିକମାନେ ଦାବି କରିଛନ୍ତି । ଏହା ବ୍ୟତୀତ ଅନେକ ଅଜବ ଗବେଷଣା ଏଥିରେ ସାମିଲ ହୋଇଥିଲା । ବ୍ରାଜିଲର ବୈଜ୍ଞାନିକ ଦଳ ୨୫ରୁ ଅଧିକ ଦେଶର ମାଟିରେ ୧,୦୦୦ ଯୋଡ଼ା ଅନ୍ତବସ୍ତ୍ର ପୋତି ମାଟିରେ ଥିବା ଜୀବମାନେ ଏହି କପଡ଼ାକୁ କେତେ ଶୀଘ୍ର ନଷ୍ଟ କରୁଛନ୍ତି ତାହା ପରୀକ୍ଷା କରିଛନ୍ତି । ସେହିଭଳି ଅକ୍ସଫୋର୍ଡ ୟୁନିଭରସିଟିର ମାଟିଲ୍ଡା ବ୍ରିଡଲ୍ ଓ ଷ୍ଟୁଆର୍ଟ ୱେଷ୍ଟ ବିଭିନ୍ନ ପ୍ରଜାତି ମଧ୍ୟରେ ଚୁମ୍ବନର ବିକାଶକୁ ନେଇ ମଧ୍ୟ ଗବେଷଣା କରିଛନ୍ତି । ଅନ୍ୟପଟେ ଜାପାନୀ ବୈଜ୍ଞାନିକ ଡକ୍ଟର ତୋକୁଜି ଉନ୍ନୋ ନାକ ସଫା କରିବାର ନିଆରା ଉପାୟ ଉପରେ ରିସର୍ଚ୍ଚ କରି ଏହି ଆୱାର୍ଡ ହାସଲ କରିଛନ୍ତି ।



## ଇତିହାସ

୧୫୨୨- ସମୁଦ୍ର ପଥରେ ପୃଥିବୀର ପୂରା ଚକ୍କର କାଟିଥିବା ପ୍ରଥମ ଜାହାଜ ଭିକ୍ଟୋରିଆ ସ୍ପେନ୍ ଫେରିଲା ।

୧୮୮୯- ବାରିଷ୍ଟର ତଥା ସୁଭାଷ ଚନ୍ଦ୍ର ବୋଷଙ୍କ ଭାଇ ସରତ ଚନ୍ଦ୍ର ବୋଷଙ୍କ ଜନ୍ମ ।

୧୯୪୮- ଜୁଲିଆନା ନେଦରଲାଣ୍ଡ୍‌ର ମହାରାଣୀ ହେଲେ ।

୧୯୭୨- ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତର ବିଖ୍ୟାତ୍ ସରୋଦ ବାଦକ ଉସ୍ତାଦ ଆଲ୍ଲାଉଦ୍ଦିନ ଖାନ୍‌ଙ୍କ ଦେହାନ୍ତ ।

୧୯୯୦- ପ୍ରସାଦ ଭାରତୀ ବିଲ୍ ସଂସଦରେ ପାରିତ ।

୧୯୯୮- ଲୋକପ୍ରିୟ ଜାପାନୀ ଫିଲ୍ମ ନିର୍ଦ୍ଦେଶକ ଅକିରା କୁରାସୋବାଙ୍କ ପରଲୋକ ।

୨୦୦୫- ପରମବୀର ଚକ୍ର ସମ୍ମାନିତ ଭାରତୀୟ ସୈନିକ ମେଜର ଧନସିଂହ ଥାପାଙ୍କ ପରଲୋକ ।

୨୦୦୮- ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଚୁକ୍ତିକୁ ମଞ୍ଜୁରୀ ।

## ପରିବାର ରାଜି ନଥିଲେ ଅଭିନେତ୍ରୀ ହେବାକୁ



ଦିଲ୍ଲୀର ଏକ ସମ୍ଭ୍ରାନ୍ତ ପରିବାରରେ ୨୮ ଜୁଲାଇ ୧୯୮୬ରେ ଜନ୍ମଗ୍ରହଣ କରିଥିବା ହୁମା କୁରେଶୀ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଗାର୍ଗୀ କଲେଜରୁ ଇତିହାସରେ ଅନର୍ସ କରିବା ସହ ଡ୍ରାମା ଓ ଥିଏଟର କ୍ଷେତ୍ରରେ ସକ୍ରିୟ ରହି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ । ପିତା ସଲିମ୍ କୁରେଶୀଙ୍କ ରେସ୍ତୋରାଣ୍ଟ ବ୍ୟବସାୟ ଏବଂ ପରିବାରର ଶିକ୍ଷାଗତ ପୃଷ୍ଠଭୂମି ସତ୍ତ୍ୱେ ଅଭିନୟକୁ କ୍ୟାରିୟର ଭାବେ ବାଛିବା ପାଇଁ ହୁମାଙ୍କୁ ନିଜ ପରିବାରକୁ ମନାଇବାକୁ ପ୍ରାୟ ୬ରୁ ୮ ମାସ ସମୟ ଲାଗିଥିଲା। ପ୍ରସିଦ୍ଧ ଥିଏଟର ଗୁରୁ ଏନ୍.କେ. ଶର୍ମାଙ୍କ ମାର୍ଗଦର୍ଶନରେ 'ଦି ଆମେରିକାନ୍ ପାଇଲଟ୍' ଭଳି ନାଟକରୁ କଳା ଜଗତରେ ପାଦ ଥାପିଥିବା ହୁମା, ମୁମ୍ବାଇରେ କୌଣସି ଗଡଫାଦର କିମ୍ବା ଫିଲ୍ମ ପୃଷ୍ଠପୋଷକତା ନଥାଇ ୪ ଜଣ ସହଯୋଗୀଙ୍କ ସହ ଏକ ଛୋଟ ପେଇଙ୍ଗ ଗେଷ୍ଟରେ ରହି ନିଜର ସଂଘର୍ଷ ଆରମ୍ଭ କରିଥିଲେ । ଶାହରୁଖ ଖାନ ଓ ଆମିର ଖାନଙ୍କ ଭଳି ଷ୍ଟାର କଳାକାରଙ୍କ ସହ ବିଜ୍ଞାପନରେ କାମ କରିବା ପରେ, ଏକ ମୋବାଇଲ ବିଜ୍ଞାପନ ସୁଟିଂ ସେଟ୍‌ରେ ଜଣାଶୁଣା ନିର୍ଦ୍ଦେଶକ ଅନୁରାଗ କଶ୍ୟପଙ୍କ ନଜରକୁ ଆସିଥିଲେ । ଏହାପରେ ସେ ସୁପରହିଟ୍ ଫିଲ୍ମ 'ଗ୍ୟାଙ୍ଗସ୍ ଅଫ୍ ୱାସେପୁର'ରେ ତାଙ୍କୁ ସୁଯୋଗ ପାଇଥିଲେ । ପ୍ରଥମ ଫିଲ୍ମର ସଫଳତା ସତ୍ତ୍ୱେ ବଡି ସେମିଂ, ପ୍ରତ୍ୟାଖ୍ୟାନ, ଟ୍ରୋଲିଂ ଏବଂ ବିଭିନ୍ନ ଅପବାଦ ଭଳି ପ୍ରତିବନ୍ଧକର ସାମ୍ନା କରି ମଧ୍ୟ ହୁମା ନିଜର ଦମଦାର ଅଭିନୟ ଶୈଳୀ ବଳରେ ଆଜି ବଲିଉଡରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ।

## ୧୧ ବର୍ଷ ଧରି ଖାଉଥିଲେ ନିଜ କେଶ



ଦିଲ୍ଲୀର ଜଣେ ୨୦ ବର୍ଷୀୟା ଯୁବତୀଙ୍କ ଅସାଧାରଣ ଅଭ୍ୟାସ ଡାକ୍ତରୀ ଦଳଙ୍କୁ ଚକିତ କରିଦେଇଛି । ଉକ୍ତ ଯୁବତୀ ଜଣକ ମାତ୍ର ୯ ବର୍ଷ ବୟସରୁ ଅର୍ଥାତ୍ ଗତ ୧୧ ବର୍ଷ ଧରି ନିଜ କେଶ ଖାଇବା ଅଭ୍ୟାସରେ ପୀଡ଼ିତ ଥିଲେ । ନିକଟରେ କ୍ରମାଗତ ତିନି ଦିନ ଧରି ପ୍ରବଳ ପେଟବ୍ୟଥା ଓ ବାନ୍ତି ହେବା ପରେ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପେଟ ଭିତରେ ବାଳ ସହଜରେ ହଜମ ହୋଇ ନଥିବାରୁ ଏହା ଜମା ହୋଇ ଖାଦ୍ୟ ନଳୀଠାରୁ କ୍ଷୁଦ୍ରାନ୍ତ୍ର ପର୍ଯ୍ୟନ୍ତ ଏକ ବିରାଟ ଏବଂ ଟାଣ ଗଣ୍ଠି ସୃଷ୍ଟି କରିଥିଲା । ଯାହାକୁ ଡାକ୍ତରୀ ଭାଷାରେ 'ଟ୍ରାଇକୋବେଜୋଆର'କୁହାଯାଏ । ଡାକ୍ତରମାନେ ସଫଳ ଅସ୍ତ୍ରୋପଚାର କରି ପେଟରୁ ୧.୧୬ କିଲୋଗ୍ରାମ ଓଜନର ଏହି କେଶ ଗୁଚ୍ଛାକୁ ସୁରକ୍ଷିତ ଭାବେ ବାହାର କରିଛନ୍ତି । ଅସ୍ତ୍ରୋପଚାର ପରେ ଯୁବତୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ବେଳେ, ଏହି ପ୍ରକାରର ଅଭ୍ୟାସ ଟ୍ରାଇକୋଫେଜିଆକୁ ରୋକିବା ପାଇଁ କାଉନସେଲିଂ ପାଇଁ ଡାକ୍ତରୀ ଦଳ ପରାମର୍ଶ ଦେଇଛନ୍ତି ।



**ମେଷ:** ମନରେ ପ୍ରସନ୍ନତା, ବନ୍ଧୁସାହାଯ୍ୟ, କର୍ମରେ ସଫଳତା, ବ୍ୟବସାୟରେ ଉନ୍ନତି, ସନ୍ତାନଲାଭ, ପାରିବାରିକ ସହଯୋଗ, ଅର୍ଥଲାଭ, କିଛିକାର୍ଯ୍ୟରେ ବିଳମ୍ବ, ଶରୀର ସୁସ୍ଥ । ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗେରୁଆ, ସଂଖ୍ୟା-୬, ଆରାଧନା-ପ୍ରଭୁ ହନୁମାନ।

**ବୃଷ:** ମାନସିକ ଅସ୍ଥିର, ଆୟ ଅପେକ୍ଷା ବ୍ୟୟ ଅଧିକ, ଲୋକସମ୍ପର୍କରେ ସାମାନ୍ୟ ସୁଧାର, ବ୍ୟବସାୟରେ ଶତ୍ରୁତା, ପାରିବାରିକ ସାହାଯ୍ୟ, ସ୍ୱାସ୍ଥ୍ୟଚିନ୍ତା। କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ଭଗବାନ ବିଷ୍ଣୁ।

**ମିଥୁନ:** ସୁସମ୍ପର୍କ, ପାରିବାରିକ ଖୁସି, ଶୁଭଖବର, ସମ୍ପତ୍ତିଲାଭ, ମାନସମ୍ମାନ, ଅର୍ଥଲାଭ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା ସଫଳ, ଶତ୍ରୁ ପରାଜିତ, ଶରୀର ସୁସ୍ଥ। ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୧୨, ଆରାଧନା-ଗୁରୁଜନଙ୍କ ସେବା।

**କର୍କଟ:** ଅଯଥା ଖର୍ଚ୍ଚ, ପରିବହନରେ ସନ୍ତୁଷ୍ଟ, ବନ୍ଧୁଲାଭ, ଦୂରଯାତ୍ରା ସଫଳ, ଶୁଭକାର୍ଯ୍ୟକୁ ନେଇ ଆଲୋଚନା, ସନ୍ତାନଲାଭ, ଦାମ୍ପତ୍ୟ ଖୁସି, ହେବାକାର୍ଯ୍ୟ ବିଳମ୍ବ। ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସିଲଭର, ସଂଖ୍ୟା-୮, ଆରାଧନା-ମା' ଭୁବନେଶ୍ୱରୀ।

**ସିଂହ:** ଆକସ୍ମିକ ଧନଲାଭ, ଉଚ୍ଚସମ୍ମାନପ୍ରାପ୍ତି, କାର୍ଯ୍ୟରେ ସଫଳତା, ନୂତନ ବନ୍ଧୁଲାଭ, ବିବାଦ ସମାଧାନ, ମୋକଦ୍ଦମାରେ ବିଜୟ, ଆଶାତୀତ ସଫଳତା, ଶରୀର ସୁସ୍ଥ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୧, ଆରାଧନା-ମା' ଲକ୍ଷ୍ମୀ।

**କନ୍ୟା:** କର୍ମପ୍ରତି ଏକାଗ୍ରତା, ଅର୍ଥଲାଭ, ବିଦେଶ ଭ୍ରମଣ, ସମସ୍ତ କାର୍ଯ୍ୟ ସଫଳ, ଧର୍ମକାର୍ଯ୍ୟ, ପାରିବାରିକ ସହଯୋଗ, ଦୂରଯାତ୍ରା ସଫଳ, ଶରୀର ସୁସ୍ଥ । ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ପ୍ରଭୁ ଆଶୁତୋଷ।

**ତୁଳା:** ମନରେ ଭୟ ଓ ଆଶଙ୍କା, କରିଥିବା କାର୍ଯ୍ୟକୁ ନେଇ ଅନୁତାପ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ବ୍ୟବସାୟରେ ସ୍ୱଳ୍ପଲାଭ, ପାରିବାରିକ ସହଯୋଗ, ଦାମ୍ପତ୍ୟଖୁସି, ବନ୍ଧୁଲାଭ। ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ପ୍ରଭୁ ଲିଙ୍ଗରାଜ।

**ବିଛା:** ବାଦବିବାଦ, ଆର୍ଥିକ କାରବାରରେ ଅସନ୍ତୁଷ୍ଟ, ଶରୀର ସୁସ୍ଥ, ସନ୍ତାନଲାଭ, ଅଯଥା ଅଶାନ୍ତି, ଦୂରଯାତ୍ରାରେ ସତର୍କ, ଶତ୍ରୁସମସ୍ୟା। ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଇଷତ ଲାଲ, ସଂଖ୍ୟା-୫, ଆରାଧନା- ପ୍ରଭୁ ହନୁମାନ।

**ଧନୁ:** ପ୍ରୀତିବୃଦ୍ଧି, ପରିଶ୍ରମଜନିତ କ୍ଳାନ୍ତି, ଅର୍ଥଲାଭ, ପୂର୍ବସମସ୍ୟା ସମାଧାନ, ବନ୍ଧୁସହଯୋଗ, ମାନସିକ ଶାନ୍ତି, ଲୋକସମ୍ପର୍କରେ ଉନ୍ନତି, ପାରିବାରିକ ସହଯୋଗ। ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା-ଭଗବାନ ବିଷ୍ଣୁ ।

**ମକର:** ପରୋପକାର, ଶତ୍ରମାନେ ବଶୀଭୂତ, ଲୋକସମ୍ପର୍କ ଅଧିକ, ଅର୍ଥଲାଭ, ଶରୀର ସୁସ୍ଥ, ମାନସିକ ଶାନ୍ତି, ବ୍ୟବସାୟରେ ସଫଳ, ଦ୍ରବ୍ୟଲାଭ, ସମ୍ପତ୍ତିସମସ୍ୟା ସମାଧାନ । ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗେଣି, ସଂଖ୍ୟା-୧୧, ଆରାଧନା-ମା' ଦୁର୍ଗା।

**କୁମ୍ଭ:** କ୍ଷମତାଶାଳୀ ବ୍ୟକ୍ତି ସାହାଯ୍ୟ, ମୂଲ୍ୟବାନ ଦ୍ରବ୍ୟନଷ୍ଟ, ପାରିବାରିକ ସାହାଯ୍ୟ, ଅର୍ଥଚିନ୍ତା, ଦେବକାର୍ଯ୍ୟରେ ସମୟ, ଶରୀର ସୁସ୍ଥ, ବନ୍ଧୁସମସ୍ୟା, ଅତିଥିଚର୍ଚ୍ଚା, ଅନୁଷ୍ଠାନରୁ ଲାଭ। ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୪, ଆରାଧନା- ମା' କାଳୀ।

**ମୀନ:** ସମ୍ମାନହାନି, ଦ୍ରବ୍ୟକ୍ରୟ, ଅନୁଷ୍ଠାନରୁ ସଫଳତା, ପାରିବାରିକ ବିବାଦ, ଅଯଥା ଖର୍ଚ୍ଚ, ସମ୍ପର୍କରେ ସୁଧାର, ସନ୍ତାନଖୁସି। ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୩, ଆରାଧନା- ମା' ତାରା।

**ଭାଦ୍ରବ କୃଷ୍ଣ ପକ୍ଷ ଦଶମୀ**
**୬.୯.୨୦୨୬, ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ସେକେଣ୍ଡାରୀ ବୋର୍ଡ ହାଇସ୍କୁଲରେ ଗୁରୁ ଦିବସ

# ଶିକ୍ଷା କେବଳ ଜ୍ଞାନ ନୁହେଁ, ମଣିଷ ଗଢ଼ିବାର ଏକ ମହାନ ପ୍ରକ୍ରିୟା: ମୁଖ୍ୟମନ୍ତ୍ରୀ



କଟକ, (ସବ୍ୟୁ):ସୋସିଆଲ ମିଡିଆରେ ଅଧିକ ସମୟ ନଷ୍ଟ ନକରିବାକୁ, ଅପପ୍ରଚାରର ବଶବର୍ତ୍ତୀ ନହୋଇ ଏକମନ ଓ ଏକପ୍ରାଣ ହୋଇ ପାଠ ପଢ଼ିବାକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁ ଦିବସ ଅବସରରେ ଛାତ୍ରଛାତ୍ରୀଙ୍କୁ ବୁଝାଇ ପରାମର୍ଶ ଦେଇଛନ୍ତି। କଟକସ୍ଥିତ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲଠାରେ ଆୟୋଜିତ ଗୁରୁ ଦିବସ ସମାରୋହରେ ଯୋଗଦେଇ ପିଲାମାନଙ୍କ ସହିତ ବାର୍ତ୍ତାଳାପ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ନିଜର କ୍ୟାରିୟର ଗଢିବା ଉପରେ ଫୋକସ୍ କରିବାକୁ ପରାମର୍ଶ ଦେଇ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଛାତ୍ର ଭାବରେ ତୁମ ମାନଙ୍କର ପ୍ରଥମ ଦାୟିତ୍ୱ ହେଉଛି ଭଲ ପାଠ ପଢି ଦକ୍ଷତା ହାସଲ କରିବ ଏବଂ ନିଜର ଓ ଦେଶର ବିକାଶରେ ଯୋଗଦାନ ରଖିବ। ଏହା ହେଉଛି ଆମ ଶିକ୍ଷା ପ୍ରକ୍ରିୟାର ମୂଳ ଉଦ୍ଦେଶ୍ୟ। ତେଣୁ, ଅନ୍ୟ କୌଣସି ବିଷୟରେ ଯାହା ତୁମର କ୍ୟାରିୟର ଗଢିବାରେ ବାଧା ସୃଷ୍ଟି କରିବାର ସମ୍ଭାବନା ରହିଛି ସେଥିରୁ ଦୂରେଇ ରହିବାକୁ ପିଲାମାନଙ୍କୁ ମୁଖ୍ୟମନ୍ତ୍ରୀ କହିଥିଲେ।

ସେହିପରି ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ପର୍କ ଉପରେ ଆଲୋକପାତ କରି ଏହା ଆଜିର ସମୟରେ ଅଧିକ ବନ୍ଧୁତ୍ୱପୂର୍ଣ୍ଣ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହା ସହିତ ପିତାମାତା ଓ ଗୁରୁଜନଙ୍କ ଆଶୀର୍ବାଦ ନେଇ ସଫଳତାର ଶୀର୍ଷରେ ପହଞ୍ଚିବାକୁ ପରାମର୍ଶ ଦେଇଛନ୍ତି। ଶିକ୍ଷା କେବଳ ଜ୍ଞାନ ପ୍ରଦାନ ନୁହେଁ; ଶିକ୍ଷା ହେଉଛି ମଣିଷ ଗଢ଼ିବାର ଏକ ମହାନ ପ୍ରକ୍ରିୟା ଏବଂ ଆମର ଶିକ୍ଷକମାନେ ଏହି ଗୁରୁଦାୟିତ୍ୱ ତୁଲାଇ ଆସୁଛନ୍ତି। ଗୁରୁ ଓ ଶିଷ୍ୟ ମଧ୍ୟରେ ଥିବା ପବିତ୍ର ସମ୍ପର୍କର ମହାତ୍ମ୍ୟ ପିଲାମାନଙ୍କୁ ବୁଝାଇବା ସହ ଭାରତର ପୂର୍ବତନ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ପୂଣ୍ୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ସଂସ୍କୃତିରେ ଗୁରୁ-ଶିଷ୍ୟ ପରମ୍ପରା ଅତୁଳନୀୟ। ପ୍ରଭୁ ଶ୍ରୀରାମ, ଶ୍ରୀକୃଷ୍ଣଙ୍କଠାରୁ ଆରମ୍ଭ କରି ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଓ ସ୍ୱାମୀ ବିବେକାନନ୍ଦଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଜୀବନ ଗଠନରେ ଗୁରୁଙ୍କ ଭୂମିକା ନିର୍ଣ୍ଣାୟକ ଥିଲା। ଆଜିର ଯୁଗରେ ମଧ୍ୟ 'ମିଜାଇଲ ମ୍ୟାନ୍' ଡଃ ଏ.ପି.ଜେ. ଅବ୍ଦୁଲ କାଲାମଙ୍କ ଭଳି ମହାନ ବ୍ୟକ୍ତିତ୍ୱ ଦେଶର ସର୍ବୋଚ୍ଚ ପଦବୀରେ ଥାଇ ମଧ୍ୟ ନିଜକୁ ପ୍ରଥମେ ଜଣେ ଶିକ୍ଷକ ଭାବେ ପରିଚୟ ଦେବାକୁ ପରମ ଗୌରବ ମନେକରୁଥିଲେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସୁଧାର ଆଣିବା ପାଇଁ ସରକାରଙ୍କ ସଂକଳ୍ପ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ 'କେଜି ରୁ ପିଜି' ନିଃଶୁଳ୍କ ଶିକ୍ଷା ଯୋଜନାର ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ସାରା ଭାରତରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଶିଶୁ ବାଟିକାରୁ ଆରମ୍ଭ କରି ସ୍ନାତକୋତ୍ତର ପର୍ଯ୍ୟନ୍ତ ଶିକ୍ଷାକୁ ସାର୍ବଜନୀନ ନିଃଶୁଳ୍କ କରିଛି। ଏତଦ୍ବ୍ୟତୀତ ୧୨,୦୦୦ କୋଟି ଟଙ୍କା ବ୍ୟୟରେ ୨,୨୦୦ଟି ବିଶ୍ୱସ୍ତରୀୟ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ନିର୍ମାଣ କରାଯାଉଛି ଏବଂ ପ୍ରାକ୍-ବିଦ୍ୟାଳୟ ପିଲାଙ୍କ ପାଇଁ ୪୫,୦୦୦ ଶିଶୁ ବାଟିକା ଖୋଲାଯାଇଛି। ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଓ ପାଠ୍ୟପୁସ୍ତକ ଯୋଗାଣ, ଆଦିବାସୀ ପିଲାଙ୍କ ପାଇଁ 'ଶହିଦ୍ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା' ଏବଂ ଆଗାମୀ ୩ ବର୍ଷ ମଧ୍ୟରେ ୪୫,୦୦୦ ଶିକ୍ଷକ ପଦବୀ ପୂରଣ ନେଇ ସରକାରୀ ପ୍ରତିଶ୍ରୁତିବଦ୍ଧତାକୁ ସେ ଦୋହରାଇଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ 'ପଞ୍ଚଖା ଶିକ୍ଷା ସେତୁ' ମାଧ୍ୟମରେ ପୁରାତନ ଛାତ୍ରଛାତ୍ରୀଙ୍କୁ ସାମିଲ କରି ସ୍କୁଲର ସମ୍ବନ୍ଧିତ ରୂପାନ୍ତରଣ କରାଯାଉଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କ ଭଳି ପୁରାତନ ଛାତ୍ରଙ୍କ ପାଇଁ ଏହି ବିଦ୍ୟାଳୟ ଆଜି ଗର୍ବିତ। ଏହି ଭଳି ବ୍ୟକ୍ତିତ୍ୱ ଶିକ୍ଷାନୁଷ୍ଠାନର ପ୍ରକୃତ ପରିଚୟ। ଶିକ୍ଷକଙ୍କ ଅଗାଧ ଜ୍ଞାନ, ଛାତ୍ରଛାତ୍ରୀଙ୍କ ପ୍ରତିଭା, ପୁରାତନ ଛାତ୍ରଙ୍କ ଅନୁଭବ ଓ ଜନସାଧାରଣଙ୍କ ମିଳିତ ସହଯୋଗରେ ଏକ ସଶକ୍ତ, ସମୃଦ୍ଧ ଓ ଆତ୍ମନିର୍ଭର ଓଡ଼ିଶା ଗଢ଼ିତୋଳିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଶିକ୍ଷାଦାନ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ନିଷ୍ଠାପର ସେବା ପ୍ରଦାନ କରିଥିବା ଅଶୋକ କୁମାର ଶତପଥୀ, କୁମୁଦିନୀ ଜୀ, ଶକୁନ୍ତଳା ମହାନ୍ତି, ଦେବିପ୍ରସାଦ ଏବଂ ଜୟନ୍ତୀ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଛନ୍ତି। ବିଦ୍ୟାଳୟର ଗୌରବମୟ ପରମ୍ପରାକୁ ଆଗକୁ ନେବାରେ ଏହି ଆଦର୍ଶ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କର ପ୍ରମୁଖ ଭୂମିକା ରହିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ମାଝାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, କଟକ ସଦର ବିଧାୟକ ଡ଼. ପ୍ରକାଶ ଚନ୍ଦ୍ର ସେଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡକ୍ଟର ଏନ୍ ତିରୁମାଲା ନାୟକ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ, ସେକେଣ୍ଡାରୀ ବୋର୍ଡ ସ୍କୁଲର ପ୍ରଧାନଶିକ୍ଷକ ଅଶୋକ କୁମାର ଶତପଥୀ, ପୁରାତନ ଛାତ୍ର ସଂସଦ ସଭାପତି ନିଶିକାନ୍ତ ମିଶ୍ର, ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

▸▸ କେଜି ରୁ ପିଜି' ନିଃଶୁଳ୍କ ଶିକ୍ଷାରେ ଓଡ଼ିଶା ଦେଶରେ ପ୍ରଥମ

▸▸ ଆଗାମୀ ୩ ବର୍ଷରେ ପୂରଣ ହେବ ୪୫ ହଜାର ଶିକ୍ଷକ ପଦବୀ

## ପୁରୀ ପୋଲିସ୍ ପକ୍ଷରୁ ବରିଷ୍ଠ ନାଗରିକ ସମ୍ମିଳନୀ ଓ ସଚେତନତା କାର୍ଯ୍ୟକ୍ରମ

ପୁରୀ, (ସବ୍ୟୁ): ଶନିବାର ପୂର୍ବାହ୍ନରେ ପୁରୀ ପୋଲିସ ପକ୍ଷରୁ ଟାଉନ ଥାନା କନଫରେନ୍ସ ହଲରେ ଏକ ବରିଷ୍ଠ ନାଗରିକ ସମ୍ମିଳନୀ ଓ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଛି। ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା, ସମ୍ମାନ, ସୁସ୍ଥତା ଓ ସୁରକ୍ଷିତ ଜୀବନଯାପନକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। କାର୍ଯ୍ୟକ୍ରମରେ ପୁରୀ ଏସ୍ପି ପ୍ରତୀକ ସିଂ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବ ପ୍ରତାପ, ସିଟି ଡିଏସ୍ପି ରଶ୍ମିରଞ୍ଜନ ମହାପାତ୍ର, ସାଇବର ଡିଏସ୍ପି ରାଜକୁମାର ପରିଡାଙ୍କ ସମେତ ପୁରୀ ସହର ଉପଖଣ୍ଡର ଅଧୀନସ୍ଥ ସମସ୍ତ ଥାନାର ଆଇଆଇସିମାନେ ଉପସ୍ଥିତ ରହିଥିଲେ। ବରିଷ୍ଠ ନାଗରିକମାନେ ମଧ୍ୟ ଏଥିରେ ଯୋଗ ଦେଇ ନିଜ ନିଜ ସମସ୍ୟା, ଅସୁବିଧା ଓ ମତାମତ ପୋଲିସ୍ ସମ୍ମୁଖରେ ରଖିଥିଲେ। ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ଓ ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ପୁରୀ ଜିଲ୍ଲାର ପ୍ରତ୍ୟେକ ଥାନାରେ ବରିଷ୍ଠ ନାଗରିକ ସେଲ୍ କାର୍ଯ୍ୟକ୍ଷମ ରହିଛି। ପ୍ରତ୍ୟେକ ଥାନାର ବରିଷ୍ଠ ନାଗରିକ ସେଲ୍‌କୁ ଜଣେ ନୋଡାଲ ଅଧିକାରୀଙ୍କ ନେତୃତ୍ୱରେ ସମ୍ପୃକ୍ତ ଥାନାର ଅନ୍ୟାନ୍ୟ ସହାୟକ କର୍ମଚାରୀମାନେ ପରିଚାଳନା କରୁଛନ୍ତି। ବରିଷ୍ଠ ନାଗରିକମାନେ ଆବଶ୍ୟକ ଫର୍ମ ପୂରଣ କରି ଏହି ସେଲ୍‌ରେ ନିଜକୁ ପଞ୍ଜୀକୃତ କରିପାରୁଛନ୍ତି। ପଞ୍ଜୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ସମସ୍ତ ବରିଷ୍ଠ ନାଗରିକଙ୍କୁ ତାଙ୍କର ପରିଚୟ ନିମନ୍ତେ ବରିଷ୍ଠ ନାଗରିକ କାର୍ଡ ପ୍ରଦାନ କରାଯାଉଛି।

ପଞ୍ଜୀକୃତ ବରିଷ୍ଠ ନାଗରିକମାନଙ୍କ ଘରକୁ ସମ୍ପୃକ୍ତ ଥାନାର ବରିଷ୍ଠ ନାଗରିକ ସେଲ୍‌ର ସଦସ୍ୟମାନେ ଅତି କମରେ ସପ୍ତାହକୁ ଥରେ ଯାଇ ସେମାନଙ୍କ ସୁରକ୍ଷା ଓ ସୁସ୍ଥତା ସମ୍ପର୍କରେ ଖବର ନେଉଛନ୍ତି। ଏହାସହିତ ନିୟମିତ ଫୋନ୍ କଲ୍ ମାଧ୍ୟମରେ ମଧ୍ୟ ସେମାନଙ୍କ ସହ ଯୋଗାଯୋଗ ରଖାଯାଇ ସେମାନଙ୍କ ସୁସ୍ଥତା ଓ ଆବଶ୍ୟକତା ବିଷୟରେ ଜାଣିବାର ବ୍ୟବସ୍ଥା ରହିଛି। ପୁରୀ ଜିଲ୍ଲାରେ ମେ ୨୦୨୬ ସୁଦ୍ଧା ୯,୬୪୦ ଜଣ ବରିଷ୍ଠ ନାଗରିକ ବରିଷ୍ଠ ନାଗରିକ ସେଲ୍‌ରେ ପଞ୍ଜୀକୃତ ହୋଇସାରିଛନ୍ତି। ପଞ୍ଜୀକରଣ ସମ୍ପୂର୍ଣ୍ଣ କରିଥିବା ସମସ୍ତ ବରିଷ୍ଠ ନାଗରିକଙ୍କୁ ବରିଷ୍ଠ ନାଗରିକ କାର୍ଡ ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଜୁନ୍, ଜୁଲାଇ ଓ ଅଗଷ୍ଟ ୨୦୨୬ ମାସରେ ମିଳିଥିବା ୪୬୫ଟି ଆବେଦନ ବର୍ତ୍ତମାନ ଅନୁମୋଦନ ପାଇଁ ପ୍ରକ୍ରିୟାଧୀନ ରହିଛି। ବରିଷ୍ଠ ନାଗରିକ ସେଲ୍ ପକ୍ଷରୁ କୌଣସି ଅଭିଯୋଗ, ଅସୁବିଧା କିମ୍ବା ସୁରକ୍ଷା ସମ୍ପର୍କିତ ସମସ୍ୟା ଥିଲେ, ବରିଷ୍ଠ ନାଗରିକ ସେଲ୍ ପକ୍ଷରୁ ତାହାକୁ ପ୍ରାଥମିକତା ଭିତ୍ତିରେ ଗ୍ରହଣ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଉଛି।ପଞ୍ଜୀକୃତ ବରିଷ୍ଠ ନାଗରିକମାନଙ୍କ ସହ ପ୍ରତି ମାସରେ ସଭା ଆୟୋଜନ କରାଯାଉଛି।

## ଫ୍ଲାଟ ଦେବାକୁ କହି ୧୫ କୋଟି ଠକେଇ

# ରିୟଲ ଇଷ୍ଟେଟ୍ କମ୍ପାନୀ ନିର୍ଦ୍ଦେଶକ ଗିରଫ



ଭୁବନେଶ୍ୱର, (ସବ୍ୟୁ): ଫ୍ଲାଟ ଦେବାକୁ କହି ୧୫ କୋଟିରୁ ଊର୍ଦ୍ଧ୍ୱ ଠକି ନେଇଥିବା ମିଶ୍ର କନଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିମିଟେଡ କମ୍ପାନୀର ନିର୍ଦ୍ଦେଶକ ପ୍ରମୋଦ କୁମାର ସାହୁଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)। ରସୁଲଗଡର ସ୍ୱଦେଶ ରାୟ ଚୌଧୁରୀଙ୍କ ଠାରୁ ୨୦୧୭ ମସିହାରେ ୨୨ ଲକ୍ଷ ଟଙ୍କା ନେଇ ଫ୍ଲାଟ ଦେଇନଥିଲେ। ଯାହା ଫଳରେ ସେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୂର୍ବରୁ ଏମଡି ଜ୍ୟୋତିରଞ୍ଜନ ମିଶ୍ର ଓ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ରଥଙ୍କୁ ଗିରଫ କରାଯାଇଥିଲା। ଦୁଇଜଣ ଗିରଫ ହେବା ପରେ ନିର୍ଦ୍ଦେଶକ ପ୍ରମୋଦ କୁମାର ସାହୁ ଫେରାର ହୋଇଯାଇଥିଲେ। ସେ କମ୍ପାନୀର ଗ୍ରାହକଙ୍କୁ ପରିଚାଳନା କରୁଥିବାରୁ ତାଙ୍କୁ ଗିରଫ କରିବା ପାଇଁ ଇଓଡବ୍ଲ୍ୟୁ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିଲା। ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ପ୍ରମୋଦ କୁମାର ସାହୁଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଛି। ରାଜଧାନୀ ଉପକଣ୍ଠ ଚନ୍ଦକା ଅଞ୍ଚଳରେ କମ୍ପାନୀ ପକ୍ଷରୁ ଓଡ଼ିଆ ନାମକ ପ୍ରୋଜେକ୍ଟରେ ଫ୍ଲାଟ ଦେବା ପାଇଁ ଗ୍ରାହକମାନଙ୍କୁ ପ୍ରତିଶ୍ରୁତି ଦେଇ ଅଗ୍ରିମ ଟଙ୍କା ନେଉଥିଲେ। ଅଗ୍ରିମ ଟଙ୍କା ନେବା ପରେ ଅବଶିଷ୍ଟ ଟଙ୍କା ଋଣ କରାଇଦେବା ପାଇଁ କମ୍ପାନୀ ଏମଡି ଫ୍ଲାଟ ଆଶାୟୀଙ୍କୁ ପ୍ରତିଶ୍ରୁତି ଦେଇ ଚୁକ୍ତିନାମା କରୁଥିଲେ। ଅଗ୍ରିମ ନେବାର ୩୦ ମାସରେ ଫ୍ଲାଟ ହସ୍ତାନ୍ତର କରାଯିବ ବୋଲି କମ୍ପାନୀ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଠିକ୍ ସମୟରେ ଗ୍ରାହକଙ୍କୁ ଫ୍ଲାଟ ଯୋଗାଇପାରିନଥିଲା। ଇଓଡବ୍ଲ୍ୟୁରେ ଅଭିଯୋଗ ହେବା ପରେ ଏମଡି ଓ ଅତିରିକ୍ତ ନିର୍ଦ୍ଦେଶକଙ୍କୁ ଗିରଫ କରାଯାଇଥିବା ବେଳେ ନିର୍ଦ୍ଦେଶକ ପ୍ରମୋଦ କୁମାର ସାହୁଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହୋଇଥିବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି।

### ଆଇସିଏସ୍ଆଇର କମ୍ପାନୀ ସେକ୍ରେଟାରିଜ୍ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ): ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱର, ଓଡ଼ିଶାରେ "ନେକ୍ସଟ୍‌ଜେନ ସିଏସ୍- କାଟାଲିଷ୍ଟ ଅଫ୍ ଗ୍ରୋଥ୍ ଆଣ୍ଡ ଗାର୍ଡିଆନ୍ ଅଫ୍ ଗଭର୍ଣ୍ଣାନ୍ସ" ବିଷୟକୁ ନେଇ ତାହାର ୫୪ତମ ଜାତୀୟ ସମ୍ମିଳନୀ ୫ ସେପ୍ଟେମ୍ବର ୨୦୨୬ରେ ଉଦ୍‌ଘାଟିତ ହୋଇଯାଇଛି। କମ୍ପାନୀ ସେକ୍ରେଟାରୀମାନଙ୍କର ୩-ଦିବସୀୟ ଏହି ବାର୍ଷିକ ସମାବେଶ ନିୟାମକ, ଶିଳ୍ପ ନେତୃବୃନ୍ଦ, ବୃତ୍ତିଧାରୀ ଏବଂ ଅନ୍ୟ ସହଭାଗୀମାନଙ୍କ ମଧ୍ୟରେ ଆଲୋଚନା ନିମନ୍ତେ ଏକ ମଞ୍ଚ ହେଉଥିବାବେଳେ ଏହା ଚିନ୍ତାଶୀଳ ବିଚାର ବିମର୍ଷ ଏବଂ ନିୟୋଜନକାରୀ ଆଲୋଚନା ନିମନ୍ତେ ଏକ ସୁଯୋଗ ଯୋଗାଇ ଦେଉଛି। ଏହି ସୁବର୍ଣ୍ଣ ମୁହୂର୍ତ୍ତ ଅବସରରେ ଆଇସିଏସ୍ଆଇ ତାହାର ବିଭିନ୍ନ ପ୍ରକାଶନଗୁଡିକ ଉନ୍ମୋଚନ କରିବା ସହିତ ବହୁବିଧ ପ୍ରୟାସ ସମ୍ପର୍କରେ ଘୋଷଣା କରିଥିଲା ଆଇସିଏସ୍ଆଇ ମଧ୍ୟ ଫିକି (ଏଫ୍ଆଇସିସିଆଇ) ଏବଂ ପେପରଲାଇଟ୍ ସହିତ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିବା ସହିତ ନାଭିଗେଟିଂ ଗଭର୍ଣ୍ଣାନ୍ସ: ଏମଏସଏମଇ ଟ୍ରାନ୍ସଫର୍ମେସନ୍ ଓ୍ଵିକ୍, ଷ୍ଟାର୍ଟ-ଅପ୍ ଲେନ୍ସ ଏବଂ ଗଭର୍ଣ୍ଣାନ୍ସ ଓ୍ଵିକ୍ ଏବଂ ଏଆଇ-ପାୱାର୍ଡ କମ୍ପାନୀ ସେକ୍ରେଟାରିଆଲ ପ୍ରାକ୍ଟିସ୍, ଗଭର୍ଣ୍ଣାନ୍ସ ଆଣ୍ଡ କମ୍ପ୍ଲାଏନ୍ସ ଉପରେ ଏକ ଓ୍ୱେବିନାର୍ ସିରିଜ୍ ସମ୍ପର୍କରେ ଘୋଷଣା କରିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦୦ କମ୍ପାନୀ ସେକ୍ରେଟାରୀ, ବୃତ୍ତିଧାରୀ, ଡାଇରେକ୍ଟରଗଣ, ବରିଷ୍ଠ ସରକାରୀ ଅଧିକାରୀଗଣ ଏବଂ ଅନ୍ୟ ସହଭାଗୀମାନେ ଯୋଗଦେଇଛନ୍ତି।

# ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ତୃଣମୂଳ ସ୍ତରରେ ସଙ୍ଗଠନ ଉପରେ ଫୋକସ

କଟକ,(ସବ୍ୟୁ): ଆଗକୁ ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନ ହେବାକୁ ଯାଉଛି। ତେଣୁ ସରକାର ଓ ସଙ୍ଗଠନ ମଧ୍ୟରେ ସମନ୍ୱୟ ରଖି ଦଳକୁ କାର୍ଯ୍ୟକରିବାକୁ ପଡିବ। ତୃଣମୂଳ ସ୍ତରକୁ ଯାଇ ସରକାରଙ୍କ ଦ୍ୱାରା ଦୁଇ ବର୍ଷ ମଧ୍ୟରେ କରାଯାଇଥିବା ଜନହିତକର କାର୍ଯ୍ୟର ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ନେଇ ରାଜ୍ୟ ବିଜେପିର ଦୁଇଦିନିଆ କାର୍ଯ୍ୟକାରିଣୀ ମାନସ ମନ୍ଥନ ବୈଠକ ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଆଜିଠାରୁ ଆରମ୍ଭ ହୋଇଛି। ଦୁଇଦିନିଆ ଏହି ସମ୍ମିଳନୀକୁ ରାଜ୍ୟ ସଭାପତି ମନମୋହନ ସାମଲ ଦଳୀୟ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଅଧିବେଶନରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନିଲ ବଂଶଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ସଂଗଠନ ମହାମନ୍ତ୍ରୀ ମାନସ କୁମାର ମହାନ୍ତି ଓ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକାରିଣୀର ପ୍ରଥମ ଦିନରେ ସରକାର ଓ ସଙ୍ଗଠନ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ଦଳୀୟ ରଣନୀତି, ସରକାରୀ ଯୋଜନାର ସଠିକ ରୂପାୟନ ଏବଂ ରାଜ୍ୟର ପ୍ରମୁଖ ବିଷୟ ଉପରେ ଆଲୋଚନା କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଦୁଇବର୍ଷ ପୂରଣ ପରେ ବିଭିନ୍ନ ବିଭାଗର ସଫଳତା ଲୋକଙ୍କ ସାମ୍ନାରେ ରଖାଯାଉଛି। ନିର୍ବାଚନ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି ମଧ୍ୟରୁ କିଛି ପୂରଣ ହୋଇଛି। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ, ପଦକ୍ଷେପ ସମ୍ପର୍କରେ ଆଜିର ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। କାର୍ଯ୍ୟକାରିଣୀର ପ୍ରାରମ୍ଭିକ ଦୁଇଟି ଅଧିବେଶନରେ ଦଳୀୟ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ତ୍ରୁଟିର ନିରାକରଣ ପାଇଁ ଆଲୋଚନା କରାଯିବାକୁ ନିଷ୍ପତ୍ତି ହୋଇଛି। ଆଗାମୀ ୩ ମାସ ପାଇଁ ଦଳର ନୂଆ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇ ତାହା ବୈଠକରେ ଅନୁମୋଦନ କରାଯିବ। ସେହିପରି ଆସନ୍ତା ୨୨ ତାରିଖରୁ ହେବାକୁ ଥିବା ବିଧାନସଭା ମୌସୁମୀ ଅଧିବେଶନ ପୂର୍ବରୁ ସରକାରୀ ସଫଳତା ଓ ଜନପ୍ରତିନିଧିଙ୍କ ଆଶା-ଆକାଂକ୍ଷା ବାବଦରେ ସାଂସଦ ଓ ବିଧାୟକଙ୍କଠାରୁ ପରାମର୍ଶ ଏବଂ ମତାମତ ନିଆଯାଉଛି। ସଂଗଠନ-ସରକାର, ସାଂସଦ-ବିଧାୟକ ଏବଂ ବିଧାୟକ-ବିଧାୟକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ବୈଠକରେ ଉଦ୍ୟମ କରାଯାଉଛି। ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ହେବାର ଥିବାରୁ ତୃଣମୂଳ ସ୍ତରରେ ଦଳକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଉଦ୍ୟମ କରାଯାଉଛି ବୋଲି କାର୍ଯ୍ୟକାରିଣୀ ବୈଠକ ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ଭଲ କାମ କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ କରିଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକାରିଣୀର ପ୍ରଥମ ଦିନରେ ୧୫ରୁ ଅଧିକ ସାଂସଦ, ୫୦ରୁ ଅଧିକ ବିଧାୟକ ଓ ରାଜ୍ୟ ମନ୍ତ୍ରୀମଣ୍ଡଳର ପ୍ରାୟ ସମସ୍ତ ମନ୍ତ୍ରୀ ସାମିଲ ହୋଇଥିଲେ। ସେହିପରି ୪୫୦ କାର୍ଯ୍ୟକାରିଣୀ ସଦସ୍ୟ ବୈଠକର ଦୁଇଟି ଅଧିବେଶନରେ ଯୋଗଦେଇଛନ୍ତି। ଆସନ୍ତାକାଲି ଦଳର ରାଷ୍ଟ୍ରୀୟ ସଙ୍ଗଠନ ମହାମନ୍ତ୍ରୀ ବି.ଏଲ୍ ସନ୍ତୋଷ ଯୋଗ ଦେବେ। ପ୍ରଥମ ଅଧିବେଶନରେ ରାଜନୈତିକ ଚିଠା ପ୍ରସ୍ତାବ ଆଗତ ହେବ। ସେହିପରି ଆସନ୍ତାକାଲି ଆଉ କିଛି କେନ୍ଦ୍ରମନ୍ତ୍ରୀ, ସାଂସଦ ଓ କେନ୍ଦ୍ର ନେତୃବୃନ୍ଦ ବୈଠକରେ ଯୋଗଦେବେ ବୋଲି ସୂଚନା ମିଳିଛି।





## ଲୋକ ସମ୍ପର୍କ ନିର୍ଦ୍ଦେଶକଙ୍କୁ ଭେଟିଲେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ପ୍ରତିନିଧି ଦଳ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ଏବଂ ଜନସାଧାରଣଙ୍କ ନିମିତ୍ତ ସମସ୍ତ ତଥ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବା କ୍ଷେତ୍ରରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼, ଓଡ଼ିଶା ଶାଖା ସବୁମତେ ରାଜ୍ୟ ସରକାରଙ୍କୁ ସାହାଯ୍ୟ ସହଯୋଗ କରିଆସୁଛି। ସରକାର ସ୍ୱୀକୃତିପ୍ରାପ୍ତ ସାମ୍ବାଦିକଙ୍କ ମୃତ୍ୟୁ କ୍ଷେତ୍ରରେ ପରିବାରକୁ ସମେତ ନିର୍ଭରଶୀଳ ପରିବାରବର୍ଗଙ୍କୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବା ପାଇଁ ଅନୁରୋଧ କରାଯାଇଥିଲା। ସେହିଭଳି ନୂତନ ସାମ୍ବାଦିକମାନେ ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ତାଲିକାଭୁକ୍ତ ହେବା ପାଇଁ ଆବେଦନ କଲେ ସେମାନଙ୍କୁ ପ୍ରୋଭିଜନାଲ ଅନୁମତି ପତ୍ରକୁ ପ୍ରବେଶ ପତ୍ର ଭାବରେ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଥିଲା। ବର୍ତ୍ତମାନ ରାଜ୍ୟର ୭୬୩୦ ଜଣ ସାମ୍ବାଦିକଙ୍କୁ ରାଜ୍ୟ ସରକାର ୫ ଲକ୍ଷ ଟଙ୍କାର ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ନବୀକରଣ କରିବାକୁ ଅନୁରୋଧ କରାଯାଇଥିଲା। ଏହି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ସାମ୍ବାଦିକମାନଙ୍କର ସମସ୍ୟା ପ୍ରତି ସହୃଦୟତାର ସହ ବିଚାର କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିର୍ଦ୍ଦେଶକଙ୍କ ମାଧ୍ୟମରେ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରାଯାଇଥିଲା।



ଏବଂ ସାମ୍ବାଦିକମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ନିମିତ୍ତ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ଏକ ପ୍ରତିନିଧି ଦଳ ବୁଧବାର ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳଙ୍କୁ ସାକ୍ଷାତ ଓ ଆଲୋଚନା କରିଥିଲେ। ଏହି ଅବସରରେ ସାମ୍ବାଦିକଙ୍କ ପ୍ରତିନିଧି ମଣ୍ଡଳୀ କେତୋଟି ମୁଖ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରି ସେ ଦିଗରେ ସରକାରଙ୍କ ଧ୍ୟାନ ଆକର୍ଷଣ ନିମିତ୍ତ ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳଙ୍କୁ ଅନୁରୋଧ କରିଥିଲେ। ସେଗୁଡିକ ମଧ୍ୟରେ ରହିଥିଲା ଆକ୍ରିଡେସନ ତାଲିକାଭୁକ୍ତ କରିବାକୁ ଅନୁରୋଧ କରାଯାଇଥିଲା। ଅନ୍ୟ ରାଜ୍ୟରେ ସାମ୍ବାଦିକମାନଙ୍କୁ ପେନସନ ଦେବା ବ୍ୟବସ୍ଥା କାର୍ଯ୍ୟକାରୀ ହୋଇସାରିଥିବା ବେଳେ ଓଡ଼ିଶା ସରକାର ଏହାକୁ ତୁରନ୍ତ କାର୍ଯ୍ୟକାରୀ କରି ପେନସନ ଦେବାକୁ ଅନୁରୋଧ କରାଯାଇଥିଲା। ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ଲୋକସେବା ଭବନ, ଖାରବେଳ ଭବନ ଓ ରାଜୀବ ଭବନକୁ ପ୍ରବେଶ କରିବା ପାଇଁ ସ୍ୱତନ୍ତ୍ର ପାସ୍ ବଦଳରେ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କ ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳଙ୍କ ସହ ଆଲୋଚନାରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ଓଡ଼ିଶା ଶାଖା ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ସନତ ମିଶ୍ର, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଓ ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟ ବିବେକାନନ୍ଦ ଜେନା ଓ କିଶୋର ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ୨୧ ଦିନ ପରେ ମିଳିତ ଶିକ୍ଷକ ସଂଘ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, (ସବ୍ୟୁ): ରାଜଧାନୀରେ ଲୋଅର ପିଏମଜି ଠାରେ ଦୀର୍ଘ ୨୧ ଦିନ ଧରି ଜାରି ରହିଥିବା ମିଳିତ ଶିକ୍ଷକ ସଂଘ ଆନ୍ଦୋଳନ ସ୍ଥଗିତ ହୋଇଛି। ସରକାରଙ୍କ ସହ ଏକ ଘଣ୍ଟା ୮ ଟି ସଂଗଠନ କର୍ମକର୍ତ୍ତା ଆଲୋଚନା କରିବା ପରେ ଏହା ଘୋଷଣା କରାଯାଇଛି। ଗୁରୁଦିବସରେ ଆନ୍ଦୋଳନ ସ୍ଥଗିତ ରଖିବା ପାଇଁ ସରକାରଙ୍କ ପକ୍ଷରୁ ଧାରଣା ସ୍ଥଳକୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆସି ଆନ୍ଦୋଳନ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। ହେଲେ ସଂଘ କର୍ମକର୍ତ୍ତାମାନେ ତାଙ୍କ କଥାକୁ ଗ୍ରହଣ କରିନଥିଲେ। ସନ୍ଧ୍ୟାବେଳେ ଶିକ୍ଷକଙ୍କ ଦାବି ଉପରେ ବିସ୍ତୃତ ଆଲୋଚନା କରାଯିବା ପରେ ବିଧାନସଭା ପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଗିତ ରହିଛିବୋଲି ସଂଘର କର୍ମକର୍ତ୍ତା ଘୋଷଣା କରିଛନ୍ତି।

୮ ଶହ ପୃଷ୍ଠାର ୯ ରିପୋର୍ଟ ଉପରେ ତର୍ଜମା କରାଯାଇ ଶିକ୍ଷକଙ୍କ ଦାବି ଉପରେ ଖୁବଶୀଘ୍ର ନିଷ୍ପତ୍ତି କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏ କେ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ୱତନ୍ତ୍ର କମିଟି ସରକାରଙ୍କୁ ୮ ଶହ ପୃଷ୍ଠା ରିପୋର୍ଟ ଦେଇଛନ୍ତି। ମନ୍ତ୍ରୀଙ୍କ କହିବା କଥା ୨୦ ବର୍ଷର ସମସ୍ୟା ଉପରେ ସରକାର ସମ୍ବେଦନଶୀଳ ଅଛନ୍ତି। ଖୁବଶୀଘ୍ର ନିଷ୍ପତ୍ତି ଘୋଷଣା କରାଯିବ। ମନ୍ତ୍ରୀଙ୍କ ଅନୁରୋଧ ଓ ସନ୍ଧ୍ୟାରେ ସରକାରଙ୍କ ସହ ବିସ୍ତୃତ ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ସୋମବାର ଠାରୁ ସ୍କୁଲ, କଲେଜ୍ ସ୍ୱାଭାବିକ ଭାବେ ଚାଲିବ।

ଅଗଷ୍ଟ ୧୬ ତାରିଖରୁ ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଅଣଅନୁଦାନପ୍ରାପ୍ତ, ଅନୁଦାନପ୍ରାପ୍ତ ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଏବଂ କର୍ମଚାରୀମାନେ ମହାତ୍ମା ଗାନ୍ଧି ମାର୍ଗରେ ଅହୋରାତ୍ର ଗଣଧାରଣା ଆରମ୍ଭ କରିଥିଲେ। ଶିକ୍ଷକ କର୍ମଚାରୀମାନଙ୍କର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଅନୁଦାନଯୋଗ୍ୟ ବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ୨୦୦୪ ମସିହାଠାରୁ ଅଦ୍ୟାବଧି ଅବସର ନେଇଥିବା ଏବଂ ଆଗାମୀ ଦିନରେ ଅବସର ନେବାକୁ ଥିବା ଶିକ୍ଷକ କର୍ମଚାରୀମାନଙ୍କୁ ବ୍ୟବସ୍ଥା ଅନୁସାରେ ଚାକିରି ସର୍ଭାବଳୀ, ପେନସନ୍ ଓ ଅବସରକାଳୀନ ସୁବିଧା ପ୍ରଦାନ, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ, ନୂତନ ପେନସନ୍ ବ୍ୟବସ୍ଥାକୁ ବାତିଲ କରି ପୂର୍ବ ପ୍ରଚଳିତ ପୁରୁଣା ପେନସନ୍ ବ୍ୟବସ୍ଥା ଲାଗୁ କରିବା, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନ୍ୟାସନାଲ ଇନ୍‌କ୍ରିମେଣ୍ଟ ଦେବା ସହିତ ବରିଷ୍ଠତା ପ୍ରଦାନ କରିବା, ଗ୍ରେଡ୍-ପେରେ ଥିବା ଅସଙ୍ଗତି ଦୂରୀକରଣ, ଅବସର ବୟସସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି ଓ ରାଜ୍ୟର ସମସ୍ତ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ପାଇଁ ସରକାରୀ ବିଦ୍ୟାଳୟରେ ପ୍ରଚଳିତ ସମାନ ସୁବିଧା ସୁଯୋଗ ଯଥା ମଧ୍ୟାହ୍ନଭୋଜନ, ଛାତ୍ରବୃତ୍ତି, ଶିକ୍ଷା ଉପକରଣ, ପୋଷାକ ଓ ସାଇକେଲ ଯୋଗାଇବା ଦାବିରେ ଆନ୍ଦୋଳନ ୨୧ ଦିନ ଧରି ଚାଲିବା ପରେ ଶନିବାର ସ୍ଥଗିତ ରହିଲାବୋଲି ଘୋଷଣା କରାଯାଇଛି।





### ନଗର ଉନ୍ନୟନ ମନ୍ତ୍ରୀଙ୍କ ବାସଭବନରେ

# ଜନ୍ମାଷ୍ଟମୀ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ପବିତ୍ର ଜନ୍ମାଷ୍ଟମୀ ଅବସରରେ ଗତକାଲି ରାତିରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସରକାରୀ ବାସଭବନରେ ଜନ୍ମାଷ୍ଟମୀ ପୂଜାଉତ୍ସବ ଭକ୍ତି ଓ ଶ୍ରଦ୍ଧାର ସହ ପାଳିତ ହୋଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ସହଧର୍ମିଣୀ ଯୋଗଦେଇ ପ୍ରଭୁ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରିଥିଲେ । ଏହା ସହ ମାନ୍ୟବର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମାନ୍ୟବର ମନ୍ତ୍ରୀ ସୁରେଶ ପୂଜାରୀ, ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ସୁରମା ପାଢ଼ୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ପ୍ରଭୁ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ କାମନା କରିଥିଲେ ।



ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, "ଭଗବାନ ଶ୍ରୀକୃଷ୍ଣଙ୍କ ଜୀବନ ଓ ଶ୍ରୀମଦ୍ ଭଗବଦ୍‌ଗୀତାର ମହାନ ବାର୍ତ୍ତା ଆମକୁ ସତ୍ୟ, ଧର୍ମ, କର୍ତ୍ତବ୍ୟ ଓ ନିଷ୍ଠାର ପଥରେ ଆଗେଇବାକୁ ପ୍ରେରଣା ଦେଇଥାଏ । ଜନ୍ମାଷ୍ଟମୀର ଏହି ପବିତ୍ର ଦିନରେ ଆମେ ସମସ୍ତେ ନିଜ କର୍ତ୍ତବ୍ୟ ପ୍ରତି ସମର୍ପିତ ହୋଇ ସମାଜରେ ଶାନ୍ତି, ସଦ୍‌ଭାବ ଓ ଭାଇଚାରାକୁ ଆହୁରି ସୁଦୃଢ଼ କରିବାର ସଂକଳ୍ପ ନେବା । ପ୍ରଭୁ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦରେ ଓଡ଼ିଶା ଆହୁରି ସମୃଦ୍ଧ, ଶାନ୍ତିପୂର୍ଣ୍ଣ ଓ ବିକଶିତ ହେଉ—ଏହା ମୋର ପ୍ରାର୍ଥନା । ଜନ୍ମାଷ୍ଟମୀ ପୂଜାଉତ୍ସବ ଅବସରରେ ରାଜ୍ୟବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରାଯାଇଥିଲା । ପ୍ରଭୁ ଶ୍ରୀକୃଷ୍ଣଙ୍କ ଦିବ୍ୟ ଜୀବନ ଓ ଗୀତାର ମହାନ ଉପଦେଶ ସମସ୍ତଙ୍କୁ ମାନବିକତା, ସେବା, ନ୍ୟାୟ ଓ କର୍ତ୍ତବ୍ୟନିଷ୍ଠାର ପଥରେ ଆଗେଇ ନେଉ ବୋଲି ଉପସ୍ଥିତ ସମସ୍ତେ ପ୍ରାର୍ଥନା କରିଥିଲେ । ଭକ୍ତି ଓ ଆଧ୍ୟାତ୍ମିକତାର ପରିବେଶରେ ଅନୁଷ୍ଠିତ ଏହି ଜନ୍ମାଷ୍ଟମୀ ପୂଜାଉତ୍ସବ ପରସ୍ପର ମଧ୍ୟରେ ଶୁଭେଚ୍ଛା ବିନିମୟ ସହ ସମ୍ପନ୍ନ ହୋଇଥିଲା ।

## ଅଜଣା ଗାଡ଼ି ଧକ୍କାରେ ମହିଳା ଗୁରୁତର

ଦଶପଲ୍ଲା ,(ସବ୍ୟୁ): ବାଣିଗୋଛା ଥାନା ର ଜାତୀୟ ରାଜପଥ ନଂ ୫୭ ର କୁଲ୍ରୁକୁମ୍ପା ଠାରେ ଆଜି କୌଣସି ଅଜଣା ଗାଡ଼ି ଧକ୍କାରେ ଜଲି ନାମକ ଜଣେ ମହିଳାଙ୍କ ଗୋଡ଼ ଭାଙ୍ଗି ଯାଇଛି । ସେ ଗୁରୁତର ହୋଇ ୧୦୮ ଆମ୍ବୁଲାନ୍ସ ରେ ଦଶପଲ୍ଲା ମେଡିକାଲରେ ଭର୍ତ୍ତି ହୋଇଥିଲେ । ତାଙ୍କ ର ଗୋଟିଏ ଗୋଡ଼ ଭାଙ୍ଗି ପ୍ରବଳ ରକ୍ତ ସ୍ରାବ ହେଉଥିଲା । ନିଜ ବାପା ଘର ବଦଳାରୁ ଶାଶୂଘରକୁ ଆସୁଥିବା ବେଳେ ଏପରି ଅଘଟଣ ଘଟିଛି । ଅବସ୍ଥା ଗୁରୁତର ଥିବାରୁ ଆହତ ମହିଳାଙ୍କୁ ନୟାଗଡ଼ ସ୍ଥାନାନ୍ତରିତ କରାଯାଇଛି ।

## ସବୁ କ୍ଷେତ୍ରରେ ଗୁରୁମାନଙ୍କର ବଳିଷ୍ଠ ଅବଦାନ ରହିଛି : ସୋଆ ଉପସଭାପତି

ଭୁବନେଶ୍ୱର, (ସବ୍ୟୁ): ମଣିଷର ଜୀବନ ଗଠନ ଓ ତା'ର ଭବିଷ୍ୟତର ଭିତିଭୂମି ପ୍ରସ୍ତୁତ କରିବାରେ ଗୁରୁମାନଙ୍କର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଗୁରୁମାନଙ୍କର ବଳିଷ୍ଠ ଅବଦାନ ରହିଛି ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ କହିଛନ୍ତି। ସୋଆର ସାମାଜିକ ଓ ସାଂସ୍କୃତିକ ସଂଗଠନ 'ଜାଗୋ' କ୍ଲବ ପକ୍ଷରୁ ଶନିବାର ଆୟୋଜିତ ଗୁରୁ ଦିବସ ପାଳନ ଓ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ



ଜାଗୋ କ୍ଲବ ସହ ଜଡ଼ିତ ସୋଆର ଛାତ୍ରଛାତ୍ରୀମାନଙ୍କୁ ମଧ ପ୍ରକୃତ ଗୁରୁ ଭାବେ ଅଭିହିତ କରିଥିଲେ। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀମତି ଦାସ କହିଥିଲେ ଯେ ୨୦୦୭ ମସିହାରେ ଆରମ୍ଭ ହୋଇଥିବା 'ଜାଗୋ' ଆଜି ଏକ ମହତ୍ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଜାଗୋ କ୍ଲବର ପ୍ରଶଂସନୀୟ କାର୍ଯ୍ୟଧାରାକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଟିଇଆରର ଡିନ୍ ପ୍ରଫେସର ପି.କେ ସାହୁ, ସୋଆର ଡିନ୍ (ରିସର୍ଚ୍ଚ ଆଣ୍ଡ ଡେଭଲପମେଂଟ) ପ୍ରଫେସର ଜେ.କେ. ନାଥ, କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଗୁରୁ ଦିବସର ମହତ୍ୱ ଉପରେ ଆଲୋକପାତ କରିବା ସହ 'ଜାଗୋ' କ୍ଲବର କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ। ଗୁରୁ ଦିବସ ଅବସରରେ ଶନିବାର ସକାଳେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସାମିଲ ହୋଇଥିବା ସୋଆର ଫ୍ୟାକଲ୍ଟି ସଦସ୍ୟ, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଜାଗୋର ଶିଶୁମାନଙ୍କ ମଧ୍ୟରୁ କୃତି ପ୍ରତିଯୋଗୀମାନଙ୍କୁ ଶ୍ରୀମତି ଦାସ ଓ ଅନ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ଆଇଟିଇଆର ପ୍ରଫେସର ରେଣୁ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜାଗୋର ମେଂଟର ପ୍ରଫେସର ଅନୀତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଭିନ୍ନ ରାସ୍ତା ପ୍ରକଳ୍ପର ସମୀକ୍ଷା କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

## ରଘୁନାଥପୁର-ତ୍ରିଶୁଳିଆ ଏବଂ ଷ୍ଟୁଡ଼ିଓ ଛକ-ନୂଆଗାଁରେ ହେବ ଏଲିଭେଟେଡ୍ ରାସ୍ତା

ଭୁବନେଶ୍ୱର (ସବ୍ୟୁ): ରାସ୍ତା, ସେତୁ ଓ କୋଠାବାଡ଼ି କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଅନୁମୋଦନ ପାଇଛି । ଆଗାମୀ ଦିନରେ ଆହୁରି ଅଧିକ ପ୍ରକଳ୍ପ ଅନୁମୋଦନ ଅପେକ୍ଷାରେ ରହିଛି । ଏହିସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡ଼ିଶାର ଅର୍ଥନୈତିକ ବିକାଶରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ରାସ୍ତା ପ୍ରକଳ୍ପର ଅଗ୍ରଗତି ନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ରଘୁନାଥପୁର-ତ୍ରିଶୁଳିଆ ଏଲିଭେଟେଡ୍ କରିଡର ରାସ୍ତା ନିର୍ମାଣ ସହ ଷ୍ଟୁଡିଓ ଛକ-ନୂଆଗାଁକୁ ମଧ୍ୟ ଏଲିଭେଟେଡ୍ ରାସ୍ତା ନିର୍ମାଣ ନେଇ ଆଲୋଚନା ହୋଇଥିଲା । ଏଥି ସହିତ ପିପିଲି-କୋଣାର୍କ ରାସ୍ତା ନିର୍ମାଣ, ଦୟା ୱେଷ୍ଟର ପ୍ରଥମ ଏବଂ ତୃତୀୟ ଫେଜ୍ କାର୍ଯ୍ୟ ନେଇ ଆଲୋଚନା ହୋଇଥିଲା । ବୈଠକରେ ଭୁବନେଶ୍ୱର ଇନର୍ ରିଂ ରୋଡ୍ ସହ ଆଉଟର ରିଂ ରୋଡ଼ର ନୂଆ ଆଲାଇନ୍‌ମେଣ୍ଟ, କଳ୍ପନା ଛକ ଫ୍ଲାଏଓଭର ନିର୍ମାଣ ଏବଂ ପୁରୀକୁ ଯାତାୟତ ସୁବିଧା ନେଇ ନୂଆ ଏଲିଭେଟେଡ୍ ରାସ୍ତା ନିର୍ମାଣ ପ୍ରକ୍ରିୟାର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା । ବୈଠକରେ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହ ଏହିସବୁ



ରାସ୍ତା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଥିବା ପ୍ରତିବନ୍ଧକକୁ ଦୂର କରିବା, ଜମି ଅଧିଗ୍ରହଣ ଏବଂ ଡିପିଆର୍ ପ୍ରସ୍ତୁତି ନେଇ ବିଭାଗୀୟ ଅଧିକାରୀ ଓ ମୁଖ୍ୟଯନ୍ତ୍ରୀମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଙ୍କ ସମୀର ହୋତା, ଇଆଇସି (ସିଭିଲ୍) ଙ୍କ ସତ୍ୟବ୍ରତ ବେହେରା, ଅତିରିକ୍ତ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ସାହୁ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଙ୍କ ମନୋଜ ମହାନନ୍ଦ, ମୁଖ୍ୟଯନ୍ତ୍ରୀ ଙ୍କ ଶିବବ୍ରତ ତରିଆ, ଓବିସିସିର ମୁଖ୍ୟ ପରିଚାଳକ ଶ୍ରୀଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

### ଧଳା ଜହର କବଳରେ ଧର୍ମଶାଳା

## ଆରୁହା ପରେ ନେଉଳପୁରରୁ ଜବତ ହେଲା ବ୍ରାଉନସୁଗର

ଚଣ୍ଡିଖୋଲ, (ସବ୍ୟୁ) ଯାଜପୁର ଜିଲ୍ଲାର ଧର୍ମଶାଳା ଅଞ୍ଚଳ ଏବେ ଜୀବନ ହାରୀ ଧଳା ଜହର (ବ୍ରାଉନସୁଗାର) କବଳିତ ହୋଇଯାଇଛି।ଗତ ଅଗଷ୍ଟ ୨୫ ତାରିଖ ଦିନ କଟକ ଅବକାରୀ ଗୁଇନ୍ଦା ବିଭାଗ ସ୍ୱତନ୍ତ୍ର ଟିମ ବ୍ରାଉନସୁଗାର କାରବାର କରୁଥିବା ଧର୍ମଶାଳା ଥାନାର ଆରୁହା ଗ୍ରାମରେ ଚଢାଉକରି ଅଭିଯୁକ୍ତ ରିଣ୍ଟୁ ସାହୁକୁ ଗିରଫ କରିବା ସହ ତା ନିକଟରୁ ୫୦ଗ୍ରାମ ବ୍ରାଉନସୁଗାର ଜବତ କରିଥିଲେ। ଏହି ଘଟଣାର ସପ୍ତାହକ ପରେ ଶନିବାର ଦିନ ଧର୍ମଶାଳା ଥାନା ପୋଲିସ ନେଉଳପୁର ପାହାଡ ନିକଟରୁ ତିନିଜଣ ସନ୍ଦିଗ୍ଧ ନିଶା ବେପାରୀଙ୍କୁ ଗିରଫ କରାବା ସହ ସେମାନଙ୍କ ଠାରୁ ୨୦ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରିଛି। ସପ୍ତାହକ ଅନ୍ତରରେ ଧର୍ମଶାଳା ଅଞ୍ଚଳର ଦୁଇଟି ସ୍ଥାନରୁ ଦୁଇଦୁଇ ଥର ବ୍ରାଉନସୁଗାର ଜବତ ହେବା ପରେ ଏଠାରେ ଏହି କାରବାର କାୟା ବିସ୍ତାର କରି ସାରିଥିବା ଆଲୋଚନା ହେଉଛି। ଏହି ନିଶା କାରବାର ବ୍ୟାପିବା ଫଳରେ ଧର୍ମଶାଳା ଅଞ୍ଚଳର ଶତାଧିକ ଯୁବକ ପଥଭ୍ରଷ୍ଟ ହୋଇ ସେହି ନିଶା କବଳରେ ପଡି ଏବେ ସର୍ବସାନ୍ତ ହେଉଛନ୍ତି।



ଏଥି ଯୋଗୁଁ ଶାନ୍ତ ଧର୍ମଶାଳା ଏବେ ଅଶାନ୍ତ ହେବା ସହିତ ନାନାଦି ଅସାମାଜିକ କାର୍ଯ୍ୟକଳାପ ଓ ଚୋରି ଡକାୟତି ବୃଦ୍ଧି ପାଇଇ ଚାଲିଛି ।

ଧର୍ମଶାଳାରେ ବ୍ରାଉନସୁଗାର କାରବାର ଦୀର୍ଘ ଦିନହେବ ଆରମ୍ଭ ହୋଇଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ସୂଚିତ କରାଯାଇଥିଲା। ଏପରିକି ଅନେକ ବୁଦ୍ଧିଜୀବୀ ମଧ୍ୟ ଏ ସମ୍ପର୍କରେ ଜିଲ୍ଲା ଓ ରାଜ୍ୟ ପୋଲିସ ପ୍ରଶାସନ ସହିତ ଅବକାରୀ ବିଭାଗର ଦୃଷ୍ଟି ଆକର୍ଷଣ କରି ଏହାକୁ ରୋକିବା ପାଇଁ ଦାବି କରିଥିଲେ। ହେଲେ ଜିଲ୍ଲା ସମେତ ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ଏହାକୁ ବେପରବାୟ ଭାବେ ଗ୍ରହଣକରି କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ। ଯାହା ଫଳରେ ଇତିମଧ୍ୟରେ ସମଗ୍ର ଧର୍ମଶାଳାକୁ ଏହି ନିଶା କାରବାର ବ୍ୟାପିଯାଇଥିବା ଅଭିଯୋଗ ହୋଇଛି। ବିଶେଷକରି ଧର୍ମଶାଳାର ଖଣିଖାଦାନ ଅଞ୍ଚଳରେ ଉଦଭ୍ରାନ୍ତ ଯୁବକମାନେ ଏବେ ଏହି ଧଳା ଜହର କବଳିତ ହୋଇଥିବା ଜଣାପଡିଛି। କାରଣ ଯେଉଁ ଦୁଇ ସ୍ଥନରୁ ଏହି ବ୍ରାଉନସୁଗାର ଜବତ ହୋଇଛି ତାହା ହିଁ ଖଣି ଖାଦାନ ଅଞ୍ଚଳ ଭାବେ ଜଣାଶୁଣା। ତେବେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସବୁକିଛି ଜାଣି ମଧ୍ୟ ବେଳଥାଉ କାହିଁକି ଜିଲ୍ଲା ପୋଲିସ ଓ ପ୍ରଶାସନ ଏହା ଉପରେ ସଠିକ ପଦକ୍ଷେପ ନନେଇ ଏହି କାବାରକୁ ରୋକିବାରେ ପଛଘୁଞ୍ଚା ଦେଲେ ତାହା ଏବେ ସାଧାରଣରେ ପ୍ରଶ୍ନ ହୋଇଛି। ତେବେ ଅନେକ ସ୍ଥାନରେ ରହିଥିବା ପରିତ୍ୟକ୍ତ ଘର ଓ ପାହାଡତଳି ଅଞ୍ଚଳରେ ଏବେ ନିୟମିତ ଏହି ନିଶା କାରବାର ଚାଲିଥିବା ଦେଖାଯାଉଛି। ସବୁଦିନ ସନ୍ଧ୍ୟା ଓ ଖରାବେଳେ ବିଭିନ୍ନ ସ୍ଥାନରୁ ନିଶାଖୋର ମାନେ ସେହିସବୁ ସ୍ଥିନରେ ପହଞ୍ଚି ବ୍ରାଉନସୁଗାର ସେବନ କରୁଥିବା ଅଭିଯୋଗ ହୋଇଛି। ନିଶା ଆସର ଜମୁଥିବା ସ୍ଥାନ ମାନଙ୍କରେ କୁଢକୁଢ ସିଲଭର ଫୋଲିଓ (ଜରି) ଓ ନିଶା ଗ୍ରହଣ ପାଇଁ ବ୍ୟବହୃତ ପରିତ୍ୟକ୍ତ ସାମଗ୍ରୀ ଗଦାହୋଇ ଥିବା ଦେଖାଯାଇଛି। ଏସବୁ ସୂଚନା ସାଧାରଣ ଲୋକଙ୍କୁ ମିଳି ପାରୁଲୁଥିଲେ ମଧ୍ୟ ସ୍ଥାନୀୟ ପୋଲିସ ଓ ଗୁଇନ୍ଦା ବିଭାଗ କର୍ମଚାରୀ ମାନେ କିପରି ଏହାର ସୂରାକ ପାଇ ପାରୁନାହାନ୍ତି ତାହା ସାଧାରତରେ ପ୍ରଶ୍ନ ହୋଇଛି। ଏହି ନିଶା କାରବାରକୁ ନେଇ ପରିସ୍ଥିତି ଆହୁରି ଅଧିକ ଜଟିଳ ହେବା ପୂର୍ବରୁ ଯାଜପୁର ଜିଲ୍ଲା ପୋଲିସ,ଗୁଇନ୍ଦା ଓ ଅବକାରୀ ବିଭାଗ ଏହା ଉପରେ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି।

## ଅସ୍ଥି ଶଲ୍ୟ ଚିକିତ୍ସାଳୟରେ ଯୁବକଙ୍କ ଆତ୍ମହତ୍ୟା

ଆଠଗଡ ,(ସବ୍ୟୁ): ଆଠଗଡ଼ ଥାନା ଅନ୍ତର୍ଗତ କୁଲାଇଲୋ ସ୍ଥିତ ଗଗନ ଭାଇ ଅସ୍ଥି ଶଲ୍ୟ ଚିକିତ୍ସାଳୟରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି ।ମୃତକ ହେଉଛନ୍ତି ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଚମ୍ପାପୁର ଗ୍ରାମ ର ପ୍ରସନ୍ନ ଦାସଙ୍କ ପୁଅ ପ୍ରଶାନ୍ତ କୁମାର ଦାସ ଓରଫ କ୍ରିଷ୍ଣା (୧୯) ।କୁଲାଇଲୋ ସ୍ଥିତ ଗଗନ ଭାଇ ଅସ୍ଥି ଶଲ୍ୟ ଚିକିତ୍ସାଳୟରେ ପ୍ରଶାନ୍ତ ଗତ ଦୁଇ ବର୍ଷ ହେଲା ଔଷଧ ପ୍ରସ୍ତୁତ କରିବା ସହିତ ପଟି ବାନ୍ଧିବା କାର୍ଯ୍ୟ କରୁଥିଲେ । କିନ୍ତୁ ଏହାର ମାଲିକ କୁଲାଇଲୋର ଗନ୍ଧର୍ବ ପରିଡ଼ାଙ୍କ ପୁଅ ଗଗନ ବିହାରୀ ପରିଡ଼ା (୫୫) ପ୍ରଶାନ୍ତଙ୍କୁ ନିର୍ଯ୍ୟାତନା ଦେଉଥିବା ଯୋଗୁଁ ସେ ସହି ନ ପାରି ଶୁକ୍ରବାର ବିଳମ୍ବିତ ରାତିରେ ଘରର କବାଟ ବନ୍ଦ କରି ରେଲିଂରେ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କର ବାପା ପ୍ରସନ୍ନ ଆଠଗଡ଼ ଥାନାରେ ଅଭିଯୋଗ କରିଛନ୍ତି । ଖବର ପାଇ ଆଠଗଡ଼ ପୋଲିସ ସହିତ ମାଜିଷ୍ଟ୍ରେଟ ତଥା ସହକାରୀ ଜିଲ୍ଲାପାଳ ମାନସ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ପ୍ରଶାନ୍ତଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ଆଠଗଡ଼ ଡ଼ାକ୍ତରଖାନାରେ ଭର୍ତି କରାଇଥିଲେ ।

## ଅଶୋକ ହେଲେ ଓଡିଶା ପିସିସି ସମ୍ପାଦକ

ଜଟଣୀ, (ସବ୍ୟୁ) : ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁମୋଦନ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନିଷ୍ପତ୍ତି ଅନୁଯାୟୀ ବରିଷ୍ଠ କଂଗ୍ରେସ ନେତା ଅଶୋକ କୁମାର ମଙ୍ଗରାଜଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିରେ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଥିବା ସୂଚନା ମିଳିଛି। ଉଲ୍ଲେଖ ଯୋଗ୍ୟ ଯେ ଶ୍ରୀ ମଙ୍ଗରାଜ ଦୀର୍ଘ ୪୦ ବର୍ଷ ଧରି ଜଟଣୀ ନଗର କଂଗ୍ରେସ ସଭାପତି,ଯୁବ କଂଗ୍ରେସ ସଭାପତି,ଦଳର ଅନ୍ୟାନ୍ୟ ପଦବୀରେ ରହି ନିଷ୍ଠାପର ଭାବେ ଜଟଣୀ ନିର୍ବାଚନ ମଣ୍ଡଳୀ,ରାଜ୍ୟ କଂଗ୍ରେସରେ ସଂଗଠନକୁ ମଜବୁତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ କ୍ଷ ଏ ନେଇ ଶ୍ରୀ ମଙ୍ଗରାଜ ଏଆଇସିସି ସଭାପତି ମଲ୍ଲିକା ଅର୍ଜୁନ ଖଡ୍‌ଗେ,ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, ଏଆଇସିସି ସଂଗଠନ ସାଧାରଣ ସମ୍ପାଦକ କେସି ବେନୁଗୋପାଳ , ପ୍ରିୟଙ୍କା ଗାନ୍ଧୀ,ଓଡ଼ିଶା କଂଗ୍ରେସ ପ୍ରଭାରୀ ଲାଲାଜି ଦେଶାଇ,ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି ।


## ନାବାଳିକାକୁ ଯୌନ ନିର୍ଯ୍ୟାତନା ମାମଲାରେ ଅଭିଯୁକ୍ତକୁ ୩ ବର୍ଷ ଜେଲ ଦଣ୍ଡାଦେଶ

ପୁରୀ, (ସବ୍ୟୁ): ୨୦୨୨ ମସିହା ପୁରୀ ଜିଲ୍ଲା ପିପିଲି ଥାନା ଅଧୀନରେ ଘଟିଥିବା ଏକ ନାବାଳିକା ଯୌନ ନିର୍ଯ୍ୟାତନା ଅସଦାଚରଣ ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଦୀର୍ଘ ୪ ବର୍ଷ ଧରି ଏହି ମାମଲା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍-କମ୍-ସ୍ପେଶାଲ୍ ଜଜ୍, ପୋକସୋ ଅଦାଲତ, ପୁରୀଙ୍କ କୋର୍ଟରେ ବିଚାରାଧିନ ଥିଲା। ଶନିବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ମାନ୍ୟବର ବିଚାରପତି ହୃଷୀକେଶ ସାହୁ ମାମଲାର ବିଚାର କରି ଅଭିଯୁକ୍ତ ମହମ୍ମଦ ସାଗିରଙ୍କୁ ଦୋଷୀ ସାବ୍ୟସ୍ତ କରି ତିନି ବର୍ଷ ଜେଲ ଦଣ୍ଡାଦେଶ ଘୋଷଣା କରିଛନ୍ତି। ପ୍ରକାଶ ଯେ ୨୦୨୨ ମସିହା ଅପ୍ରେଲ ମାସ ୯ ତାରିଖରେ ପିପିଲି ଥାନା ଅନ୍ତର୍ଗତ ସିଂହାରପୁର ଗ୍ରାମର ସୁରେଶ କୁମାର ପ୍ରଧାନ ନାମକ ଜଣେ ବ୍ୟକ୍ତି ଥାନାରେ ଅଭିଯୋଗ କରିଥିଲେ ଯେ ତାଙ୍କର ୧୨ ବର୍ଷର ନାବାଳିକା କନ୍ୟା ଘର ସମ୍ମୁଖ ନଳ କୂଅକୁ ପାଣି ପାଇଁ ଯାଇ ଥିଲା। ଏହି ସମୟରେ ଦାନ ଗହୀର ଗ୍ରାମର ଗୋରୁ ବ୍ୟବସାୟୀ ମହମ୍ମଦ ସାଗିର ତାଙ୍କ ଝିଅକୁ ପି ଇ ବା ପାଇଁ ପାଣି ମା ଗୀ ଥିଲା। ପରେ ଅଭିଯୁକ୍ତ ସାଗୀର ନାବାଳିକାକୁ ଏକ ପୁରୁଣା ଘରକୁ ଡାକି ନେଇ ଅସଦାଚରଣ କରି ଥିଲା। ଏନେଇ ନାବାଳିକା ତାର ପରିବାର ଲୋକଙ୍କୁ କହି ଥିଲା। ଏହି ଘଟଣା ସମ୍ପର୍କରେ ନାବାଳିକା ପିତା ପିପିଲି ଥାନା ରେ ଏକ ଲିଖିତ ମାମଲା ରୁଜୁ କରି ଥିଲେ ।ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୁ ଗିରଫ କରି କୋର୍ଟ ଚାଲାଣ କରି ଥିଲା। ଚାରି ବର୍ଷ ଧରି ଏହି ମାମଲା କୋର୍ଟରେ ବିଚାରାଧିନ ଥିଲା। ରାଜ୍ୟ ସରକାର ଙ୍କ ପକ୍ଷରୁ ଆଇନଜୀବୀ ଦିଗ ଦର୍ଶନ ପଟ୍ଟନାୟକ କୋର୍ଟରେ ମାମଲା ପରିଚାଳନା କରୁଥିଲେ।

### ସମ୍ବଲପୁରରେ 'ଗୁରୁ ସମ୍ବର୍ଦ୍ଧନା ସମାରୋହ'

## ପ୍ରେରଣା ଦେବା, ମାର୍ଗଦର୍ଶନ କରିବା ହିଁ ଗୁରୁଙ୍କ ପ୍ରକୃତ କାର୍ଯ୍ୟ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ) ପ୍ରକୃତି ଠାରୁ ଆରମ୍ଭ କରି ସମାଜର ପ୍ରତ୍ୟେକ ବ୍ୟକ୍ତି ଆମର ଗୁରୁ । କେବଳ ଶିକ୍ଷାନୁଷ୍ଠାନରେ ଥିବା ବ୍ୟକ୍ତି ଶିକ୍ଷକ ନୁହଁନ୍ତି, ଆମକୁ ରିକ୍ସାରେ ନେଉଥିବା ବ୍ୟକ୍ତି କିମ୍ବା ଛୋଟ ବିକାଳି ବି ପ୍ରତି ମୁହୂର୍ତ୍ତରେ ଆମକୁ ଶିକ୍ଷା ଦେଉଛନ୍ତି। ପ୍ରେରଣା ଦେବା, ମାର୍ଗଦର୍ଶନ



କରିବା ଓ ବୁଝେଇବା ହିଁ ଗୁରୁଙ୍କ ପ୍ରକୃତ କାର୍ଯ୍ୟ ବୋଲି ପବିତ୍ର ଗୁରୁ ଦିବସ ଅବସରରେ ସମ୍ବଲପୁରରେ ଆୟୋଜିତ 'ଶିକ୍ଷକ ସମ୍ବର୍ଦ୍ଧନା ସମାରୋହ'ରେ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି । 'ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀ' ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ମହାନ୍ ଦାର୍ଶନିକ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହାସହ ଦେଶ ଓ ସମାଜ ଗଢୁଥିବା ସମସ୍ତ ଗୁରୁଜନମାନଙ୍କୁ ଭକ୍ତିପୂତ ପ୍ରଣାମ ଜଣାଇବା ସହ ଉପସ୍ଥିତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ସେ କହିଛନ୍ତି, ମହାଭାରତରେ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ନଥିଲେ ମହାନ୍ ଯୋଦ୍ଧା ତିଆରି ହୋଇପାରିନଥାନ୍ତେ ଏବଂ ଶ୍ରୀକୃଷ୍ଣ ମାର୍ଗଦର୍ଶକ ନଥିଲେ ମହାଭାରତର ଫଳାଫଳ ଅଲଗା ହୋଇଥାନ୍ତା । ସେହିପରି ପୂଜ୍ୟ ଶଙ୍କରାଚାର୍ଯ୍ୟ ନଥିଲେ ବିଶ୍ୱରେ ସନାତନ ଧର୍ମର ସ୍ଥିତି ଶୋଚନୀୟ ହୋଇଥାନ୍ତା। ସେହିପରି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ସ୍ୱାଧୀନତା ପରବର୍ତ୍ତୀ ଭାରତର ଶିକ୍ଷା ବ୍ୟବସ୍ଥାର ମାର୍ଗ ଦେଖାଇଥିଲେ। ଭାରତ ଆଜି ହଜାରେ ବର୍ଷର ପରାଧୀନତା ଗ୍ଲାନିରୁ ବାହାରି ବିକାଶର ଏକ ଲମ୍ବା ଡେଇଁବାକୁ ପ୍ରସ୍ତୁତ, ଏହି ମହାନ ପରିବର୍ତ୍ତନରେ ଆମ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଯୋଗଦେବାକୁ ପଡ଼ିବ।

ସମ୍ବଲପୁର ଜିଲ୍ଲାର ନବଜାତ ଶିଶୁରୁ ଆରମ୍ଭ କରି ପିଏଚଡି କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହେଉଛି ମୋଟ ୨ ଲକ୍ଷ ୭୫ ହଜାର । ତେବେ ଏହି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ଏହି ଜିଲ୍ଲାର ଶିକ୍ଷାନୁଷ୍ଠାନଗୁଡ଼ିକ ହିଁ ଆମର ପ୍ରକୃତ ମେରୁଦଣ୍ଡ । ଏକବିଂଶ ଶତାବ୍ଦୀର ଅର୍ଦ୍ଧାଂଶରେ ଆମେ ଛିଡ଼ା ହୋଇଥିବା ବେଳେ ବର୍ତ୍ତମାନର ପିଲାମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଆମର କର୍ତ୍ତବ୍ୟ। ଆଗାମୀ ୧୦ ବର୍ଷରେ ୨୦୩୬ ମସିହା ସୁଦ୍ଧା ଓଡ଼ିଶା ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରାଯିବ । ୧୫୦ ବର୍ଷ ପୂର୍ବେ ସମ୍ବଲପୁର ଯଦି ନେତୃତ୍ୱ ନେଇନଥାନ୍ତା, ତେବେ ଆଜିର ଓଡ଼ିଶା ଏପରି ହୋଇନଥାନ୍ତା ବୋଲି ସେ କହିଛନ୍ତି। ଆଜି ବିଶ୍ୱ ପ୍ରଗତି ନାମରେ ଏପରି ସ୍ଥିତିରେ ପହଞ୍ଚିଛି ଯେଉଁଠି ମଣିଷର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯୁବସମାଜ ବାଟଭ୍ରଷ୍ଟ ହେଉଥିବା ବେଳେ ସେମାନଙ୍କୁ ସଠିକ୍ ବାଟ ଦେଖାଇବା ଶିକ୍ଷକଙ୍କ ଦାୟିତ୍ୱ। ପରିବେଶ ସୁରକ୍ଷା ପାଇଁ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ ବ୍ୟବହାର କ୍ଷତିକାରକ; ମା' ସମଲେଶ୍ୱରୀ ମନ୍ଦିରରେ ପ୍ଲାଷ୍ଟିକ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ ହେବା ଏହାର ଏକ ବଡ଼ ଉଦାହରଣ। ସ୍ୱଚ୍ଛତା ମାଧ୍ୟମରେ ସମାଜରେ ସୁସ୍ଥତା ଆଣିବାକୁ ଏକ ବ୍ରତ ଭାବେ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

# କିମ୍‌ସରେ ଦୁର୍ଲଭ ହାଇବ୍ରିଡ୍ ଅସ୍ତ୍ରୋପଚାର

ଭୁବନେଶ୍ୱର, (ସବ୍ୟୁ): ଏକାଧିକ ଜୀବନଘାତୀ ମହାଧମନୀ ଆନ୍ୟୁରିଜମ୍‌ରେ ପୀଡ଼ିତ ୫୭ ବର୍ଷୀୟ ଜନୈକ ବ୍ୟକ୍ତିଙ୍କଠାରେ କିମ୍‌ସରେ ସଫଳତାର ସହ ଜଟିଳ ହାଇବ୍ରିଡ୍ ଅସ୍ତ୍ରୋପଚାର କରାଯାଇଛି । ମହାଧମନୀର ଭିତର ପାର୍ଶ୍ୱ ଫୁଲିଗଲେ ଆନ୍ୟୁରିଜମ୍ ସୃଷ୍ଟି ହୁଏ । ଏହା ଫାଟିଗଲେ ଅତ୍ୟଧିକ ଆଭ୍ୟନ୍ତରୀଣ ରକ୍ତସ୍ରାବ ହୋଇ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ। ପୂର୍ବରୁ ୨୦୨୪ରେ ସେ କିମ୍‌ସରେ ଚିକିତ୍ସିତ ହୋଇଥିଲେ ମଧ୍ୟ ତାଙ୍କଠାରେ ପୁନର୍ବାର ଆନ୍ୟୁରିଜମ୍ ସୃଷ୍ଟି ହୋଇଥିଲା। ସେତେବେଳେ ଡାକ୍ତରମାନେ ମହାଧମନୀ ଭିତରେ ଷ୍ଟେଣ୍ଟ ଗ୍ରାଫ୍ଟ ପ୍ରତିରୋପଣ କରି ଦୁର୍ବଳ ଅଂଶକୁ ସୁଦୃଢ଼ କରିବା ସହ ଆନ୍ୟୁରିଜମ୍ ଫାଟିବାର ଆଶଙ୍କାକୁ ରୋକିଥିଲେ। କିଛି ମାସ ପର୍ଯ୍ୟନ୍ତ ସେ ସୁସ୍ଥ ଥିଲେ। ପରେ ପୁନର୍ବାର ଲକ୍ଷଣ ଦେଖାଦେବାରୁ କିମ୍‌ସ



ଡାକ୍ତରମାନେ ଏହାର ପରୀକ୍ଷା କରାଇଥିଲେ । ପୂର୍ବରୁ ଷ୍ଟେଣ୍ଟ ଗ୍ରାଫ୍ଟ ଲଗାଯାଇନଥିବା ଅଂଶରେ ନୂଆ ଆନ୍ୟୁରିଜମ୍ ସୃଷ୍ଟି ହୋଇଥିବା ଜଣାପଡ଼ିଥିଲା। ଆନ୍ୟୁରିଜମ୍ ଫାଟିଗଲେ ବ୍ୟାପକ ଆଭ୍ୟନ୍ତରୀଣ ରକ୍ତସ୍ରାବ ହୋଇପାରେ। ଏହା କେବେ ଫାଟିବ, ତାହା ଅନୁମାନ କରିବା କଷ୍ଟକର ହୋଇଥିବାରୁ ଏପରି ଆନ୍ୟୁରିଜମକୁ କିମ୍‌ସ ହୃଦଶଲ୍ୟ ବିଶେଷଜ୍ଞ ଡା. ଅନୁପମ ଜେନା ଟାଇମ୍ ବମ୍ କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି କହିଛନ୍ତି । ରୋଗର ବ୍ୟାପକତାକୁ ଦୃଷ୍ଟିରେ ରଖି କିମ୍‌ସ ଡାକ୍ତରମାନେ ଓପନ୍ ସର୍ଜରି ଓ ସର୍ବନିମ୍ନ କ୍ଷତ ସୃଷ୍ଟି ହେଉଥିବା ଏଣ୍ଡୋଭାସ୍କୁଲାର ଚିକିତ୍ସାର ସମନ୍ୱୟରେ ହାଇବ୍ରିଡ୍ ପ୍ରକ୍ରିୟା କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଡା. ସତ୍ୟଜିତ ସାମଲ ଓ ତାଙ୍କ କାର୍ଡିଓଭାସ୍କୁଲାର ଟିମ୍ ଏକ ବଡ଼ ଓପନ୍ ଅସ୍ତ୍ରୋପଚାର କରିଥିଲେ। ଏଥିରେ ପେଟର ବିଭିନ୍ନ ଅଙ୍ଗକୁ ରକ୍ତ ଯୋଗାଉଥିବା ପ୍ରମୁଖ ରକ୍ତନଳୀଗୁଡ଼ିକର ରକ୍ତପ୍ରବାହକୁ ବିକଳ୍ପ ପଥରେ ପ୍ରବାହିତ କରାଯାଇଥିଲା। ରୋଗାକ୍ରାନ୍ତ ଅଂଶକୁ ଏଡ଼ାଇବା ପାଇଁ କୃତ୍ରିମ ରକ୍ତନଳୀ ବ୍ୟବହାର କରାଯାଇଥିଲା। ଏହି ପର୍ଯ୍ୟାୟ ପ୍ରାୟ ୧୨ ଘଣ୍ଟା ଧରି ଚାଲିଥିଲା । ଅସ୍ତ୍ରୋପଚାର ପରେ ରୋଗୀ ସୁସ୍ଥ ହୋଇଥିବା ବେଳେ ତାଙ୍କୁ ଡିସଚାର୍ଜ କରାଯାଇଛି।

ଏହା ଅତ୍ୟନ୍ତ ଜଟିଳ ଓ ଚ୍ୟାଲେଞ୍ଜିଂ ଥିଲା ବୋଲି କିମ୍‌ସ କାର୍ଡିଆକ୍ ସର୍ଜନ ଡାକ୍ତର ସତ୍ୟଜିତ ସାମଲ୍ ପ୍ରକାଶ କରିଛନ୍ତି। ପୂର୍ବରୁ କିମ୍‌ସରେ ଏପରି ୪ରୁ ୫ଟି ଜଟିଳ ପ୍ରକ୍ରିୟା ସଂପନ୍ନ କରିଛି ଏବଂ ଅଧିକାଂଶ କ୍ଷେତ୍ରରେ ସଫଳତା ମିଳିଛି। ଡା ସାମଲ ପ୍ରକାଶ କରିଛନ୍ତି। କାର୍ଡିଓଲୋଜି, ସିଟିଭିଏସ୍ ଓ ଅନ୍ୟାନ୍ୟ ବିଶେଷଜ୍ଞ ବିଭାଗର ସମନ୍ୱିତ ପ୍ରୟାସରେ ଏହି ସଫଳ ଚିକିତ୍ସା ସମ୍ଭବ ହୋଇଥିଲା। ଏହା ଓଡ଼ିଶାରେ ସଂପନ୍ନ ହୋଇଥିବା ଦୁର୍ଲଭ ଓ ଅତ୍ୟନ୍ତ ଜଟିଳ ମହାଧମନୀ ଚିକିତ୍ସା ପ୍ରକ୍ରିୟାଗୁଡ଼ିକ ମଧ୍ୟରୁ ଅନ୍ୟତମ ବୋଲି କୁହାଯାଇଛି।

## ବସ୍ ଯାତ୍ରୀଙ୍କୁ ନିଶା ଦେଇ ଲୁଟ୍
# ସୋର ଯିବା ବଦଳରେ ବାରିପଦାରେ ଛାଡ଼ିଦେଲେ, ଆଇସିୟୁରେ ଯୁବକ

ବାରିପଦା, (ସବ୍ୟ) : ଘରୋଇ ବସରେ ଯାତ୍ରୀଙ୍କୁ ନିଶା ଦେଇ ଲୁଟ୍ କରୁଥିବା ଗ୍ୟାଙ୍ଗ ପୁଣି ସକ୍ରିୟ ହୋଇଥିବା ଅଭିଯୋଗ ହୋଇଛି । ଭୁବନେଶ୍ୱରରୁ ସୋର ଯାଉଥିବା ଜଣେ ଅସୁସ୍ଥ ଯାତ୍ରୀଙ୍କୁ ଖାଦ୍ୟରେ ନିଶା ଦେଇ ତାଙ୍କଠାରୁ ନଗଦ ଟଙ୍କା, ମୋବାଇଲ୍ ଓ ସୁନା ମୁଦି ଲୁଟି ନିଆଯାଇଛି । ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ସୋର ପରିବର୍ତ୍ତେ ବାରିପଦାରେ ଛାଡ଼ି ଦିଆଯାଇଥିବା ବେଳେ ଗୁରୁତର ଅବସ୍ଥାରେ ସେ ଏବେ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି ।

ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୯ଟା ୩୫ରେ ଯୁବକ ଜଣକ ଭୁବନେଶ୍ୱର ଜୟଗୁରୁ କାଉଣ୍ଟରରୁ ସଂକଳ୍ପ ବସରେ ସୋର ଯିବାକୁ ଚଢ଼ିଥିଲେ । ପୂର୍ବରୁ ଜଣ୍ଡିସରେ ଆକ୍ରାନ୍ତ ଥିବାରୁ ସେ ଶାରୀରିକ ଭାବେ ଦୁର୍ବଳ ଥିଲେ । ମଧ୍ୟପ୍ରଦେଶରୁ ତାଙ୍କ ସହ ପରିଚୟ ହୋଇଥିବା ଜଣେ ଅଜଣା ଯୁବକ ନିଜକୁ ଦୀଘାର ଏକ ହୋଟେଲ କର୍ମଚାରୀ ବୋଲି ପରିଚୟ ଦେଇ ତାଙ୍କ ସହ ସେହି ବସରେ ଚଢ଼ିଥିଲା । ଯାତ୍ରା ମଧ୍ୟରେ ଲିଙ୍କରୋଡ଼ ନିକଟରେ ଉକ୍ତ ଯୁବକ ବସରୁ ଓହ୍ଲାଇ ଅମୂଲ କୁଲ୍ ଓ ସୁଗରଫ୍ରୀ ବିସ୍କୁଟ ଆଣି ଅସୁସ୍ଥ ଯାତ୍ରୀଙ୍କୁ ଖାଇବାକୁ ଦେଇଥିଲା । ଏହା ଖାଇବାର କିଛି ସମୟ ପରେ ମଙ୍ଗୁଳି ନିକଟରେ ଯୁବକ ଜଣକ ସମ୍ପୂର୍ଣ୍ଣ ଚେତାଶୂନ୍ୟ ହୋଇପଡ଼ିଥିଲେ । ରାତି ପ୍ରାୟ ୧ରୁ ୨ଟା ମଧ୍ୟରେ ସୋରରେ ଓହ୍ଲାଇବାର ଥିଲେ ମଧ୍ୟ ତାଙ୍କୁ ଅଚେତ ଅବସ୍ଥାରେ ଦେଖି ବସ କର୍ମଚାରୀ ନିଶାଗ୍ରସ୍ତ ମନେ କରି ସାରସକଣା ପର୍ଯ୍ୟନ୍ତ ନେଇ ଯାଇଥିଲେ । ଫେରିବା ସମୟରେ ବାରିପଦାରେ ତାଙ୍କୁ ଛାଡ଼ି ଦେଇଥିବା ଅଭିଯୋଗ ହୋଇଛି । ପରେ ଅଚେତ ଅବସ୍ଥାରେ ଜଣେ ଅଟୋ ଚାଳକଙ୍କ ସହାୟତାରେ ସେ ସମ୍ପର୍କୀୟଙ୍କ ଘରେ ପହଞ୍ଚିଥିଲେ ।

ପରିବାର ଲୋକେ ତୁରନ୍ତ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତାଙ୍କଠାରୁ ପ୍ରାୟ ୨୦ରୁ ୨୫ହଜାର ଟଙ୍କା, ମୋବାଇଲ୍ ଫୋନ୍ ଓ ସୁନା ମୁଦି ଲୁଟ୍ ହୋଇଥିବା ଜଣାପଡ଼ିଛି । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ୨୪ ଘଣ୍ଟା ଅବଜରଭେସନରେ ରଖିଛନ୍ତି । ଆବଶ୍ୟକ ହେଲେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇପାରେ । ଘଟଣାକୁ ନେଇ ଯୁବକଙ୍କ ଦାଦା ବସ କର୍ତ୍ତୃପକ୍ଷଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇଛନ୍ତି ।

ଯୁବକ ଜଣକ ଅଚେତ୍ ଥିବା ଜାଣିବା ପରେ ମଧ୍ୟ ବସ କର୍ମଚାରୀ ପୁଲିସକୁ ଖବର ନଦେବା କିମ୍ବା ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି ନକରିବା ଘଟଣାକୁ ଅଧିକ ସନ୍ଦେହ ଘେରକୁ ଆଣିଛି । ଲୁଟେରାଙ୍କୁ ତୁରନ୍ତ ଗିରଫ କରିବା ସହ ବସ ମାଲିକ ଓ କର୍ମଚାରୀଙ୍କ ବିରୋଧରେ ମଧ୍ୟ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ପରିବାର ପକ୍ଷରୁ ଦାବି କରାଯାଇଛି ।

# ଗୁରୁ ଦିବସରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇଲେ ଜିଲ୍ଲାପାଳ



ଛତ୍ରପୁର, (ସବ୍ୟ): ପବିତ୍ର ଗୁରୁ ଦିବସ ଅବସରରେ ଛତ୍ରପୁର ପୌର ପରିଷଦ ଅନ୍ତର୍ଗତ ସାନ ଆର୍ଯ୍ୟପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇ ଏକ ନିଆରା ଅନୁଭୂତି ପ୍ରଦାନ କରିଛନ୍ତି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାଷନ ।

ଜିଲ୍ଲାପାଳ ବିଦ୍ୟାଳୟର ସ୍ମାର୍ଟ କ୍ଲାସ୍ ରୁମରେ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ସ୍ମାର୍ଟ ବୋର୍ଡ ଓ ଭିଡିଓ ମାଧ୍ୟମରେ ପାଠ ପଢ଼ାଇଥିଲେ । ଏଥିସହ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କ ବିଭିନ୍ନ ସୁବିଧା-ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ପରେ ଜିଲ୍ଲାପାଳ ବିଦ୍ୟାଳୟର ସ୍ମାର୍ଟ କ୍ଲାସ ରୁମ୍, ଖେଳ ପଡ଼ିଆ, ଲାଇବ୍ରେରୀ ଓ ଲାବୋରେଟୋରୀ ପରିଦର୍ଶନ କରିଥିଲେ । ବିଦ୍ୟାଳୟର ଖେଳ ପଡ଼ିଆର ଉନ୍ନତିକରଣ ସହ ବାଉଣ୍ଡେରୀ ନିର୍ମାଣ ଏବଂ ବିଦ୍ୟାଳୟର ସମସ୍ତ ଉନ୍ନତି କାର୍ଯ୍ୟ କରାଯିବ ବୋଲି ସେ ଛାତ୍ରଛାତ୍ରୀଙ୍କୁ କହିଥିଲେ । ଗୁରୁ ଦିବସର ମହ%o ସମ୍ପର୍କରେ ଜିଲ୍ଲାପାଳ କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ସଫଳତା ହିଁ ଗୁରୁମାନଙ୍କ ପାଇଁ ସର୍ବଶ୍ରେଷ୍ଠ ସମ୍ମାନ ରହିବ । ଏଥିସହ ସେ ନିଜ ଛାତ୍ରଜୀବନର ଅନୁଭୂତି ବାଣ୍ଟିବା ସହ ତାଙ୍କ ସଫଳତା ପଛରେ ଗୁରୁମାନଙ୍କ ପ୍ରେରଣା ଓ ଆଶୀର୍ବାଦ ରହିଥିବା କହିଥିଲେ । ଜିଲ୍ଲାପାଳ ନିଜେ ବିଦ୍ୟାଳୟରେ ପାଠ ପଢ଼ାଇବା ଦେଖି ଛାତ୍ରଛାତ୍ରୀମାନେ ବେଶ୍ ଖୁସି ପ୍ରକାଶ କରିଥିଲେ । ଏହି ଅବସରରେ ଗଞ୍ଜାମ ଜିଲ୍ଲା ପରିଷଦର ସିଡିଓ ସମୀର କୁମାର ଜେନା, ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର, ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜୀତ ସାହୁ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ ।

## ଗୁରୁଙ୍କୁ ସମ୍ମାନ, ସାମ୍ବାଦିକଙ୍କୁ ଗୁରୁ ଆଖ୍ୟା
# ଗୁରୁଦିବସରେ ୧୦୦ରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କ ସହ ଗଣମାଧ୍ୟମ ପ୍ରତିନିଧି ସମ୍ବର୍ଦ୍ଧିତ



ବାରିପଦା, (ସବ୍ୟ) : ଗୁରୁଦିବସ ଅବସରରେ ମୟୂରଭଞ୍ଜର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଜାଗ ମୟୂରଭଞ୍ଜ ଜାଗ ପକ୍ଷରୁ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଭବ୍ୟ ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ଅଧ୍ୟକ୍ଷ ଅରୁଣ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମାଜ ଗଠନରେ ଗୁରୁଙ୍କ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଯାଇଥିଲା ।

ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟଅତିଥି ଏବଂ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଶିକ୍ଷାବିତ୍ ହିମାଂଶୁ ଶେଖର ଦାସ, ସମାଜସେବୀ ଅମର ସେଠୀ ଓ ସୁକୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଉତ୍ସବରେ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ ।

ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ନିଷ୍ଠାପର ସେବା ପାଇଁ ଜିଲ୍ଲାର ୧୦୦ରୁ ଉର୍ଦ୍ଧ୍ୱ ବରିଷ୍ଠ ଓ ପ୍ରତିଭାବାନ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କୁ ସମାଜ ଓ ସଂଗଠନର ଗୁରୁ ଭାବେ ସମ୍ମାନିତ କରାଯାଇଥିଲା । ଗୁରୁ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏକ ମଞ୍ଚରେ ସମ୍ମାନ ଜଣାଇବାର ଏହି ଅଭିନବ ପ୍ରୟାସକୁ ଉପସ୍ଥିତ ବୁଦ୍ଧିଜୀବୀ ଓ ଅତିଥିମାନେ ପ୍ରଶଂସା କରିଥିଲେ । ଜାତୀୟ ପୁରସ୍କାରପ୍ରାପ୍ତ ଡ. ଶଶିଧର ବିଶ୍ୱାଳ ଓ ତପସ୍ୱିନୀ ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶକୁନ୍ତଳା ନାଏକ, ସାବିତ୍ରୀ ସିଂ, ବ୍ରହ୍ମାନନ୍ଦ ନାଏକ, ସୁଶାନ୍ତ ନାଏକ, ତୁମକି ବେହେରାଙ୍କ ସମେତ ସଂଗଠନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଶେଷରେ ସୋମନାଥ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# କଏରାପାରୀରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ

କଟକ, (ସ୍ୱପ୍ର): ଟାଙ୍ଗୀର କଏରାପାରରେ ପବିତ୍ର ଜନ୍ମାଷ୍ଟମୀ ଉସିବ ପାରମ୍ପରିକ ରୀତିରେ ପାଳିତ ହୋଇଛି । ଏହି ଉପଲକ୍ଷେ ମା ଦୁର୍ଗାଙ୍କ ବିଜେସ୍ଥଳୀ ଗୋପୀନାଥ ମଣ୍ଡପରେ ଶ୍ରୀ ଆ଼ୁଆ ଗୋପାଳଙ୍କ ପଞ୍ଚଉପଚାର ପୂଜା ଅନୁଷ୍ଠିତ ହୋଇଥିଲା । ବାଳ ଗୋପାଳଙ୍କୁ ବେଶ କରାଯାଇ ସୁସଜ୍ଜିତ ଦୋଳିରେ ବିଜେ କରାଯାଇଥିଲା । ଠାକୁରଙ୍କୁ ଧୂପ, ଦୀପ ନୈବେଦ୍ୟ ସମର୍ପଣ ସହ ପଣ୍ଡିତ ପ୍ରଭାତ କୁମାର ଦାଶ ହରିବଂଶ ଗ୍ରନ' ପାଠ କରିଥିଲେ । ପ୍ରଦୀପ୍ତ ଚନ୍ଦ୍ର ରଥ କର୍ତ୍ତା ଓ ନିୟମିତା ରଥ କର୍ତ୍ତ୍ରୀ ଭାବରେ ସମସ୍ତ କାର୍ଯ୍ୟ ନିର୍ବାହ କରିଥିଲେ । ବିଳମ୍ବିତ ରାତ୍ରିରେ ଶଙ୍ଖ, ଘଣ୍ଟା, ଘଣ୍ଟ ବାଦ୍ୟବାଜଣାରେ କୃଷ୍ଣ ଜନ୍ମ ନୀତି ଅନୁଷ୍ଠିତ ହୋଇଥିଲା । ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ତତ୍ତ୍ୱାବଧାନରେ ରଥ ପରିବାର ଓ ସ୍ଥାନୀୟ ଶ୍ରଦ୍ଧାଳୁ ପରିଚାଳନା କରିଥିଲେ ।


**TPWODL**

**TP WESTERN ODISHA DISTRIBUTION LIMITED**

(A Joint Venture of Tata Power and Government of Odisha)

Corporate Office : Burla, Dist-Sambalpur (Odisha)

**ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ବିଶେଷ ସୂଚନା**

**ଟିପିଡବ୍ଲୁଓଡିଏଲ ତରଫରୁ ସେପ୍ଟେମ୍ବର-୨୦୨୬ ମାସରେ ନିମ୍ନଲିଖିତ ସାରଣୀ ଅନୁଯାୟୀ ବିଶେଷ ଅଭିଯୋଗ ପ୍ରତିବିଧାନ ଶିବିର (GRF Camp) ଅନୁଷ୍ଠିତ ହେବ ।**

ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଅନୁରୋଧ ବିବାଦୀୟ ବିଦ୍ୟୁତ୍ ବିଲ୍‌ର ସମାଧାନ ପାଇଁ ନିମ୍ନଲିଖିତ ସାରଣୀ ଅନୁଯାୟୀ ନିଜ ଅଞ୍ଚଳର ଅଭିଯୋଗ ପ୍ରତିବିଧାନ ଶିବିର (GRF Camp) ରେ ଉପସ୍ଥିତ ରହି ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରାଇ ନିଅନ୍ତୁ ।

| DATE | VENUE & TIME FOR GRF CAMPS |
|---|---|
| **ROURKELA CIRCLE (Under Sundargarh Dist.)** | |
| 08.09.2026 | Uditnagar, Section Office, Rourkela |
| 09.09.2026 | Mahuldihi, Section Office, Rourkela |
| 10.09.2026 | Rajgangpur-No-III, Section Office |
| 11.09.2026 | Panposh, Section Office, Rourkela |
| 18.09.2026 | Ujalpur, Sub-division Office, Sundargarh |
| 19.09.2026 | Koelnagar, Sub-division Office, Rourkela |
| 21.09.2026 | Kalinga Vihar, Section Office, Rourkela |
| 22.09.2026 | Kuarmunda, Sub-division Office, Rajgangpur |
| 23.09.2026 | Subdega, Section Office, Sundargarh |
| 24.09.2026 | Basanti, Sub-division Office, Rourkela |
| 25.09.2026 | Rajgangpur, Sub-division Office |
| 28.09.2026 | Nayabazar, Section Office, Rourkela |
| 29.09.2026 | Kalunga, Sub-division Office, Rajgangpur |
| **SAMBALPUR CIRCLE (Under Sambalpur, Jharsuguda & Deogarh Districts)** | |
| 08.09.2026 | Sub-division Office, Belhapar (F.N)<br>Sub-division Office, Brajrajnagar (A.N) |
| 09.09.2026 | Sub-division Office, Kuchinda (F.N)<br>Section Office, Jamankira (A.N) |
| 10.09.2026 | Sub-division Office, Rengali, Sambalpur (F.N)<br>Sub-division Office No-II, Jharsuguda (A.N) |
| 11.09.2026 | Sub-division Office, Hirakud, Sambalpur (F.N)<br>Sub-division Office, Khetrajpur, Sambalpur (A.N) |
| 22.09.2026 | Section Office, Riamal, Deogarh (F.N)<br>Section Office, Deogarh (A.N) |
| 23.09.2026 | Section Office, Deogarh (Full Day) |
| 25.09.2026 | Section Office, Dhama, Sambalpur (F.N)<br>Sub-division Office, Dhanupali (A.N) |
| **BARAGADA CIRCLE (Under Baragada Dist.)** | |
| 07.09.2026 | Section Office, Bijepur-I (11 AM to 5.30 PM)<br>Section Office, Bijepur-II (02 PM to 5.30 PM) |
| 08.09.2026 | Section Office, Barpali-I (10.30 AM to 1.30 PM)<br>Section Office, Barpali-III (02 PM to 5.30 PM) |
| 09.09.2026 | ESO, Khuntlipali(10.30 AM to 1.30 PM)<br>Section Office, Thuapali(02 PM to 5.30 PM) |
| 10.09.2026 | Sub-division Office, Bhukta(Full Day) |
| 11.09.2026 | Section Office, Gaisilet (Full Day) |
| 18.09.2026 | Sub-division Office, Bhatli (Full Day) |
| 21.09.2026 | Sub-division Office, Bargarh-I (Full Day) |
| 22.09.2026 | Section Office, Attabira-I (10.30 AM to 1.30 PM)<br>Section Office, Attabira-II (2.00 PM to 5.30 PM) |
| 23.09.2026 | Sub-division Office, Bargarh-II (Full Day) |
| **BALANGIR CIRCLE (Under Bolangir& Sonepur Districts)** | |
| 09.09.2026 | Kendumundi P.S.S., Agalpur, Balangir (F.N)<br>Loisingha Sub-division Office, Balangir (A.N) |
| 11.09.2026 | Ghumer P.S.S., Patnagarh, Titilagarh (F.N)<br>Larambha P.S.S., Patnagarh, Titilagarh (A.N) |
| 21.09.2026 | Ulunda Section Office, Sonepur (F.N)<br>Hikudi P.S.S., Ulunda, Sonepur (A.N) |
| 22.09.2026 | Juria P.S.S., Khaprakhol, Titilagarh (F.N)<br>Patnagarh Sub-division Office, Titilagarh (A.N) |
| 23.09.2026 | Kantabanji Sub-division Office, Titilagarh |
| 24.09.2026 | Tusura Sub-division Office, Balangir (F.N)<br>Deogaon Section Office, Balangir (A.N) |
| 25.09.2026 | Cherupali Section Office, Sonepur (F.N)<br>Dungripali, Cherupali, Sonepur (A.N) |
| **KALAHANDI CIRCLE (Under Bhawanipatna &Nuapada Districts)** | |
| 07.09.2026 | Dharamagarh, Sub-division Office, Bhawanipatna |
| 08.09.2026 | Junagarh, Sub-division Office, Bhawanipatna |
| 09.09.2026 | Sub-division Office No-II, Bhawanipatna |
| 10.09.2026 | Section Office Utkela, Kesinga, Bhawanipatna |
| 11.09.2026 | Sub-division Office Narla, Bhawanipatna |
| 19.09.2026 | Sub-division Office Kesinga, Bhawapatna |
| 23.09.2026 | Sub-division Office Khariar, Nuapada |
| 24.09.2026 | Sub-division Office Khariar Road, Nuapada |
| 25.09.2026 | Sub-division Office Nuapada |
| 28.09.2026 | Sub-division Office Charbahal, Bhawanipatna |
| 29.09.2026 | Sub-division Office No-I, Bhawanipatna |


# ଷୋଳଖଣ୍ଡ ଗୋପାଳ ସମାଜର ନନ୍ଦ ଉତ୍ସବ

ଧରାକୋଟ, (ସବ୍ୟ) : ଧରାକୋଟ ତାଲୁକାରେ ଷୋଳଖଣ୍ଡ ଗୋପାଳ ସମାଜ ପକ୍ଷରୁ ପାଳିତ ହୋଇଛି ପବିତ୍ର ନନ୍ଦ ଉତ୍ସବ । ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବକୁ କେନ୍ଦ୍ର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା ଭକ୍ତିମୟ ଓ ଉତ୍ସବମୁଖର ପରିବେଶ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ।

ଉତ୍ସବ ସ୍ଥଳରେ ପହଞ୍ଚିବା ପରେ ଗୋପାଳ ସମାଜର ସଭାପତି, କମିଟିର କର୍ମକର୍ତ୍ତା ଓ ସମାଜର ସଦସ୍ୟମାନଙ୍କ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ନନ୍ଦ ଉତ୍ସବ କେବଳ ଏକ ଧାର୍ମିକ ପର୍ବ ନୁହେଁ, ବରଂ ସମାଜରେ ଏକତା, ଭାଇଚାରା ଓ ପାରମ୍ପରିକ ସଂସ୍କୃତିକୁ ଆଗେଇ ନେବାର ଏକ ମାଧ୍ୟମ ।

ଏହି ଉତ୍ସବରେ ଗୋପାଳ ସମାଜର ବହୁ ସଦସ୍ୟଙ୍କ ସମେତ ଅଞ୍ଚଳର ଶ୍ରଦ୍ଧାଳୁ ଓ ଭକ୍ତମାନେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ଷୋଳଖଣ୍ଡ ଗୋପାଳ ସମାଜର ସଭାପତି, କମିଟିର ବିଭିନ୍ନ କର୍ମକର୍ତ୍ତା, ସମାଜର ବରିଷ୍ଠ ସଦସ୍ୟ ଏବଂ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ ।

## ଏମ୍‌ସିଏଏମ୍‌ରେ ଗୁରୁବନ୍ଦନା ଉତ୍ସବ
# ୧୦ ଶିକ୍ଷକଙ୍କୁ ମୟୂରଭଞ୍ଜ ଗୌରବ ସମ୍ମାନ

ବାରିପଦା, (ସବ୍ୟ) : ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏଏମ୍)ର ସମ୍ମିଳନୀ କକ୍ଷରେ ଶନିବାର ଜିଲ୍ଲାସ୍ତରୀୟ ଗୁରୁବନ୍ଦନା ଉତ୍ସବ-୨୦୨୬ ପାଳିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଗୁରୁ-ଶିଷ୍ୟ ପରମ୍ପରା, ଶିକ୍ଷକଙ୍କ ଭୂମିକା ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଉପରେ ଆଲୋଚନା ହୋଇଥିଲା । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡଃ ବିଷ୍ଣୁପ୍ରିୟା ହାଁସଦାଃ ମୁଖ୍ୟଅତିଥି, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ଡ. ପୁଷ୍ପା ପାତ୍ର ମୁଖ୍ୟବକ୍ତା ଏବଂ ଶିକ୍ଷାବିତ୍ ତଥା ବରିଷ୍ଠ ସାମ୍ବାଦିକ କଲ୍ୟାଣ ସିହ୍ନା ବିଶେଷ ଅତିଥି ଭାବେ ଯୋଗଦେଇଥିଲେ । ପୂର୍ବତନ ରାଇରଙ୍ଗପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସୁନୀଲ କୁମାର ଜେନା, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପ୍ରତିଷ୍ଠାତା ଲକ୍ଷ୍ମୀକାନ୍ତ ଦାସ, ସାଇ ବିବେକାନନ୍ଦ ଶିକ୍ଷାଶ୍ରମର ଅଧ୍ୟକ୍ଷା ଶ୍ରୀମତୀ ବୀଣାପାଣି ଦାସ, ଡଃ ଅଜିତ କୁମାର ମହାପାତ୍ର ଓ ପ୍ରଫେସର ଡଃ ଶରତ କୁମାର ମହାନ୍ତି ପ୍ରମୁଖ ଗୁରୁଙ୍କ ଦାୟିତ୍ୱ ଓ ଶିକ୍ଷାର୍ଥୀଙ୍କ ଚରିତ୍ର ଗଠନ ଉପରେ ମତ ରଖିଥିଲେ ।

ଏହି ଅବସରରେ ଆୟୋଜିତ ତର୍କ ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଦୀକ୍ଷା ଅଗ୍ରୱାଲ ପ୍ରଥମ, ସୁଭାସ୍ମିତା ବେହେରା ଦ୍ୱିତୀୟ ଓ ପ୍ରିୟଦର୍ଶିନୀ ମୁର୍ମୁ ତୃତୀୟ ହୋଇଥିବା ବେଳେ କନିଷ୍ଠ ବିଭାଗରେ ବିଜୟଲକ୍ଷ୍ମୀ ଗିରି ପ୍ରଥମ, ସୁଜାତା ମହାଲି ଦ୍ୱିତୀୟ ଓ ପ୍ରତୀକ୍ଷା ଗିରି ତୃତୀୟ ହୋଇଥିଲେ । ଚିନ୍ମୟୀ ସେଜପଡ଼ା ଓ ଗାୟତ୍ରୀ ପଟ୍ଟନାୟକ ଗୁରୁବନ୍ଦନା ନୃତ୍ୟ ଏବଂ ସୋନାଲି ମାରାଣ୍ଡି ଓ ସାଥି ଆବାହନ ସଙ୍ଗୀତ ପରିବେଷଣ କରିଥିଲେ । ଉତ୍ସବର ମୁଖ୍ୟ ଆକର୍ଷଣ ମୟୂରଭଞ୍ଜ ଗୌରବ ସମ୍ମାନରେ ଶ୍ରୀ ଲକ୍ଷ୍ମୀକାନ୍ତ ଦାସ, ଡଃ ବିଷ୍ଣୁପ୍ରିୟା ହାଁସଦାଃ, କଲ୍ୟାଣ ସିହ୍ନା, ତିମିର ରଞ୍ଜନ ପଣ୍ଡା, ଶଙ୍କର ଜେନା, ଅଜୟ ପାଳ, ଡଃ ଅଜିତ କୁମାର ମହାପାତ୍ର, ବୀଣାପାଣି ଦାସ, ଶିକ୍ଷୟିତ୍ରୀ ମାଧୁରୀ ଦ୍ୱିବେଦୀ ଓ ଶିକ୍ଷୟିତ୍ରୀ ପ୍ରଣତି ପଟ୍ଟନାୟକଙ୍କୁ ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା ।


କଲେଜ ଆଇନ ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ଅତିଥି ପରିଚୟ ଦେଇଥିବା ବେଳେ ଦେବସ୍ମିତା ବିଶ୍ୱାଳ, ଅଭିଂଶ ନାୟକ, ପୂର୍ଣ୍ଣିମା ମହାନ୍ତି, ରୂପମଞ୍ଜରୀ ବେହେରା ଓ ସୁଜାତା ପାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶେଷରେ କଲେଜ ଉପାଧ୍ୟକ୍ଷା ପ୍ରଫେସର ସଂଘମିତ୍ରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା ଦାବିରେ ମଶାଲ ଶୋଭାଯାତ୍ରା
# ସେପ୍ଟେମ୍ବର ୬ରେ କଳା ଦିବସ ପାଇଁ ଆହ୍ୱାନ

ବାରିପଦା, (ସବ୍ୟ) : କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ପୁନଃ ସାମିଲ କରିବା ଦାବିରେ କୁଡୁମୀ ସେନା ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ବାରିପଦାରେ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । କୁଡୁମୀ ସେନାର ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତଙ୍କ ନେତୃତ୍ୱରେ ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ମଧୁବନ ପଡ଼ିଆରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ମଶାଲ ଧରି ଶତାଧିକ କୁଡୁମୀ ସେନା କର୍ମୀ, ଯୁବକ, ମହିଳା, ଛାତ୍ରଛାତ୍ରୀ ଓ ବରିଷ୍ଠ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ । ଶୋଭାଯାତ୍ରା ମଧୁବନ ପଡ଼ିଆରୁ ବାହାରି କୃଷ୍ଣଚନ୍ଦ୍ର ଗୋଲେଇ, ଟ୍ରାଫିକ ଛକ, ବିଜୁ ପଟ୍ଟନାୟକ ଗୋଲେଇ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ ଛଉ ପଡ଼ିଆରେ ପହଞ୍ଚିଥିଲା । ଏହି ସମୟରେ କର୍ମୀମାନେ କୁଡୁମୀ ଏକତା ଜିନ୍ଦାବାଦ ଓ ଆମ ଦାବି ପୂରଣ କର ଭଳି ସ୍ଲୋଗାନ ଦେଇଥିଲେ । ଏହି ଅବସରରେ ଆସନ୍ତା ସେପେଫମ୍ବର ୬ ତାରିଖରେ ପଲ୍ଲୀରୁ ଦିଲ୍ଲୀ ଆହ୍ୱାନରେ ପାଳନ ହେବାକୁ ଥିବା କଳା ଦିବସ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କୁଡୁମୀ ସେନା ପକ୍ଷରୁ ଆହ୍ୱାନ ଦିଆଯାଇଥିଲା । ଶୋଭାଯାତ୍ରାରେ ଜୈମୁନି କୁମାର ମହାନ୍ତ କହିଥିଲେ, ବିଗତ ଏକ ଦଶନ୍ଧିରୁ ଅଧିକ ସମୟ ଧରି ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆମର ଆନ୍ଦୋଳନ ଜାରି ରହିଛି । ଆମ ହକ୍ ଆମେ ନେଇ ହିଁ ରହିବୁ । ଏହି ମଶାଲ ଆମ ସଂଘର୍ଷର ପ୍ରତୀକ । ଏହା ସରକାରଙ୍କ ନିଦ ଭାଙ୍ଗିବ । ଶାନ୍ତିପୂର୍ଣ୍ଣ ଭାବେ ଶୋଭାଯାତ୍ରା ସମାପ୍ତ ହୋଇଥିଲା ।

# ଅରବିନ୍ଦ ଦାସ ଓଡ଼ିଶା ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ

ବାରିପଦା, (ସବ୍ୟ) : ମୟୂରଭଞ୍ଜ ଜିଲ୍ଲାର ଟାଣୁଆ କଂଗ୍ରେସ ନେତା ଅରବିନ୍ଦ ଦାସଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି । ତାଙ୍କ ନିଯୁକ୍ତି ପରେ ଜିଲ୍ଲା କଂଗ୍ରେସ ଶିବିରରେ ଉତ୍ସାହ ଓ ଖୁସିର ଲହରୀ ଖେଳିଯାଇଛି । ଏଥିପାଇଁ ଦଳୀୟ ନେତା ଓ କର୍ମୀମାନେ ରାହୁଲ ଗାନ୍ଧୀ, ଓଡ଼ିଶା କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇ ଓ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି । ଅରବିନ୍ଦ ଦାସଙ୍କ ନିଯୁକ୍ତିକୁ ସ୍ୱାଗତ କରି ପୂର୍ବତନ ଜିଲ୍ଲା ସଭାପତି ହେମନ୍ତ ଦାସ, ନିରୋଜ ଲୋଚନ ଦାସ, ପ୍ରଦୀପ କୁମାର ରଥ, ବରିଷ୍ଠ ନେତା ବିଜନ ଦାସ, ଅଶୋକ ଅଧିକାରୀ, ରାଜ୍ୟ ବଣିକ ସଂଘ ସଭାପତି ଯୋଗେଶ ଅଗ୍ରୱାଲ, ଓକିଲ ସଂଘ ସଭାପତି ଜ୍ୟୋତି ପ୍ରକାଶ



ରଥ, ମହିଳା କଂଗ୍ରେସ ସଭାପତି ରଶ୍ମିତା ମିଶ୍ର ଓ ସୁସ୍ମିତା ଘୋଷାଲ ଅଭିନନ୍ଦନ ଜଣାଇଛନ୍ତି । ସେହିପରି ଏସ୍‌ସି ସେଲ୍ ସଭାପତି ସସ୍ମିତା ବେହେରା, କୃଷକ ସେଲ୍ ସଭାପତି ଦୀପକ ଦାସ, ରାଜ୍ୟ ଆଦିବାସୀ ସେଲ୍ ଉପସଭାପତି ଚୈତନ ହାଁସଦା, ସାଧାରଣ ସମ୍ପାଦକ ଚୈତନ୍ୟ ମାଝୀ, ଜିଲ୍ଲା ଉପସଭାପତି ଶିବାନନ୍ଦ ଦାସ ଓ ଦୀପକ ଦାସ, ରାଜ୍ୟ ମହିଳା ସାଧାରଣ ସମ୍ପାଦକ ଶୁଭସ୍ମିତା ଦାସ, ବାରିପଦା ନଗର ସଭାପତି ଏସ୍‌କେ ଇକବାଲ, ବେତନଟୀ ବ୍ଲକ ସଭାପତି କୁଶଧର ବେହେରା, ଉଦଳା ଏନ୍‌ଏସି ସଭାପତି ମୟଙ୍କ ଦାସ, ସାଧାରଣ ସମ୍ପାଦକ ନଳିନୀ ପଟ୍ଟନାୟକ, ଦିଲ୍ଲୀପ ନାୟକ, ତାରାକାନ୍ତ ବେହେରା, ଛାତ୍ର ନେତା ମୋତି ପ୍ରକାଶ ଦାଶ, ସମରେଶ ପ୍ରଧାନ ଓ ଅଭିଷେକ ଯାଦବଙ୍କ ସମେତ ଶତାଧିକ ନେତା ଓ କର୍ମୀ ଅରବିନ୍ଦଙ୍କ ନିଯୁକ୍ତିକୁ ସ୍ୱାଗତ କରିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୀଳକଣ୍ଠନଗରରେ ଜନ୍ମାଷ୍ଟମୀ ଉତ୍ସବ ଓ ମାତୃ ସମ୍ମିଳନୀ



ବ୍ରହ୍ମପୁର, (ସବ୍ୟ) : ଶୁକ୍ରବାର ଦିନ ସ୍ଥାନୀୟ ସରସତୀ ଶିଶୁବିଦ୍ୟାମନ୍ଦିର, ନୀଳକଣ୍ଠନଗରର ପରିସର ମଧ୍ୟରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ପାଳନ ଅବସରରେ ପ୍ରତିବର୍ଷ ପରି ଏହି ବର୍ଷ ମଧ୍ୟ ମାତୃ ସମ୍ମିଳନୀର ଆୟୋଜନ କରାଯାଇଥିଲା ।

ଏହି ସମ୍ମିଳନୀ କାର୍ଯ୍ୟକ୍ରମରେ ୧୦୦୦ ଉର୍ଦ୍ଧ୍ୱ ମା'ମାନେ ଯୋଗ ଦେଇଥିଲେ । ଉକ୍ତ ଦିନ ପୂର୍ବାହ୍ନରେ ପୂର୍ବ ବର୍ଷମାନଙ୍କ ଭଳି ରୀତିମତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପ୍ରାୟ ୭୦୦୦ ଛାତ୍ରଛାତ୍ରୀଙ୍କୁ ନେଇ ପାଞ୍ଚୋଟି ପର୍ଯ୍ୟାୟରେ ପାଳନ କରାଯାଇଥିଲା । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଆଧ୍ୟାତ୍ମିକ ଗୁରୁ ଓ ପ୍ରବଚକ ଯୋଗଦେଇ ପବିତ୍ର ବାତାବରଣ ସୃଷ୍ଟି କରିଥିଲେ ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଆଇସିଆଇସିଆଇ. ବ୍ୟାଙ୍କର ପୂର୍ବତନ ଡେପୁଟି ମ୍ୟାନେଜର ଶୁଭଶ୍ରୀ ଶର୍ମା, ବିଭୂତିକୃଷ୍ଣ ଦାଶ ବ୍ରହ୍ମଚାରୀ, ମମତା ପଟ୍ଟନାୟକ, ଶ୍ରୀଧର ଦାଶ, ବିଦ୍ୟାଳୟର ଆଚାର୍ଯ୍ୟ ବୃନ୍ଦାବନ ଦାଶ, ସିମାଞ୍ଚଳ ପଣ୍ଡା ଯୋଗ ଦେଇଥିଲେ । ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ ଏସ୍. ମୋହନ ରାଓ ଓ ଶୈକ୍ଷିକ ପ୍ରଶାସକ ଶ୍ରୀମାନ୍ ଉମାଧବ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମର ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, ଉପଦେଷ୍ଟା ନରସିଂହ ଚୌଧୁରୀ, କେ. ଭେଙ୍କଟ୍ ରାଓ, ସୁଦର୍ଶନ ପାଢ଼ୀ, ଇଂ. ଅକ୍ଷୟ କୁମାର ପାଢ଼ୀ, ଲୋକନାଥ ପାତ୍ର, ଡ଼ିଗ୍ରୀ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ, ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ, ଡିଗ୍ରୀ ବିଦ୍ୟାମନ୍ଦିରର ଡିନ୍ ଡ. ବିବେକାନନ୍ଦ ପଣ୍ଡା, ଡଃ. ରାଜେନ୍ଦ୍ର ମୁର୍ତ୍ତି, ଡଃ. ଶଙ୍କର ପ୍ରସାଦ ଅଧିକାରୀ, ଶିଶୁବାଟିକା ପର୍ଯ୍ୟାୟ ପ୍ରମୁଖ ବିଷ୍ଣୁ କୁମାରୀ ପଣ୍ଡା, ୨ ବିଭାଗର ପର୍ଯ୍ୟାୟ ପ୍ରମୁଖ ସରାଜ୍ୟ କୁମାର ମାଝି, ବିଦ୍ୟାମନ୍ଦିର ସହ ପ୍ରଧାନାଚାର୍ଯ୍ୟ ଜଟେଶ୍ୱର କର ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ପାରମ୍ପରିକ ରୀତି ଅନୁସାରେ ଅପରାହ୍ନ ୨ଟା ବେଳେ "ମାତୃ ସମ୍ମିଳନୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟୟନରତି ଶିଶୁମାନଙ୍କ ମାତୃ ଅଭିଭାବକ ପ୍ରାୟ ୧୦୦୦ ମା' ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ପର୍ଯ୍ୟାୟ କ୍ରମେ ଉପସ୍ଥିତ ସମସ୍ତ ସଜ୍ଜନମଣ୍ଡଳୀଙ୍କୁ ନିଜର ବହୁମୂଲ୍ୟ ସମୟ ପ୍ରଦାନ କରି କର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡନ କରିଥିଲେ ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି : ୨ଗିରଫ

ଝରିଗାଁ,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ଝରିଗାଁ ପୋଲିସକୁ ମିଳିଛି ବଡ଼ ସଫଳତା। ଝରିଗାଁ ଥାନା ଅଞ୍ଚଳରେ ଗତ ଜୁନ ମାସରେ ଲକ୍ଷାଧିକ ଟଙ୍କା ସହ ସୁନା ଗହଣା ଚୋରି ହୋଇଥିବା ନେଇ ଅଭିଯୋଗ ହେବା ପରେ ଝରିଗାଁ ପୋଲିସ ଦୁଇ ଡକାୟତଙ୍କୁ ଧରିବାରେ ସଫଳ ହୋଇଛି। ଝରିଗାଁ ବ୍ଲକ ବାଣ୍ଟୁଆଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଗାଉଁଟିଆଗୁଡ଼ା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ ଠାକୁରଙ୍କ ଘରୁ ଲକ୍ଷାଧିକ ଟଙ୍କା ସହ ସୁନା ଗହଣା ଚୋରି ହୋଇଥିଲା। ଘଟଣା ନେଇ ଶ୍ରୀ ଠାକୁର ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଝରିଗାଁ ଥାନା ଅଧିକାରୀ ରଚିତା ମାଡକାମୀଙ୍କ ନେତୃତ୍ୱରେ ଏକ କମିଟି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ଝରିଗାଁ ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉମରକୋଟ ଏସଡିପିଓ ଶ୍ରୀଭେଙ୍କୁ ଧାଙ୍ଗଡ଼ା ଶବର ଉପସ୍ଥିତ ରହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣ ଝରିଗାଁ ବ୍ଲକ ଧନପୁର ଗ୍ରାମର ଉମାକାନ୍ତ ହରିଜନ(୨୨) ଏବଂ ଉମରକୋଟ ବ୍ଲକ ସେମେଳା ଗ୍ରାମର ଦଳସାୟୀ ମହନ୍ତ(୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛନ୍ତି। ସେହିଭଳି ସେମାନଙ୍କଠାରୁ ୧ ଲକ୍ଷ ୫୫ ହଜାର ଟଙ୍କା, ଗୋଟିଏ ବାଇକ ଓ ୩ଟି ଫୋନ ସହ କିଛି ମାରଣାସ୍ତ୍ର ଜବତ ହୋଇଥିବା ସୂଚନା ଦେଇଥିଲେ। ତେବେ ଚୋରି ଅଭିଯୋଗରେ ଆଉ କିଛି ଜଣ ସମ୍ପୃକ୍ତ ଥିବା ସହ ତଦନ୍ତ ଜାରି ରହିଥିବା ଯୋଗୁ ଅଭିଯୁକ୍ତମାନଙ୍କ ଠିକଣା ଗୁପ୍ତ ରଖାଯାଇ ଥିବା କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଝରିଗାଁ ଥାନା ଅଧିକାରୀ ରଚିତା ମାଡକାମୀଙ୍କ ସହ ଉମରକୋଟ ଥାନା ଅଧିକାରୀ ଯୁଗଳ ଶବର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ୨୦ କୁଇଣ୍ଟାଲ ଗଞ୍ଜେଇ ଜବତ, ୪ ଗିରଫ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲା ଏମ. ରାମପୁର ଥାନା ମୋହନଗିରି ଫାଣ୍ଡି ଅନ୍ତର୍ଗତ ଜାମୁଲି ଗ୍ରାମ ନିକଟସ୍ଥ ଜଙ୍ଗଲରେ ବେଆଇନ ଗଞ୍ଜେଇ ରଖାଯାଇଥିବା ଖବର ପାଇ ସ୍ଥାନୀୟ ପୋଲିସ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ଏହି ସମୟରେ ପୋଲିସ ଜଙ୍ଗଲ ଭିତରେ ଲୁଚାଇ ରଖାଯାଇଥିବା ୧୬୦ଟି ଜରି (ପଲିଥିନ) ପ୍ୟାକେଟ ଗଞ୍ଜେଇ ଜବତ କରିଥିଲା। ଯାହାର ମୋଟ ଓଜନ ପ୍ରାୟ ୨୦.୮୦ କୁଇଣ୍ଟାଲ ବୋଲି ଜଣାପଡିଛି। ଏହି ଘଟଣାରେ ସଂପୃକ୍ତ ଥିବା ଜାମୁଲି ଗ୍ରାମରଗଲନା ମାଝୀ (୩୫), କିଜୁ ମାଝୀ (୬୨), ଡେଙ୍ଗୁଲି ଗ୍ରାମର ନାଇବ ହରିଜନ (୨୮) ଓ ଜିମେନ୍ଦ୍ର ହରିଜନ (୪୭)ଙ୍କୁ ପୋଲିସ ଗିରଫ କରିଛି। ଏ ନେଇଁ ଏମ.ରାମପୁର ଥାନାରେ ଏକ ମାମଲା ନଂ( ୨୨୧/୨୦୨୬) ରୁଜୁ ହୋଇଛି।

# ଡ୍ରେନରୁ ମିଳିଲା ଯୁବକଙ୍କ ସନ୍ଦେହଜନକ ମୃତଦେହ

ସୁନ୍ଦରଗଡ଼ ,(ସବ୍ୟୁ): ରାଉରକେଲାରେ ଚାଞ୍ଚଲ୍ୟ । ଡ୍ରେନ ଭିତରୁ ଜଣେ ଯୁବକଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର ପରେ ଏବେ ଘଟଣାକୁ ନେଇ ରହସ୍ୟ ଘନେଇଛି । ଆଇଡିସି ଫାଟକ ନିକଟସ୍ଥ ସ' ମିଲ ଅଞ୍ଚଳରୁ ଏହି ମୃତଦେହ ଉଦ୍ଧାର ହୋଇଛି । ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନଥିବା ବେଳେ, ଘଟଣାଟି ହତ୍ୟା ନା ଅନ୍ୟ କୌଣସି କାରଣରୁ ମୃତ୍ୟୁ, ତାକୁ ନେଇ ତଦନ୍ତ ଆରମ୍ଭ ହୋଇଛି । ପ୍ରାଥମିକ ସୂଚନା ଅନୁସାରେ, ମୃତ ଯୁବକଙ୍କ ମୁଣ୍ଡରେ ଗଭୀର ଆଘାତର ଚିହ୍ନ ରହିଛି । ଏହି ଆଘାତକୁ ଦେଖି ତାଙ୍କୁ କୌଣସି ଧାରୁଆ କିମ୍ବା ଭାରୀ ବସ୍ତୁରେ ଆକ୍ରମଣ କରାଯାଇଥିବା ସନ୍ଦେହ ପ୍ରକାଶ ପାଇଛି । ତେଣୁ ଏହା ଏକ ହତ୍ୟାକାଣ୍ଡ ହୋଇପାରେ ବୋଲି ଆଶଙ୍କା କରାଯାଉଛି ।ସନ୍ଦେହ ଆହୁରି ବଢ଼ାଇଛି ମୃତଦେହ ମିଳିଥିବା ସ୍ଥାନ । ହତ୍ୟା ପରେ ମୃତଦେହକୁ ଘଟଣାସ୍ଥଳରୁ ଅନ୍ୟତ୍ର ନେଇ ଡ୍ରେନ ଭିତରେ ଫିଙ୍ଗି ଦିଆଯାଇଥିବା ନେଇ ମଧ୍ୟ ଆଶଙ୍କା କରାଯାଉଛି । ତେବେ ଏହା ପଛରେ କିଏ ରହିଛି ଏବଂ ପ୍ରକୃତରେ କ'ଣ ଘଟିଥିଲା, ତାହା ଏବେ ପୋଲିସ ତଦନ୍ତରୁ ହିଁ ସ୍ପଷ୍ଟ ହେବ । ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା। ଡ୍ରେନ ଭିତରୁ ମୃତଦେହକୁ ଉଦ୍ଧାର କରିବା ସହ ଘଟଣାସ୍ଥଳରେ ଛାନଭିନ ଆରମ୍ଭ କରିଛି । ମୃତକଙ୍କ ପରିଚୟ ଜାଣିବା ପାଇଁ ମଧ୍ୟ ଉଦ୍ୟମ ଚାଲିଛି ।ମୃତ ଯୁବକଙ୍କ ପରିଚୟ ମିଳିବା ପରେ ଘଟଣାର ତଦନ୍ତ ଆହୁରି ଆଗକୁ ବଢ଼ିପାରେ । ଯୁବକ କେଉଁଠାରୁ ଆସିଥିଲେ, ତାଙ୍କ ସହ କାହାର ଶତ୍ରୁତା ଥିଲା କି, ଏବଂ ମୃତଦେହକୁ ଡ୍ରେନ ଭିତରେ କିଏ ଓ କାହିଁକି ଫିଙ୍ଗିଥିଲା ଏସବୁ ପ୍ରଶ୍ନର ଉତ୍ତର ଖୋଜୁଛି ପୋଲିସ ।

# ବାଘୁଆ ମନ୍ଦିରରେ ବଡ଼ ଧରଣର ଚୋରି
## ସୁନା, ୪ କିଲୋରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର ସହ ନଗଦ ଲୁଟ

ରାୟଗଡ଼ା, (ସବ୍ୟୁ) : ରାୟଗଡ଼ା ଜିଲା ଗୁଣପୁର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ପ୍ରସିଦ୍ଧ ବାଘୁଆ ମନ୍ଦିର ତଥା ଉମା ରାମଲିଙ୍ଗେଶ୍ୱର ମନ୍ଦିରରୁ ବିଳମ୍ବିତ ରାତିରେ ବଡ଼ ଧରଣର ଚୋରି ହୋଇଛି। ମନ୍ଦିରର ମୁଖ୍ୟ ଫାଟକ ଓ ଗର୍ଭଗୃହର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା, ରୁପା ଅଳଙ୍କାର ସହ ନଗଦ ଟଙ୍କା ଲୁଟି ନେଇଛନ୍ତି। ମନ୍ଦିରର ଦାନ ହୁଣ୍ଡି ଓ ଏକ ଆଲମାରୀ ତାଡ଼ି ସେଥିରେ ଥିବା ନଗଦ ଟଙ୍କା ନେଇଯାଇଥିବାବେଳେ ପରିସରରେ ଥିବା ମା' ଲଳିତା ଦେବୀଙ୍କ ମନ୍ଦିରରୁ ମଧ୍ୟ ବହୁ ମୂଲ୍ୟବାନ ଅଳଙ୍କାର ଚୋରି ହୋଇଛି। ଚୋରି ସମୟରେ ପ୍ରମାଣ ନଷ୍ଟ କରିବାକୁ ଦୁର୍ବୃତ୍ତମାନେ ମନ୍ଦିର ପରିସରରେ ଲାଗିଥିବା ସିସିଟିଭି କ୍ୟାମେରାର ତାର କାଟିବା ସହ ହାର୍ଡଡିସ୍କ ମଧ୍ୟ ଖୋଲି ନେଇଯାଇଛନ୍ତି। ଶନିବାର ଭୋରୁ ମନ୍ଦିର ପୂଜକ ନାରାୟଣ ମହାପାତ୍ର ନୀତିକାନ୍ତି ପାଇଁ ମନ୍ଦିରକୁ ଆସିଥିଲେ। ଏହି ସମୟରେ ମୁଖ୍ୟ ଫାଟକର ତାଲା ଭଙ୍ଗାଯାଇଥିବା ଏବଂ ମନ୍ଦିର ଭିତରେ ସାମଗ୍ରୀ ଏଣେତେଣେ ବିକ୍ଷିପ୍ତ ହୋଇ ପଡ଼ିଥିବା ସେ ଦେଖିଥିଲେ। ଏନେଇ ସେ ତୁରନ୍ତ ୧୧୨ ଜରୁରୀକାଳୀନ ନମ୍ବରରେ ଯୋଗାଯୋଗ କରି ପୁଲିସକୁ ସୂଚନା ଦେଇଥିଲେ। ସେବାୟତଙ୍କ ପ୍ରାଥମିକ ଆକଳନ ଅନୁସାରେ, ମନ୍ଦିରରୁ ପ୍ରାୟ ଦୁଇ ତୋଳା ସୁନା ଓ ୪ କିଲୋଗ୍ରାମରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର ସହ ଦାନ ହୁଣ୍ଡିରେ ଥିବା ସମସ୍ତ ନଗଦ ଟଙ୍କା ଚୋରି ହୋଇଛି। ତେବେ ଲୁଟ ହୋଇଥିବା ସମୁଦାୟ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଆକଳନ କରାଯାଉଛି। ଖବର ପାଇ ଗୁଣପୁର ଆଦର୍ଶ ଥାନା ଅଧିକାରୀ ବସନ୍ତ କୁମାର କହଁରଙ୍କ ଉପସ୍ଥିତିରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି। ସିସିଟିଭି ଫୁଟେଜ ନଷ୍ଟ ହୋଇଥିବାରୁ ଅଭିଯୁକ୍ତଙ୍କ ସମ୍ପର୍କରେ ସୁରାକ ପାଇବାକୁ ରାୟଗଡ଼ାରୁ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଡକାଯାଇଛି। ଘଟଣାସ୍ଥଳରୁ ବିଭିନ୍ନ ପ୍ରମାଣ ସଂଗ୍ରହ କରାଯିବା ସହ ଚୋରଙ୍କୁ ଠାବ କରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି। ଏଭଳି ଏକ ପୁରାତନ ଧର୍ମପୀଠରେ ଦୁର୍ବୃତ୍ତମାନେ ସାହସର ସହ ଚୋରି କରିଥିବା ଘଟଣାକୁ ନେଇ ଗୁଣପୁର ଅଞ୍ଚଳରେ ତୀବ୍ର ଚାଞ୍ଚଲ୍ୟ ପ୍ରକାଶ ପାଇଛି। ଘଟଣାର ତୁରନ୍ତ ପର୍ଦ୍ଦାଫାଶ କରି ଅଭିଯୁକ୍ତଙ୍କୁ ଗିରଫ ସହ ଲୁଟ ସାମଗ୍ରୀ ଉଦ୍ଧାର କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଗୁରୁଦିବସ ପାଳନ

ବଙ୍ଗୋମୁଣ୍ଡା ,(ସବ୍ୟୁ) : ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ସତ୍ୟ ମହିମା ସଂକୃତ ବିଦ୍ୟାଳୟରେ ପବିତ୍ର ଗୁରୁ ଦିବସ ପାଳନ ହୋଇଯାଇଛି । ପ୍ରଧାନ ପଣ୍ଡିତ ଅକ୍ଷୟ କୁମର ତ୍ୟାଗୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ଡ଼. ନାରାୟଣ ମିଶ୍ର ଯୋଗଦାନ ଦେଇଥିଲେ, ସଂମାନୀୟ ଅତିଥି ଭାବେ ଗିରିଧରି ତ୍ୟାଗି, କାର୍ତିକଭୋଇ, ରୋହିତ କୁମର ରଣା, ରଶ୍ମିରଂଜନ ସାହୁ ଯୋଗ ଦେଇଥିବା ବେଳେ ବିଶଜନୀ, ସୁରେନ୍ଦ୍ର ବାଗ, ଅନିଲପୁଟେଲ, ଦୁର୍ଗେଶ ବାରିକ, ଶିକ୍ଷକ ଗଣ ମଂଚାସୀନ ଥିଲେ!ପୂଜା ବେହେରା ଓଗାଗନ ରଣା ସହଯୋଗ କରିଥିଲେ।ଗୁରୁ ଶିଷ୍ୟ ପରମ୍ପରା ଭାବେ ପୂଜା ଅର୍ଚନା ପରେ ଗୁରୁ ମାନଙ୍କୁ ଚନ୍ଦନ ଅକ୍ଷ୍ୟତ, ଫୁଲ ମାଲ ଦେଇ ଉପଢୋକନ ଦେଇଥିଲେ।

# ଜମନକିରା ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ : ଧାନ ଫସଲ ନଷ୍ଟ

ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଏବେ ଚରମ ସୀମାରେ ପହଞ୍ଚିଛି। ବିଶେଷ କରି ବଡ଼ରମା ବନ୍ୟପ୍ରାଣୀ ରେଞ୍ଜ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଯୋଗୁଁ ଚାଷୀମାନଙ୍କ ଶ୍ରମ ଓ ସମୟ ଧୂଳିସାତ ହେବାକୁ ବସିଛି। କେବଳ ଗୋଟିଏ ଗାଁ ନୁହେଁ, ବରଂ ବଡ଼ରମା, କୁଲୁଣ୍ଡି ଓ ଖର୍ଷନମାଳ ଭଳି ଏକାଧିକ ପଞ୍ଚାୟତରେ କିଛି ହାତୀପଲ କ୍ରମାଗତ ଭାବେ ଉତ୍ପାତ ଜାରି ରଖି ଏକର ଏକର ଧାନ ଚାଷ ଫସଲ ନଷ୍ଟ କରୁଛନ୍ତି। ଫଳରେ ସମଗ୍ର ଅଞ୍ଚଳରେ ଏବେ ଘୋର ଆତଙ୍କ ଖେଳିଯାଇଛି। ସନ୍ଧ୍ୟା ହେଲେ ଗାଁ ମୁହାଁ ହେଉଛନ୍ତି ହାତୀ ପଲ। ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ ସନ୍ଧ୍ୟା ନଇଁବା ମାତ୍ରେ ନିକଟସ୍ଥ ଜଙ୍ଗଲରୁ ହାତୀପଲ ବାହାରି ଚାଷଜମି ଏବଂ ଜନବସତି ଆଡ଼କୁ ମାଡ଼ି ଆସୁଛନ୍ତି। ଗୁଆ ଓ ଖୁଣ୍ଟା ଧାନ କିଆରିରେ ପଶି ଧାନ ଖାଇବା ସହିତ ପାଦରେ ଦଳିଚକଟି ସମ୍ପୂର୍ଣ୍ଣ ନଷ୍ଟ କରିଦେଉଛନ୍ତି। ଏଭଳି କ୍ଷୟକ୍ଷତିର ଏକ ଝଲକ ଦେଖିବାକୁ ମିଳିଛି ବିଶ୍ୱାଇପାଲି ଗାଁରେ। ଗ୍ରାମର ଚାଷୀ ଲିଙ୍ଗରାଜ ସିଂଙ୍କ ପ୍ରାୟ ୧ ଏକର ଜମିର ଧାନ ଫସଲକୁ ହାତୀପଲ ଗତ ରାତିରେ ସମ୍ପୂର୍ଣ୍ଣ ମାଟିରେ ମିଶାଇ ଦେଇଛନ୍ତି। ଏହାସହ ଅଶୋକ ସିଂଙ୍କ ୧ ଏକର, ବିରବଲ ସିଂଙ୍କ ୫୨ ଡିସିମିଲ, ସୁନ୍ଦର ସିଂଙ୍କ ଅଧା ଏକର ଏବଂ ଚିତ୍ତରଞ୍ଜନ ସାହୁଙ୍କ ଅଧା ଏକର ଚାଷଜମିର ଫସଲ ଉଜୁଡ଼ି ଯାଇଛି।ବଡ଼ରମା ଗ୍ରାମର ଚାଷୀ ଭୁବନରାମ ପଟେଲଙ୍କ ପ୍ରାୟ ୧ ଏକର ଜମିରେ ଥିବା ଧାନ ଫସଲକୁ ହାତୀପଲ ଦଳି ନଷ୍ଟ କରିଛନ୍ତି। ବଡ଼ରମା ବନାଞ୍ଚଳ ପାଖାପାଖି ଥିବା କୁଲୁଣ୍ଡି ଓ ଖର୍ଷାନମାଳ ଦୁଇ ପଞ୍ଚାୟତର ବିଭିନ୍ନ ଗ୍ରାମରେ ମଧ୍ୟ ହାତୀପଲ ବ୍ୟାପକ ଉପଦ୍ରବ ଚଳାଇ ଅନେକ ଚାଷୀଙ୍କ ଧାନ କିଆରି ନଷ୍ଟ କରିଦେଇଛନ୍ତି। ଚାଷୀଙ୍କ ମଧ୍ୟରେ ଭୟ ଓ କ୍ଷତିପୂରଣ ଦାବି

କଷ୍ଟାର୍ଜିତ ଫସଲ ଅମଳ ହେବା ପୂର୍ବରୁ ଆଖି ଆଗରେ ନଷ୍ଟ ହୋଇଯାଉଥିବା ଦେଖି ଚାଷୀମାନେ ଭାଙ୍ଗି ପଡ଼ିଛନ୍ତି। ହାତୀ ଆକ୍ରମଣ ଭୟରେ ରାତିରେ କ୍ଷେତକୁ ଯାଇ ପହରା ଦେବା କିମ୍ବା ଫସଲ ଜଗିବା ମଧ୍ୟ ଅସମ୍ଭବ ହୋଇପଡ଼ିଛି।ବନ ବିଭାଗ ତୁରନ୍ତ ସତର୍କ ସ୍କ୍ୱାଡ ନିୟୋଜିତ କରି ହାତୀପଲଙ୍କ ଗତିବିଧି ଉପରେ କଡ଼ା ନଜର ରଖିବା ସହ ସେମାନଙ୍କୁ ଜଙ୍ଗଲକୁ ଘଉଡ଼ାଇବା ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିସହିତ ନଷ୍ଟ ହୋଇଥିବା ଫସଲର କ୍ଷୟକ୍ଷତି ତୁରନ୍ତ ଆକଳନ କରି ପ୍ରଭାବିତ ଚାଷୀଙ୍କୁ ସରକାରୀ ନିୟମ ଅନୁଯାୟୀ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଜୋରଦାର ଦାବି ହେଉଛି।

# ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ

ଭବାନୀପାଟଣା, (ସବ୍ୟୁ): ସ୍ଥାନୀୟ ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଦୁଷ୍ମନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁଦିବସ ମହାସମାରୋହରେ ପାଳିତ ହୋଇଯାଇଅଛି। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ତଥା ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ



ଶିକ୍ଷା ଅଧିକାରୀ ଲିନା ଦାସ ଏବଂ ଜ୍ୟୋସ୍ନାରାଣୀ ପଟ୍ଟନାୟକ ନିମନ୍ତ୍ରିତ ଅତିଥି ଭାବେ ଯୋଗଦାନ କରି ଗୁରୁଦିବସର ମହତ୍ତ୍ୱ ବିଷୟରେ ବୁଝାଇ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷଟିଏ ହେବା ପାଇଁ ଦିଗ୍ଦର୍ଶନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଯଥା ପୁଷ୍ପିତା ପଟ୍ଟନାୟକ, ସିକ୍ତା ପଟ୍ଟନାୟକ, ଛନ୍ଦିତା ଦାଶ, ଗୀତାଞ୍ଜଳି ମିଶ୍ର, ହିରାମଣୀ ବେମାଲ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଶିକ୍ଷକ ଦିବସ ସମ୍ମାନ ସମାରୋହ

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଶନିବାର ଦିନ ଜିଲ୍ଲାସ୍ତରୀୟ ଶିକ୍ଷକ ଦିବସ ସମ୍ମାନ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନ ପ୍ରଦାନ କରାଯାଇଛି।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି




ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ମାଲକାନଗିରି ଯୋଗଦେଇ କହିଥିଲେ ଯେ, ଶିକ୍ଷକ ହିଁ ସମାଜର ମେରୁଦଣ୍ଡ। ମାଲକାନଗିରି ଭଳି ଆଦିବାସୀ ବହୁଳ ଜିଲ୍ଲାରେ ଶିକ୍ଷକମାନେ ଯେଉଁ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି, ତାହା ଅତ୍ୟନ୍ତ ପ୍ରଶଂସନୀୟ।ଏତଦ୍ବ୍ୟତୀତ ଏହି ସମାରୋହରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଧିକାରୀ, ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ପିଏମ ଶ୍ରୀ ସିନ୍ଧିରୀମାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯୋଗ ଦେଇ ନିଜ ଅଭିଭାଷଣରେ ଶିକ୍ଷାର୍ଥୀଙ୍କ ନିର୍ମାଣରେ ଶିକ୍ଷକମାନଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ।ଉତ୍ସବରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ତରଫରୁ ୪୦ରୁ ଊର୍ଦ୍ଧ୍ୱ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଉତ୍ତରୀୟ, ଉପଢୌକନ ଓ ସ୍ମୃତି ଚିହ୍ନ ପ୍ରଦାନ କରାଯାଇଥିଲା। ଶେଷରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଗୁରୁ ଦିବସରେ ୩୭୯ ଶିକ୍ଷକଙ୍କୁ ପଦୋନ୍ନତି

ରାୟଗଡ଼ା, (ସବ୍ୟୁ): ରାୟଗଡ଼: ରାୟଗଡ଼ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ ପାଳିତ ହୋଇଛି। ଜିଲ୍ଲା ଶିକ୍ଷାଧିକାରୀ ଭାଜନଲାଲ ମାଝୀ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଗୁରୁ ଦିବସର ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ୍ ଡ. ଦୁଷ୍ମନ୍ତ କୁମାର ମହାନ୍ତି ପ୍ରଚଳିତ ଶିକ୍ଷା ପଦ୍ଧତି ଓ ଗୁରୁଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶାନ୍ତିଲତା ମୁନି, ଅତିରିକ୍ତ ମଙ୍ଗଳ ଅଧିକାରୀ ମଳୟ ନାରାୟଣ ଚିନ୍ନରାଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ, ଏବିଇଓ ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ୩୦ ଜଣ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ନିଳାଞ୍ଚଳ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୁରୁ ଦିବସ ଅବସରରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅନୁମୋଦନକ୍ରମେ ୩୭୯ ଜଣ ଶିକ୍ଷକଙ୍କୁ କାଉନସେଲିଂ ମାଧ୍ୟମରେ ପଦୋନ୍ନତି ପ୍ରଦାନ କରାଯାଇଛି। ଜିଲ୍ଲାର ୫୩୨ ଜଣ ଲେଭେଲ-୪ ପ୍ରଧାନ ଶିକ୍ଷକଙ୍କ ମଧ୍ୟରୁ ଓଟିଇଟି ପାସ କରିଥିବା ୩୭୪ ଜଣ ଉଚ୍ଚ ପ୍ରାଥମିକ ଓ ୫ ଜଣ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦବୀ ପାଇଁ କାଉନସେଲିଂରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଦେଶ ଗଠନର ମେରୁଦଣ୍ଡ। ନିଜ ଚୟନ କରିଥିବା ବିଦ୍ୟାଳୟରେ ଶିକ୍ଷାର ମାନ ବୃଦ୍ଧି ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଡିଇଓ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ। ଅବଶିଷ୍ଟ ଶିକ୍ଷକମାନେ ଓଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପଦୋନ୍ନତି ପାଇଁ ଯୋଗ୍ୟତା ହାସଲ କରିବାକୁ ସେ କହିଥିଲେ। ଆସନ୍ତା ରବିବାର ଖାଲିଥିବା ପ୍ରାଥମିକ ପ୍ରଧାନ ଶିକ୍ଷକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବୈଷୟିକ ଶିକ୍ଷକ ପଦବୀ ପାଇଁ କାଉନସେଲିଂ ହେବ।

# ଅର୍ଜୁନ ଡିଗ୍ରୀ କଲେଜରେ ଗୁରୁ ଦିବସ ପାଳିତ

ରେଢ଼ାଖୋଲ ,(ସବ୍ୟୁ) :ଅର୍ଜୁନ ଡିଗ୍ରୀ କଲେଜ, କଦଳୀଗଡ଼ ପରିସରରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଖିଳେନ୍ଦ୍ର ଶାସନୀ ଯୋଗଦେଇଥିବା ବେଳେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମଟିର ଆୟୋଜନ ଓ ପରିଚାଳନା ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଇଥିଲା।ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଗୁରୁ ଦିବସର ମହତ୍ତ୍ୱ, ଗୁରୁ-ଶିଷ୍ୟ ସମ୍ପର୍କ, ଶିକ୍ଷାର ଉଦ୍ଦେଶ୍ୟ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ସମ୍ପର୍କରେ ନିଜ ନିଜର ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିଲେ।ପରେ ମୁଖ୍ୟ ଅତିଥି ତଥା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଖିଳେନ୍ଦ୍ର ଶାସନୀ ନିଜ ଅଭିଭାଷଣରେ ଗୁରୁ ଦିବସର ଐତିହାସିକ ଓ ଆଧ୍ୟାତ୍ମିକ ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ଗୁରୁଜନଙ୍କ ପ୍ରତି ସମ୍ମାନ, ଶୃଙ୍ଖଳା, ନିଷ୍ଠା ଓ ନିରନ୍ତର ଅଧ୍ୟୟନ ମାଧ୍ୟମରେ ଜୀବନରେ ସଫଳ ହେବା ପାଇଁ ପ୍ରେରଣା ଦେଇଥିଲେ।ଶେଷରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ବୌଦ୍ଧମାର୍ଗ ଲାଇଭଲିହୁଡ ଫାଉଣ୍ଡେସନର ଜନ୍ମାଷ୍ଟମୀ ଉତ୍ସବ

ବଙ୍ଗୋମୁଣ୍ଡା,(ସବ୍ୟୁ): ବଲାଙ୍ଗୀର ଜିଲ୍ଲା ଦେଢ଼ଗାଁ ଠାରେ ବୌଦ୍ଧମାର୍ଗ ଲାଇଭଲିହୁଡ ଫାଉଣ୍ଡେସନ ପକ୍ଷରୁ ଭକ୍ତି ଓ ଉତ୍ସାହର ସହିତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି ।ଏହି କାର୍ଯ୍ୟକ୍ରମ ରେ ବୌଦ୍ଧମାର୍ଗର ନିର୍ଦ୍ଦେଶକ ତଥା ସହ-ପ୍ରତିଷ୍ଠାତା ଶ୍ରୀ ବଳଦେବ ବାଗ, ରାଜକିଶୋର ଥାପା, ରୁଦ୍ରାକ୍ଷ ଥାପା, ରୂପାଧର ଥାପା, ମନୋହର ଥପା, ବିଶମ୍ବର ଥାପା ସମେତ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।ଉତ୍ସବ ଅବସରରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମତିଥିକୁ ଶ୍ରଦ୍ଧା ଓ ଆନନ୍ଦର ସହ ପାଳନ କରାଯିବା ସହ ପ୍ରେମ, ଶାନ୍ତି, ସମନ୍ୱୟ ଓ ଭାଇଚାରାର ବାର୍ତ୍ତା ପ୍ରଦାନ କରାଯାଇଥିଲା।ବୌଦ୍ଧମାର୍ଗ ଲାଇଭଲିହୁଡ ଫାଉଣ୍ଡେସନ ପକ୍ଷରୁ ମହିଳା ସଶକ୍ତିକରଣ, କୃଷକ ସହାୟତା ଏବଂ ସୁଦୃଢ଼ ସମାଜ ଗଠନ ଦିଗରେ କାର୍ଯ୍ୟ କରାଯାଉଥିବା ବେଳେ, ଏଭଳି ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜରେ ଏକତା ଓ ସହଯୋଗର ଭାବନା ବୃଦ୍ଧି କରିବାକୁ ପ୍ରୟାସ କରାଯାଉଛି।ଏକାଠି ଉତ୍ସବ ପାଳନ, ଉତ୍ତମ ଆଗାମୀ ଗଠନ ବାର୍ତ୍ତା ସହିତ କାର୍ଯ୍ୟକ୍ରମର ସମାପନ ହୋଇଥିଲା।ଏଥିରେ ଅଞ୍ଚଳ ର ବହୁ ଶ୍ରଦ୍ଧାଳୁ ମାନେ ସାମିଲ ହୋଇଥିଲେ ।

# ବ୍ଲକ ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କଳମପୁର, (ସବ୍ୟୁ) : ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଓଡିଶା ସରକାରଙ୍କ ଆନୁକୁଲ୍ୟରେ କଳମପୁର ବ୍ଲକ ପରିସର ମଧ୍ୟରେ ବିପିଏମ ରିଜିଆନୁସ ଏକ୍କା ଙ୍କ ସଂଯୋଜନା ରେ ଭୀମ ଭୋଇ ଭିନ୍ନକ୍ଷମଙ୍କ ପାଇଁ ଚଳିତ ବର୍ଷରେ ପ୍ରଥମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ସାଂସଦ ପ୍ରତିନିଧି ଅରୁଣ ଜଗରିଆ,ବିଧାୟକ ପ୍ରତିନିଧି ସୁଶାନ୍ତ ରାଉତ,ଭିନ୍ନକ୍ଷମ ସଂଘ ବ୍ଲକ ସଭାପତି ହିମାଂଶୁ ହଂସ, ଫାଇନାନ୍ସ ଅଫିସର ସତ୍ୟଜିତ ରାୟଗୁରୁ ପ୍ରମୁଖ ଉପସ୍ଥିତ ରହିଥିଲେ।ଏଥିରେ ୮୪ ଜଣ ଅସ୍ଥିଗତ ଭିନ୍ନକ୍ଷମ,ମାନସିକ ବିକୃତି ୩୪ ଜଣ,ଦୃଷ୍ଟିହୀନ ଭିନ୍ନକ୍ଷମ ୫୪ ଜଣ,ଏବଂ ୩୯ ଜଣ ଶ୍ରବଣ ବାଧିତ ଭିନ୍ନକ୍ଷମ ଙ୍କ ସହିତ ମୋଟ ୨୧୧ ଜଣ ଉପସ୍ଥିତ ଥିଲେ।ଏଥିରେ ଅସ୍ଥିଶଲ୍ୟ,ମାନସିକ, ଶ୍ରବଣ ଓ ମୁକ ବଧିର,ଚକ୍ଷୁ, କୃତ୍ରିମ ଅଙ୍ଗ ରୋପଣ ପ୍ରଭୃତି ବିଭାଗ ରୁ ବିଶେଷଜ୍ଞ ଡାକ୍ତର ମାନେ ଉପସ୍ଥିତ ରହି ଆବେଦନ କରିଥିବା ଭିନ୍ନକ୍ଷମ ମାନଙ୍କ ପରୀକ୍ଷା କରିଥିଲେ। ନୂତନ ଭାବେ ଭତ୍ତା ପାଇଁ ଆବେଦନ କରିଥିବା ୮୨ ଜଣଙ୍କୁ,୪୨ ଜଣଙ୍କୁ ନୂତନ ଭାବେ ସାର୍ଟିଫିକେଟ,୫ ଜଣଙ୍କୁ ଟ୍ରାଇସାଇକେଲ,୨ ଜଣଙ୍କୁ ହ୍ୱିଲ ଚେୟାର,୨୦ ଜଣଙ୍କୁ ବସ ପାସ,୧୮ ଜଣଙ୍କୁ ଟ୍ରେନ ପାସ, ନୁଆ ୨ ଜଣଙ୍କୁ ଭତ୍ତା,୮ ଜଣଙ୍କୁ ଆବାସ ଏବଂ ୧୨ ଜଣଙ୍କୁ ବାଣୀଶ୍ରୀ ବୃତ୍ତି ପାଇଁ ସହାୟତା ପ୍ରଦାନ କରାଯାଇଥିଲା।

# କନ୍ଧମାଳରେ ଜନ୍ମାଷ୍ଟମୀ ଉତ୍ସବ

କଣ୍ଟାମାଳ,(ସବ୍ୟୁ) : ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ପୁରପଲ୍ଲୀ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି । କଣ୍ଟାମାଳ ବ୍ଲକର ସମସ୍ତ ସରସ୍ୱତୀ ଶିଶୁମନ୍ଦିର ସମେତ କଣ୍ଟାମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜନ୍ମାଷ୍ଟମୀ ଆଡମ୍ବର ସହକାରେ ପାଳନ ହୋଇଛି । ସକାଳୁ ଶିଶୁମନ୍ଦିର ର କୁନିକୁନି ଶିଶୁ ଭଉଣୀ ଓ ଭାଇମାନେ ରାଧା,କୃଷ୍ଣ ବେଶରେ ସୁସଜ୍ଜିତ ହୋଇ ବିଦ୍ୟାଳୟ କୁ ପହଞ୍ଚିଥିଲେ। ବିଭିନ୍ନ ବେଶ ପୋଷାକରେ ସଜ୍ଜିତ ହୋଇଥିବା ଗୋପୀ, ରାଧା, କୃଷ୍ଣଙ୍କ ନଗର ପରିକ୍ରମା ହୋଇଥିଲା। ପରେ ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ମକଦମ ମହାରଣାଙ୍କ ସଂଯୋଜନାରେ ଏକ ସଭାକାର୍ଯ୍ୟ ହୋଇଥିଲା । ଏଥିରେ ସଂକୁଳ ସଂଯୋଜକ ସନ୍ତୋଷ କୁମାର ବିଶି ଅତିଥିଭାବେ ଯୋଗଦେଇ ଜନ୍ମାଷ୍ଟମୀ ପାଳନର ବିଶେଷତ୍ୱ ତଥା ପୌରାଣିକ ମତ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ ।

# ଜେକେପୁର ଦୁର୍ଗାପୂଜା ଲାଗି ଭୂମି ପୂଜନ

ରାୟଗଡ଼ା, (ସବ୍ୟୁ): :ରାୟଗଡ଼ା ଜିଲ୍ଲାର ପ୍ରସିଦ୍ଧ ଜେକେପୁର ଦୁର୍ଗାପୂଜା ମହୋତ୍ସବ ପାଇଁ ଶନିବାର ଅପରାହ୍ଣରେ ପାରମ୍ପରିକ ବିଧିବିଧାନ ଓ ବୈଦିକ ରୀତିନୀତି ଅନୁଯାୟୀ ପବିତ୍ର ଭୂମି ପୂଜନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ବେଦମନ୍ତ୍ର ଉଚ୍ଚାରଣ ଓ ପୂଜାର୍ଚ୍ଚନା ମଧ୍ୟରେ ଭୂମି ପୂଜନ କରାଯାଇଥିବାବେଳେ ଏହା ସହିତ ଚଳିତ ବର୍ଷର ଦୁର୍ଗାପୂଜା ପ୍ରସ୍ତୁତି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଅନୁଷ୍ଠାନର ମୁଖ୍ୟ ବିନୟ ଦ୍ୱିବେଦୀ ପୌରୋହିତ୍ୟ କରିଥିଲେ। ପୂଜାରେ ମା' ଦୁର୍ଗାଙ୍କ ଆଶୀର୍ବାଦ କାମନା କରାଯିବା ସହ ଅଞ୍ଚଳବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ ପାଇଁ ପ୍ରାର୍ଥନା କରାଯାଇଥିଲା।ଏହି ଅବସରରେ ଜେକେ ପେପର ମିଲ୍ସର ଉପସଭାପତି (ବାଣିଜ୍ୟ) ବିଶ୍ୱଜିତ ଦ୍ୱିବେଦୀ, ଜେନେରାଲ ମ୍ୟାନେଜର (ଏଚଆର୍ ଓ ଆଇଆର୍) ସନ୍ଦୀପ ପାଣ୍ଡେ, ଚାନ୍ଦିଲି ଥାନା ଆଇଆଇସି ଉତ୍ତମ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଜେକେ ପେପର ମିଲ୍ସ ସହ ସଂପୃକ୍ତ ତିନୋଟି ୟୁନିଅନର ସଭାପତି, ସମ୍ପାଦକ ଓ ସଦସ୍ୟଙ୍କ ସମେତ ଲୋକସମ୍ପର୍କ ଅଧିକାରୀ ସ୍ମୃତିରେଖା କର ଓ ପେପର ମିଲ୍ସର ବହୁ ବରିଷ୍ଠ ଅଧିକାରୀ, ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେଇଥିଲେ। ଜେକେପୁର ଦୁର୍ଗାପୂଜା ଦୀର୍ଘବର୍ଷ ଧରି ଅଞ୍ଚଳର ଏକ ପ୍ରମୁଖ ଧାର୍ମିକ ଓ ସାଂସ୍କୃତିକ ଉତ୍ସବ ଭାବେ ପରିଚିତ। ପ୍ରତିବର୍ଷ ପୂଜା ଅବସରରେ ଜେକେପୁର ସମେତ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହାକୁ କେନ୍ଦ୍ର କରି ଧାର୍ମିକ କାର୍ଯ୍ୟକ୍ରମ ସହ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଆୟୋଜନ ମଧ୍ୟ ହୋଇଥାଏ। ଭୂମି ପୂଜନ ସମ୍ପନ୍ନ ହେବା ପରେ ଚଳିତ ବର୍ଷର ଦୁର୍ଗାପୂଜାକୁ ନେଇ ଆୟୋଜକ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ଆଗାମୀ ଦିନରେ ପୂଜା ମଣ୍ଡପ, ସାଜସଜ୍ଜା, ଆଲୋକସଜ୍ଜା ଓ ଅନ୍ୟାନ୍ୟ ବ୍ୟବସ୍ଥାର ପ୍ରସ୍ତୁତି ଜୋରଦାର ହେବ। ଭକ୍ତି, ଶ୍ରଦ୍ଧା ଓ ଭାଇଚାରାର ପରିବେଶରେ ଚଳିତ ବର୍ଷର ଦୁର୍ଗାପୂଜା ମହୋତ୍ସବ ସଫଳତାର ସହ ସମ୍ପନ୍ନ ହେବ ବୋଲି ଆୟୋଜକମାନେ ଆଶାବାଦୀ ଅଛନ୍ତି।

# ରାଜବୋଡାସମ୍ବର ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କବାଡି ପ୍ରତିଯୋଗିତା

ପଦ୍ମପୁର ,(ସବ୍ୟୁ): ରାଜବୋଡାସମ୍ବର ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କବାଡି ପ୍ରତିଯୋଗିତା ଉତ୍ସାହ ଓ କ୍ରୀଡ଼ାମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି।ଉଦ୍ଘାଟନୀ ଉତ୍ସବରେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସଭାପତିତ୍ୱରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମହାନନ୍ଦ, ସମ୍ମାନିତ ଅତିଥି ବୁଢ଼ାମାଳ ସରପଞ୍ଚ ଟିକେଶ୍ୱରୀ ସେଠ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଝସକେତନ ମେହେର, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା



ଶିକ୍ଷକ ଧରମ କୁମାର ବେହେରା ଏବଂ ବିଦ୍ୟାଳୟ କ୍ରୀଡ଼ା ସଂଗଠନର ସମ୍ପାଦକ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାର ସମସ୍ତ ଖେଳକୁ ବରିଷ୍ଠ କ୍ରୀଡ଼ା ଶିକ୍ଷକ କ୍ଷୀରୋଦ୍ର ଦାସ ଓ ଚନ୍ଦ୍ରମଣି ସାହୁ ସୁପରିଚାଳନା କରିଥିଲେ। ଅନ୍ୟ କ୍ରୀଡ଼ା ଶିକ୍ଷକଙ୍କ ସମେତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହଯୋଗରେ ପ୍ରତିଯୋଗିତା ସୁଚାରୁରୂପେ ସମ୍ପନ୍ନ ହୋଇଥିଲା।ଏହି ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଉନ୍ନୀତ ହୋଇଥିବା ବିଭିନ୍ନ ବର୍ଗର ଖେଳାଳିମାନେ ଆଗାମୀ ଦିନରେ ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତାରେ ରାଜବୋଡାସମ୍ବର ବ୍ଲକକୁ ପ୍ରତିନିଧିତ୍ୱ କରିବେ। ପରିଶେଷରେ କ୍ରୀଡ଼ା ଶିକ୍ଷକ କ୍ଷୀରୋଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱୟଂଶାସିତ ମହାବିଦ୍ୟାଳୟରେ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମହାସମାରୋହ

ନୂଆପଡ଼ା, (ସବ୍ୟୁ) : ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୫ତମ ଜନ୍ମଜୟନ୍ତୀ ଭବ୍ୟ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିବିଶେଷ ସାମିଲ ହୋଇ କବିଙ୍କ ସାହିତ୍ୟିକ କୃତି ଓ ଆଦର୍ଶ ଉପରେ ଚର୍ଚ୍ଚା କରିଥିଲେ। ମୁଖ୍ୟ ଅତିଥି ଓ ବକ୍ତା ରୂପେ ବିଶିଷ୍ଟ କବି ନୀଳାଲୋହିତ ସିଂହଦେବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଖ୍ୟାତ ସାହିତ୍ୟିକ ଡ. ହରେକୃଷ୍ଣ ମେହେର ମୁଖ୍ୟ ବକ୍ତା ରୂପେ ଯୋଗଦେଇ କବିଙ୍କ ଜୀବନ ଦର୍ଶନ ଓ ସାହିତ୍ୟର ଗଭୀରତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟାନ୍ୟ ମଞ୍ଚାସୀନ ଅତିଥି ରୂପେ



ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ମିଶ୍ର, ପରୀକ୍ଷା ନିୟନ୍ତ୍ରକ ଡ. ରଣବୀର ସିଂହ, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ସୁନୀଲ କୁମାର ପାଢ଼ୀ, ଛାତ୍ର କଲ୍ୟାଣ ଅଧିକାରୀ ଡ. ଗୀତାଶ୍ରୀ ପ୍ରିୟମ୍ବଦା, ବିଭାଗୀୟ ଅଧ୍ୟାପିକା ସାଗରୀକା ପଣ୍ଡା ଏବଂ ଅଧ୍ୟାପକ ହରିବନ୍ଧୁ ହଂସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଗଙ୍ଗାଧର ମେହେରଙ୍କ ମହାନ ଆଦର୍ଶ, ପ୍ରକୃତି ପ୍ରେମ ଓ ଉଚ୍ଚ ବ୍ୟକ୍ତିତ୍ୱ ଆଜି ମଧ୍ୟ ସମାଜ ପାଇଁ ପ୍ରେରଣାଦାୟୀ। ତାଙ୍କ ସାହିତ୍ୟ କୃତିରୁ ଛାତ୍ରଛାତ୍ରୀମାନେ ନୈତିକ ଶିକ୍ଷା ଗ୍ରହଣ କରି ଏକ ଆଦର୍ଶ ଜୀବନ ଗଠନ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମଟିକୁ ଓଡ଼ିଆ ଅଧ୍ୟାପକ ବ୍ରଜମୋହନ ମେହେର ସୁଚାରୁ ରୂପେ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ରମାକାନ୍ତ ସିଂହ ସାହାଣୀ କୃତଜ୍ଞତା ଜ୍ଞାପନ କରିଥିଲେ। ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପକ ଗୁଣବନ୍ତ ସାହୁଙ୍କ ସମେତ ବିଭାଗର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି ସଦ୍ଭାବ କବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବୋରିଗୁମ୍ମାରେ ଗୁରୁ ଦିବସ ପାଳିତ

ବୋରିଗୁମ୍ମା,(ସବ୍ୟୁ): ଦେଶରେ ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଦିନକୁ ଗୁରୁ ଦିବସ ଭାବେ ପାଳନ କରାଯାଉଛି।ବୋରିଗୁମ୍ମା ଏନଏସି ସମେତ ସାରା ବ୍ଲକରେ ଗୁରୁ ଦିବସ ପାଳନ କରାଯାଇଛି।ବୋରିଗୁମ୍ମା ଏନଏସି ରେ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଗୁରୁ ଦିବସ ପାଳନ କରାଯାଇଥିଲା।ଉଚ୍ଚ ବିଦ୍ୟାଳୟ ଯର ପ୍ରଧାନ ଶିକ୍ଷକ ଗୋରୀ ଶଙ୍କର ସାମନ୍ତରାୟଙ୍କ ସଭାପତିତ୍ୱରେ ଗୁରୁ ଦିବସ ପାଳନ କରାଯାଇଥିଲା।।ଉଚ୍ଚ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦାରା ଗୁରୁପୂଜନ କରାଯାଇଥିଲା।ଚଳିତ ବର୍ଷ ରାଜ୍ୟ ସରକାର ପ୍ରତି ବିଦ୍ୟାଳୟରେ ଗୁରୁ ଦିବସ ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ।ଏହି ପରିପ୍ରେକ୍ଷୀରେ ବୋରିଗୁମ୍ମା ବ୍ଲକରେ ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ରଥ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଶ୍ରୀନିବାସ ବିଶୋଇ,ବିଜୟାନନ୍ଦ ପଟ୍ଟନାୟକ, ସୀମାଞ୍ଚଳ ଦାସ, ଚନ୍ଦ୍ରଶେଖର ପ୍ରଧାନ, ଗଣପତି ଗନ୍ତାୟତ ଙ୍କୁ ସାଲ,ଉପଢୌକନ ଓ ଫୁଲ ତୋଡା ପ୍ରଦାନ କରି ସମ୍ମାନିତ କରିଥିଲେ। ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଗୋରୀ ଶଙ୍କର ସାମନ୍ତରାୟ ସ୍କୁଲ ପରିଚାଳନା କମିଟିର ସଭାପତି କାଳୀପ୍ରସାଦ ପାତ୍ର, ସିଆରସିସି ଆଶିଷ କୁମାର ହୋତା, ସାମ୍ବାଦିକ କେ.ସାକିଲି ଦୋରା, ଏନ ପିମ୍ପସ କୁମାର ଙ୍କୁ ସାଲ ପ୍ରଦାନ କରି ସମ୍ମାନିତ କରିଥିଲେ। ଶିକ୍ଷୟିତ୍ରୀ ଶୁଭଦର୍ଶନୀ ପଣ୍ଡା କାର୍ଯ୍ୟକ୍ରମ କୁ ପରିଚାଳନା କରିଥବା ବେଳେ ଶିକ୍ଷକ/ ଶିକ୍ଷୟିତ୍ରୀ ରଞ୍ଜିତା ପାଢ଼ୀ, ପ୍ରଭାସିନୀ ବେହେରା, ରଜନୀ ପରିଡା, ସାହେବ ଦାସ,ଲକ୍ଷ୍ମୀପ୍ରିୟା ସାହୁ,ସତ୍ୟରଞ୍ଜନ ତ୍ରିପାଠୀ,ଲଳିତା ରଣା,ଆସ୍ଥାମା ଶିରା ସହଯୋଗ କରିଥିଲେ।

## ଜିଲ୍ଲା ସ୍ତରୀୟ ସିଏମ କିସାନ ସହାୟତା ରାଶି ହସ୍ତାନ୍ତର

ମାଲକାନଗିରି,(ସବ୍ୟୁ) :ମାଲକାନଗିରି କୃଷି ବିଜ୍ଞାନ କେନ୍ଦ୍ର ପ୍ରାଙ୍ଗଣରେ ଜିଲ୍ଲା ସ୍ତରୀୟ ସିଏମ କିସାନ ସହାୟତା ରାଶି ହସ୍ତାନ୍ତର କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଭାପତି ଗଙ୍ଗାଧର ସୋଡ଼ି, ମାଲକାନଗିରି ବିଧାୟକଙ୍କ ପ୍ରତିନିଧି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ, ଉଦ୍ୟାନ ବିଜ୍ଞାନ ନିର୍ଦ୍ଦେଶକ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଚିତ୍ରକୋଣ୍ଡା ବିଧାୟକ ପ୍ରକାଶ କରିଥିଲେ ଯେ, କୃଷକମାନେ ଆମ ଅର୍ଥନୀତିର ମୂଳଦୁଆ। ସିଏମ କିସାନ ଯୋଜନା ମାଧ୍ୟମରେ ମିଳୁଥିବା ଏହି ଆର୍ଥିକ ସହାୟତା ଚାଷୀ ଭାଇଭଉଣୀମାନଙ୍କୁ କୃଷି କାର୍ଯ୍ୟରେ ସାହାଯ୍ୟ କରିବା ସହ ସେମାନଙ୍କୁ ସାମାଜିକ ଓ ଆର୍ଥିକ ସ୍ତରରେ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇବ।ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୫୦ ଜଣ ଚାଷୀ ଭାଇ ଓ ଭଉଣୀମାନେ ସିଧାସଳଖ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦ୍ୱାରା ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ମାଲକାନଗିରି ଜିଲ୍ଲାର ମୋଟ ୫୧,୮୬୬ ଜଣ ଚାଷୀ ଏହି ଯୋଜନା ମାଧ୍ୟମରେ ଉପକୃତ ହୋଇଛନ୍ତି।

## କାଇଁଶିର ହାଇସ୍କୁଲରେ ଗୁରୁ ଦିବସ ପାଳିତ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ କାଇଁଶିର ହାଇସ୍କୁଲ ପରିସରରେ ଗୁରୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ନନ୍ଦ ଏହି ଦିବସର ମହତ୍ତ୍ୱ ଓ ଛାତ୍ରଛାତ୍ରୀଙ୍କ ଜୀବନ ଗଠନରେ ଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ଖମାରୀ, ଅଶୋକ କୁମାର ବେହେରା, ଦେବ୍ରା ଖଡ଼ିଆ ଓ ରଜତ କୁମାର ପୂଜାରୀଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ବନ୍ଦନା, ନୃତ୍ୟ, ସଙ୍ଗୀତ, ଭାଷଣ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ବିଦ୍ୟାଳୟ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଟ୍ରେନରେ କଟି ନାଟ୍ୟ ଅଭିନେତାଙ୍କ ମୃତ୍ୟୁ

ସମ୍ବଲପୁର, (ସବ୍ୟୁ) : ସମ୍ବଲପୁର ସହର ସାକ୍ଷୀପଡା ନିବାସୀ ଦିଲ୍ଲୀପ କୁମାର ଦେବ (୬୨)ଙ୍କ ଟ୍ରେନରେ କଟି ମୃତ୍ୟୁ ହୋଇଛି। ଖବର ପାଇ ଜିଆରପି ଥାନା ପୋଲିସ ସମ୍ବଲପୁର ସିଟି ଷ୍ଟେସନ ନିକଟରୁ ମୃତଦେହକୁ ଜବତ କରିଛି। ଏନେଇ ୫୦/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସ୍ତ୍ରୀ ସୁନୀତା ଦେବ, ଝିଅ ସୌମ୍ୟା ଓ ସ୍ୱାତୀଙ୍କୁ ଛାଡି ଯାଇଛନ୍ତି। ସୂଚନାଯୋଗ୍ୟ, ଦିଲ୍ଲୀପଙ୍କ ସ୍କୁଲ ସମୟରୁ ନାଟକ ପ୍ରତି ବିଶେଷ ରୁଚି ରହିଥିଲା। ଉଚ୍ଚୋତ୍ତର ଶିକ୍ଷା ଗ୍ରହଣ ପରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କିରାଣୀ ଭାବେ କାର୍ଯ୍ୟ କରୁଥିଲେ। ଅବସର ଗ୍ରହଣ ପରେ ନାଟ୍ୟ ପ୍ରତି ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ। ନକରାତ୍ମକ ଚରିତ୍ରରୁ ହିଁ ତାଙ୍କର ନାଟ୍ୟଅଭିନୟ ଜୀବନ ଆରମ୍ଭ ହୋଇଥିଲା। ସେ ଶ୍ରୀ କଳଚରାଲ ଆସୋସିଏସନ୍ ସହ ଜଡିତ ଥିଲେ। ନାଟ୍ୟକାର ଓ ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରାଙ୍କ ଅନେକ ନାଟକରେ ଅଭିନୟ କରିଥିଲେ। ସମ୍ବଲପୁର ସମେତ ଆହ୍ଲାବାଦ, ଆଗ୍ରା, କୋଲକାତା, ଭୁବନେଶ୍ୱର, ସମ୍ବଲପୁର, ଅନୁଗୁଳ, ବଲାଙ୍ଗୀର, ବରଗଡ, ପାରାଦ୍ୱୀପ, ହୀରାକୁଦ, ଦାମନଯୋଡି ଓ ବେଲପାହାଡ ଆଦି ବିଭିନ୍ନ ସହରରେ ଅଭିନୟ କରି ଅନେକ ପୁରସ୍କାର ସାଉଁଟି ଥିଲେ। ତେବେ ତାଙ୍କ ଆତ୍ମହତ୍ୟା ପଛର କାରଣ ଅସ୍ପଷ୍ଟ ରହିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଆସୋସିଏସନ ଶବ ସଂସ୍କାର କରାଯିବ ବୋଲି ପରିବାର ପକ୍ଷରୁ ଜଣାପଡିଛି।

# ମରଣଯନ୍ତା ପାଲଟିଛି ୫୫ ନମ୍ବର ଜାତୀୟ ରାଜପଥ

ସମ୍ବଲପୁର,(ସବ୍ୟୁ) : ସମ୍ବଲପୁର-ଅନୁଗୁଳ ୫୫ ନମ୍ବର ଜାତୀୟ ରାଜପଥ ଅବସ୍ଥା ବେହାଲ ହୋଇପଡ଼ିଛି। ଏଥିସହ ରାଜପଥ ମରଣଯନ୍ତା ପାଲଟି ଥିବାବେଳେ ସାଧାରଣ ସୁରକ୍ଷା ଓ ମୌଳିକ ସୁବିଧା ନାହିଁ। ଏଭଳିସ୍ଥଳେ ବିଜେପି ବରିଷ୍ଠ ନେତା ଦେବେନ୍ଦ୍ର ମହାପାତ୍ର ଓ ଯୁଯୁମୁରା ସମିତି ସଭ୍ୟ ଜୟନ୍ତ କୁମାର ପ୍ରଧାନ ବୁଧବାର ଜାତୀୟ ରାଜପଥ ପ୍ରାଧିକରଣ ପିଡି ଅମିତ୍ ଗୁପ୍ତାଙ୍କୁ ଭେଟି ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ମାନେଶ୍ୱରରୁ ଛକରୁ ରେଢ଼ାଖୋଲ ପର୍ଯ୍ୟନ୍ତ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିଲେ ହେଁ ଯାତ୍ରୀ ସୁରକ୍ଷା ବିପନ୍ନ ହୋଇପଡିଛି। ହାତୀବାରି, ଯୁଯୋମୁରା ଏବଂ ଚାରମାଲ ନିକଟରେ ଫୁଟ୍ ଓଭରବ୍ରିଜ ନଥିବାରୁ ସ୍କୁଲ ଛାତ୍ରଛାତ୍ରୀ, ରୋଗୀ, ବୟସ୍କ ଲୋକେ ଜୀବନକୁ ବାଜି ଲଗାଇ ରାସ୍ତା ପାର ହେଉଛନ୍ତି। ସେହିପରି ଯୁଯୋମୁରା ଗ୍ରାମର ପ୍ରବେଶ ପଥରେ ଥିବା ଏକ ପୁରାତନ ମର୍ଯ୍ୟାଦାଜନକ ଫାଟକ ଓ ତାର ପାର୍ଶ୍ୱବର୍ତ୍ତୀ ସଂରଚନାକୁ ଭାଙ୍ଗି ଦିଆଯାଇଛି। ଗ୍ରାମ ନାମ ଫଳକ ହଟାଇ ଦିଆଯାଇଛି। ଅନ୍ୟପଟେ ଧନୁପାଲି, ମାନେଶ୍ୱର, ଭବାନୀପାଲି, ମୁଣ୍ଡେର ଆଦି ସ୍ଥାନରେ ଲାଗିଥିବା ଓଡ଼ିଆ ନାମ ଫଳକ ଗୁଡ଼ିକରେ ବନାନ ତ୍ରୁଟି ରହିଛି। ସର୍ଭିସ ରୋଡରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିବା ଓ ନିର୍ମାଣ ଯୋଗୁଁ ଧୂଳିରେ ଅଞ୍ଚଳ ଘୋଡାଇ ହୋଇ ରହୁଥିବା ନେଇ ଅଭିଯୋଗ କରାଯାଇଛି। ତେବେ ପାର୍ବଣ ଋତୁ ପୂର୍ବରୁ ଆଲୋକୀକରଣ ଓ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଦାବି କରାଯାଇଛି।

## ଉତ୍ତର ଓଡ଼ିଶାରେ ୫୦ ହଜାର ଟପିଲା ଟିପିଏନଓଡିଏଲ୍‌ର ରୁଫଟପ୍ ସୋଲାର ସ୍ଥାପନ

ବାଲେଶ୍ୱର,(ସବ୍ୟୁ): ଉତ୍ତର ଓଡ଼ିଶାରେ ସୌର ତନ୍ତ୍ରର ବହୁଳ ବ୍ୟବହାର ନେଇ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ) ରୁଫଟପ୍ ସୋଲାର କ୍ଷେତ୍ରରେ ଏକ ନୂଆ ମାଇଲ୍ ଖୁଣ୍ଟ ହାସଲ କରିଛି । କମ୍ପାନୀର ସମସ୍ତ ୫ଟି ବିଦ୍ୟୁତ୍ ବିତରଣ ଜିଲ୍ଲାରେ ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା ଏବଂ ଉଲା ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ସ୍ଥାପନା ସଂଖ୍ୟା ୫୦ ହଜାର ଟପି ୫୧,୦୦୪ ରେ ପହଞ୍ଚିଛି । ଉତ୍ତର ଓଡ଼ିଶାରେ ଉପଭୋକ୍ତାଙ୍କ ସୌର ଶକ୍ତି ପ୍ରତି ବଢୁଥିବା ଆସ୍ଥା ଓ ଆଗ୍ରହ ସହ ସବୁଜ ଶକ୍ତିକୁ ଅଧିକ ସହଜ ଓ ସୁଲଭ କରିବା ଦିଗରେ ସରକାରୀ ସ୍ତରରେ ସହାୟତଏବଂ ଟିପିଏନଓଡିଏଲର ପ୍ରୟାସ ଏହି ସଫଳତା ଆଣିଦେଇଛି। ଜିଲ୍ଲାୱାରୀ ପ୍ରଦର୍ଶନରୁ ଟିପିଏନଓଡିଏଲ୍‌ର ସମସ୍ତ ବୈଦ୍ୟୁତିକ ସେବା ଯୋଗାଣ ମଣ୍ଡଳରେ ବ୍ୟାପକ ଉପଭୋକ୍ତା ଭାଗିଦାରୀ ସ୍ପଷ୍ଟ ଜଣାପଡୁଛି । ବାଲେଶ୍ୱର ଜିଲ୍ଲା ୧୮,୫୫୯ଟି ସୌରତନ୍ତ୍ର ସ୍ଥାପନା ସହିତ ଶୀର୍ଷରେ ଥିବା ବେଳେ ମୟୂରଭଞ୍ଜରେ ୧୦,୮୨୪, ଯାଜପୁରରେ ୯,୨୯୫, ଭଦ୍ରକରେ ୬,୫୭୫ ଏବଂ କେନ୍ଦୁଝରରେ ୫,୭୫୧ ଟି ସୌର ପ୍ରକଳ୍ପ ସ୍ଥାପିତ ହୋଇଛି । ପ୍ରାୟ ୨ ଲକ୍ଷ ଟଙ୍କା ମୂଲ୍ୟର ୩ କିଲୋୱାଟ୍ ରୁଫଟପ୍ ସୋଲାର ସିଷ୍ଟମ୍ ପାଇଁ ସର୍ବାଧିକ ୧.୩୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ପ୍ରାୟ ୧.୪୦ ଲକ୍ଷ ଟଙ୍କା ମୂଲ୍ୟର ୨ କିଲୋୱାଟ୍ ରୁଫଟପ୍ ସୋଲାର ସିଷ୍ଟମ୍ ପାଇଁ ୧.୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବସିଡି ବ୍ୟବସ୍ଥା ରହିଛି। ଏହା ବ୍ୟତୀତ, ୧ କିଲୋୱାଟ୍ ଚୁକ୍ତିଯୁକ୍ତ ଯୋଗ୍ୟ ଉପଭୋକ୍ତାଙ୍କ ପାଇଁ ସବୁଜ ଶକ୍ତି ସୁଲଭ କରିବା ଉଦ୍ଦେଶ୍ୟରେ ୟୁଏଲ୍ଏ ମଡେଲ କାର୍ଯ୍ୟକାରୀ ହୋଇଛି, ଯାହାଦ୍ୱାରା ସ୍ଥାପନାର ସମ୍ପୂର୍ଣ୍ଣ ଦାୟିତ୍ୱ ଟିପିଏନଓଡିଏଲ୍ ନେଉଥିବାବେଳେ, ଉପକରଣ ପାଇଁ ୫ ବର୍ଷର ୱାରେଣ୍ଟି ଏବଂ ସୋଲାର ପ୍ୟାନେଲ୍ ପାଇଁ ୨୫ ବର୍ଷର ପରଫର୍ମାନ୍ସ ୱାରେଣ୍ଟି ପ୍ରଦାନ କରାଯାଉଛି । ଏହା ଉପଭୋକ୍ତାଙ୍କୁ ଦୀର୍ଘମିଆଦୀ ବିଶ୍ୱସନୀୟତା ସହିତ ଅସୁବିଧାରହିତ ସୌର ଶକ୍ତି ବ୍ୟବହାରର ସୁବିଧା ମଧ୍ୟ ଦେଉଅଛି । ସୁରକ୍ଷା, ପରିଚାଳନାଗତ ଶ୍ରେଷ୍ଠତା, ବ୍ୟବସାୟିକ ସୁପରିଚାଳନା ଏବଂ ସ୍ଥାୟୀ ବିକାଶକୁ ସଂସ୍ଥା ପ୍ରାଥମିକତା ସେବା ସହିତ ସୁଦୃଢ଼ ବିଦ୍ୟୁତ ନେଟୱାର୍କ, ପ୍ରକ୍ରିୟାର ସରଳୀକରଣ ଏବଂ ଦାୟିତ୍ୱବାନ ସମ୍ବଳ ପରିଚାଳନା ମାଧ୍ୟମରେ ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଦ୍ୟୁତ ଯୋଗାଇବା ନେଇ ସଂସ୍ଥା ବିଭିନ୍ନ ପ୍ରକଳ୍ପ ଜାରି ରଖିଛି । ରୁଫ୍‌ଟପ୍ ସୋଲାର ପାଇଁ ଇଚ୍ଛୁକ ଘରୋଇ ଉପଭୋକ୍ତମାନେ ସ୍ଥାନୀୟ ବିଦ୍ୟୁତ କାର୍ଯ୍ୟାଳୟ ଅଥବା ସୂଚନା, ଯୋଗ୍ୟତା ଏବଂ ସ୍ଥାପନା ସମ୍ପର୍କିତ ସହାୟତା ପାଇଁ ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ କିମ୍ବା ୧୯୧୨ ରେ ଯୋଗାଯୋଗ କରିବା ନେଇ ଟିପିଏନଓଡିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି ।

# ପଶ୍ଚିମ ଓଡ଼ିଶା ଗଣପର୍ବ ନୂଆଁଖାଇ ଲାଗି ଧାର୍ଯ୍ୟ ହେଲା ଲଗ୍ନ

### ଆସନ୍ତା ୧୫ରେ ଗଣପର୍ବ ନୂଆଁଖାଇ



ସମ୍ବଲପୁର, (ସବ୍ୟୁ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଲାଗି ଲଗ୍ନ ଧାର୍ଯ୍ୟ ହୋଇଛି। ଆସନ୍ତା ୧୫ ତାରିଖ ପୂର୍ବାହ୍ନ ୯ଟା ୪୦ ମିନିଟରୁ ୯ଟା୫୪ ମଧ୍ୟରେ ବିଶୁଦ୍ଧ ତୁଳା ଲଗ୍ନେ ବୃଷ ନବାଂଶେ ମାଁ ସମଲେଶ୍ୱରୀଙ୍କ ଠାରେ ନବାହ୍ନ ଲାଗି ହେବ । ତେଣୁ ସମ୍ବଲପୁର ସହର ଝାଡୁଆପଡ଼ା ସ୍ଥିତ ବ୍ରହ୍ମପୁରା ମନ୍ଦିର ଠାରେ ପଣ୍ଡିତ ମହାସଭା ବସି ଶନିବାର ଅପରାହ୍ନରେ ଏହି ଲଗ୍ନ ଧାର୍ଯ୍ୟ କରିଛନ୍ତି । ପ୍ରଥମେ ବିଷ୍ଣୁ ସହସ୍ର ନାମ ଜପ ପରେ ମାଁ ସମଲେଶ୍ୱରୀଙ୍କ ରାଶି ଅନୁଯାୟୀ ସମୟ ନିର୍ଘଣ୍ଟ ଧାର୍ଯ୍ୟ କରାଯାଇଛି । ମାଁ ସମଲେଶ୍ୱରୀଙ୍କ ୨୪/୧୧ ଶତଭିସା କୁମ୍ଭ ରାଶି ହୋଇଥିବା ବେଳେ ମନ୍ତ୍ର ଉଚ୍ଚାରଣ ପରେ ସମୟ ନିର୍ଘଣ୍ଟ ସ୍ଥିର କରାଯାଇଥିଲା। ପ୍ରଥମେ ମାଁଙ୍କ ଠାରେ ନବାହ୍ନ ଭୋଗ ଲାଗି ହେବା ପରେ ଅନ୍ୟ ଦେବାଦେବୀଙ୍କ ଠାରେ ନୂଆଁଲାଗି ହେବ। ଏହାପରେ ପଶ୍ଚିମ ଓଡ଼ିଶାବାସୀ ନୂଆଁ ଖାଇବେ। ତେବେ ଲଗ୍ନ ଧାର୍ଯ୍ୟ ହେବା ପରେ ନୂଆଁଖାଇ ପାଇଁ ଯୋରସୋର ପ୍ରସ୍ତୁତି ଆରମ୍ଭ ହେବ। ଲଗ୍ନ ଧାର୍ଯ୍ୟରେ ପଣ୍ଡିତ ବିରେନ୍ ମିଶ୍ର, ନିଳାଚଳ ପାଣିଗ୍ରାହୀ, ଗିରିଜା ଶଙ୍କର ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ଜିତେନ୍ଦ୍ର ନନ୍ଦ, ଶଶାଙ୍କ ଶେଖର ମିଶ୍ର, ରବିନାରାୟଣ ପଣ୍ଡା, ମନବୋଧ ପାଢୀ, ସରିତ୍ ପାଢୀ, ପ୍ରୀତମ୍ ମିଶ୍ର , ଉତ୍ତମ ରଥ ଓ ଚନ୍ଦ୍ରକାନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ବ୍ରହ୍ମପୁରା ମନ୍ଦିର କମିଟିର ସରୋଜ ଦଲପତ, ଶ୍ରୀମନ୍ତ କୁମାର ମିଶ୍ର, ପାର୍ଥସାରଥି ମିଶ୍ର, ପ୍ରାଣରଞ୍ଜନ ପଣ୍ଡା, ସୁଭେନ୍ଦ୍ର ପଣ୍ଡା, ସୂର୍ଯ୍ୟ କୁମାର ମିଶ୍ର, ସୁଶାନ୍ତ ପୁରୋହିତ ଓ ଅମରନାଥ ସୁପକାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରିଷି ଭବନର ଭିତ୍ତି ପ୍ରସ୍ତର ସ୍ଥାପନ

ସମ୍ବଲପୁର,(ସବ୍ୟୁ) : ସମ୍ବଲପୁର ସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପରିସରରେ ଆବାସିକ ପ୍ରଶିକ୍ଷଣ ଓ ଶିଳ୍ପ ପାଇଁ ଦକ୍ଷତା କେନ୍ଦ୍ର ( ରିଷି) ଭବନର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ ଆମ ସ୍ୱାସ୍ଥ୍ୟସେବା ଓ ସୁସ୍ଥତା ପ୍ରମାଣପତ୍ର ପାଠ୍ୟକ୍ରମ ଓ ଶିକ୍ଷକ ପ୍ରଶିକ୍ଷଣ ପାଇଁ କୃତ୍ରିମ ବୁଦ୍ଧିମତ୍ତା ଉପକରଣ ଶୀର୍ଷକ ୨ଟି ପାଠ୍ୟକ୍ରମର ଉଦଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ସଂପ୍ରତି ବିଶ୍ୱର ଅସ୍ଥିର ସ୍ଥିତି ଓ ଗ୍ଲୋବାଲ ସପ୍ଲାଏ ଚେନ୍ ପ୍ରଭାବିତ ହୋଇଛି। ଏହାର ପ୍ରଭାବ ସିଧାସଳଖ ଭାରତର ନିଯୁକ୍ତି ଉପରେ ପଡିଛି। ସମ୍ପ୍ରତି ଶିକ୍ଷା ବ୍ୟବସ୍ଥାରେ ଡିଗ୍ରୀ ଏବଂ ନିଯୁକ୍ତି ଯୋଗ୍ୟତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ବଡ ଆହ୍ୱାନ ଅଟେ। ଜିଜ୍ଞାସା ରହିଲେ ହିଁ ଉପାୟ ଆପେଆପେ ଆସିବ। କେବଳ ଡିଗ୍ରୀ ନୁହେଁ, ପୁସ୍ତକଗତ ଜ୍ଞାନ ସହ ବ୍ୟବହାରିକ ପଢାର ଦକ୍ଷତା ବଢାଇଲେ ହିଁ ଆମ ଯୁବପିଢି ଯୋଗ୍ୟ ଓ ନିଯୁକ୍ତିକ୍ଷମ ହୋଇପାରିବେ । ରିଷି ପ୍ରକଳ୍ପ ଓଡିଶାର ୧କୋଟି ଅମୃତ ପିଢିଙ୍କୁ ନିଯୁକ୍ତିଦାତା ଭାବେ ଗଢି ତୋଳିବାରେ ଏକ ପ୍ରମୁଖ ସେତୁ ଭାବେ କାର୍ଯ୍ୟ କରିବ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ପୋଲିସ୍ ଡିଆଇଜି ଚରଣ ସିଂ ମୀନା, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ମହାନଗର ନିଗମ କମିଶନର ରେହାନ କ୍ଷତ୍ରି ପ୍ରମୁଖ ମଞ୍ଚାସିନ ଥିଲେ। ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ବେବୀ ନାଏକ ସଂଯୋଜନା କରିଥିଲେ। ଶେଷରେ କୁଳସଚିବ ଡ. ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମିଳୁନି ପାଣି : ଗରା, ବାଲ୍ଟି, ହାଣ୍ଡି, ରଖି ରାସ୍ତା ଅବରୋଧ

ନୀଳଗିରି ,(ସବ୍ୟୁ): ପାନୀୟଜଳ ପାଇଁ ହାଣ୍ଡି, ଗରା, ବାଲ୍ଟି ରଖି ରାସ୍ତା ଅବରୋଧ। ସୂଚନା ଅନୁଯାୟୀ କେଶିପୁର ପଞ୍ଚାୟତ ଅଧିନ ୧୯ନଂ ରାଜ୍ୟ ରାଜପଥ ରାସ୍ତା ଭାଲୁକାପୋସୀ ଠାରେ ଶନିବାର ପୂର୍ବାହ୍ନ ରେ ଗରା, ବାଲ୍ଟି, ହାଣ୍ଡି ରଖି ରାସ୍ତା ଅବରୋଧ କରାଯାଇଥିଲା। କେଶିପୁର ପଞ୍ଚାୟତର ଚଣ୍ଡୀଗଡ଼, ପରାସିପାଳ, ବାଘସାହି, ହୁଡିସାହି, ଚଣ୍ଡୀଗଡ଼ ଛକ, ତରତରି, ଗ୍ରାମକୁ ପୁର୍ବରୁ ବସୁଧା ଯୋଜନାରେ ପାନୀୟଜଳ ଯୋଗାଇ ଦିଆଯାଇଥିଲେ ହେଁ ଗତ ଛଅ ମାସ ଧରି ଜଳଯୋଗାଣ ବନ୍ଦ ରହିଥିଲା। ସେଠାରେ ରାସ୍ତା ନିର୍ମାଣ କାମ ହେଉଥିବା ବେଳେ ପାଣି ପାଇପ ଫଟାଥିବା ସହ ପାଣି ଆସିବା ବନ୍ଦ ହୋଇଯାଇଥିଲା। ଫଳରେ ପାନୀୟଜଳ ପାଇଁ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଥିଲେ ସ୍ଥାନୀୟ ବାସିନ୍ଦା। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏହାର ସମାଧାନ ହୋଇ ପାରି ନଥିଲା। ଶେଷରେ ଶହଶହ ମହିଳା ଗରା, ବାଲ୍ଟି, ହାଣ୍ଡି ରଖି ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୩ ଘଣ୍ଟା ଧରି ରାସ୍ତା ଅବରୋଧ ଜାରି ରହିଥିଲା। ପରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର ଏସଡ଼ିଓ . ଓ ଦୁଇ କନିଷ୍ଠଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଉକ୍ତ ଗ୍ରାମରେ ବସୁଧା ଜଳ ଯୋଗାଣର ଲିଖିତ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ସ୍ଥାନୀୟ ସରପଞ୍ଚ ବାସନ୍ତୀ ହେମ୍ବ୍ରମ୍, ସମାଜସେବୀ ଶ୍ରୀନିବାସ ବାଗ୍, ସୀତା ରାମ ବେହେରା, କରୁଣାକର ଦେହୁରୀ, ହେମନ୍ତ ପାତ୍ର,ମୁନା ପାତ୍ର, ନିରଞ୍ଜନ ଦେହୁରୀ, ଅରୁଣ ମାଝୀ, ଜତିନ୍ଦ୍ର ପାତ୍ର, ବାବୁଲି ପାତ୍ର ପ୍ରମୁଖ ଥିଲେ।

## ବାଳିକା ହାଇସ୍କୁଲରେ ଶିକ୍ଷାବିତଙ୍କୁ ସମ୍ବର୍ଦ୍ଧନା

ଆଗରପଡ଼ା,(ସବ୍ୟୁ) ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲରେ ପବିତ୍ର ଗୁରୁଦିବସ ଉପଲକ୍ଷେ ଶିକ୍ଷାବିତମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ତଥା ବିଇଓ ଇନଚାର୍ଜ ଚିତ୍ତରଂଜନ ମହାନ୍ତି ଉପସ୍ଥିତ ରହି ଏହି ହାଇସ୍କୁଲ ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ଗୀତା କୁମାରୀ ପରିଡ଼ା, ମନୋଜ ମଂଜରୀ ମଲ୍ଲିକ, ସହକାରୀ ଶିକ୍ଷକ ସତ୍ୟନାରାୟଣ ନାୟକ,ସାବିତ୍ରୀ ଦାଶ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ହାଇସ୍କୁଲ ବରିଷ୍ଠ ଶିକ୍ଷକ ଅଜିତ ରାଉଳ, ଭୀମସେନ ପାଳ, କୈଳାସ ପଣ୍ଡା, ପ୍ରମୋଦିନୀ ସାହୁ, ସାଗରିକା ମହାନ୍ତି, ରଂଜିତା ଶିଅଳ,ବନଜିନୀ ନାୟକ,ଭାଗ୍ୟଶ୍ରୀ ପଣ୍ଡା, ସୁମିତ୍ରା ନାଇକ,ସାବିତ୍ରୀ ଦାଶ, ବିଦ୍ୟୁତଲତା ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ୧୭୬ ଶିକ୍ଷକଙ୍କୁ ପଦୋନ୍ନତି

ମାଲକାନଗିରି,(ସବ୍ୟୁ):ଶିକ୍ଷକ ଦିବସ ଅବସରରେ ମାଲକାନଗିରି ଜିଲ୍ଲା ଶିକ୍ଷା ପରିବାର ପାଇଁ ଖୁସିର ଖବର। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ମାଲକାନଗିରି ତରଫରୁ ଆଜି ୧୭୬ ଜଣ ଲେବଲ-୪ ପ୍ରାରମ୍ଭିକ ଶିକ୍ଷକଙ୍କୁ ଲେବଲ-୩ କୁ ପଦୋନ୍ନତି ପ୍ରଦାନ କରାଯାଇଛି।ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ତରଫରୁ ଚିଠି ସଂଖ୍ୟା ୫୪୪୭ ଏବଂ ୫୪୫୪ ତା ୩-୯-୨୦୨୬ ମାଧ୍ୟମରେ ପଦୋନ୍ନତି ପାଇବା ଏବଂ ବିଦ୍ୟାଳୟ ନିର୍ଦ୍ଧାରିତ ପାଇଁ ଜିଲ୍ଲାସ୍ତରୀୟ କାଉନସେଲିଂ ପାଇଁ ଆଜି ଆହ୍ୱାନ କରାଯାଇଥିଲା। ଏହି ସନ୍ଦର୍ଭରେ ଘୋଷଣା ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଶିକ୍ଷକ ଦିବସ ସମ୍ମାନ ସମାରୋହରେ ଘୋଷଣା କରିଥିଲେ ଓ ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ । ସମସ୍ତ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିକାରୀ ଏବଂ କର୍ମକର୍ତ୍ତାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପାଦନ ହୋଇଅଛି। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ କହିଥିଲେ, ଏହି ପଦୋନ୍ନତି ହେଉଛି ଶିକ୍ଷକମାନଙ୍କ ନିଷ୍ଠା ଓ କଠିନ ପରିଶ୍ରମର ସମ୍ମାନ। ଏହା ଶିକ୍ଷକମାନଙ୍କୁ ଆହୁରି ପ୍ରେରଣା ଦେବ।ପଦୋନ୍ନତି ପାଇଥିବା ଶିକ୍ଷକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ଓ ସେମାନେ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।

## ପୋଲ ତଳକୁ ଖସି ବାଇକ ଆରୋହି ମୃତ

ନୀଳଗିରି, (ସବ୍ୟୁ) : ନୀଳଗିରି ବ୍ଲକ ବରହମପୁର ଥାନା ସେରଗଡ଼ ଝରଣାଘାଟି ୧୯ନମ୍ବର ରାଜ୍ୟରାଜପଥ ଗୋହିରା ନିକଟରେ ଥିବା ପୋଲଠାରେ ଘଟିଛି ମର୍ମନ୍ତୁକ ସଡ଼କ ଦୁର୍ଘଟଣା। ମୃତକ ଯୁବକତ ଜଣକ ସୁନୀଲ ସିଂ ବୋଲି ଜଣାପଡିଛି। ତାଙ୍କ ଘର ନୀଳଗିରି ଏନଏସି ଡାହାଣୀମରା ଅଞ୍ଚଳର ବୋଲି ଜଣାପଡିଥିବା ବେଳେ ସେ ଖନ୍ତାପଡା ଅଞ୍ଚଳରେ ରହୁଥିଲେ। ଦୀପକ କୁମାର ପାତ୍ରଙ୍କ ପଲସର ଗାଡି ମାଗି କୌଣସି କାମରେ ଶନିବାର ବରହମପୁର ଅଞ୍ଚଳକୁ କାମରେ ଯାଇଥିଲା ବେଳେ ପୋଲକୁ ଧକ୍କାଦେବା ଫଳରେ ପୋଲ ତଳକୁ ଖସି ପଡ଼ିବାରୁ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକେ ତୁରନ୍ତ ବରହମପୁର ପୋଲିସ ଖବର ଦେଇଥିଲେ। ବରହମପୁର ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବ ଜବତ କରି ପୋଷ୍ଟମୋଟମ ପାଇଁ ଶବକୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା ବେଳେ ଦୁର୍ଘଟଣାଗ୍ରସ୍ତ ବାଇକୁ ଜବତ କରି ବରହମପୁର ଥାନାକୁ ନେଇଥିଲେ।

### ସମ୍ବଲପୁରରେ ନୃଶଂସ ହତ୍ୟାକାଣ୍ଡ

## ମହିଳାଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର, ପଥରରେ ଛେଚି ହତ୍ୟା ସନ୍ଦେହ

ସମ୍ବଲପୁର, (ସବ୍ୟୁ) : ଟାଉନ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ସହରର ସେନ ପାର୍କ ବାଉଣ୍ଡ୍ରି କଡ଼ରୁ ଜଣେ ମହିଳାଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର କରାଯାଇଛି। ମୃତ ମହିଳା ଜଣକ ଟାଉନଥାନା ଅନ୍ତର୍ଗତ ଠେଲକୋପଡ଼ା ଅଞ୍ଚଳର ହୀନା ବେଗମ ବୋଲି ପୋଲିସ ସୂତ୍ରରୁ ସ୍ପଷ୍ଟ ହୋଇଛି। ପ୍ରାଥମିକ ସୂଚନା ଅନୁଯାୟୀ, ମହିଳାଙ୍କୁ ପଥରରେ ନିର୍ମମ ଭାବେ ଛେଚି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପାରିବାରିକ କଳହ ତଥା ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଲାଗିରହିଥିବା ବିବାଦକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି। ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ସ୍ୱାମୀ ମହମ୍ମଦ ସାମସଦଙ୍କ ଭୂମିକା ତଥା ହତ୍ୟାର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ଛାନଭିନ ଜାରି ରଖିଛି।


## ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣଙ୍କ ମାତୃ ବିୟୋଗ



ସମ୍ବଲପୁର,(ସବ୍ୟୁ): କୁଚିଣ୍ଡା ବିଧାୟକ ତଥା ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ମାଆ ଶୁଭ ନାଏକ (୮୫)ଙ୍କ ଶନିବାର ପରଲୋକ ହୋଇଯାଇଛି। ଗତ କିଛି ଦିନ ହେବ ସେ ଭୁବନେଶ୍ୱର ସ୍ଥିତ ଏମ୍ସରେ ଚିକିତ୍ସାଧିନ ଥିଲେ। ଖବର ପାଇ ବହୁ ରାଜନେତା ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ମରଶରୀରକୁ ଖଣ୍ଡୋକଟା ଗ୍ରାମକୁ ଅଣାଯାଇଥିଲା। ସେଠାରେ ଶେଷକୃତ୍ୟ ସମାପନ କରାଯାଇଛି। ସ୍ୱର୍ଗତା ନାଏକଙ୍କ ପରଲୋକରେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଦୁଃଖ ଓ ଶୋକ ପ୍ରକାଶ କରିଛନ୍ତି। ସେ ନିଜର ଶୋକବାର୍ତ୍ତାରେ କହିଛନ୍ତି ଯେ, ଶୁଭ ନାଏକ ମାଉସୀଙ୍କ ସହ ଅନେକ ଥର ସାକ୍ଷାତ୍ ହେବା ସହ କଥାବାର୍ତ୍ତା ହେବାର ସୌଭାଗ୍ୟ ମିଳିଛି । ସେ ଜଣେ ସ୍ନେହୀ, ଧର୍ମପରାୟଣ ଓ ଆଦର୍ଶବାଦୀ ମହିଳା ଥିଲେ। ତାଙ୍କର ସ୍ନେହପୂର୍ଣ୍ଣ ବ୍ୟବହାର, ସଂସ୍କାର ଓ ଆଶୀର୍ବାଦ ମୋ ପାଇଁ ଚିର ସ୍ମରଣୀୟ ହୋଇ ରହିବ । ସେହିପରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଶୋକ ବାର୍ତ୍ତା ରେ କହିଛନ୍ତି ଯେ, ଦୀର୍ଘ ଦିନର ରାଜନୈତିକ ଜୀବନରେ କୁଚିଣ୍ଡା ଗସ୍ତ ସମୟରେ ଖଣ୍ଡୋକଟା ଗ୍ରାମରେ ଶୁଭ ନାଏକ ମାଉସୀଙ୍କ ସାନିଧ୍ୟ ମିଳିଛି। ସେ ଜଣେ ସରଳ ଓ ସ୍ନେହୀ ମାଆ ଥିବା ସହ ଖୁବ ଆଦର କରୁଥିଲେ। ଏହି ଦୁଃଖଦ ସମୟରେ ପରିବାର ବର୍ଗଙ୍କୁ ଅସୀମ ସାହସ ଓ ଧୈର୍ଯ୍ୟ ପ୍ରାପ୍ତ ହେଉ ବୋଲି ପ୍ରାର୍ଥନା କରିଛନ୍ତି ବିଧାୟକ ଜୟନାରାୟଣ ମିଶ୍ର।

## କନ୍ଧମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁ ଦିବସ

କନ୍ଧମାଳ, (ସବ୍ୟୁ): କନ୍ଧମାଳ ବ୍ଲକ ସଦର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପବିତ୍ର ଗୁରୁ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଧାନାଚାର୍ଯ୍ୟ ମକଦମ ମହାରଣା ଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ 1 ନବୀନ କୁମାର ବିଶି



ଯୋଗଦେଇ ଗୁରୁ ହେଉଛନ୍ତି ଜୀବନର ମାର୍ଗଦର୍ଶକ। ଗୁରୁ ବିନା ଜ୍ଞାନ ଅସମ୍ଭବ। ପ୍ରତ୍ୟେକ ଛାତ୍ରଛାତ୍ରୀ ଗୁରୁଙ୍କୁ ସମ୍ମାନ କରିବା ଉଚିତ ବୋଲି ନିଜ ଅଭିଭାଷଣ ରେ କହିଥିଲେ। ଏହିଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ବିଶିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରଛାତ୍ରୀମାନେ ଗୁରୁଙ୍କ ମହତ୍ତ୍ୱ ଉପରେ ନିଜନିଜର ମତ ପରିବେଷଣ କରିଥିଲେ। ପ୍ରଧାନାଚାର୍ଯ୍ୟ ଶ୍ରୀ ମହାରଣା ସମସ୍ତ ଗୁରୁଜୀ ଗୁରୁମାଙ୍କୁ ଧନ୍ୟବାଦ ଜଣାଇବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶେଷରେ ବିଦ୍ୟାଳୟ ର ସମସ୍ତ ଗୁରୁଜୀ ଗୁରୁମା ମାନଙ୍କୁ ଛାତ୍ରଛାତ୍ରୀମାନେ ଫୁଲ, ଚନ୍ଦନ ଓ ଉପଢୌକନ ଦ୍ୱାରା ସମ୍ମାନିତ କରିଥିଲେ। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ-ଆଚାର୍ଯ୍ୟା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ୧୨ତମ ଉର୍ସ-ଏ-କାଦରିଆର ପ୍ରସ୍ତୁତି

## ୨୪ରେ ବଡ଼ ସରକାର ବାବାଙ୍କ ୧୨ ତମ ଉର୍ସ ଓ ଧର୍ମସଭା ପାଳନ

ଭଦ୍ରକ,(ସବ୍ୟୁ): ଭଦ୍ରକ ବାଇପାସ ରୋଡ ସ୍ଥିତ ସରକାର ନଗର ଖାନକାହା ପରିସର ବାହାରେ ଗୁଲସନେ ନସିମ ପରିସରରେ କାଦରୀ ବିରାଦରାନ କମିଟି ଆନୁକୂଲ୍ୟରୁ ଏକ ପ୍ରସ୍ତୁତି ବୈଠକ ଉପଦେଷ୍ଟା ଶେଖ ହବିବୁଲ୍ଲା, ସଭାପତି ଜୱୋଦ ଅଖତର ଓ ସାଧାରଣ ସମ୍ପାଦକ ଅଖତର ଅଲି ଖାନଙ୍କ ସଂଯୋଜନାରେ ହୋଇ ଯାଇଛି । ଏହି ବୈଠକ ରାତ୍ରି ୮ ଟାରେ । ରେ କବି ମାନଙ୍କ ଦ୍ୱାରା ମିଲାଦ ସରିଫରୁ ଆରମ୍ଭ ହୋଇଥିଲା ଔ ଉକ୍ତ ବୈଠକରେ ସିଦ୍ଧାନ୍ତ ହେଲା ଯେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ସୈୟଦ ଶାହା ନସିମ ଅଖତର କାଦରୀ ଓରଫ ବଡ଼ ସରକାର ବାବାଙ୍କ ୧୨ ତମ ଉର୍ସ ପର୍ବ ଚଳିତ ୨୩ ଓ ୨୪ ସେପ୍ଟେମ୍ବର ୨୦୨୬ ବୁଧୁବାର ଓ ଗୁରୁବାର ଦୁଇ ଦିନ ଧରି ପାଳନ ହେବ । ଏହି ଉର୍ସରେ ଆମ ରାଜ୍ୟ ସହିତ ଭାରତର ବିଭିନ୍ନ ଅଣୁକୋଣରୁ ବାବାଙ୍କ ଭକ୍ତ ମାନେ ଭଦ୍ରକ ଖାନକାହା କୁ ଆସି ପହଁଚିବେ। ବାବାଙ୍କ ଭକ୍ତ ମାନଙ୍କ ପାଇଁ ଦୁଇଦିନ ଧରି ଖାଇବା ଓ ରହଣି ର ବ୍ୟବସ୍ଥା କରାଯିବ ।

## ସବିତାରାଣୀ ନାୟକ ବ୍ଲକ କଂଗ୍ରେସ ମହିଳା ସଭାନେତ୍ରୀ

ଆଗରପଡ଼ା,(ସବ୍ୟୁ) ବନ୍ତ ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ସବିତାରାଣୀ ନାୟକ ମନୋନୀତ ହୋଇଛନ୍ତି । ରାଜ୍ୟ ମହିଳା ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ଚିଠି ନଂ ଓପିଏମସି-୨୦୨୦/୨୦୨୬ ଅନୁଯାୟୀ ସବିତାଙ୍କୁ ଏହି ଦାୟିତ୍ୱ ଦିଆ ଯାଇଥିବାର ଜଣାପଡ଼ିଛି।ସେ ବର୍ତ୍ତମାନ ଗୋପିନାଥପୁର ସରପଞ୍ଚ ଅଛନ୍ତି । ଏହି ଖବର ଜଣାପଡ଼ିବା ପରେ ପ୍ରାକ୍ତନ ସରପଞ୍ଚ ରବିନାରାୟଣ ମହାନ୍ତି, ସତ୍ୟବାନ ଦାସ, କଳ୍ପତରୁ ସାହୁ,କାର୍ତ୍ତିକ ଜେନା, କାଳିଆ ନାୟକ, ଛାୟାକାନ୍ତ ନନ୍ଦ, ଦେବ ସିଂହ ପ୍ରମୁଖ ସବିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।


## ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକରେ ଶୋକ

ବାଲେଶ୍ୱର ,(ସବ୍ୟୁ): ବାଲେଶ୍ୱରର ଜଣାଶୁଣା ବ୍ୟବସାୟୀ ତଥା ମାଣିଖମ୍ବ ଅଞ୍ଚଳର ନନ୍ଦକିଶୋର ଦେ (୬୫)ଙ୍କର ପରଲୋକ ହୋଇଯାଇଥିବାରୁ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ଦେ ୨ଦିନ ତଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧିନ ଥିବା ସମୟରେ ଶନିବାର ଭୋର ସମୟରେ ତାଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ବାସଭବନରେ ପହଁଚି ସ୍ୱର୍ଗତଃ ଦେଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ରଂଜନ କୁମାର ବାଗ, ବିଜେପି ନେତା ସୁଜିତ ଦେବ, ସ୍ଥାନୀୟ କାଉନସିଲର ନିତ୍ୟ ଗୋପାଳ ସିଂ, ରବିନ୍ଦ୍ର ବେହେରାଙ୍କ ସମେତ ଶତାଧିକ ଗ୍ରାମବାସୀ ତାଙ୍କୁ ଶେଷ ଦର୍ଶନ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପତ୍ନୀ କଳ୍ପବାସିନୀ, ପୁତ୍ର ରାଜକିଶୋର, ଦେବକିଶୋର, କିନିଷ୍ଠ ଭ୍ରାତା କିଶୋର, ବ୍ରଜକିଶୋର ଏବଂ ସିଦ୍ଧେଶ୍ୱରଙ୍କ ପ୍ରମୁଖ ସମେତ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ଶନିବାର ଅପରାହ୍ନରେ ତାଙ୍କର ମରଶରୀରକୁ ବାଲିଘାଟସ୍ଥିତ ଶ୍ମଶାନକୁ ଏକ ଶୋଭାଯାତ୍ରାରେ ନିଆଯାଇ ଅନ୍ତିମ ସତ୍କାର କରାଯାଇଥିଲା ।

## ପ୍ରାପ୍ତ ପତ୍ରିକା

**ପତ୍ରିକାର ନାମ–ଘାସଫୁଲ**
**ରଥସଂଖ୍ୟା (୨୦୨୬)**
**ପ୍ରତିଷ୍ଠାତା ସମ୍ପାଦିକା– ଉର୍ମିଳାରାଣୀ ପାଣିଗ୍ରାହୀ**
**ଅତିଥି ସମ୍ପାଦକ– ସୂର୍ଯ୍ୟବଂଶୀ ସୂରଜ**
**ସୃଜନୀ ସମ୍ପାଦକ– ଅଭୟ ଦ୍ୱିବେଦୀ**
**ନିର୍ବାହୀ ସମ୍ପାଦକ– ବ୍ୟୋମକେଶ ସେନାପତି**
**କଳା ସମ୍ପାଦକ– ଚୁଡାମଣି ଦାସ**
**ମୁଦ୍ରଣ–ରିକି ପ୍ରମୋଟର**
**ପତ୍ରିକାର ମୂଲ୍ୟ– ୫୦ ଟଙ୍କା**

ବର୍ଷରେ ମାତ୍ର ଚାରି ଥର ପ୍ରକାଶ ପାଇଥିବା ଏହି 'ଘାସଫୁଲ' ପତ୍ରିକା କିଛି ଗବେଷଣାଧର୍ମୀ ନିବନ୍ଧ ସହ ରୁଚିଶୀଳ କବିତା ଏବଂ ଗଳ୍ପରେ ସମୃଦ୍ଧ ହୋଇ ଭଦ୍ରକର କୁଆଁସରୁ ପ୍ରକାଶ ପାଇ ଆସୁଛି । ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଥିଲେ ଜଣେ ସାହିତ୍ୟାନୁରଗୀ ଜନନେତା ସ୍ୱର୍ଗତ ବିଷ୍ଣୁ ସେଠୀ । ପତ୍ରିକାର ବିଭିନ୍ନ ବିଭାଗରେ ଅନେକ ବରିଷ୍ଠ ଲେଖକଙ୍କ ବଳିଷ୍ଠ, ସର୍ବଦା ଉପାଦେୟ ଅନେକ ଆଲେଖ୍ୟ ରହିଛି । ଯେପରିକି 'ଜୀବନଦର୍ଶନ'ରେ ନିତ୍ୟାନନ୍ଦ ମହାପାତ୍ରଙ୍କ 'ସମନ୍ୱୟ', ବିଷ୍ଣୁ ସେଠୀଙ୍କ 'ତୋରାଣୀ କଂସାର ଭାଇ' ନାମକ ଏକ ଲେଖା ପ୍ରତିଷ୍ଠାତାଙ୍କ ପୃଷ୍ଠାରେ ରହିଛି, ଯାହାକି (ନବକଳେବର–୨୦୧୫ ସମୟରେ ପ୍ରତିଷ୍ଠାତା ସମ୍ପାଦକଙ୍କଦ୍ୱାରା ଲିଖିତ) , ରଥ ସ୍ୱତନ୍ତ୍ରରେ 'ସ୍କନ୍ଦ ପୁରାଣ', 'ଜୀବନାନୁଭୂତି' ବିଭାଗରେ ଡ. ଶ୍ରୀରାମ ଚନ୍ଦ୍ର ଦାଶଙ୍କ ' ମୁଁ ଓ ଉତ୍କଳ ବିଶ୍ୱବିଦ୍ୟାଳୟ', ସୁରେନ୍ଦ୍ର ମହାନ୍ତିଙ୍କ 'ଓଡ଼ିଆ ସାହିତ୍ୟ ଅକାଦମୀ...' ଭଳି ଲେଖା । ସେହିପରି 'ସଂସ୍କୃତି ଓ ପରମ୍ପରା' ବିଭାଗରେ ଭାଗୀରଥି ସାମଲଙ୍କ 'ସନ୍ଥ କବି ମୀର୍ଜା ଉଜିର ବେଗ', ପ୍ରଫୁଲ୍ଲ କୁମାର ଦାସଙ୍କ 'ଚାନ୍ଦବାଲି ନୌବାଣିଜ୍ୟ', ଗୀତାରାଣୀ ଆଇଚଙ୍କ ଅନୁବାଦମୂଳକ ପ୍ରବନ୍ଧ 'ବର୍ଷାର ଗନ୍ଧ', କବିତା ବିଭାଗରେ 'ପୀତାମ୍ବର ମିଶ୍ରଙ୍କ 'ଘାସଫୁଲ', ନିମାଇଁ ପଟ୍ଟନାୟକଙ୍କ 'ପ୍ରଶ୍ନୋତ୍ତର' ଭଳି ଅନେକ ବଳିଷ୍ଠ କବିତା ସହ ପତ୍ରିକାର ଶେଷରେ ସ୍ଥାନିତ ହୋଇଥିବା ପତ୍ରିକାର ଅତିଥି ସମ୍ପାଦକ ତଥା ଓଡ଼ିଶାର ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିୟମିତ ସ୍ତମ୍ଭ 'ଆର୍ଯ୍ୟଦାସର ଆତ୍ମଲିପି'ରେ 'ନିଜକୁ ସଅଁପି ଦେଇ ତ ଦେଖ !' ଶୀର୍ଷକ ବିଷୟରେ ଲେଖକ ଜଗନ୍ନାଥଙ୍କ ଭକ୍ତିରେ ତଲ୍ଲୀନ ହୋଇଗଲେ ଭକ୍ତଙ୍କୁ କିପରି ଜଗନ୍ନାଥ ଘଣ୍ଟ ଘୋଡାଇ ରଖିବାକୁ ଆଗେଇ ଆସିଥାନ୍ତି, ତାହା ଉପରେ ଆଲୋକପାତ କରିଛନ୍ତି । ଅନ୍ତର୍ଯ୍ୟାମୀ ମିଶ୍ରଙ୍କ 'ଶ୍ରୀଜଗନ୍ନାଥ ସଂସ୍କୃତି' ଓ ଅଭୟ ଦ୍ୱିବେଦୀଙ୍କର 'ମହାଶ୍ୱେତା ଦେବୀ'ଙ୍କ ଉପରେ 'ଶତାବ୍ଦୀର ଶ୍ରଦ୍ଧାଞ୍ଜଳି' ମଧ୍ୟ ଏ ସଂଖ୍ୟାର ବିଶେଷ ଆକର୍ଷଣ । ଏହା ନିଶ୍ଚିତ ଭାବେ ପ୍ରତ୍ୟେକ ଓଡ଼ିଆ ସର୍ବୋପରି ଜଗନ୍ନାଥପ୍ରେମୀଙ୍କ ମନ ଓ ଚିତ୍ତକୁ ସ୍ପର୍ଶ କରିପାରିବ ବୋଲି ମନେହୁଏ । ସେହିପରି ପ୍ରଚ୍ଛଦରେ ସ୍ଥାନିତ ଶ୍ରୀମନ୍ଦିର ଏବଂ କଳାଠାକୁରଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଝଲକ ପତ୍ରିକାକୁ ଆକର୍ଷଣୀୟ ତଥା ମନଲୋଭ କରିପାରିଛି । ଏହି ପତ୍ରିକାଟି ପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ଆମର ଆଶା ।




## ଏ ସପ୍ତାହର ତିନୋଟି କବିତା

### ବର୍ଷା ଖାଲି ବର୍ଷା



**ଡ. ପଦ୍ମାଳୟା ପଣ୍ଡା**

କଳା ମେଘର କରାଳ କୋଳେ ,
ବିଜୁଳି ହସେ ଘନ ଘନ ଆକାଶେ ।

ବର୍ଷା ପାଣିର ପ୍ରଖର ସ୍ରୋତରେ,
ସବୁ କିଛି ଭାସି ଯାଏ ।

ଘନ ଘୋର ମେଘର ଗର୍ଭ ମଧ୍ୟେ,
ବଜ୍ରପାତର ଗର୍ଜନ ଚମକାଇ ଦିଏ ।

ଶେଷେ ଝରେ ମୁକୁତାର ବିନ୍ଦୁଏ,
କ୍ଷେତ୍ର ଉପରେ ଅରଣ୍ୟ ମଝିରେ ।

କେବେ ଫୁଲର ପାଖୁଡା ଛୁଏଁ,
କେବେ ମନ୍ଦାକିନୀର ତୀବ୍ର ଧାରେ ।

ଶୁଷ୍କ ଧରାର ତୃଷ୍ଣା ହରି,
ଅଙ୍କୁରିତ ହୁଏ ବନ ବନାନୀ ।

ଯେବେ ଦେଖାଏ ପ୍ରକୃତି ତା' କ୍ରୋଧ ରୂପ,
ପର୍ବତ ଶିଖରୁ ଝରଣା ଭଳି ତଳକୁ ଧାଏଁ ।

କ୍ଷେତ ଉପରେ ବର୍ଷା ପାଣି ଯାଏ ମାଡି,
ଚାଷୀର ଜୀବନ ଥରି ଉଠେ ।

ବର୍ଷା ଆସେ ପ୍ରଳୟ ନେଇ ଏଠି
ନାଳ ନର୍ଦ୍ଦମାର ପାଣି ଉଛୁଳି ଉଠେ ।

ରାସ୍ତାରେ ମାଡେ ଲହଡି ପାଣି ହନ୍ତସନ୍ତ ଲୋକେ,
ଘରେ ଘରେ ପଶଇ ପାଣି, ରାସ୍ତ ହୁଏ ଜାମ୍ ।

ଏହି ବର୍ଷା ବଢ଼ି ପାଣିରେ ଭାସେ ଯାନ ବାହାନ ମଣିଷ ଭାସେ,
ଭଂଗା କୁଡିଆ କାନ୍ଦେ ନିରବେ ଭିଜେ ସବୁକିଛି ।

ଭୋକିଲା ଶିଶୁ ମାଆର କୋଳେ,
ଆଖିରେ ତାର ଜଳର ଧାରା ନିରବି ଚାହେଁ ।

ସଂଘର୍ଷମୟ ଜୀବନ ଚାଲେ ଧରା ପୃଷ୍ଟେ,
ସଫେଇ କର୍ମଚାରୀ,ଉଦ୍ଧାରକାରୀ ହୁଅନ୍ତି ବାଟବଣା ।

ଏଇ ଆମର ସ୍ମାର୍ଟ ସହରର ଅବସ୍ଥା,
ଆମରି ହାତରେ ସବୁ ଅଛି,
ମିଳିମିଶି ଦୂର କରନ୍ତେନି ଦୁର୍ଦ୍ଦଶା ।

**ସହକାରୀ.ପ୍ରୋ.ହୀରାକୁଦ, ସମ୍ବଲପୁର**

### ବାହୁଡ଼ା ବେଳ



**ପ୍ରତିଭା ପରିଡ଼ା**

ତୁମେ ଝଲସୁଛ
ଝଲମଲ ରତ୍ନବେଦୀ ପରେ
ସ୍ୱର୍ଣ୍ଣ ଛତ୍ରୀ ହୀରକ ମଣ୍ଡଣିରେ...
ମୁଁ ଲୁହ ଝାଳ ଜୁଡୁବୁଡୁ
କାକୁସ୍ଥ ପ୍ରଜାଟିଏ,
ହାତ ଯୋଡି ଛିଡ଼ା ହେଲି
ତୁମ ସିଂହଦ୍ୱାର ପାହାଚର ତଳେ...

ତୁମର ଆଚ୍ଛନ୍ନ ଦୃଷ୍ଟି
ମୋଠାରେ ପହଁରି ପହଁରି ଆସିବା ବେଳେ,
ମୁଁ ବିବ୍ରତ ହୋଇ ପଡିଲି
ତୁମର ସେଇ ମୁଗ୍ଧ କଥାକୁହା ଚାହାଣୀରେ,
ସବୁ ଭଲ ତ !
ଭଲରେ ଭଲରେ ବାହୁଡିଲ ତ !
କେମିତି ବିତିଲା କୁହ
କବିତାର ଦିନ ?
କେମିତି କଟିଲା କୁହ,
ସାଲାଇନ୍ ଅକସିଜେନର ଜୀବନ ?
ଚାକିରିରେ ଟ୍ରାନସଫର ଆଉ ପ୍ରମୋସନ୍?
କେମିତି ସରିଲା କୁହ,
କଦମ୍ବ କୁଞ୍ଜର ରାସ
ପୁଣି ଟଳମଟଳ ମାଟିରେ
ତୁମ ହିସାବୀ ଓ ବେହିସାବୀ ପଣ---
ମୁଁ ନିଜକୁ ସମ୍ଭାଳୁଥିଲି...
ସ୍ତୁତି ଗାନ କରୁଥିଲି...
ମନ୍ତ୍ରପାଠ ପଢୁଥିଲି...
ସମ୍ରାଟ୍ !
'ପେଟରେ ଭୋକ,
ମୁହଁରେ ଲାଜ ଯାହା,
ଚାହୁଁ ଚାହୁଁ ବେଳ ବୁଡିଗଲା ...
ପଦ୍ମନାଭ ଖୋଜୁ ଖୋଜୁ
ଜାଣି ପାରିଲିନି,
କେତେ ତାଳ ପାଣି ଘୁଞ୍ଚି ଗଲା !...

ତୁମେ ହସୁଥିଲ...
ମୋର ସର୍ବାଙ୍ଗରେ କେଉଁ ଯୁଗର
ତୃଷ୍ଣାତୁର ଦୃଷ୍ଟି ଢାଳୁଥିଲ...
ମୋର ଥରଥର ଦେହକୁ
ତୁମ ରାଜଛତ୍ର ତଳେ ଢାଙ୍କି ଦେଇ,ଜାଣେନି
କେଉଁ ଏକ ଗୋପନ ଲାଳସାରେ
ମୋ ସାମ୍ନାରେ ମୋତେ ଆଢୁଆଳ କରି
ସିଂହ ଦର୍ଜା ପାରି ହୋଇଗଲ...

**ପାର୍କ ପାରାଡାଇଜ କଲୋନୀ,**
**ରଘୁନାଥପୁର, ନନ୍ଦନକାନନ ରୋଡ଼,**
**ଭାୟା–କିଟ୍ ଛକ, ଭୁବନେଶ୍ୱର –୨୪,**
**ମୋ–୮୯୧୭୬୦୩୪୨**

### ତୋ ପଣତ ଆଉ ନାହିଁ

**ହିମାଂଶୁ ଭୂଷଣ ସାହୁ**

କଣ୍ଟକେ ଚାଲି, ବିଛାଇଲୁ ପୁଷ୍ପର ଶେଯ,
ଉପାସେ ଜଳି, ଗଢ଼ିଲୁ ଜୀବନର ତେଜ,
ନିଜ ଲୁହ ପିଇ, ସଜାଇଲୁ ମୋ ସଜ,
ନିଜେ ଜଳି, ଦେଲୁ ମୋତେ ସୁଖ ଓ ମଉଜ ।

ଜଗତ ନିନ୍ଦିଲେ, ତୁ ହେଲୁ ପ୍ରାଚୀ,
ମୋତେ ଆଙ୍ଗୁଳି ଦେଖାଇଲେ, ହେଲୁ ରଣବୀର,
ମୋ ଦୁଃଖେ କମ୍ପୁଥିଲା ତୋ ଅନ୍ତର ଗମ୍ଭୀର,
ଆଜି ତୋ ବିନା ମୁଁ, ନିରାଶ୍ରୟ ଅଧୀର ।


ନିଶୀଥେ ଜାଗି, ରହୁଥିଲୁ ମୋ ପାଶେ,
ଅଖିଆ ଅପିଆ, ଲୁହ ଥିଲା ଆଖି ପାଶେ,
ନିଜ ବେଦନା ଭୁଲି, ପ୍ରାର୍ଥନା କଲୁ କି ଆଶେ ?
ଆଜି ତୋ ସେବା ନ କରି, ଜଳୁଛି ଅବିଶ୍ୱାସେ ।

ମୋ ଶୁଭ ଲାଗି, ଜଗନ୍ନାଥଙ୍କୁ ଡାକୁଥିଲୁ,
ଶେଷ ପ୍ରହରେ ମଧ, ମୋତେ ଚାହୁଁଥିଲୁ,
ମୋ ଏକ ଡାକରେ, ନିଶ୍ୱାସ ଫେରାଇ ଥିଲୁ ।

''ମାଆ' ବୋଲି ଡାକିଲି, ଫେରିଲା ନିଶ୍ୱାସ,
ଚାହିଁଲୁ ମୋ ମୁହଁ, ଥମିଗଲା ଶେଷ ଶ୍ୱାସ,
ସତେ କି ମୋ ଡାକ ଥିଲା ତୋର ଶେଷ ବିଶ୍ୱାସ ?
ପଣତ ହଟିଗଲା– ଶୂନ୍ୟ ହେଲା ମୋ ଆକାଶ ।

**ସିପୁରା,ମାହାଙ୍ଗା,**
**କଟକ**





# ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ

## (ମଣିଷର ମନ ଭିତରେ ଚାଲିଥିବା ତିନୋଟି ଯାତ୍ରା)



**ପ୍ରଭାକର ସାହୁ**

ମଣିଷର ଜୀବନ କେବଳ ଦେଖିବା ଓ ବଞ୍ଚିବାର ଯାତ୍ରା ନୁହେଁ, ଏହା ବୁଝିବାର ଏକ ଅନନ୍ତ ପ୍ରୟାସ । ଆକାଶକୁ ଚାହିଁ ଆଦିମ ମଣିଷ ଯେଉଁଦିନ ପ୍ରଥମେ ପଚାରିଥିଲା–ଏହା କ'ଣ?, ସେଦିନଠାରୁ ତାହାର ଚେତନାର ଯାତ୍ରା ଆରମ୍ଭ ହୋଇଥିଲା । ଅଜଣାକୁ ଜାଣିବା, ଅନିଶ୍ଚିତତା ମଧ୍ୟରେ ନିଶ୍ଚିତତାକୁ ଖୋଜିବା ଏବଂ ଜୀବନର ଅର୍ଥ ଅନ୍ୱେଷଣ କରିବାର ଏହି ଅବିରତ ପ୍ରୟାସରୁ ହିଁ ମଣିଷର ଅନେକ ବିଶ୍ୱାସ, ଧାରଣା, ପରମ୍ପରା ଓ ଦର୍ଶନ ଜନ୍ମ ହୋଇଛି ।

ଏହି ଦୀର୍ଘ ମାନବୀୟ ଯାତ୍ରାରେ ତିନୋଟି ଶବ୍ଦ ବାରମ୍ବାର ଆମ ସାମ୍ନାକୁ ଆସେ–ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ । ଏଗୁଡ଼ିକ କେବଳ ତିନୋଟି ଶବ୍ଦ ନୁହେଁ, ଏଗୁଡ଼ିକ ମଣିଷର ଚେତନାର ତିନୋଟି ଭିନ୍ନ ଅବସ୍ଥା । ଗୋଟିଏ ହୃଦୟକୁ ଆଶ୍ରୟ ଦିଏ, ଗୋଟିଏ ବୁଦ୍ଧିକୁ ପ୍ରଶ୍ନ କରିବାକୁ ଶିଖାଏ, ଆଉ ଗୋଟିଏ ପ୍ରଶ୍ନର ଦ୍ୱାରକୁ ବନ୍ଦ କରିଦିଏ ।

ମଣିଷ ଯେତେ ଜ୍ଞାନୀ ହେଉନା କାହିଁକି, ତାହାର ଜୀବନର ଏକ ବଡ଼ ଅଂଶ ଅନିଶ୍ଚିତତାରେ ଘେରା । ଆସନ୍ତାକାଲି କ'ଣ ହେବ, ଆମର ପ୍ରୟାସର ଫଳ କ'ଣ ହେବ, କିଏ ଆମ ସହ ରହିବ–ଏସବୁର ନିଶ୍ଚିତ ଉତ୍ତର ମଣିଷ ପାଖରେ ନାହିଁ । ତଥାପି ସେ ଆଗକୁ ବଢ଼େ । କାରଣ, ତାହା ଭିତରେ ରହିଛି ବିଶ୍ୱାସ ।

ଜଣେ ମା' ନିଜ ସନ୍ତାନର ଭବିଷ୍ୟତରେ ବିଶ୍ୱାସ ରଖନ୍ତି । ଜଣେ ଯୁବକ ନିଜ ସ୍ୱପ୍ନରେ ବିଶ୍ୱାସ କରି ଅଜଣା ପଥରେ ଆଗେଇ ଚାଲେ । ଜଣେ ଚାଷୀ ମାଟିରେ ବୀଜ ପୋତି ଆକାଶକୁ ଚାହିଁ ଅପେକ୍ଷା କରେ । ବୀଜଟି ନିଶ୍ଚିତ ଭାବେ ଅଙ୍କୁରିତ ହେବ–ଏହାର ପ୍ରମାଣ ତା' ପାଖରେ ନଥାଏ, ତଥାପି ତା'ର ବିଶ୍ୱାସ ଥାଏ । ସେହି ବିଶ୍ୱାସ ହିଁ ତାକୁ ମାଟି ସହ ଲଢ଼ିବାକୁ, ଋତୁ ସହ ଚାଲିବାକୁ ଏବଂ ଆଗାମୀ ଫସଲର ସ୍ୱପ୍ନ ଦେଖିବାକୁ ଶକ୍ତି ଦିଏ ।

ବିଶ୍ୱାସ ତେଣୁ କେବଳ ଏକ ଧାରଣା ନୁହେଁ ଏହା ଏକ ମାନସିକ ଶକ୍ତି । ନିଜ ଉପରେ ବିଶ୍ୱାସ ଆତ୍ମବିଶ୍ୱାସରେ, ଅନ୍ୟ ଉପରେ ବିଶ୍ୱାସ ସମ୍ପର୍କରେ, ଆଉ ଭବିଷ୍ୟତ ଉପରେ ବିଶ୍ୱାସ ଆଶାରେ ପରିଣତ ହୁଏ । ପରିବାର, ବନ୍ଧୁତ୍ୱ, ସାମାଜିକ ସହଯୋଗ, ବ୍ୟବସାୟ ଓ ଶାସନ ବ୍ୟବସ୍ଥା–ସବୁକିଛିର ମୂଳରେ କିଛି ନା କିଛି ବିଶ୍ୱାସ ରହିଛି ।

କିନ୍ତୁ ବିଶ୍ୱାସର ମଧ୍ୟ ଏକ ସୀମା ଅଛି । ବିଶ୍ୱାସ ଯେତେବେଳେ ବିବେକ ସହ ହାତ ମିଳାଏ, ସେତେବେଳେ ଏହା ଆଲୋକ ବିବେକଠାରୁ ବିଚ୍ଛିନ୍ନ ହେଲେ, ସେହି ଆଲୋକ ଧୀରେ ଧୀରେ ଅନ୍ଧକାରରେ ପରିଣତ ହୋଇପାରେ ।

ଅବିଶ୍ୱାସ, ପ୍ରଶ୍ନର ଦୀପ । ଅବିଶ୍ୱାସକୁ ଆମେ ପ୍ରାୟତଃ ନକାରାତ୍ମକ ଅର୍ଥରେ ବ୍ୟବହାର କରୁ । କିନ୍ତୁ ଅବିଶ୍ୱାସର ଏକ ସୁସ୍ଥ ଓ ସୃଜନଶୀଳ ରୂପ ମଧ ରହିଛି, ତାହା ହେଉଛି–ପ୍ରଶ୍ନ କରିବାର ସାହସ ।

ଏହା ସତ କି?, କାହିଁକି ଏପରି ହୁଏ?, ଏହାର ପ୍ରମାଣ କ'ଣ?–ଏହି ପ୍ରଶ୍ନଗୁଡ଼ିକ ହିଁ ଜ୍ଞାନର ଦ୍ୱାର ଖୋଲିଥାଏ । ବିଜ୍ଞାନର ମୂଳରେ ଏହି ପ୍ରଶ୍ନ କରିବାର ସାହସ ରହିଛି । ପ୍ରଚଳିତ ଧାରଣାକୁ ପ୍ରଶ୍ନ କରିବା, ପର୍ଯ୍ୟବେକ୍ଷଣ କରିବା, ପ୍ରମାଣ ମିଳିଲେ ନିଜ ମତ ପରିବର୍ତ୍ତନ କରିବା–ଏହା ହିଁ ବୈଜ୍ଞାନିକ ଚେତନାର ମୂଳ ସ୍ୱଭାବ ।

ମଣିଷର ପୃଥିବୀ ଓ ମହାକାଶ ସମ୍ପର୍କୀୟ ଧାରଣାର ପରିବର୍ତ୍ତନ ଏହାର ଏକ ଉଜ୍ଜ୍ୱଳ ଉଦାହରଣ । ଯାହାକୁ ଏକ ସମୟରେ ଅପରିବର୍ତ୍ତନୀୟ ସତ୍ୟ ଭାବେ ଗ୍ରହଣ କରାଯାଉଥିଲା, ତାହାକୁ ପ୍ରଶ୍ନ କରିବାରୁ ହିଁ ଜ୍ଞାନର ନୂଆ ଦିଗ ଖୋଲିଥିଲା । ଅର୍ଥାତ୍, ଜ୍ଞାନର ଯାତ୍ରା କେବଳ ଉତ୍ତର ଖୋଜିବାର ଯାତ୍ରା ନୁହେଁ ଏହା ଠିକ୍ ପ୍ରଶ୍ନ ଖୋଜିବାର ମଧ୍ୟ ଏକ ଯାତ୍ରା ।

ବ୍ୟକ୍ତିଗତ ଜୀବନରେ ମଧ୍ୟ ସୁସ୍ଥ ସନ୍ଦେହ ଆମକୁ ଠକେଇ, ଭ୍ରାନ୍ତ ସୂଚନା ଓ ବିପଦରୁ ସୁରକ୍ଷା ଦେଇପାରେ । କିନ୍ତୁ ସବୁକିଛିକୁ ସନ୍ଦେହ କରିବା ଯଦି ଅଭ୍ୟାସରେ ପରିଣତ ହୁଏ, ତେବେ ମଣିଷ ଧୀରେ ଧୀରେ ବିଶ୍ୱାସ କରିବାର କ୍ଷମତା ହରାଇଥାଏ । ତେଣୁ ଆବଶ୍ୟକ ଅନ୍ଧ ଅବିଶ୍ୱାସ ନୁହେଁ ଆବଶ୍ୟକ ବିବେକସମ୍ମତ ପ୍ରଶ୍ନ ।

ଅନ୍ଧବିଶ୍ୱାସ, ଯେଉଁଠାରେ ପ୍ରଶ୍ନ ମରିଯାଏ – ଅନ୍ଧବିଶ୍ୱାସ ହେଉଛି ସେହି ଅବସ୍ଥା, ଯେଉଁଠାରେ ବିଶ୍ୱାସ ନିଜର ଆଖି ହରାଇଦିଏ । ସେଠାରେ ଆସ୍ଥା ଅଛି, କିନ୍ତୁ ଅନୁସନ୍ଧାନ ନାହିଁ ଧାରଣା ଅଛି, କିନ୍ତୁ ପ୍ରମାଣ ନାହିଁ, ଅନୁସରଣ ଅଛି, କିନ୍ତୁ ପ୍ରଶ୍ନ ନାହିଁ ।

ଅନ୍ଧବିଶ୍ୱାସର ସବୁଠାରୁ ବଡ଼ ଆଧାର ହେଉଛି ଭୟ । ଅଜଣାକୁ ବୁଝିପାରିନଥିବା ମଣିଷ ଅନେକ ସମୟରେ ତାହାକୁ ଅଲୌକିକ କାରଣ ସହ ଯୋଡ଼ିଦିଏ, ଯେଉଁଠାରେ ଜ୍ଞାନର ଆଲୋକ କମ୍, ସେଠାରେ ଭୟର ଛାୟା ଅଧିକ ଲମ୍ବା ହୋଇଯାଏ । ଆଉ ସେହି ଛାୟା ମଧ୍ୟରେ ଅନ୍ଧବିଶ୍ୱାସ ନିଜର ଘର ତିଆରି କରେ ।

ସମସ୍ୟା ସେତେବେଳେ ଗଭୀର ହୁଏ, ଯେତେବେଳେ କେହି ଏହି ଭୟକୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରେ । ଡାହାଣୀ ସନ୍ଦେହରେ ନିରୀହ ମହିଳାଙ୍କୁ ନିର୍ଯାତନା, ଗୁଣିଗାରେଡ଼ି ନାମରେ ଶୋଷଣ, ରୋଗର ବୈଜ୍ଞାନିକ ଚିକିତ୍ସାକୁ ଏଡ଼ାଇବା, ଅଲୌକିକ ଉପାୟରେ ଭାଗ୍ୟ ବଦଳାଇବାର ଆଶା–ଏସବୁ ଅନ୍ଧବିଶ୍ୱାସର ଦୁଃଖଦ ପରିଣାମ ।

ଏଠାରେ ଅନ୍ଧବିଶ୍ୱାସ ଆଉ କେବଳ ଏକ ଭୁଲ୍ ଧାରଣା ରହେ ନାହିଁ ଏହା ମଣିଷର ଜୀବନ, ମର୍ଯ୍ୟାଦା ଓ ସ୍ୱାଧୀନ ଚିନ୍ତା ଉପରେ ଆକ୍ରମଣରେ ପରିଣତ ହୁଏ । ଯେଉଁଠାରେ ପ୍ରଶ୍ନ କରିବାର ଅଧିକାର ହରାଇଥାଏ, ସେଠାରେ ମଣିଷ ନିଜ ଚେତନାର ମାଲିକ ରହେ ନାହିଁ ।

ପ୍ରଶ୍ନ ହେଉଛି ପରମ୍ପରା ଉତ୍ତରାଧିକାର ନା ବନ୍ଧନ? ଆମ ସମାଜରେ ପରମ୍ପରାର ଏକ ବିଶେଷ ସ୍ଥାନ ରହିଛି । କିନ୍ତୁ ପ୍ରତ୍ୟେକ ପୁରୁଣା ପ୍ରଥା ସତ୍ୟ ନୁହେଁ, ଆଉ ପ୍ରତ୍ୟେକ ପୁରୁଣା ପ୍ରଥା ଭୁଲ୍ ମଧ୍ୟ ନୁହେଁ ।

ପରମ୍ପରା ହେଉଛି ଅତୀତରୁ ବର୍ତ୍ତମାନକୁ ଆସିଥିବା ଏକ ସାଂସ୍କୃତିକ ସ୍ମୃତି । ତାହାରେ ଜ୍ଞାନ ଅଛି, ଅନୁଭବ ଅଛି, ସୌନ୍ଦର୍ଯ୍ୟ ଅଛି ପୁଣି ସମୟ ସହ ଅର୍ଥହୀନ ହୋଇଯାଇଥିବା କେତେକ ପ୍ରଥା ମଧ୍ୟ ଅଛି । ତେଣୁ ପରମ୍ପରାକୁ ସମ୍ମାନ କରିବାର ଅର୍ଥ ତାହାକୁ ପ୍ରଶ୍ନହୀନ ଭାବେ ଅନୁସରଣ କରିବା ନୁହେଁ ।

ଅତୀତକୁ ସମ୍ମାନ କରିବା ଓ ଅତୀତର ବନ୍ଦୀ ହୋଇ ରହିବା–ଏହି ଦୁଇଟି ଏକ କଥା ନୁହେଁ । ଯେଉଁ ପରମ୍ପରା ମଣିଷକୁ ଯୋଡ଼େ, ମାନବିକ କରେ ଓ ଜୀବନକୁ ସମୃଦ୍ଧ କରେ, ତାହାକୁ ରକ୍ଷା କରିବା ଦରକାର । କିନ୍ତୁ ଯେଉଁ ପ୍ରଥା ମଣିଷକୁ ଅପମାନିତ କରେ, ଭୟରେ ବାନ୍ଧି ରଖେ କିମ୍ବା ଶୋଷଣ କରେ, ତାହାକୁ ଛାଡ଼ିବା ହିଁ ପ୍ରକୃତ ସଂସ୍କାର ।

ଏକ ସୁସ୍ଥ ସମାଜରେ ଶିଶୁକୁ କେବଳ 'କ'ଣ ଭାବିବାକୁ ହେବ' ତାହା ନୁହେଁ, 'କାହିଁକି ଭାବିବାକୁ ହେବ' ଓ 'କିପରି ଭାବିବାକୁ ହେବ'–ତାହା ମଧ୍ୟ ଶିଖାଇବା ଆବଶ୍ୟକ ।

ପ୍ରଶ୍ନ କରୁଥିବା ଶିଶୁ ବେଳେବେଳେ ବଡ଼ମାନଙ୍କ ପାଇଁ ଅସୁବିଧାଜନକ ମନେ ହୋଇପାରେ କିନ୍ତୁ ସେହି ପ୍ରଶ୍ନ ହିଁ ଆଗାମୀ ଦିନର ନୂଆ ଜ୍ଞାନର ଆଧାର ହୋଇପାରେ, ଯେଉଁ ସମାଜ ପ୍ରଶ୍ନକୁ ଭୟ କରେ, ସେହି ସମାଜ ଧୀରେ ଧୀରେ ଚିନ୍ତା କରିବାର କ୍ଷମତା ହରାଇଥାଏ ।

ଭାରତୀୟ ସମ୍ବିଧାନର ଧାରା ୫୧ଅ ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ଭାବେ ଉଲ୍ଲେଖ କରିଛି । ଏହା କେବଳ ସମ୍ବିଧାନର ଏକ ଧାରା ନୁହେଁ ଏହା ଏକ ଆଧୁନିକ, ଯୁକ୍ତିଶୀଳ ଓ ମାନବିକ ସମାଜ ପାଇଁ ଏକ ଚେତନାର ଆହ୍ୱାନ ।

ବିଶ୍ୱାସ ଆମକୁ ଆଗକୁ ବଢ଼ିବାର ସାହସ ଦିଏ । ପ୍ରଶ୍ନ ଆମକୁ ଠିଆ ହୋଇ ଭାବିବାର ସାହସ ଦିଏ । ଅନ୍ଧବିଶ୍ୱାସ ଆମକୁ ପ୍ରଶ୍ନ ବିନା ଅନୁସରଣ କରିବାକୁ ଶିଖାଏ । ତେଣୁ ମାନବ ପ୍ରଗତିର ପଥ ନା' ବିଶ୍ୱାସର ସମ୍ପୂର୍ଣ୍ଣ ଅସ୍ୱୀକାରରେ, ନା ଅବିଶ୍ୱାସର ଅନ୍ଧ ଅଭ୍ୟାସରେ ଏହା ନିହିତ ବିଶ୍ୱାସ ଓ ବିବେକସମ୍ମତ ପ୍ରଶ୍ନର ସୁସ୍ଥ ସନ୍ତୁଳନରେ ।

ଆମ ବିଶ୍ୱାସକୁ ଧ୍ୱଂସ କରିବାକୁ ହେବ ନାହିଁ । ବରଂ ତାହାକୁ ବିବେକ ସହ ଯୋଡ଼ିବାକୁ ହେବ । ଅବିଶ୍ୱାସକୁ ସବୁକିଛି ଅସ୍ୱୀକାର କରିବାର ଅସ୍ତ୍ର କରିବା ନୁହେଁ ତାହାକୁ ସତ୍ୟସନ୍ଧାନର ମାଧ୍ୟମ କରିବାକୁ ହେବ । ଅନ୍ଧବିଶ୍ୱାସର ବିରୋଧରେ ଆମର ସବୁଠାରୁ ବଡ଼ ଅସ୍ତ୍ର ହେଉଛି–ଶିକ୍ଷା, ବିଜ୍ଞାନ, ପ୍ରଶ୍ନ ଓ ମାନବିକତା ।

ଏକ ପରିପକ୍ୱ ସମାଜ ସେହି ସମାଜ, ଯେଉଁଠାରେ ଆସ୍ଥା ଅଛି, କିନ୍ତୁ ଅନ୍ଧତା ନାହିଁ ପରମ୍ପରା ଅଛି, କିନ୍ତୁ ପରମ୍ପରାର ବନ୍ଦୀତ୍ୱ ନାହିଁ ପ୍ରଶ୍ନ କରିବାର ସ୍ୱାଧୀନତା ଅଛି, କିନ୍ତୁ ଅଯୌକ୍ତିକ ଅବିଶ୍ୱାସ ନାହିଁ, ବିଜ୍ଞାନ ଅଛି, କିନ୍ତୁ ମାନବିକତା ହଜି ଯାଇନାହିଁ ।

ଶେଷ କଥା, ଆସ୍ଥା ରହୁ, ଅନ୍ଧତା ନୁହେଁ । ଶେଷରେ ପ୍ରଶ୍ନଟି ହୁଏତ ଏତିକି–
ଆମେ କ'ଣ ବିଶ୍ୱାସ କରୁଛୁ, ତାହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ–ଆମର ବିଶ୍ୱାସ ଆମକୁ କେମିତି ମଣିଷ କରୁଛି?


ଆମର ପ୍ରଶ୍ନଗୁଡ଼ିକ ଆମକୁ ସତ୍ୟର ନିକଟକୁ ନେଉଛି କି? ଆମର ବିଶ୍ୱାସ ଆମକୁ ଅଧିକ ମାନବିକ କରୁଛି କି? ଆମର ପରମ୍ପରା ଆମକୁ ଆଲୋକିତ କରୁଛି କି, ନା ଆମର ଆଖିକୁ ବାନ୍ଧି ରଖୁଛି?

ଏହି ପ୍ରଶ୍ନଗୁଡ଼ିକର ସତ୍ୟନିଷ୍ଠ ଉତ୍ତର ଖୋଜିବାର ଯାତ୍ରା ହିଁ ମାନବ ଚେତନାର ପ୍ରକୃତ ଯାତ୍ରା ।

ବିଶ୍ୱାସ ହୃଦୟକୁ ଆଶ୍ରୟ ଦେଉ,
ପ୍ରଶ୍ନ ବୁଦ୍ଧିକୁ ଜାଗ୍ରତ କରୁ,
ବିବେକ ଅନ୍ଧବିଶ୍ୱାସର ଅନ୍ଧକାରକୁ ଦୂର କରୁ–ଏବଂ ମଣିଷ ନିଜ ଚେତନାର ଆଲୋକରେ ନିଜ ପଥ ନିଜେ ଖୋଜୁ ।

**ମୋ–୯୪୩୯୬୫୪୨୨୨**

# ଦୁଷ୍ପ୍ରାପ୍ୟ ଚିକିତ୍ସା



**ସନ୍ତୋଷ କୁମାର ମିଶ୍ର**

ଗଳ୍ପ

ସମୟ ରାତି ପ୍ରାୟ ନଅଟା ହେବ ହଠାତ୍ ଗାଁ ଭିତରେ ଦଉଡା ଧାପଡା ଲାଗିଗଲା । କେହି ଜଣେ ଆସି ରାମଶଙ୍କରଙ୍କର ଘର ଦୁଆର ବାଡେଇଲା । ରାମଶଙ୍କର ସେତେବେଳେ ଖାଇ ବସିଥିଲେ । ଅଧାଖିଆରୁ ଉଠିଯାଇ ଦୁଆର ଖୋଲିଲେ । ରାମଶଙ୍କର ଦେଖିଲେ ସପନ ମଲିକ କାନ୍ଦକାନ୍ଦ ହୋଇ ଦୁଆରେ ଠିଆ ହେଇଛି । ରାମଶଙ୍କର ପଚାରିଲେ, କ'ଣ ହେଲା କିରେ ସପନି? ଏତେ ରାତିରେ ଡାକିଲୁ ଯେ ? ସପନି ତରବର ହେଇ ଯାହା କହିଗଲା ତାର ସାରମର୍ମ ହେଲା ତା'ର ବୋହୂର ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଛି । ଅନେକ ଥର ସେମାନେ ଗାଁରୁ ୧୦୨ ଆମ୍ବୁଲାନ୍ସକୁ ଫୋନ କଲେଣି । କିନ୍ତୁ ଗାଡି ଆସୁନି । ରାମଶଙ୍କର ବୁଝି ପାରୁନଥିଲେ ସହରତଳି ସେହି ଗାଁକୁ ଆମ୍ବୁଲାନ୍ସ ଠିକ୍ ସମୟରେ ନଆସିପାରିବାର କାରଣ କ'ଣ ? ଯାହାହେଉ ରାମଶଙ୍କର ଆଉଥରେ ତାଙ୍କ ମୋବାଇଲରୁ ଫୋନ କଲେ । ଉତ୍ତର ଆସିଲା ଆମ୍ବୁଲାନ୍ସ ଗାଡି ଗଲାଣି ଅପେକ୍ଷା କରନ୍ତୁ । ଅଳ୍ପ ସମୟ ଭିତରେ ପହଞ୍ଚିଯିବ । ସମସ୍ତେ ପ୍ରସ୍ତୁତ ହେଇ ସାରିଥିଲେ । ଆଶା କର୍ମୀଙ୍କ ସମେତ ଗାଁରୁ ଦୁଇଜଣ ସ୍ୱୟଂସହାୟକ ଗୋଷ୍ଠୀ ମହିଳା ବାହାରି ଥାଆନ୍ତି । ସପନି ବୋହୁର ସହାୟତା ପାଇଁ ତା' ସହିତ ଡାକ୍ତରଖାନାକୁ ଯିବାକୁ ।

ଆମ୍ବୁଲାନ୍ସ ଆସି ପହଞ୍ଚିଲା । ସମସ୍ତେ ଗାଡି ପାଖକୁ ଦଉଡି ଗଲାପରେ ଡ୍ରାଇଭର ବାବୁ କହିଲେ ଟଙ୍କା ୬୦୦ ଦେଲେ ଗାଡିରେ ତେଲ ପଡିବ । ନହେଲେ ଗାଡି ଯାଇପାରିବନି । ଲୋକମାନେ ବହୁତ ନେହୁରା ହେଉଥାଆନ୍ତି । ରାମଶଙ୍କର ଗାଡିର ଡ୍ରାଇଭରଙ୍କୁ କହିଲେ ଆପଣ ପଇସା କାହିଁକି ମାଗୁଛନ୍ତି । ଏହା ତ ସରକାରଙ୍କ ତରଫରୁ ମାଗଣା ସେବା ଯୋଗାଇ ଦେବାର ବ୍ୟବସ୍ଥା । ଉତ୍ତର ଆସିଲା ସରକାରଙ୍କୁ ଡାକ ସେ ଆସି ଡାକ୍ତରଖାନା ନେଇଯିବେ । ଆଉ କାହା କଥାକୁ ଅପେକ୍ଷା ନକରି ଆମ୍ବୁଲାନ୍ସ ଫେରିଗଲା । ଶେଷରେ ଗାଁ ଲୋକେ ପାଖ ଗାଁ'ରୁ ଗୋଟେ ଅଟୋରିକ୍ସା ଡାକି ପ୍ରସୂତି ମହିଳାକୁ ଡାକ୍ତରଖାନାକୁ ନେବାର ପ୍ରୟାସ କଲେ ।

ଯାଉ ଯାଉ ଅନେକ ସମୟ ଡେରି ହେଇଗଲା । ଅଧାବାଟରେ ପ୍ରସୂତି ମହିଳାଜଣକ ଗୋଟିଏ ପୁତ୍ର ସନ୍ତାନକୁ ଜନ୍ମ ଦେଲେ । ଡାକ୍ତରଖାନାରେ ପହଞ୍ଚିଲା ବେଳକୁ ରାତି ଦୁଇଟା କେହି କୁଆଡେ ଦିଶୁ ନାହାନ୍ତି । ସମସ୍ତେ ମିଶିମାଶି ପ୍ରସୂତିକୁ ବୋହିନେଲେ ଡାକ୍ତରଖାନ ଭିତରକୁ । ଯା ହେଉ ଜଣେ ସେବିକା ଦିଦି ସେ ବାଟେ ଯାଉଥିଲେ ନିଜ ଡ୍ୟୁଟି ରୁମକୁ, ତାଙ୍କ ନଜର ପଡିଗଲା ଏମାନଙ୍କ ଉପରେ । ସେ ସଙ୍ଗେସଙ୍ଗେ ତାଙ୍କର ଚିକିତ୍ସାର ବନ୍ଦୋବସ୍ତ କରାଇ ଦେଲେ । ରୋଗୀ ଓ ତା'ର ସାଥୀମାନଙ୍କର ମୁଣ୍ଡ ନଇଁଗଲା ସେ ଦିଦିଙ୍କ ପାଖରେ । ସେ ଥିଲେ ସେମାନଙ୍କ ପାଇଁ ସେହି ସମୟରେ ଦେବଦୂତ । ସକାଳୁ ଡାକ୍ତରବାବୁ ଆସି ଆନୁସଙ୍ଗିକ ପରୀକ୍ଷା କରିବା ପରେ ଘରକୁ ଫେରି ଆସିବାକୁ ଅନୁମତି ଦେଲେ ସେମାନେ ଆସିବାକୁ ବାହାରିବା ବେଳେ ସେହି ୱାର୍ଡ ଦାୟିତ୍ୱରେ ଥିବା କେତେ ଜଣ ଦିଦି ଆସି ପିଲାର ଲାହି କଟା ଫିସ୍ ବାବଦକୁ ୫୦୦ ଟଙ୍କା ଦେବାକୁ ପଡିବ ବୋଲି କହିଲେ । ଏମାନଙ୍କ ମଧରେ ଭାଳେଣି ପଡିଲା । କାରଣ ରାତିରେ ଔଷଧ ପତ୍ର ସବୁ କିଣି ସାରିବା ପରେ ତାଙ୍କ ପାଖରେ କିଛି ଟଙ୍କା ଆଉ ବଳକା ନଥିଲା । ଏଣେ ପଇସା ନପାଇବାରୁ କିଏ ନବଜାତ ଶିଶୁକୁ ବଦଳେଇ ଦେବାର ଧମକ ଦେଲା ତ କିଏ ଆଉ କଣ ବିଚରା ସପନିର କୌଣସି ଗୁହାରି ସେ ଦିଦିମାନଙ୍କୁ ଛୁଇଁଲା ନାହିଁ । ପାଖରେ ଠିଆ ହେଇଥିବା ଜଣେ ମହିଳା ଯିଏ ଅନ୍ୟ ଜଣେ ମହିଳାଙ୍କୁ ସାଙ୍ଗରେ ଧରି ଆସିଥିଲେ ଡକ୍ତରଖାନା ସବୁ ଶୁଣି ତାଙ୍କ ମୋବାଇଲରେ ରେକର୍ଡ କରିନେଲେ ଏମାନଙ୍କର କଥୋପକଥନ ଏବଂ ତାକୁ ସେହି ଦିଦିମାନଙ୍କୁ ଶୁଣେଇବା ଉଦ୍ଦେଶ୍ୟ ରଖି ଜୋର ଭଲ୍ୟୁମ୍ ଦେଇ ବଜେଇଲେ ଡାକ୍ତରଖାନ ଭିତରେ । ଦିଦିମାନେ ଏହାପରେ ଖୋଜିଲେ ମିଳିଲେନି ଭିତରେ । ସପନି ଆସିଲା ବେଳେ ବାରମ୍ବାର ଜୁହାର ହେଉଥିଲା ସରକାରଙ୍କ ମାଗଣା ଚିକିତ୍ସା ବ୍ୟବସ୍ଥାକୁ ।

**ଓଗାଳପଡା , ଜାଆଁଳା, ୭୫୨୦୫୪**
**ମୋ– ୮୧୪୪୧୪୫୨୯୧**

ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଖୁବ୍‌ଶୀଘ୍ର...

ସହ ଆୟୋଗଙ୍କ ଦ୍ୱାରା ଜାରି ସୂଚନା ମାଧ୍ୟମରେ ନିୟମିତ ଭାବେ ଅନୁଧ୍ୟାନ କରିବାକୁ ପରାମର୍ଶ ଦିଆଯାଇଛି । ପରୀକ୍ଷା କାର୍ଯ୍ୟସୂଚୀ ଏବଂ ଅନ୍ୟାନ୍ୟ ଆବଶ୍ୟକ ନିର୍ଦ୍ଦେଶ ନାମା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସୂଚନା ଚୂଡ଼ାନ୍ତ ହେବା ପରେ ଆୟୋଗ ପକ୍ଷରୁ ଅଧିକୃତ ଓ ସରକାରୀ ଯୋଗାଯୋଗ ମାଧ୍ୟମ ତଥା ଆୟୋଗଙ୍କ ୱେବ ସାଇଟରେ ପ୍ରକାଶ ପାଇବ । ଖୁବଶୀଘ୍ର ଏହା କାର୍ଯ୍ୟକ୍ଷମ ହେବାକୁ ଯାଉଛି । ପରୀକ୍ଷାର୍ଥୀମାନେ ଆୟୋଗଙ୍କ ସୂଚନାକୁ ଅପେକ୍ଷା କରିବା ଲାଗି ଅନୁରୋଧ କରାଯାଉଛି ।

## ବାତିଲ...

ବିକ୍ରି ଓ ଲିକ୍ ର୍ୟାକେଟ୍‌ରେ ସମ୍ପୃକ୍ତମାନଙ୍କୁ କଠୋର ଦଣ୍ଡ ମିଳିବ ବୋଲି ସେ ପଚାରିଛନ୍ତି ।

ନବୀନ ଉଲ୍ଲେଖ କରିଛନ୍ତି ଯେ ଗୋଟିଏ ପଟେ ସବ୍‌ଇନ୍ସପେକ୍ଟର ବ୍ୟାଚ୍ ପ୍ରଶିକ୍ଷଣ ଶେଷ କରି ନିଯୁକ୍ତି ପାଉଥିଲାବେଳେ ଅନ୍ୟପଟେ ହଜାର ହଜାର ଆଶାୟୀ ପେପର ଲିକ୍ ଯୋଗୁଁ ଅନିଶ୍ଚିତତାରେ ଅଛନ୍ତି । ମୁଖ୍ୟମନ୍ତ୍ରୀ ୧୩ତମ ବ୍ୟାଚ୍ ଏସ୍‌ଆଇ ଅଧିକାରୀମାନଙ୍କ ଦିକ୍ଷାନ୍ତ ସମାରୋହରେ ସଲାମୀ ଗ୍ରହଣ କଲେ । ଦୁଇବର୍ଷ ପ୍ରଶିକ୍ଷଣ ସାରି ଓଡ଼ିଶା ପୋଲିସରେ ଯୋଗ ଦେଇଥିବା ଏହି ୩୩୬ ଅଧିକାରୀଙ୍କ ନିଯୁକ୍ତି ପ୍ରକ୍ରିୟା ବିଜେଡି ସରକାରଙ୍କ ସମୟରେ ଆରମ୍ଭ ହୋଇଥିଲା । ନବନିଯୁକ୍ତ ଅଧିକାରୀମାନଙ୍କୁ ମୋର ଶୁଭେଚ୍ଛା । ନ୍ୟାୟିକ ବ୍ୟବସ୍ଥାକୁ ମଜଭୁତ କରିବା ସହ ଲୋକଙ୍କ ସେବାରେ ଦୃଢ଼ ସଙ୍କଳ୍ପ ନେଇ ସମସ୍ତେ କାର୍ଯ୍ୟ କରନ୍ତୁ । ହଜାର ହଜାର ଯୁବକ ଯୁବତୀ ପ୍ରାୟ ୧ବର୍ଷ ସମୟ ନଷ୍ଟ କରିସାରିଲେଣି । ଆଶାୟୀଙ୍କ ସ୍ୱପ୍ନ ଓ ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି । ଏହି ବିଳମ୍ବ ସେମାନଙ୍କ ଆତ୍ମବିଶ୍ୱାସକୁ ଦୁର୍ବଳ କରୁଛି । ସରକାରୀ ନିଯୁକ୍ତିରେ ନିରପେକ୍ଷତା ଓ ସ୍ୱଚ୍ଛତା ପ୍ରତି ଜନସାଧାରଣଙ୍କ ଭରସାକୁ ମଧ୍ୟ ଏହା କ୍ଷତି ପହଞ୍ଚାଇଛି । ସରକାର ତୁରନ୍ତ ପରୀକ୍ଷାର ପୂର୍ଣ୍ଣ ଆୟୋଜନ ନେଇ ବିଜ୍ଞପ୍ତି ପ୍ରକାଶ କରନ୍ତୁ ବୋଲି ନବୀନ ଉଲ୍ଲେଖ କରିଛନ୍ତି ।

## ଟନେଲରୁ...

ଲୁ ହାତିଓ ଉଦ୍ଧାର ହୋଇଛନ୍ତି । ଟନେଲ ମଧ୍ୟରୁ ଏବେ ସୁଦ୍ଧା ୩ ଜଣ ଉଦ୍ଧାର ହେଲେଣି । ଅଗଷ୍ଟ ୨୬ରେ ହୋଇଥିବା ହିମବାହର ସ୍ଖଳନରେ ପ୍ରାୟ ୯୦୦ ଲୋକ ଟନେଲ୍ ଭିତରେ ଥିବା ଆଶା କରାଯାଉଛି । ଉଦ୍ଧାରକାରୀ ଦଳ ମଧ୍ୟ ଆଉ ଦୁଇଜଣଙ୍କୁ ଟନେଲରୁ ଉଦ୍ଧାର କରିଥିଲେ । କାଦୁଅ ଓ ଧୁଳି ତାଙ୍କର ସମଗ୍ର ଶରୀର ଓ ପୋଷାକରେ ଲାଗି ରହିଛି । ନେପାଳ ବନ୍ୟାରେ ୧୩୪୪ ଜଣଙ୍କର ମୃତ୍ୟୁ ହୋଇଛି । ୫ହଜାରରୁ ଊର୍ଦ୍ଧ୍ୱ ଏବେବି ନିଖୋଜ ଅଛନ୍ତି । ଏକ ଯୁଗ୍ମ ଉଦ୍ଧାରକାରୀ ଦଳ ଯେଉଁଥିରେ ନେପାଳ ସେନା ଓ ବିଦେଶୀ ଉଦ୍ଧାରକାରୀ ଥିଲେ ସେମାନେ ଏହି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ସେହିଭଳି ଦୁଇ ନେପାଳୀ ଶ୍ରମିକଙ୍କୁ ତ୍ରିଶୁଳି ୩-ଏ ଜଳ ବିଦ୍ୟୁତ୍ କଳ୍ପରୁ ଉଦ୍ଧାର କରାଯାଇଥିଲା । ସେହିଭଳି ଜଣେ ୬୦ ବର୍ଷର ମହିଳାଙ୍କୁ ବିଦୁର୍ ମ୍ୟୁନିସିପାଲିଟି-୧୦ରୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଛି । ସଶସ୍ତ୍ର ପୋଲିସ ବାହିନୀ ୯ ଜଣ ସଦସ୍ୟ ଏହି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ ।

## ସ୍ୱତନ୍ତ୍ର...

ଗୋଟିଏ ଦିନ ପାଇଁ ତାଙ୍କୁ ହେପାଜତକୁ ନେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ତାଙ୍କ ନାମରେ ଗୁରୁତର ଅଭିଯୋଗ ରହିଛି । ସିଜେପି ନେତାଙ୍କ ସମେତ ସାଂସଦ ଚନ୍ଦ୍ରଶେଖର ଓ ପପୁ ଯାଦବ ସଂସଦ ମାର୍ଗ ଥାନା ସମ୍ମୁଖରେ ବିକ୍ଷୋଭ କରିଥିଲେ । ପୋଲିସ ତିନିଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବ ବୋଲି ବିକ୍ଷୋଭକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲା । ଭରଦ୍ୱାଜ ଏକ ପୋଡ଼କାଷ୍ଟ ଜରିଆରେ ପ୍ରତିବାଦକାରୀ ଛାତ୍ରୀଙ୍କ ବାପାଙ୍କ ମୁଣ୍ଡ ଫଟାଇଥିବା ନିଜେ ସ୍ୱୀକାର କରିଥିଲେ । ମାତ୍ର ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା । ଯେତେବେଳେ ତାଙ୍କ ନାମରେ ଏତଲା ହୋଇଥିଲା, ପୋଲିସ କୋହଳ ଦଫା ଲଗାଇଥିଲା । ଏବେ ପୋଲିସ ହତ୍ୟା ପାଇଁ ଉଦ୍ୟମ ଦଫା ଲଗାଇଥିବା ଜଣାପଡ଼ିଛି । ସ୍ୱତନ୍ତ୍ରଙ୍କ ବିରୋଧରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ ଅଭିଯୋଗ କରିଛନ୍ତି । ସ୍ୱତନ୍ତ୍ର ତାଙ୍କ ସ୍ୱୀକାରୋକ୍ତିରେ ଚିରାଗ ପାଶ୍ୱାନଙ୍କ ନାଁ ନେଇଥିଲେ । ଚିରାଗ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ତାଙ୍କ ନାମକୁ ସେ ଅପବ୍ୟବହାର କରିଛନ୍ତି ।

# ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଆଠଗଡ଼ ,(ସବ୍ୟ): ଆଠଗଡ଼ ଏନଏସି ଅନ୍ତର୍ଗତ ୧୬ ନମ୍ବର ଓ୍ୱାର୍ଡ ର ଜନୈକ ଯୁବକ ଆଜି ସକାଳେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ବୀର କିଶୋରପୁର ୧୬ ନମ୍ବର ଓ୍ୱାର୍ଡ ମୈତ୍ରୀନଗର ବାସିନ୍ଦା ପ୍ରଫୁଲ୍ଲ କୁମାର ସାହୁଙ୍କ ପୁଅ ଦୀପକ କୁମାର ସାହୁ(୩୬) ଭୁବନେଶ୍ୱର ବିଦ୍ୟୁତ ବିଭାଗରେ ଚାକିରୀ କରୁଥିବା ବେଳେ ପ୍ରତିଦିନ ସେ ଭୁବନେଶର ଯିବା ଆସିବା କରନ୍ତି । ଶୁକ୍ରବାର ବିଳମ୍ବିତ ରାତିରେ ଦୀପକ ଖାଇ ସାରି ବାହାରକୁ ଆସିଥିଲେ । ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜା ଖୋଜି କରିଥିଲେ । ଭୋର ସମୟରେ ଦୀପକ ଘର ନିକଟସ୍ଥ ଏକ ଗଛରେ ବେକରେ ରଶି ଲଗାଇ ଓହଳି ରହିଥିବା ଦେଖିବାକୁ ମିଳିଥିଲା । ପରିବାର ପକ୍ଷରୁ ଏ ସମ୍ପର୍କରେ ଆଠଗଡ଼ ଥାନାରେ ଖବର ଦେବା ପରେ ଦୀପକଙ୍କ ନିସ୍ତେଜ ଶରୀରକୁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା । ଡାକ୍ତର ସେଠାରେ ମୃତ ଘୋଷଣା କରିଥିବା ବେଳେ ପାରିବାରିକ କଳହରୁ ଦୀପକ ଆତ୍ମହତ୍ୟା କରିଥିବା କୁହାଯାଇଛି । ଆଠଗଡ଼ ଥାନାରେ ଅପମୃତ୍ୟୁ ମାମଲା ନଂ ୩୮/୨୬ ରୁଜୁ ହୋଇ ତଦନ୍ତ ଜାରି ରହିଛି ।

# ଗୋ ଚାଲାଣକାରୀଙ୍କୁ ଆଜୀବନ କାରାଦଣ୍ଡ

ଆଠଗଡ ,(ସବ୍ୟ):) ଆଠଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ ରାଜକୁମାର ଦାସ ଶନିବାର ଦିନ ଦୁଇ ଜଣ ଗୋ ଚୋରି ଏବଂ ବେଆଇନ ଗୋ ଚାଲାଣକାରୀଙ୍କୁ ଆଜୀବନ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି ।ଗତ ୧୯-୦୫-୨୫ ରେ ତିଗିରିଆ ପୋଲିସ ରାତ୍ରୀ କାଳୀନ ପେଟ୍ରୋଲିଂ ସମୟରେ ଖୁଣ୍ଟୁଣୀ ନରସିଂହପୁର ୬୫ ନଂ ରାଜ୍ୟ ରାଜପଥ ତିଗିରିଆ ଶାସନ ଛକରେ ଏକ ନମ୍ବର ବିହୀନ ବୋଲେରୋ ମାକ୍ସ ଗାଡି ରେ ଗୋଚାଲାଣ ହେଉଥିବା ଏବଂ ସେହି ଗାଡ଼ିକୁ ଏସକର୍ଟ କରି ଦୁଇ ବାଇକରେ ୪ ଜଣ ବ୍ୟକ୍ତିଙ୍କୁ ପୋଲିସ ଅଟକାଇଥିଲା । ଉକ୍ତ ଯୁବକମାନଙ୍କ ସହିତ ପୋଲିସ ର ଧସ୍ତାଧସ୍ତି ମଧ୍ୟରେ ଜଣେ ପୋଲିସ କର୍ମଚାରୀ ଆହତ ମଧ୍ୟ ହୋଇଥିଲେ ।

ଉକ୍ତ ଘଟଣାର ତଦନ୍ତ କରି ପୋଲିସ ସକିଲ ଖାନ ଏବଂ ତାଜଉଦ୍ଦିନ ଖାନ ଏବଂ ଅନ୍ୟ ତିନି ଜଣଙ୍କ ନାମରେ ତିଗିରିଆ ଥାନା କେସ ନଂ ୯୨/୨୦୨୫ ଅନୁସାରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା । ଉକ୍ତ ମାମଲାର ବିଚାର କଲାବେଳେ ଉକ୍ତ ଦୁଇ ଅଭିଯୁକ୍ତଙ୍କ ନାମରେ କଟକ ଜିଲ୍ଲାର ବିଭିନ୍ନ ଥାନାରେ ଅନୁରୂପ ଘଟଣା ଘଟାଇଥିବା ଜଣା ପଡିଥିଲା । ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଦଫା ୧୦୯ ଧାରାରେ ୧୦ ବର୍ଷ କାରାଦଣ୍ଡ ସହିତ ୫୦ ହଜାର ଟଙ୍କା ଜୋରିମାନା ଏବଂ ୧୧୧(୨) ବି ଧାରା ଅନୁସାରେ ଆଜୀବନ କାରାଦଣ୍ଡ ସହିତ ୫ ଲକ୍ଷ ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି ।ସରକାରଙ୍କ ତରଫରୁ ସରକାରୀ ଓକିଲ ଦେବାଶିଷ ସିଟ ଏବଂ ସୁଶାନ୍ତ କୁମାର ମିଶ୍ର ମାମଲା ପରିଚାଳନା କରିଥିଲେ ।

# ଭିଜିଲାନ୍ସ ପଞ୍ଝାରେ ଜଳ ନିକାଶ ଉପଖଣ୍ଡ ଅଧିକାରିଣୀ

ମହାକାଳପଡ଼ା ,(ସବ୍ୟ): କେନ୍ଦ୍ରାପଡା ଜଳ ନିକାଶ ଅଧିକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟ ଅଧୀନ ମହାକାଳପଡ଼ା ଉପଖଣ୍ଡ ଦାୟିତ୍ୱ ରେ ଥିବା ମହିଳାସହକାରୀ ଯନ୍ତ୍ରୀ ଅନୁପମା ସାହୁ ଭିଜିଲାନ୍ସ ପଂାରେ କାବୁ ହୋଇଥିବାର ଜଣାପଡିଛି ।ସୂଚନାରୁ ପ୍ରକାଶ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନରେ ଏସଫିମେଟର ଭାବେ କାର୍ଯ୍ୟ କରୁଥିବା ବେଳେ ମହାକାଳପଡ଼ା ଉପଖଣ୍ଡ ଅଧିକାରୀ କାର୍ଯ୍ୟରୁ ଅବସର ନେବା ପରେ ମହିଳା ଯନ୍ତ୍ରୀ ଉପଖଣ୍ଡରେ ଦାୟିତ୍ୱ ନ୍ୟସ୍ତ ହୋଇଥିଲେ । ଉପଖଣ୍ଡ ଅଧିକାରୀ ଭାବେ ଠିକାଦାରଙ୍କ ବିଲ କରାଇଦେବା ନେଇ ୩ଲକ୍ଷ ୧୫ହଜାର ଟଙ୍କା ଲାଞ୍ଚ ନେଇଥିଲେ । ଅଫିସ ଗାଡ଼ିରେ ଟଙ୍କା ବ୍ୟାଗ ନେଇ ଯିବା ବାଟରେ ପୂର୍ବ ପ୍ରସ୍ତୁତି ମୁତାବକ କଟକ ଭିଜିଲାନ୍ସ ଟିମ ମାର୍ଶାଘାଇସ୍ଥ କାର୍ଯ୍ୟାଳୟରୁ ଫଲୋ କରି କ୍ରସିଂ ନିକଟରେ ଅଫିସ ଗାଡି ସହିତ ଲାଞ୍ଚ ଟଙ୍କା ଜବତ କରିଥିଲା ଏତେ ପରିମାଣର ଟଙ୍କା ଅଫିସ ଗାଡ଼ିରେ ନେଇଯିବାର ସଠିକ ଉତ୍ତର ରଖିପାରିନଥିଲେ ମହିଳା ଯନ୍ତ୍ରୀ । ସନ୍ଦେହ ଜନକ ଅବସ୍ଥାରେ ଭିଜିଲାନ୍ସ ଟିମ ମହିଳାସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ନୟନବିହାରସ୍ଥ ବାସଭବନରେ ଚଢ଼ାଉ ଜାରି ରଖିଛି ୫ ବେଆଇନ ଭାବେ ମହିଳା ଯନ୍ତ୍ରୀ ଅଫିସରୁ ଲକ୍ଷାଧିକ ଟଙ୍କା ଧରି ଅଫିସ ଗାଡ଼ିରେ ବାସଭବନକୁ ଯିବା ବାଟରେ ଭିଜିଲାନ୍ସ ଯାଞ୍ଚ କରିବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ଐତିହ୍ୟ ଦିବ୍ୟ ସିଂହ ପିସିସି ସମ୍ପାଦକ

କେନ୍ଦୁଝର (ସବ୍ୟ) : -ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଦ୍ୟ ପ୍ରକାଶିତ ରାଜ୍ୟସ୍ତରୀୟ କମିଟିରେ ରାଜ୍ୟ ସମ୍ପାଦକ ଭାବେ କେନ୍ଦୁଝରର ଐତିହ୍ୟ ଦିବ୍ୟ ସିଂହ ମନୋନୀତ ହୋଇଛନ୍ତି । ସେ ଆଗରୁ ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ, ଜିଲ୍ଲା ଯୁବ କଂଗ୍ରେସ ଉପ ସଭାପତି, ଜିଲ୍ଲା ସାମାଜିକ ଗଣମାଧ୍ୟମ ସଂଯୋଜକ, ରାଜ୍ୟ ସାମାଜିକ ଗଣମାଧ୍ୟମ ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିସାରିଛନ୍ତି । ସେ ଏହି ନିଯୁକ୍ତି ପାଇଁ ଅଖିଳ ଭାରତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଓଡ଼ିଶା ପ୍ରଭାରୀ ଲାଲ୍‌ଜୀ ଦେଶାଇ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା ଏବଂ ଜିଲ୍ଲା ସଭାପତି ମନୋଜ କୁମାର ଜେନାଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି ।

# ଜନ୍ମବାର୍ଷିକୀ ଅବସରରେ କଳସ ବନ୍ଦନ ଶୋଭାଯାତ୍ରା

ବାଲେଶ୍ୱର ,(ସବ୍ୟ): ସନ୍ଥ ଶିରୋମଣି ଗୁରୁ ଶ୍ରୀ ରବିଦାସଜୀଙ୍କ ୬୫୦ତମ ଜନ୍ମବାର୍ଷିକୀ ଅବସରରେ ବାଲେଶ୍ୱର ଜିଲ୍ଲାରେ ଆୟୋଜିତ ହୋଇଛି ଭବ୍ୟ "କଳସ ବନ୍ଦନ' ଶୋଭାଯାତ୍ରା ଓ ପବିତ୍ର ମାଟି କଳସ ବିତରଣ କାର୍ଯ୍ୟକ୍ରମ । ଗୁରୁ ରବିଦାସଙ୍କ ଜନ୍ମସ୍ଥାନ ବାରଣାସୀରୁ ଆସିଥିବା ପବିତ୍ର ମାଟିକୁ ନେଇ ଆୟୋଜିତ ଏହି ଶୋଭାଯାତ୍ରାରେ ଭକ୍ତି ଓ ଆଧ୍ୟାତ୍ମିକତାର ପରିବେଶ ସୃଷ୍ଟି ହୋଇଥିଲା ।ସଂକୀର୍ତ୍ତନ ମଣ୍ଡଳୀ ଓ ଭକ୍ତମାନଙ୍କ ଗହଣରେ ସିଦ୍ଧି କଲ୍ୟାଣ ମଣ୍ଡପରୁ ପବିତ୍ର ମାଟି କଳସକୁ ଶୋଭାଯାତ୍ରାରେ ଝାଡେଶ୍ୱର ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା । ପଥସାରା ଗୁରୁ ରବିଦାସଙ୍କ ଜୟଗାନ ଓ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା । ଝାଡେଶ୍ୱର ମନ୍ଦିର ପରିସରରେ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଏକ ଧାର୍ମିକ ସଭା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ରାଜ୍ୟସଂଯୋଜକ ତଥା ଯାଜପୁର ସାଂସଦ ରବିନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁ ରବିଦାସଙ୍କ ଜୀବନ, ଆଦର୍ଶ ଓ ସମାଜ ପ୍ରତି ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ପୂଜ୍ୟ ସନ୍ଥ ବାବାଜୀ ଆତ୍ମାନନ୍ଦ ମହାରାଜ, ଯୋଗାଚାର୍ଯ୍ୟ ଅନନ୍ତ ମୁନି, ଆଚାର୍ଯ୍ୟ ବିଜୟଜୀ, ଶ୍ରୀନିବାସ ପାଠୀଶର୍ମା, ପ୍ରଦୀପ କୁମାର ପତି, ମୁକୁନ୍ଦ ଦାସ, ଜିଲ୍ଲା ପ୍ରଭାରୀ ଗୌତମ ରାୟ, ରାଜ୍ୟ ଉପସଭାପତି ସିପ୍ରା ବାଜପେୟୀ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ପର୍ଶୁରାମ ପରିଡ଼ା, ଭଦ୍ରକ-ବାଲେଶ୍ୱର କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ଗଣେଶ ମହାପାତ୍ର ଓ ଅନ୍ୟତମ ସାଧାରଣ ସମ୍ପାଦକ ଅଂଶୁମାଧବ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥାଇ ସେମାନଙ୍କ ବକ୍ତବ୍ୟ ରଖିଥିଲେ । ସଭାକାର୍ଯ୍ୟକୁ ଏସ୍‌ସି ମୋର୍ଚ୍ଚା ସଭାପତି ସନ୍ତୋଷ ସେଠୀ ପରିଚାଳନା କରିଥିଲେ । ଟୋଲିର ଅନ୍ୟତମ ସଦସ୍ୟ ରାଜେଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

**AFFIDAVIT**

By virtue of this Affidavit, I, Kusuma Punji Daughter of Baikuntha Punji resident of Village Daihanpada, Anlajuba, Post- DARLIMUNDA, PS-Jonk Dist.Nuapada, (ODISHA) do hereby declare that my name has been incorrectly recorded as "Kushama Punji" in my Aadhaar Card. My correct name is "Kusuma Punji" and both the names refer to one and the same person. Henceforth, I shall be known and identified as "Kusuma Punji" for all purposes.

Kusuma Punji
Date: 02.09.2026
Place: Nuapada, Odisha.

**AFFIDAVIT**

I, Nesar Ahemad Ansari, S/O- Abdul Kayum, resident of Joda Market, Muslim Basti, Joda, Dist.- Keonjhar, Odisha, Pin- 758034 declare by this affidavit No- 903, Dtd.- 09.07.2026 that now onwards I shall be known as **Neshar Ahammad** for all future purposes.

Sd/- Neshar Ahammad

**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ. : Ref.SDMM/KUR/EP/2026-27/E-Procurement Tender Notice/10,ତା.02.09.2026ରିଖ

(1) ଟେଣ୍ଡର ସଂ.:81265208B

କ୍ର.ନଂ. 1 : ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 1216 KVA, 22.5 KV, AC 50 HZ, ମେନ୍ ଟ୍ରାନ୍ସଫର୍ମର (ଟାଇପ୍-ଇଟ୍-1216), ପରିମାଣ-1 ସେଟ୍ ।

(2) ଟେଣ୍ଡର ସଂ.:81255850A

କ୍ର.ନଂ. 2 : ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ମାନକ ଉପକରଣଗୁଡ଼ିକ ସହିତ 75 KV DC ଇମ୍ପଲସ୍ ଜେନେରେଟର, ପରିମାଣ-3 ସେଟ୍ ।

(3) ଟେଣ୍ଡର ସଂ.:81266323

କ୍ର.ନଂ. 3 : ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 15T EOT କ୍ରେନ୍‌ଗୁଡ଼ିକର ଯୋଗାଣ, ସଂସ୍ଥାପନ, ପ୍ରଚଳନ ଏବଂ ପ୍ରମାଣିତ କରିବା, ପରିମାଣ-1 ସେଟ୍ ।

ବନ୍ଦ ହେବା ତାରିଖ ଓ ସମୟ : ତା.28.09.2026 ରିଖ 1500 ଘଣ୍ଟିକା (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ) ।

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-415/R/26-27

**OFFICE OF THE SUPERINTENDING ENGINEER RURAL WORKS DIVISION, PADAMPUR**

25001/1082/2627

**1st Corrigendum to Tender call notice No. Online 04 of 2026-27**

A. Due to some unavoidable circumstances the critical dates have been changed as given below.

| Sl. No. | Schedule of dates | As per Tender call notice | As per 1st corrigendum |
|---|---|---|---|
| 1 | 2 | 3 | 4 |
| 1. | Date & Time of availability of bid document in the portal | 31.07.2026 at 10.00A.M | 05.09.2026 at 10.00A.M |
| 2. | Last date & Time for receipt of bids in the portal | 14.08.2026 upto 05.00P.M | 18.09.2026 upto 05.00P.M |
| 3. | Last date of seeking clarification | 30.07.2026 upto 05.00P.M | 17.09.2026 upto 05.00 P.M |
| 4. | Date & Time of bid opening | 17.08.2026 at 11.00A.M | 19.09.2026 at 11.00A.M |

All other terms and conditions remains unchanged.

Sd/- Superintending Engineer, Rural Works Division, Padampur

OIPR : 25001/25069/1/26-27/0008

**GOVERNMENT OF ODISHA : OFFICE OF THE SUPERINTENDING ENGINEER RURAL WORKS DIVISION, JAYAPUR**

25001/1080/2627

email - eerwdjeypore@gmail.com

Letter No. 4195 Date : 31.08.2026

**NATIONAL COMPETITIVE BIDDING THROUGH GePNICe Procurement Notice**

1. Name of the Work : Construction of Road Works - 35 Nos.
2. Class of Contractor : "D", "C", "B" Class & "A" Class of (Odisha PWD) or relevant class of other licensing authority.
3. Estimated Cost : Various from Rs. 44.49 Lakhs to Rs. 5.93 Lakhs (Approximately).
4. Details of projects : As per Annexure attached.

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender Clarification | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Jayapur | EERWDJYP - Online - 08/2026-27 | 07.09.2026 at 10.00 A.M. | 18.09.2026 up to 5.00 P.M. | 17.09.2026 up to 2.00 P.M. | 19.09.2026 at 11.00 A.M. | - |

5. The details of works can be seen from the website https://www.tendersodisha.gov.in
6. Any Corrigendum / Addendum will be displayed in the above e-tender website.

Sd/- Executive Engineer, Rural Works Division, Jayapur

OIPR : 25001/25160/1/26-27/0008

**OFFICE OF THE SUPERINTENDING ENGINEER R.W.S&S MECHANICAL DIVISION**

32001/798/2627

D2/24, MANCHESWAR INDUSTRIAL ESTATE BHUBANESWAR-10.
E-mail eemrwssbbsr9@gmail.com

**Tender Call Notice (TCN)**

**BID IDENTIFIACTION NO. SEMBBSR/14/2026-27.**

| | | | |
|---|---|---|---|
| 1 | The Executive Engineer, RWS&S Mechanical Division, Bhubaneswar, on behalf of Panchayati Raj & Drinking Water Department, Governor of Odisha invites tender in double cover system in ONLINE MODE only for Outsourcing experienced drilling personnel of RWS&S Mechanical Sub-Division, Phulbani for the year 2026-27. | | |
| 2 | Nature of work | : | Outsourcing experienced drilling personnel of RWS&S Mechanical Sub-Division, Phulbani for the year 2026-27 |
| 3 | Number of works | : | 01 (one) no |
| 4 | Estimated Cost | : | Rs. 11,86,848/- (Excluding GST) |
| 5 | Cost of Bid Document | : | Rs. 6,000/- (Non refundable) (Rupees six thousand) only |
| 6 | EMD | : | Rs.24,000/-(Rupees twenty four thousand) only |
| 7 | Availability of Bid Documents in the portal for Online Bidding | : | 11.09.2026 (10.00AM) to 30.09.2026. (06:00 PM) |
| 8 | Last day of seeking clarification | : | On or before dt. 19.09.2026 (Up to 05.00 P.M) |
| 9 | Last date/time for receipt of bid in the portal | : | 30.09.2026 (up to 5.00 PM) |
| 10 | Date and place of openings of bid | : | 03.10.2026 (12.30 P.M onwards in the office of the Undersigned) |
| 11 | The bidders have to participate in ONLINE Bidding only for which the bidder must possess compatible Digital Signature Certificate (DSC). Further details can be seen from the e-procurement portal http://tendersorissa.gov.in | | |

Executive Engineer, RWSS. Mech Division, Bhubaneswar

OIPR : 32001/32528/1/26-27/0009

**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟଜଳ ଯୋଗାଣ ଓ ପରିମଳଖଣ୍ଡ, ଭୁବନେଶ୍ୱର**
ପ୍ଲଟ ସଂଖ୍ୟା - ୧୨୧୪ (ଅଂଶ), ତପୋବନ, ଖଣ୍ଡଗିରି, ଭୁବନେଶ୍ୱର-୩୦

25001/1081/2627

**OFFICE OF THE SUPERINTENDING ENGINEER RURAL WATER SUPPLY AND SANITATION DIVISION, BHUBANESWAR.**
Plot no.-1214 (Part), Tapovan.Khandagiri. Bhubaneswar-30.
E-Mail: eebbsrrws@gmail.com

**REQUEST FOR PROPOSAL (RFP)**

**BID. No. 02/2026-27**

Superintending Engineer, RWS&S Division, Bhubaneswar on behalf of the Governor of Odisha invites request for proposal (RFP) in sealed single cover for engagement of 4 Nos. of Security Guard through manpower service provider on outsourcing basis under the jurisdiction of RWS&S Division, Bhubaneswar from registered and established private manpower service provider under EPF & ESI Act.

| | | |
|---|---|---|
| 1 | Nature of Assignment | Deployment of security guard 4 nos at Government Quarter No SGO-4, type -VIII, Unit-VI, Bhubaneswar of Hon'ble Minister, Rural development, Panchayatiraj & drinking water. Odisha through provider on outsourcing basis |
| 2 | No. of Item: | 01 (One) |
| 3 | Period of Contract | 1 Year |
| 4 | Cost of tender paper | Rs.4000.00 |
| 5 | Availability of RFP | 7.09.2026 to 17.09.2026 up to 3PM |
| 6 | Last date & time for submission of RFP | 17.09.2026 up to 3 PM |
| 7 | Last date & time for seeking clarification | 10.09.2026 up to 5.00 PM |
| 8 | Mode of submission of RFP | online |
| 9 | Date & time of opening of RFP: | Dt.18.09.2026 at 11.30 A.M in Office of the Superintending Engineer, RWS&S Division, Bhubaneswar |

Further details can be seen from the website https://www.tendersorissa.gov.in

Sd/- Superintending Engineer, RWS&S Division, Bhubaneswar

OIPR : 25001/25003/1/26-27/0015

**GOVERNMENT OF ODISHA**

32001/793/2627

Office of the Superintending Engineer, Kanupur Canal Division No. - II, AT / PO-Rimuli, Dist. - Keonjhar, PIN-758047.

**e- PROCUREMENT NOTICE**

**Bid Identification No. SE, KCD No. - II - 09 / 2026-27**

Email- eekcdvn2@gmail.com

| Sl. No. | Name of work | Approx. value of work. (Rs. in Lakh) | E.M.D./ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Construction of Missing Link i.e. Additional CD at RD 43580m of Kanupur Main Canal of Kanupur Irrigation project." | 96.02 | 96,030.00 | 10,000/- | 03 (Three) Calendar Months | "B" | Kanupur Canal Division No.-II, At/PO- Rimuli, Dist.-Keonjhar |
| 02 | "Construction of Missing Link i.e. Additional VRB at RD 55950m of Kanupur Main Canal of Kanupur Irrigation project." | 59.26 | 59,260.00 | 10,000/- | 03 (Three) Calendar Months | "B" | Kanupur Canal Division No.-II, At/PO- Rimuli, Dist.-Keonjhar |

| Procurement Officer | Bid Identification No. | Availability of tender online for bidding | | Date & time of opening of tender (Technical Bid) | Last Date of seeking clarification | Place of opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Canal Division No.-II, At/PO - Rimuli Dist.- Keonjhar | SE, KCD No.-II-09/ 2026-27 | 07.09.2026 From 10.00 Hours | 21.09.26 Up to 17.00 Hours | 22.09.26 at 11.00 Hours | 21.09.26 Up to 11.00 Hours | O/o the Superintending Engineer, Kanupur Canal Division No.II, At/PO- Rimuli, Dist.- Keonjhar |

Further details can be seen from the e-Procurement portal "https://www.tendersodisha.gov.in.

Sd/- Superintending Engineer, Kanupur Canal Division No.-II, Rimuli, Keonjhar, Odisha

OIPR : 32001/32269/1/26-27/0003

32001/800/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, UPPER INDRAVATI RIGHT CANAL DIVISION NO-I, MUKHIGUDA, KALAHANDI, ODISHA**

Email:eeuircd1@gmail.com

**TENDER CANCELLATION NOTICE**

The Tender for the 15 nos. of works invited Vide e-procurement Notice No. SE, UIRCD-I-01(1-15)/2026-27 dt-06.05.2026 of O/o the Superintending Engineer, Upper Indravati Right Canal Division No. 1, Mukhiguda is hereby cancelled on administrative ground.

Sd/- Superintending Engineer, U.I.R.C.D No. I, MUKHIGUDA

OIPR : 32001/32022/1/26-27/0005

32001/801/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, UPPER INDRAVATI RIGHT CANAL DIVISION NO-I, MUKHIGUDA, KALAHANDI, ODISHA**

Email:eeuircd1@gmail.com

**TENDER CANCELLATION NOTICE**

The Tender for the 1 no. of works invited Vide e-procurement Notice No. SE, UIRCD-I-03(01)/2026-27 dt-11.05.2026 of O/o the Superintending Engineer, Upper Indravati Right Canal Division No. 1, Mukhiguda is hereby cancelled on administrative ground.

Sd/- Superintending Engineer, U.I.R.C.D No. I, MUKHIGUDA

OIPR : 32001/32022/1/26-27/0006

**OFFICE OF THE DIVISIONAL FOREST OFFICER ATHAMALLIK FOREST DIVISION, ATHAMALLIK**

8001/293/2627

E-Mail ID: dfoathmallik@gmail.com Mob No.06763-254236

**Notification No.4247/5F** **Datcd.03.09.2026**

Sealed tenders are invited for the sale of 05 confiscated vehicles from the Athamallik Forest Division. Buyers can collect and submit application forms at the Athamallik Division Office between 07.09.2026 and 18.09.2026 from 11:00 AM and 1:30 PM on regular working days. The office will open the bids on 19.09.2026, at 11:00 AM. To see the full notification and details of the vehicles, please visit www.odishaforcst.in. The addendum and corrigendum, if any, will be published only on the website.

Sd/- Divisional Forest Officer, Athamallik Forest Division

OIPR : 8001/8125/1/26-27/0005

9001/138/2627

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

*****

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ତା. ୦୭.୦୯.୨୦୨୬ ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR : 9001/9001/1/26-27/0062

**Office of District Manager**
**Odisha State Civil Supplies Corporation Ltd. (OSCSC) Kalahandi**

7001/113/2627

Phone:9438200045

**District Website : https://kalahandi.odisha.gov.in**

Tender No. 2923 to 2944 Dt. 2.9.26

District Manager, OSCSC Ltd., Kalahandi invites tenders in Double Cover System through ONLINE MODE ONLY for the works below :

| | | | |
|---|---|---|---|
| 1 | Name of the work | : | Selection and Appointment of Transport Contractors for Transportation of Paddy from Mandi / PPCs to Rice Mill and CMR from Rice Mill to RRCs / Depots (within or outside district) for the KMS 2025-26 for 22 Clusters in Kalahandi District. |
| 2 | Availability of bid document in the portal | : | From 05.09.2026 |
| 3 | Last Date / Time for receipt of bids in the portal | : | Dt 23.09.2026 up to 5.30 PM |
| 4 | Date/Time of Opening of Technical Bid | : | Dt 24.09.2026 at 11.00 AM |
| 7 | Name and address of the Officer Inviting Tender | : | District Manager, OSCSC Ltd., Kalahandi |

The Tender documents and other details can be seen from the e-procurement portal https://tendersodisha.gov.in, https://oscsc.in and https://www.foododisha.in along with district website. Amendments/Corrigendum/Cancellation/Re-tender etc. if any shall be published only in above websites.

Sd/- District Manager, OSCSC Ltd., Kalahandi

OIPR : 7001/7068/1/26-27/0002

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୨, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୨୨୮ ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁ ଦିବସ

ଭୁବନେଶ୍ୱର (ସବ୍ୟୁ): ଗୁରୁ ନଥାଇ ଅରଜୁନ, କାହୁଁ ପାଇବ ସଦଜ୍ଞାନ। ବାସ୍ତବିକ ଏ ଉକ୍ତିଟି ଆମକୁ ସୂଚାଇଦିଏ ଯେ, ଗୁରୁଙ୍କ ବିନା ଜ୍ଞାନ ନାହିଁ। ସେ ଜ୍ଞାନର ଆଲୋକ ଓ ଶିକ୍ଷାର ପ୍ରତୀକ। ଗୁରୁଙ୍କ ଜ୍ଞାନ ଦାନରେ ଜୀବନ ହୁଏ ଆଲୋକିତ। ଯେ ଯେତେ ଗୁରୁଙ୍କ ପାଖରେ ସମର୍ପଣ ଭାବ ରଖିଛି, ସେ ସେତେ ଉଚ୍ଚ ସ୍ଥାନରେ ବା ଭଲ ମଣିଷ ହୋଇଛି। ତେଣୁ ଜ୍ଞାନ ଦାନ ହେଉଛି ସବୁଠାରୁ ଶ୍ରେଷ୍ଠ ଦାନ। ଗୁରୁ କେବଳ ପାଠ୍ୟ ପୁସ୍ତକର ଜ୍ଞାନ ଦିଅନ୍ତି ନାହିଁ। ବରଂ ଜୀବନ ଜିଇଁବାର ସଠିକ୍ ମାର୍ଗ ଦେଖାନ୍ତି। ଶିକ୍ଷା କେବଳ ଚାକିରି ପାଇବାର ମାଧ୍ୟମ ନୁହେଁ, ଜଣେ ବିଦ୍ୟାର୍ଥୀଙ୍କୁ ଦାୟିତ୍ୱବାନ୍, ନୈତିକ ଓ ମାନବୀୟ ମୂଲ୍ୟବୋଧ ସମ୍ପନ୍ନ ନାଗରୀକ ଭାବେ ଗଢି ତୋଳିବାରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ।ଶନିବାର କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଗୁରୁ ଦିବସ ଉତ୍ସବରେ ଏକଥା କହିଛନ୍ତି କିଟ୍ ଉଚ୍ଚ ମାଧ୍ୟମିକ



ବିଦ୍ୟାଳୟର ଚେୟାରମ୍ୟାନ୍ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡଃ. ଚିତ୍ତ ରଞ୍ଜନ ମିଶ୍ର। ଏହି କାର୍ଯ୍ୟ କ୍ରମରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ପରିଚଳନା କମିଟି ସଦସ୍ୟ, ଗୁରୁଜୀ ଗୁରୁମାଙ୍କ ସମେତ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଶିକ୍ଷାର ଗୁଣାତ୍ମକମାନ ବଜାୟ ରଖିବାରେ ଗୁରୁଜୀଗୁରୁମା ମାନଙ୍କର ଅଶେଷ ଭୂମିକା ରହିଛି। ସେଥିପାଇଁ ଚେୟାରମ୍ୟାନ ଡଃ. ଚିତ୍ତ ରଞ୍ଜନ ମିଶ୍ର ସର୍ବ ପ୍ରଥମେ ଗୁରୁଜୀ ଗୁରୁମାଙ୍କୁ ପୁଷ୍ପ, ଚନ୍ଦନ ଦେଇ ସ୍ୱାଗତ କରିବା ସହ ଦୀପ ବନ୍ଦନା ମଧ୍ୟ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡଃ. ତ୍ରିବିକ୍ରମ ଷଡଙ୍ଗୀ ସମସ୍ତ ଗୁରୁଜୀ ଗୁରୁମାଙ୍କୁ ଗୁରୁଦିବସର ଶୁଭେଚ୍ଛା ଜଣାଇବା ସହିତ କେକ୍ କାଟି ପରସ୍ପର ମିଠା ଖୁଆଇ ଉତ୍ସାହିତ କରିଥିଲେ। ଶିକ୍ଷକମାନେ ହିଁ ଦେଶର ଭବିଷ୍ୟତର କର୍ଣ୍ଣଧାରମାନଙ୍କୁ ଗଢିଥାନ୍ତି। ଯାହାଦ୍ୱାରା ଏକ ସମୃଦ୍ଧ ଓ ସଶକ୍ତ ରାଷ୍ଟ୍ର ଗଠିତ ହୋଇଥାଏ, କାରଣ ଜୀବନ ଜିଇଁବାର କଳା, ବ୍ୟାବହାରିକ ଦକ୍ଷତା ଓ ଚରିତ୍ର ଗଠନ ଉପରେ ଶିକ୍ଷକର ଶିକ୍ଷା ଆଧାରିତ ହୋଇଥାଏ ବୋଲି ଡଃ. ଷଡଙ୍ଗୀ ପିଲାମାନଙ୍କୁ କହିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଗୁରୁଜୀଗୁରୁମାଙ୍କୁ ପୁଷ୍ପଗୁଚ୍ଛ ଦେଇ, ପାଦଧୋଇ, ହଳଦୀ ଚନ୍ଦନ, ସିନ୍ଦୁର ଲଗାଇବା ସହ ଦୀପ ବୁଲାଇ ପୂଜା କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ମଧୁପାଟଣାରେ ଖୋଲିଲା ଆଡଭାନ୍ସଡ ଗ୍ରୋ ହେୟାର ଆଣ୍ଡ ଗ୍ଲୋସ୍କିନ୍ କ୍ଲିନିକ୍

ଭୁବନେଶ୍ୱର (ସବ୍ୟୁ): ସ୍ଥିତ ମଧୁପାଟଣା ଲିଙ୍କ ରୋଡରେ ଆଡଭାନ୍ସଡ ଗ୍ରୋ ହେୟାର ଆଣ୍ଡ ଗ୍ଲୋସ୍କିନ୍ କ୍ଲିନିକ୍ ଉଦଘାଟନ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଲିଉଡ ଅଭିନେତ୍ରୀ ଏଲିନା ସାମନ୍ତରାୟ, ସମ୍ମାନିତ ଅତିଥି ବ୍ରାଣ୍ଡର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସରନ ଭେଲ ଜୟରାମନ୍ ଯୋଗ ଦେଇଥିଲେ। ଉଦଘାଟନ ସମୟରେ ବ୍ରାଣ୍ଡର ଫ୍ରାଞ୍ଚାଇଜ୍ ପାର୍ଟନର ସାଇ କୃଷ୍ଣ ଧଳ ଉପସ୍ଥିତ ଥିଲେ। କଟକରେ ଆରମ୍ଭ ହୋଇଥିବା ଏହି ଶାଖାର ଶୁଭାରମ୍ଭ କେବଳ ବ୍ୟବସାୟିକ ସମ୍ପ୍ରସାରଣ ନୁହେଁ, ବରଂ ଲୋକଙ୍କୁ ଉତ୍କୃଷ୍ଟ ଯତ୍ନ ଓ ଉନ୍ନତମାନର ବେଲନେସ ସମାଧାନ ଯୋଗାଇବା ଦିଗରେ ଏକ ପ୍ରତିବଦ୍ଧତା ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଭାରତ ସମେତ ବିଶ୍ୱରେ ଏହାର କ୍ଲିନିକ୍ ସଂଖ୍ୟା ୨୦୦ରୁ ଅଧିକ ଶାଖା ରହିଛି। ୨୦୦ରୁ ଅଧିକ ସଫଳ କ୍ଲିନିକ୍ ମାଧ୍ୟମରେ ଲୋକଙ୍କ ବିଶ୍ୱାସ ହାସଲ କରିବା ସହ ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି କଟକରେ ଏହି ଅତ୍ୟାଧୁନିକ ସେବା ବିକଶିତ କରାଯାଇଛି। କ୍ଲିନିକରେ ପର୍କ୍ୟୁଟେନିୟସ୍ ଫୁଏ କେଶ ପ୍ରତିରୋପଣ , ଷ୍ଟେମ୍ ଏକ୍ସ ୨୭ ପ୍ରୋ, ପିଆରପି ପ୍ରୋ




ପ୍ଲସ୍, ଲେଜର ହେୟାର ଥେରାପି,ରେଗେନ ପ୍ରୋ ୯ ଭଳି ବିଭିନ୍ନ ଆଧୁନିକ ହେୟାର୍ ଟ୍ରିଟମେଣ୍ଟ ଉପଲବ୍ଧ ରହିଛି। ଏହା ସହ ହାଇଡ୍ରାଫେସିଆଲ,ଲେଜର,ବୋଟେକ୍ସ,ଫିଲର୍ସ,ଥ୍ରେଡ ଲିଫ୍ଟ ,ଫୁଲ ବଣ୍ଡି ଥେରାପି ଭଳି ଅନେକ ସେବା ଉପଲବ୍ଧ ରହିଛି। ଉପଲବ୍ଧ କରାଯାଇଛି। ଏହି କ୍ଲିନିକରେ ଚିକିତ୍ସା ସେବା ସହ ବାନ ପ୍ରୋ ନାମରେ ପ୍ରିମିୟମ୍ କେଶ ଓ ତ୍ୱଚା ଯତ୍ନ ଉତ୍ପାଦ ମଧ୍ୟ ଉପଲବ୍ଧ ରହିଛି। କ୍ଲିନିକରେ କରାଯାଉଥିବା ପ୍ରକ୍ରିୟାର ଫଳାଫଳକୁ ଉନ୍ନତ ଓ ଦୀର୍ଘସ୍ଥାୟୀ କରିବା ପାଇଁ ବାନ ପ୍ରୋ ଉତ୍ପାଦଗୁଡ଼ିକ

## ୩୦ ବର୍ଷରେ ରୁଚି ପ୍ରତିଭା ସମ୍ମାନ ସମାରୋହ

# ଶ୍ରେଷ୍ଠ ଓ ଶୀର୍ଷ ଓଡିଆଙ୍କୁ ରୁଚି ପ୍ରତିଭା ସମ୍ମାନ

କଟକ, (ସ୍ୱପ୍ର) : ସୁଦୀର୍ଘ ତିନି ଦଶନ୍ଧି ଧରି ରାଜ୍ୟ ଏବଂ ଦେଶର କୃତବିଦ୍ୟ ପ୍ରତିଭାମାନଙ୍କୁ ଗୋଟିଏ ମଞ୍ଚରେ ସମ୍ମାନିତ କରି ପ୍ରତିଭାପୂଜନ କ୍ଷେତ୍ରରେ ଏକ ନିଆରା ପରମ୍ପରା ସୃଷ୍ଟି କରିଥିବା ରୁଚି ପ୍ରତିଭା ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ହେବାକୁ ଯାଉଛି ଚଳିତବର୍ଷର ୩୦ତମ ରୁଚି ପ୍ରତିଭା ସମ୍ମାନ ସମାରୋହ। ସାନ୍ତାଳୀ ଭାଷାର ବିଶିଷ୍ଟ ଲେଖକ ତଥା ଆଦିବାସୀ ସଂସ୍କୃତିର ବର୍ଷୀୟାନ ଗବେଷକ ପଦ୍ମଶ୍ରୀ ଚରଣ ହେମ୍ବ୍ରମଙ୍କୁ ଚଳିତବର୍ଷ ପ୍ରଦାନ କରାଯିବ ସମ୍ମାନଜନକ ରୁଚି ଦେଶ ଗୋଠରବ ସମ୍ମାନ । ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ତଥା ରୁଚିର ପ୍ରତିଷ୍ଠାତାଙ୍କ ସ୍ମୃତିରେ ପ୍ରବର୍ତ୍ତିତ ପ୍ରଥମ ଡ. ଶରତ କୁମାର ସାହୁ ସ୍ମାରକୀ ସମ୍ମାନ ପ୍ରଦାନ କରାଯିବ ବିଶିଷ୍ଟ ଉଦ୍ୟୋଗପତି ଦିଲ୍ଲୀପ ରାୟଙ୍କୁ । ସଂଗୀତ ଗାୟନ କ୍ଷେତ୍ରରେ ଦେଶର ସୁକଣ୍ଠୀ ଗାୟିକା ତଥା ଚଳିତବର୍ଷର ଇଣ୍ଡିଆନ ଆଇଡ଼ଲ ବିଜୟିନୀ ବିଶିଷ୍ଟ କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ ନାୟକଙ୍କୁ ପ୍ରଦାନ କରାଯିବ ରୁଚି ଦେଶ ଜ୍ୟୋତି ସମ୍ମାନ । ଓଡ଼ିଶାରେ ଜୈବିକ କୃଷିର ବିକାଶ ଏବଂ ପରିବେଶର ସୁରକ୍ଷା ପାଇଁ ସମର୍ପିତା ଜନସେବୀ ସାବରମତୀଙ୍କୁ ରୁଚି ସେବା ଜ୍ୟୋତି ସମ୍ମାନ, ବିଶିଷ୍ଟ କ୍ରୀଡ଼ାବିତ୍ ତଥା ଭାରତୀୟ ମହିଳା ହକିର ପ୍ରାକ୍ତନ ଉପ ଅଧିନାୟିକା ଅଲମ୍ପିଆନ୍ ଦୀପ୍ ଗ୍ରେସ୍ ଏକ୍କାଙ୍କୁ ପ୍ରଦାନ କରାଯିବ ରୁଚି ବାରବାଟୀ




କ୍ରୀଡ଼ା ସମ୍ମାନ । ଚଳିତବର୍ଷ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଓଡ଼ିଶା ଟପର ହୋଇଥିବା ସାତ୍ତ୍ୱିକ ସତ୍ୟକାମ ଦେବତାଙ୍କୁ ରୁଚି ବିଦ୍ୟାସାଗର ସମ୍ମାନ ଏବଂ ରାଜ୍ୟର ମାଟ୍ରିକ ଟପର ଦୁଇ କୃତିବିଦ୍ୟାର୍ଥୀ ଆଶୁତୋଷ ନାୟକ ଏବଂ ପାର୍ଥସାରଥୀ ମହାନ୍ତଙ୍କୁ ରୁଚି ପ୍ରତିଭା ସମ୍ମାନରେ ସମ୍ମାନିତ କରାଯିବ ।

ଏହି ସମାରୋହରେ ଭାରତୀୟ ସେନାବାହିନୀର ପୂର୍ବତନ ସହ-ସେନାଧକ୍ଷ ତଥା ନୂଆଦିଲ୍ଲୀସ୍ଥିତ ସଶସ୍ତ୍ରବାହିନୀ ନ୍ୟାୟାଧିକରଣର ପ୍ରଶାସନିକ ସଦସ୍ୟ ଲେଫଟନାଣ୍ଟ ଜେନେରାଲ ଚଣ୍ଡୀପ୍ରସାଦ ମହାନ୍ତି ଉଦଘାଟକ, ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ମୁଖ୍ୟଅତିଥି ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ବିଶିଷ୍ଟ ଅତିଥି ଭାବେ ଯୋଗଦେବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି । ରାଜ୍ୟର ଖ୍ୟାତନାମା ଶିଳ୍ପୋଦ୍ୟୋଗ ରୁଚି ଫୁଡ୍‌ଲାଇନ ଦ୍ୱାରା ସଂସ୍ଥାପିତ ରୁଚି ପ୍ରତିଭା ଫାଉଣ୍ଡେସନ ପକ୍ଷରୁ ଆଗାମୀ ସେପେଟମ୍ବର ୧୨ ତାରିଖ ଦିନ କଟକର ଶହୀଦ ଭବନଠାରେ ସନ୍ଧ୍ୟା ପାଞ୍ଚଟାରେ ଆୟୋଜିତ ୩୦ତମ ରୁଚି ପ୍ରତିଭା ସମ୍ମାନ ସମାରୋହରେ ଦେଶର ଏହି ବିଶିଷ୍ଟ ପ୍ରତିଭାବାନ ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରାଯିବ ବୋଲି ଫାଉଣ୍ଡେସନ ପକ୍ଷରୁ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ରୁଚି ପ୍ରତିଭା ଫାଉଣ୍ଡେସନର ସଭାପତି ତଥା ରୁଚିର ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ସାହୁ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ରାଜ୍ୟରେ ଶିଳ୍ପପ୍ରଗତି ଓ ବିକାଶ ପାଇଁ ରୁଚି ଉଦ୍ୟୋଗ ଦୀର୍ଘ ୫୧ ବର୍ଷ ଧରି କାର୍ଯ୍ୟକରି ଆସୁଥିଲା ବେଳେ ପ୍ରତିଭା ଫାଉଣ୍ଡେସନ ପକ୍ଷରୁ ରାଜ୍ୟର ମେଧାବୀ ଛାତ୍ରଛାତ୍ରୀ, ଯୁବପ୍ରତିଭା ଏବଂ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରି ନିଜେ ଗୋଠରବାନ୍ୱିତ ହୋଇଛି । ଏହା ସହିତ ପ୍ରତିଭା ଚୟନ ଜରିଆରେ ପ୍ରଯୁକ୍ତି ବିଦ୍ୟା ଓ ଜ୍ଞାନକୋଠଶଳ କ୍ଷେତ୍ରରେ ନବସୃଜନ, ଯୁବ ଉଦ୍ୟୋଗୀ, କିଚେନ୍ କୁଇନ୍ ଓ କଳା ଓ ସଂସ୍କୃତି ବର୍ଗରେ ୪ଜଣ ଉଦୀୟମାନ ପ୍ରତିଭାଙ୍କୁ ଚୟନ କରାଯାଇ ରୁଚି ଦମଦାର ଓଡ଼ିଆ ସମ୍ମାନରେ ସମ୍ମାନିତ କରାଯିବା ନେଇ ସେ ଘୋଷଣା କରିଥିଲେ । ଏହି ଅବସରରେ ଫାଉଣ୍ଡେସନ ପକ୍ଷରୁ ଆମ ରୁଚିର ସ୍ୱତନ୍ତ୍ର ପ୍ରତିଭା ବିଶେଷାଙ୍କ ମଧ୍ୟ ଉନ୍ମୋଚିତ ହେବ । ପ୍ରତିଭା ସମାରୋହରେ ବିଶିଷ୍ଟ ପ୍ରତିଭାମାନଙ୍କୁ ଅଙ୍ଗବସ୍ତ୍ର ଓ ସମ୍ମାନଫଳକ ପ୍ରଦାନ ସହିତ ସମ୍ମାନିତ କରାଯିବ ଏବଂ ଏହାସହିତ କୃତୀ ବିଦ୍ୟାର୍ଥୀଙ୍କୁ ଅର୍ଥରାଶି ପୁରସ୍କାର ସହ ସମ୍ମାନିତ କରାଯିବ । ସାମ୍ବାଦିକ ସମ୍ମିଳନୀରେ ରୁଚିର ନିର୍ଦ୍ଦେଶିକା ସଲିନା ସାହୁ ଓ ରୁଚି ପ୍ରତିଭା ଫାଉଣ୍ଡେସନର ସଂପାଦକ ଶୁଭେନ୍ଦୁ କୁମାର ଭୂୟାଁ କୃତି ପ୍ରତିଭାମାନଙ୍କ ସହିତ ଫାଉଣ୍ଡେସନର ସାମଗ୍ରିକ କଲ୍ୟାଣ କାର୍ଯ୍ୟକ୍ରମ ସଂପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ରୁଚିର ମାର୍କେଟିଂ ବିଭାଗର ମୁଖ୍ୟ ଦେବଦତ୍ତ ସା, ରାଜେଶ କୁମାର ସାହୁ ଓ ହ୍ୱାଇଟ୍ କାନଭାସ୍‌ର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ‘ସାମର୍ଥ୍ୟ ୨୦୨୬’

# ପୁରସ୍କୃତ ହେଲେ ଶ୍ରେଷ୍ଠ ସିନେମା ଓ କଳାକାର

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆଜି ଭୁବନେଶ୍ୱରସ୍ଥିତ ଏମ୍‌ଏମ୍‌ଆଇଟି ଅଡିଟୋରିୟମରେ ଜାତୀୟ ସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ‘ସାମର୍ଥ୍ୟ ୨୦୨୬’ ସଫଳତାର ସହ ଆୟୋଜିତ ହୋଇଯାଇଛି। ପୂର୍ବ ବର୍ଷଗୁଡ଼ିକରେ କେବଳ ଦିବ୍ୟାଙ୍ଗତା ବିଷୟରେ ସଚେତନତା ସୃଷ୍ଟି କରାଯାଉଥିବା ବେଳେ, ଏଥର ‘ସାମର୍ଥ୍ୟ ୨୦୨୬’ରେ ଦିବ୍ୟାଙ୍ଗଜନଙ୍କ ସଫଳତା, ଆତ୍ମବିଶ୍ୱାସ ଓ ସମାଜ ପ୍ରତି ସେମାନଙ୍କର ସକାରାତ୍ମକ ଯୋଗଦାନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ପ୍ରତିକୂଳ ପରିସ୍ଥିତିକୁ ଏଡ଼ାଇ ଆଗକୁ ବଢ଼ିବାର କାହାଣୀ ଗୁଡ଼ିକୁ ପ୍ରଦର୍ଶିତ କରି ସମାଜର ପୁରୁଣା ମାନସିକତାକୁ ବଦଳାଇବା ଏବଂ ଦିବ୍ୟାଙ୍ଗତା ପଛରେ ଥିବା ପ୍ରକୃତ ସାମର୍ଥ୍ୟକୁ ଚିହ୍ନିବା ପାଇଁ ଏହି ମହୋତ୍ସବ ପ୍ରୟାସ କରିଛି। ଏହି ମହୋତ୍ସବ ପାଇଁ ସାରା ଦେଶରୁ ଅଭୂତପୂର୍ବ ପ୍ରତିକ୍ରିୟା ମିଳିଥିଲା ଏବଂ ମୋଟ ୬୨ଟି ସିନେମା ଆସିଥିଲା, ଯେଉଁଥିରେ ୨୦ଟି ଜାତୀୟ ସ୍ତରର ଓ ୪୨ଟି ଆଞ୍ଚଳିକ ଭାଷାର




ଚଳଚ୍ଚିତ୍ର ଅନ୍ତର୍ଭୁକ୍ତ ଥିଲା। ଯୁଗଳ ଦେବତାଙ୍କ ଅଧ୍ୟକ୍ଷତାରେ ଗଠିତ ଜୁରୀ କମିଟିରେ ତ୍ରିପୁରା ମିଶ୍ର ଏବଂ ସିନେମାରେ ସମାନ ଅଧିକାର ପାଇଁ କାର୍ଯ୍ୟ କରୁଥିବା ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇ ଚୂଡ଼ାନ୍ତ ବିଜେତାମାନଙ୍କୁ ଚୟନ କରିଥିଲେ। ଜାତୀୟ ବିଭାଗରେ ଟୁଇନ୍ ଅଫ୍ ଲାଇଫ୍ ଏବଂ ମେଡାଲ ଯୌଥ ଭାବେ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ଓଡ଼ିଆ ବିଭାଗରେ ଅନ୍ତର୍ଦୃଷ୍ଟି ଏବଂ ଲିଙ୍କ୍ ଶ୍ରେଷ୍ଠ ଚଳଚ୍ଚିତ୍ର ସମ୍ମାନ ପାଇଥିଲେ। ଏହି ସମାରୋହରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଏସ୍‌ଏସ୍‌ପିଡିର ସ୍ୱତନ୍ତ୍ର ସଚିବ ରଜନୀ ଜାନୀ, ଓଡ଼ିଶା ଭିନ୍ନକ୍ଷମ ଆୟୋଗର କମିଶନର ବ୍ରତତୀ ହରିଚନ୍ଦନ ଏବଂ ବିଭାଗୀୟ ଆର୍ଥିକ ସଲାହାକାର ଜୟଶ୍ରୀ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ନାରାୟଣା ବିଦ୍ୟାଳୟରେ ଗୁରୁ ଦିବସ

କଟକ, (ସ୍ୱପ୍ର) : ସ୍ଥାନୀୟ ନୂଆପଡା ପୃଷ୍ଟି ବଗିଚାସ୍ଥିତ ନାରାୟଣା ସ୍କୁଲରେ ଗୁରୁଦିବସ



ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ନିକୋଲାସ ବାର୍ଲୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ରଞ୍ଜିତା ନାୟକ ଯୋଗଦେଇ ପୁରାଣ, ଇତିହାସରେ ଗୁରୁକୃପାର ମହତ୍ତ୍ୱ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ । ପ୍ରଥମେ ଅତିଥିମାନେ ଡ. ସର୍ବପଲ୍ଲୀ ରାଧାକ୍ରୀଷ୍ଣଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ଚଳିତ ବର୍ଷରେ ଶିକ୍ଷା ସମ୍ମାନ ପୁରସ୍କାର ନିମନ୍ତେ ଇ-ଟେକ୍ନୋରୁ ଡ. ଗୋପାଳକୃଷ୍ଣ ମହାପାତ୍ର, ଇ ଚାମ୍ପସ୍‌ରୁ ଅମ୍ରିତା ତ୍ରିଦେବୀ, ଗିରିବାଳା ପାତ୍ରଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଡିନ୍ କୌଶଳ ବୁଦ୍ଧଦେବ, ଉପାଧ୍ୟକ୍ଷା ବି ରାଜେଶ୍ୱରୀ ଓ ସଂଯୁକ୍ତା ପଣ୍ଡା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଉଚ୍ଚଶିକ୍ଷା ବିଭାଗ ଓ ଓକେସିଏଲ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

ଭୁବନେଶ୍ୱର, (ସବ୍ୟୁ): ନବସୃଜନ ଓ ଦକ୍ଷତା ବିକାଶ ମାଧ୍ୟମରେ ଓଡ଼ିଶାର ଉଚ୍ଚଶିକ୍ଷା




ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ଭବିଷ୍ୟତମୁଖୀ କରିବା ଦିଗରେ ଆଜି ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର ଏବଂ ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଓକେସିଏଲ୍) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ସହଯୋଗ ରାଜ୍ୟର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ଅଧିକ ଦକ୍ଷ, ନବସୃଜନଶୀଳ ଓ ଡିଜିଟାଲ୍ ଭାବେ ସକ୍ଷମ କରିବାରେ ନୂତନ ସମ୍ଭାବନା ସୃଷ୍ଟି କରିବ। ଏହି ଅବସରରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓଡ଼ିଶା ସରକାର ଏହି ସହଯୋଗକୁ ସ୍ୱାଗତ କରିବା ସହ ଏହା ମାଧ୍ୟମରେ ରାଜ୍ୟର ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ଆଶା ପ୍ରକାଶ କରିଛନ୍ତି। ଏହି ସହଯୋଗର ପରିକଳ୍ପନା ଓ ଦିଗନିର୍ଦ୍ଦେଶନରେ ଉଚ୍ଚଶିକ୍ଷା ବିଭାଗର କମିଶନର-କମ୍-ସଚିବ ଅରବିନ୍ଦ ଅଗ୍ରୱାଲ, ରଣନୈତିକ ଦୃଷ୍ଟିକୋଣ ଓ ମାର୍ଗଦର୍ଶନ ଗୁରୁତ୍ୱପୂର୍ଣ୍ଣ ରହିଛି। ୨୦୨୦ର ଲକ୍ଷ୍ୟ ପୂରଣ ସହ ପ୍ରଯୁକ୍ତି, ନବସୃଜନ ଓ କ୍ଷମତା ବିକାଶକୁ ଉଚ୍ଚଶିକ୍ଷା ସହ ଯୋଡ଼ିବା ଉପରେ ତାଙ୍କ ଗୁରୁତ୍ୱ ଏହି ସହଯୋଗକୁ ଏକ ସୁସଂଗଠିତ ଦିଗ ପ୍ରଦାନ କରିଛି। ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଲ ଏହି ଏମ୍‌ଓୟୁକୁ ଓଡ଼ିଶାର ଜ୍ଞାନ, ଦକ୍ଷତା ଓ ଡିଜିଟାଲ୍ ରୂପାନ୍ତରଣ କ୍ଷେତ୍ରରେ ଓକେସିଏଲ୍‌ର ଅବଦାନକୁ ଆହୁରି ବ୍ୟାପକ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ବର୍ଣ୍ଣନା କରିଛନ୍ତି।

# ଏମ୍‌ଏମ୍‌ଡିଆର ସଂଶୋଧିତ ଆଇନ ପ୍ରତ୍ୟାହାର ଦାବିରେ ବାମଦଳର ବିକ୍ଷୋଭ

ଖୋର୍ଦ୍ଧା,(ସବ୍ୟୁ): ସଂଶୋଧିତ ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଆଇନ- ୨୦୨୬ ପ୍ରତ୍ୟାହାର ସମେତ ବିଭିନ୍ନ ଦାବି ନେଇ ଚାରି ବାମପନ୍ଥୀ ଦଳ ପକ୍ଷରୁ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଆନ୍ଦୋଳନର ଅଂଶ ଭାବେ ଏହି ବିକ୍ଷୋଭ ଆୟୋଜିତ ହୋଇଥିଲା। ବିକ୍ଷୋଭକାରୀମାନେ ଅଭିଯୋଗ କରିଥିଲେ ଯେ, ସଂଶୋଧିତ ଆଇନ ଦ୍ୱାରା ଦେଶର ଖଣିଜ ସମ୍ପଦ ଉପରେ ବଡ଼ କର୍ପୋରେଟ ସଂସ୍ଥାଙ୍କ ପ୍ରଭାବ ବୃଦ୍ଧି ପାଇବା ସହ ରାଜ୍ୟଗୁଡ଼ିକର ଖଣିଜ ରାଜସ୍ୱ ଓ ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ହେବାର ଆଶଙ୍କା ରହିଛି। ଏହା ସହିତ ଖଣି ଅଂଚଳରେ ସ୍ଥାନୀୟ ଲୋକଙ୍କ ଜମି, ଜଙ୍ଗଲ, ଜଳ ଓ ଜୀବିକା ସମ୍ପର୍କିତ ଅଧିକାର ପ୍ରଭାବିତ ହେବ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ସଂଶୋଧିତ ଏମ୍‌ଏମ୍‌ଡିଆର ଆଇନ-୨୦୨୬ ପ୍ରତ୍ୟାହାର, ରାଜ୍ୟମାନଙ୍କ ଖଣିଜ ରାଜସ୍ୱ ଓ କର ଆଦାୟର ସାମ୍ବିଧାନିକ ଅଧିକାର ସୁରକ୍ଷା, ଓଡ଼ିଶା ସମେତ ଖଣିଜ ସମ୍ପଦଶାଳୀ ରାଜ୍ୟଗୁଡ଼ିକର ବକେୟା ରାଜସ୍ୱ ଆଦାୟ ଅଧିକାର ସୁରକ୍ଷା ଆଦି ଦାବି ଉଠାଯାଇଥିଲା। ଏଥିସହ କ୍ୟାପ୍ଟିଭ୍ ଖଣିର ଖଣିଜକୁ ବାଣିଜ୍ୟିକ ବିକ୍ରି କରିବା ନୀତି ବାତିଲ, ଖଣି ଅଂଚଳ ବିସ୍ତାର ସମୟରେ ଗ୍ରାମସଭା, ଆଦିବାସୀ ଓ ଜଙ୍ଗଲ ଅଧିକାର ସହ ପରିବେଶ ସୁରକ୍ଷା ନିଶ୍ଚିତ କରିବା ଏବଂ ନୂଆ ଖଣି ଖୋଲିବା ପୂର୍ବରୁ ପୂର୍ବତନ ଖଣିଗୁଡ଼ିକର ସାମାଜିକ, ଆର୍ଥିକ ଓ ପରିବେଶଗତ ସମୀକ୍ଷା କରିବାକୁ ଦାବି କରାଯାଇଛି। ବିକ୍ଷୋଭ ପରେ ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଅଂଚଳିକ କମିଟି ସମ୍ପାଦକ କମ୍ରେଡ୍ ଅଶୋକ ସାହୁଙ୍କ ସମେତ ପ୍ରଶାନ୍ତ ରାଉତରାୟ, ସଂଘମିତ୍ରା ମହାପାତ୍ର, ଅବିନାଶ ପ୍ରଧାନ, ଶ୍ରୀକାନ୍ତ ନାୟକ, ଅରୁଣ ନାୟକ, ସନ୍ତୋଷ ପୃଷ୍ଟି ଓ ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

## ନିଆରା ଗୁରୁ ଦିବସ ପାଳିଲେ ଶିଳ୍ପୀ ଛାତ୍ରଛାତ୍ରୀ

# ଗୁରୁଙ୍କୁ ପୂଜିଲେ ଓ ଗୁରୁଙ୍କ ମହିମାକୁ ନେଇ ଆଙ୍କିଲେ ଚିତ୍ର

ଭୁବନେଶ୍ୱର, (ସବ୍ୟୁ): ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସରରେ ଶିଳ୍ପୀ ଛାତ୍ରଛାତ୍ରୀମାନେ ନିଆରା ଢଙ୍ଗରେ ପାଳନ କରୁଛନ୍ତି ଗୁରୁ ଦିବସ।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ ଓ ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ, ଅଧ୍ୟାପକ ଭୂପତି ଭୂଷଣ ପଣ୍ଡା,ସୁବାସ ଚନ୍ଦ୍ର ମୁଦୁଲି ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ଏକ ଚିତ୍ର ଓ ଭାସ୍କର୍ଯ୍ୟ ଶିବିରକୁ ଉଦ୍ଘାଟନ କରିଥିଲେ।ପରେ ପରେ ଛାତ୍ରଛାତ୍ରୀ ସମସ୍ତ ଗୁରୁମାନଙ୍କ ବନ୍ଦନା ପୂର୍ବକ ଗୁରୁ



ପୂଜନ କରିଥିଲେ।ଉକ୍ତ ଶିବିରରେ ଛାତ୍ରଛାତ୍ରୀମାନେ ଗୁରୁଙ୍କ ମହିମା ,ଆମ ସଂସ୍କୃତିରେ ଗୁରୁ ,ସମାଜ ଗଠନରେ ଗୁରୁଙ୍କ ଭୂମିକା ଏବଂ ଗୁରୁ ଦିବସର କଥାବସ୍ତୁକୁ ନେଇ ସୁନ୍ଦର ସୁନ୍ଦର ଚିତ୍ର ଗୁଡ଼ିକ ଅଙ୍କନ କରିଥିଲେ। ଅତିଥି ମାନେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଙ୍କିତ ଚିତ୍ରର ଭୂୟସୀ ପ୍ରଶଂସା କରିବା ସହିତ ପ୍ରତ୍ୟେକ ଛାତ୍ର ଗୁରୁଙ୍କ ମାର୍ଗ ଦର୍ଶନରେ କାର୍ଯ୍ୟ କଲେ ନିଶ୍ଚିତ ଭାବେ ସଫଳତା ଲାଭ କରିବେ ବୋଲି ମତ ପ୍ରକାଶ କରିଥିଲେ।ଏହି ଅବସରରେ ଲକ୍ଷ୍ମୀଧର ସ୍ୱାଇଁ,ବସନ୍ତ ପ୍ରଧାନ ଓ ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ କଳାକୃତି ଗୁଡ଼ିକୁ ଅବଲୋକନ କରିଥିଲେ।

# ସିଗମା ପବ୍ଲିକ ସ୍କୁଲରେ ଗୁରୁ ଦିବସ

ଖୋର୍ଦ୍ଧା, (ସବ୍ୟୁ): ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଗ୍‌ମା ପବ୍ଲିକ ସ୍କୁଲରେ ଗୁରୁ ଦିବସ ସହ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନ ର ଏକାଡେମୀ ଡିନ୍ ବନଦୁର୍ଗା ଶାହା ଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବ ରେ ଚେୟାରମ୍ୟାନ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଏବଂ ଅଧ୍ୟକ୍ଷା ମମତାଞ୍ଜଳୀ ପଟ୍ଟନାୟକ ଯୋଗଦେଇ ସର୍ବପଲ୍ଲୀ ରାଧା କୃଷ୍ଣଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଉତ୍ସବ କୁ ଉଦଘାଟନ କରିଥିଲେ। ପବିତ୍ର ନନ୍ଦ ଉତ୍ସବ ଅବସରରେ ଶତାଧିକ ଶିଶୁ ରାଧା କୃଷ୍ଣ ବେଶ ରେ ସଜ୍ଜିତ ହୋଇ ହାତରେ ବଂଇଶୀ, ଲହୁଣୀ ହାଣ୍ଡି ଧରି ମଂଚ ରେ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଶ୍ରୀମତୀ ପଟ୍ଟନାୟକ ସମସ୍ତ କୁନିକୁନି ବାଲ କ୍ରିଷ୍ଣ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଲହୁଣୀ ଖୁଆଇ ଥିଲେ। ରାଧାକୃଷ୍ଣ ଙ୍କ ବେଶ ରେ ସଜ୍ଜିତ ହୋଇଥିବା ଶିଶୁମାନେ ବିଭିନ୍ନ ନୃତ୍ୟ ସଙ୍ଗୀତ ପ୍ରଦର୍ଶନ କରିଥିଲେ। ଆଜି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନ ତଥା ଗୁରୁଦିବସ ପାଳନ ଅବସରରେ ଛାତ୍ରଛାତ୍ରୀ ତୃପ୍ତିମୟୀ ସ୍ୱାଇଁ, ଅସୀମା ବରାଳ, ବିଷ୍ଣୁ ପ୍ରସାଦ ସେଠୀ, କ୍ରିଷ୍ଣାକାନ୍ତ ସାମନ୍ତରାୟ, ଅସୀମା ପ୍ରିୟଦର୍ଶିନୀ ସୁବୁଦ୍ଧି, ସ୍ୱୟଂଶ୍ରୀ ପୃଷ୍ଟିଙ୍କ ସଂଯୋଜନା ରେ ଛାତ୍ରଛାତ୍ରୀମାନେ ଗୁରୁଙ୍କୁ ବନ୍ଦାପନା କରିବା ସହ ବେଦ ମନ୍ତ୍ର ପାଠ କରି ଗୁରୁ ପୂଜାକରିବା ସହ ଆର୍ଶୀବାଦ କାମନା କରିଥିଲେ। ଏହି ଅବସର ରେ ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷୟତ୍ରୀ ସାବିତ୍ରୀ ବେହେରା ଙ୍କୁ ସମ୍ବର୍ଦ୍ଧିତ ପ୍ରଦାନ କରାଯାଇଥିଲା। ଚେୟାରେମ୍ୟାନ ଶୁଭ୍ରାଂଶୁ ଟଂଜନ ସାମନ୍ତରାୟ ଏବଂ ଅଧ୍ୟକ୍ଷା ମମତାଞ୍ଜଳୀ ପଟ୍ଟନାୟକ ଶ୍ରୀମତୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗୁରୁ ଦିବସ ଉପଲକ୍ଷେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟ ରେ ଚିତ୍ରାଙ୍କନ, ବକ୍ତୃତା, ଏକକ ଅଭିନୟ, ସଙ୍ଗୀତ, ବିଭିନ୍ନ ରଙ୍ଗ ଅଙ୍କନ, ପ୍ରାଦେଶିକ ପୋଷାକ, ଖାଦ୍ୟ ପ୍ରଦର୍ଶନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ କଲେଜରେ ଗୁରୁ ଦିବସ ପାଳିତ

ଭୁବନେଶ୍ୱର (ସବ୍ୟୁ): ପାଣ୍ଡରାସ୍ଥିତ ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟରେ ପବିତ୍ର ଗୁରୁଦିବସ ଓ ନବାଗତ ବିଦ୍ୟାର୍ଥୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମହାସମାରୋହରେ ପାଳିତ ହୋଇଛି ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ରଥମେ ଗୁରୁ ମାନଙ୍କୁ ପୂଜା କରିବା ସହ ବନ୍ଦାପନା କରିଥିବା ସହ ଗୁରୁବନ୍ଦନା କରାଯାଇଥିଲା ଓ ହାଇଟେକ୍ ଗ୍ରୁପ୍ ନିର୍ଦ୍ଦେଶିକା ଅଙ୍କିତା ପାଣିଗ୍ରାହୀ କହିଛନ୍ତି ଯେ, ଛାତ୍ରଛାତ୍ରୀ ମାନେ ସବୁବେଳେ ଉଚ୍ଚାଭିଳାଷ ରଖିବା ସହ ନିଜ ଲକ୍ଷ୍ୟକୁ ହାସଲ କରିବା ପାଇଁ ପ୍ରସ୍ତୁତି କରିବା ଆବଶ୍ୟକ, ନିୟମିତ ସାଧନା ହିଁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ସୁଗମ ହେବ ବୋଲି ସେ କହିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚିତ୍ତରଞ୍ଜନ ସାହୁ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତମ



ନାଗରିକ ହୋଇ ଭଲ କାମ କରିବା ସହ, ନିଜ ମାତାପିତାଙ୍କ ସମେତ ଦେଶମାତୃକାର ସେବାକୁ କରିବାକୁ ଆହ୍ୱାନ ଦେଇଥିଲେ । ଉତ୍ସବରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଉଚ୍ଚକୋଟୀର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଓ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ବିଭୁତିଭୂଷଣ ବେହେରା, ଡକ୍ଟର ଚିତ୍ତରଞ୍ଜନ ସାହାଣୀ, ଡକ୍ଟର ମୁରଲୀଧର ସ୍ୱାଇଁ, ଡକ୍ଟର ଶରତ କୁମାର ନାୟକ, ଡକ୍ଟର ପୂର୍ଣ୍ଣଚନ୍ଦ୍ର ବୈଶାଖ, ବେଦବ୍ରହ୍ମା ଦାଶ, ବିଶ୍ୱଜିତ ବେହେରା, ଶୁଭଶ୍ରୀ ଶୁଭଦର୍ଶିନୀ,ଆଲୋକ ରଞ୍ଜନ ସେନାପତି ପ୍ରମୁଖ ଯୋଗଦେଇଥିଲେ।

# ଦେଶରବିକାଶ ପାଇଁ ଶିକ୍ଷାଗତ ଉତ୍କର୍ଷ, ଦକ୍ଷତା ବିକାଶ, ଉଦ୍ୟୋଗିତା ଗୁରୁତ୍ୱପୂର୍ଣ୍ଣ: ରାଷ୍ଟ୍ରପତି



**ନୂଆଦିଲ୍ଲୀ:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି (୫ ସେପ୍ଟେମ୍ବର ୨୦୨୬) ଗୁରୁ ଦିବସଉପଲକ୍ଷେନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାରା ଦେଶର ଅସାଧାରଣଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଜାତୀୟ ଶିକ୍ଷକପୁରସ୍କାର ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷା, ଉଚ୍ଚ ଶିକ୍ଷା ଏବଂବୈଷୟିକତାଲିମ କ୍ଷେତ୍ରରେ ୮୨ ଜଣଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁଜାତୀୟପୁରସ୍କାରଦିଆଯାଇଛି । ଓଡ଼ିଶାର ୪ ଜଣଶିକ୍ଷକଙ୍କୁଜାତୀୟପୁରସ୍କାରମିଳିଛି । ଜଗତସିଂହପୁରଜିଲ୍ଲାଆଲିପିଙ୍ଗଳ ଉଚ୍ଚବିଦ୍ୟାଳୟର ଶିକ୍ଷକପଦରାଜ ଉମାକାନ୍ତ ନାୟକଙ୍କୁଜାତୀୟଶିକ୍ଷକପୁରସ୍କାରପ୍ରଦାନକରାଯାଇଛି । ସେହିପରିମୟୂରଭଞ୍ଜ ଜିଲ୍ଲା କରଞ୍ଜିଆସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିକ୍ଷକ ମହମ୍ମଦ ଜଫର ଆଲମଙ୍କୁମଧଜାତୀୟପୁରସ୍କାରମିଳିଛି । ଆଇଆଇଟିଭୁବନେଶ୍ୱରରମେଟାଲର୍ଜି ଇଞ୍ଜିନିୟରିଂ ବିଭାଗ ସହ ପ୍ରାଧ୍ୟାପକ ଡକ୍ଟର ଶ୍ରୀକାନ୍ତ ଗୋଲାପୁଡ଼ିଏବଂସିଟିଟିସି ଭୁବନେଶ୍ୱରର ଶିକ୍ଷକ ପ୍ରଣବ କୁମାର ଚୌଧୁରୀ ମଧ ଜାତୀୟ ଶିକ୍ଷକ ପୁରସ୍କାର ପାଇଛନ୍ତି । ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଥିଲେ, ଆମ ସମ୍ବିଧାନରେ ଲିଖିତ "ସୁଯୋଗର ସମାନତା" ଆଦର୍ଶକୁ ସାକାର କରିବାର ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ ହେଉଛି ଶିକ୍ଷା। ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ଛାଡିବା ହାରକୁ ନଗଣ୍ୟ ସ୍ତରକୁ ହ୍ରାସ କରିବାର ସଫଳତା ଶିକ୍ଷକମାନଙ୍କ ପ୍ରୟାସ ଯୋଗୁଁ ସମ୍ଭବ ହୋଇଛିବୋଲିସେ ଉଲ୍ଲେଖ କରିଥିଲେ । ଏହି ଜାତୀୟ ସଫଳତା ପାଇଁ ସେ ସମସ୍ତ ଶିକ୍ଷକଙ୍କୁ ପ୍ରଶଂସା କରିଥିଲେ। ରାଷ୍ଟ୍ରପତି କହିଥିଲେ, ବିଦ୍ୟାଳୟ ଶିକ୍ଷା ହେଉଛି ଶିକ୍ଷା ବ୍ୟବସ୍ଥାର ମୂଳଦୁଆ। ଜ୍ଞାନ ଏବଂ ଦକ୍ଷତା ଯେକୌଣସି ସମୟରେ ଅର୍ଜନ କରାଯାଇପାରିବ, କିନ୍ତୁ ଶୈଶବ ସମୟରେ ପିଲାମାନଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧ ଜାଗ୍ରତ କରିବା ଅଧିକ ପ୍ରଭାବଶାଳୀ ପ୍ରମାଣିତ ହୁଏ। ପ୍ରାରମ୍ଭିକ ଶ୍ରେଣୀରେ ପିଲାମାନଙ୍କର ବୌଦ୍ଧିକ, ଶାରୀରିକ ଏବଂ ନୈତିକ ବିକାଶ ଉପରେ ନିଷ୍ଠାର ସହିତ ଧ୍ୟାନ ଦେଇଆମର ଶିକ୍ଷକମାନେ ଭବିଷ୍ୟତ ପିଢ଼ିକୁ ଭଲ ଛାତ୍ର ଏବଂ ସଚେତନ ନାଗରିକରୂପେ ପ୍ରସ୍ତୁତ କରିପାରିବେ।

ରାଷ୍ଟ୍ରପତିକହିଥିଲେ, ଅନେକ ଛାତ୍ରଛାତ୍ରୀ ଆର୍ଥିକ ଦୃଷ୍ଟିରୁ ପଛୁଆ ପରିବାରରୁ ଆସିଥାନ୍ତି; କେତେକ ସେମାନଙ୍କ ପରିବାରର ପ୍ରଥମ ପିଢ଼ିର ଛାତ୍ର; କେତେକ ମଧ୍ୟମ ଗ୍ରାମ ବିଦ୍ୟାଳୟରୁ ବଡ଼ ସହର ବିଦ୍ୟାଳୟକୁ ସ୍ଥାନାନ୍ତରିତ ହୁଅନ୍ତି; କେତେକ ସ୍ୱାଭାବିକ ଭାବରେ ଲାଜକୁଳା; କେତେକଙ୍କ ପାଖରେ ଅପାର ପ୍ରତିଭା ଅଛି କିନ୍ତୁ ଆତ୍ମବିଶ୍ୱାସର ଅଭାବ ଅଛି; ଏବଂ କେତେକଙ୍କର ବିଶେଷ ଆବଶ୍ୟକତା ଅଛି। ଶିକ୍ଷକମାନଙ୍କର ବିଶେଷ ଦାୟିତ୍ୱ ହେଉଛି ଯେ ସେମାନେ ଯେକୌଣସି କାରଣରୁ ପଛୁଆ ଅନୁଭବ କରୁଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରନ୍ତୁ ଏବଂ ସେମାନଙ୍କୁ ପ୍ରଗତି ପାଇଁ ଉତ୍ସାହିତ କରନ୍ତୁ। ରାଷ୍ଟ୍ରପତି କହିଥିଲେ, ଶିକ୍ଷାଗତ ଉତ୍କର୍ଷ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀତା ରାଷ୍ଟ୍ରର ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତକୁ ଏକ ଜ୍ଞାନ ମହାଶକ୍ତି ଏବଂ ଏକ ବିଶ୍ୱସ୍ତରୀୟ ଦକ୍ଷତା କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବା ଆମର ଜାତୀୟ ପ୍ରାଥମିକତା। ରାଷ୍ଟ୍ରପତି କହିଥିଲେ, ଆମେ ସମସ୍ତେ, ନାଗରିକ ଭାବରେ, ଏକ ବିକଶିତ ଭାରତ ନିର୍ମାଣ ଲକ୍ଷ୍ୟ ଆଡ଼କୁ ଅଗ୍ରସରହେଉଛୁ । ଏକ ବିକଶିତ ରାଷ୍ଟ୍ର ନିର୍ମାଣ କେବଳ ଏକ ବିଶ୍ୱସ୍ତରୀୟ ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ସମ୍ଭବ। ଆମର ଶିକ୍ଷକମାନେ ଶିକ୍ଷା ବ୍ୟବସ୍ଥାରେ ଜୀବନଭରି ଦିଅନ୍ତି। ଆମ ଦେଶର ଜଣେ ବି ବିଦ୍ୟାର୍ଥୀ ଯେପରି ଗୁଣାତ୍ମକ ଶିକ୍ଷା ସୁଯୋଗରୁ ବଞ୍ଚିତ ନ ହୁଅନ୍ତି ତାହା ନିଶ୍ଚିତ କରିବା ପାଇଁ ଆମକୁ ପ୍ରୟାସ କରିବାକୁ ପଡିବ। ଆମ ଶିକ୍ଷକମାନେସେମାନଙ୍କରସ୍ନେହ ଏବଂ ସମର୍ପଣ ମାଧ୍ୟମରେସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜ୍ଞାନ, ପ୍ରେରଣା, ନୈତିକତା ଏବଂ ସମ୍ବେଦନଶୀଳତା ସୃଷ୍ଟି କରିବା ଉଚିତବୋଲିରାଷ୍ଟ୍ରପତି ଗୁରୁତ୍ୱାରୋପ କରିଥିଲେ।

## ଜାତୀୟ ଶିକ୍ଷକ ପୁରସ୍କାର ବିଜେତାଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଲୋକ କଲ୍ୟାଣ ମାର୍ଗସ୍ଥିତ ତାଙ୍କ ବାସଭବନରେ ଜାତୀୟ ଶିକ୍ଷକ ପୁରସ୍କାର ବିଜେତାଙ୍କ ସହ ଆଲୋଚନା କରିଥିଲେ। ଏହି ବର୍ଷ, ତିନୋଟି ବିଭାଗରୁ ୮୨ ଜଣ ଶିକ୍ଷକ ଏବଂ ଶିକ୍ଷାବିତଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ଚୟନ କରାଯାଇଛି। ଏଥିରେ ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗର ୪୮ ଜଣ ଶିକ୍ଷକ, ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଏବଂ ପଲିଟେକ୍ନିକ୍ସର ୨୧ ଜଣ ଶିକ୍ଷକ/ଅଧ୍ୟାପକ ଏବଂ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ୧୩ ଜଣ ଦକ୍ଷତା ପ୍ରଶିକ୍ଷକ ଅନ୍ତର୍ଭୁକ୍ତ। ପୁରସ୍କାରପ୍ରାପ୍ତ ଶିକ୍ଷକମାନେ ସେମାନଙ୍କର ଶିକ୍ଷାଦାନ ଯାତ୍ରାକୁ ଆକାର ଦେଇଥିବା ଅଭିଜ୍ଞତା ଏବଂ ନବସୃଜନ ଉପରେ ଆଲୋକପାତ କରିଥିଲେ। ଶ୍ରେଣୀଗୃହ ଶିକ୍ଷାକୁ ଅଧିକ ଆକର୍ଷଣୀୟ ଏବଂ ପ୍ରଭାବଶାଳୀ କରିବା ପାଇଁ ସେମାନେ ଗ୍ରହଣ କରିଥିବା ଅନେକ ସୃଜନଶୀଳ ପଦ୍ଧତି ସମ୍ପର୍କରେ କହିଥିଲେ।

ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଶିକ୍ଷକମାନେ ପିଲାମାନଙ୍କ ଶିକ୍ଷାଗତ ପ୍ରଦର୍ଶନଠାରୁ ଆଗକୁ ଦେଖିବା ଉଚିତ ଏବଂ ସେମାନଙ୍କ ଆଚରଣ ଏବଂ ଦୈନନ୍ଦିନ ଜୀବନ ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ। ପାରମ୍ପରିକ ଯୌଥ ପରିବାର ବ୍ୟବସ୍ଥା ହ୍ରାସ ସମ୍ପର୍କରେ ଉଲ୍ଲେଖ କରି, ସେ କହିଥିଲେ ଯେ ପିଲାମାନଙ୍କ ଜୀବନରେ ଶିକ୍ଷକମାନଙ୍କର ଭୂମିକା କ୍ରମଶଃ ଗୁରୁତ୍ୱପୂର୍ଣ୍ଣ ହେଉଛି। ନିଶା ସମସ୍ୟା ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଶିକ୍ଷକମାନଙ୍କୁ ପିଲାମାନଙ୍କ ମଧ୍ୟରେ ଦେଖାଦେଉଥିବା ପରିବର୍ତ୍ତନ ପ୍ରତି ସଜାଗ ରହିବା, କାରଣ ଚିହ୍ନଟ କରିବା ଏବଂ ଏପରି ପିଲାମାନଙ୍କୁ ଏହି ଅଭ୍ୟାସ ଦୂର କରିବାରେ ସାହାଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ପିଲାମାନଙ୍କର ଶୈଶବର ଚପଳତାକୁ ବଜାୟ ରଖିବାରେ ଶିକ୍ଷକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପିଲାମାନଙ୍କର ସମାନ ମୌଳିକ ପ୍ରକୃତି ଏବଂ କୌତୁହଳ ଥାଏ ଏବଂ ଯଦି ଶିକ୍ଷକମାନେ ଏହି କୌତୁହଳକୁ ପୋଷଣ ଏବଂ ଉପଯୁକ୍ତ ଭାବରେ ପରିଚାଳନା କରନ୍ତି, ତେବେ ସେମାନେ ପିଲାମାନଙ୍କର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିବେ। ସ୍କ୍ରିନ୍ ସମୟର ପ୍ରସଙ୍ଗ ଉପରେ ଆଲୋକପାତ କରି ସେ କହିଥିଲେ ଯେ ଏହା ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟିଛି। ପିଲାମାନେ ସ୍କ୍ରିନରେ କେତେ ସମୟ ବିତାନ୍ତି ଏବଂ ସେମାନେ ବିଳମ୍ବିତ ରାତିରେ ମୋବାଇଲ୍ ଫୋନ୍ ବ୍ୟବହାର ଜାରି ରଖନ୍ତି କି ନାହିଁ ସେ ବିଷୟରେ ସେମାନଙ୍କ ଅଭିଭାବକମାନଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ସେ ଶିକ୍ଷକମାନଙ୍କୁ ଅନୁରୋଧ କରିଥିଲେ। ସେ ପରାମର୍ଶ ଦେଇଥିଲେ ଯେ ପିଲାମାନଙ୍କ ମଧ୍ୟରେ କ୍ରୀଡା, ଶାରୀରିକ ଖେଳ ଏବଂ ସୃଜନଶୀଳ କାର୍ଯ୍ୟକଳାପରେ ଆଗ୍ରହ ସୃଷ୍ଟି କରି ଧୀରେ ଧୀରେ ସେମାନଙ୍କୁ ଅତ୍ୟଧିକ ସ୍କ୍ରିନ୍ ବ୍ୟବହାରରୁ ବାହାରକୁ ଅଣାଯାଇପାରିବ। ଜାତୀୟ ଶିକ୍ଷା ନୀତି ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ପିଲାମାନଙ୍କୁ ବାସ୍ତବ ଦୁନିଆର ଦକ୍ଷତା ଏବଂ କାର୍ଯ୍ୟ ଅଭ୍ୟାସ ସହିତ ଯୋଡ଼ିବା ପାଇଁ ଶ୍ରେଣୀଗୃହ ଶିକ୍ଷା ଠାରୁ ଆହୁରି ଆଗକୁ ନେଇଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଶିକ୍ଷକମାନଙ୍କୁ କେବଳ ପାଠ୍ୟକ୍ରମ ଆଧାରିତ ଜ୍ଞାନ ପ୍ରଦାନ କରିବାରେ ସୀମିତ ନ ରହିବାକୁ ବରଂ ପିଲାମାନଙ୍କ ମଧ୍ୟରେ କଠିନ ପରିଶ୍ରମ ପ୍ରତି ସମ୍ମାନ ଭଳି ମୂଲ୍ୟବୋଧ ସୃଷ୍ଟି କରିବାରେ ସାହାଯ୍ୟ କରିବାକୁ ମଧ୍ୟ ଅନୁରୋଧ କରିଥିଲେ।

# ଏନକାଉଣ୍ଟରରେ ଲସ୍କରର ପାକିସ୍ତାନୀ କମାଣ୍ଡର ୟାସିର ମୃତ

**ନୂଆଦିଲ୍ଲୀ:** ଜମ୍ମୁ -କାଶ୍ମୀରରେ ଆତଙ୍କବାଦୀଙ୍କ ବିରୋଧରେ ଭାରତୀୟ ସେନାକୁ ବଡ଼ ସଫଳତା । ଶନିବାର ବଡଗାମ ଜିଲ୍ଲାର ୟୁସମର୍ଗ ଅଞ୍ଚଳରେ ସୁରକ୍ଷାବଳ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳିବିନିମୟରେ ପ୍ରତିବନ୍ଧିତ ସଂଗଠନ ଲସ୍କର-ଏ-ତୋଇବାର ଜଣେ କୁଖ୍ୟାତ ପାକିସ୍ତାନୀ କମାଣ୍ଡର ୟାସିର ପ୍ରାଣ ହରାଇଛି । ଏହି ଅପରେସନକୁ ଉପତ୍ୟକାରେ ସକ୍ରିୟ ଆତଙ୍କବାଦୀ ନେଟୱର୍କ ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି । ଭାରତୀୟ ସେନାର ସ୍ପେଶାଲ ଫୋର୍ସ ଏବଂ ୫୩ ରାଷ୍ଟ୍ରୀୟ ରାଇଫଲ୍ସର ମିଳିତ ଉଦ୍ୟମରେ ଏହି ସଫଳତା ମିଳିଛି। ମୃତ ଆତଙ୍କବାଦୀ ୟାସିର ପୂର୍ବରୁ ଲସ୍କରର 'ସୁଲେମାନ ମୁସା ଗ୍ରୁପ୍' ସହ ଜଡ଼ିତ ଥିଲା ଏବଂ ଦୀର୍ଘ ଦିନରୁ ସୁରକ୍ଷା ଏଜେନ୍ସିର ରାଡାରରେ ଥିଲା । ତେବେ ନିର୍ଦ୍ଦିଷ୍ଟ ଗୋପନୀୟ ସୂଚନା ଆଧାରରେ ସେନା, ଜମ୍ମୁ-କାଶ୍ମୀର ପୋଲିସ ଏବଂ ସିଆରପିଏଫ୍ ପକ୍ଷରୁ ବଡଗାମର ଅଶଦର ଗଲି ଅଞ୍ଚଳରେ ଚଢ଼ାଉ କରାଯାଇଥିଲା । ଗୁଇନ୍ଦା ସୂଚନା ଆଧାରରେ ଘେରିଥିଲା ସେନା ସୂଚନା ଅନୁଯାୟୀ, ୟୁସମର୍ଗର ପାର୍ବତ୍ୟ ଅଞ୍ଚଳରେ କିଛି ସନ୍ଦିଗ୍ଧ ଆତଙ୍କବାଦୀ ଲୁଚି ରହିଥିବା ନେଇ ସୁରକ୍ଷାବଳକୁ ଗୁଇନ୍ଦା ସୂଚନା ମିଳିଥିଲା। ଏହାପରେ ଭାରତୀୟ ସେନା, ସ୍ଥାନୀୟ ପୋଲିସ ଓ ସିଆରପିଏଫ୍ ମିଳିତ ଭାବେ ସଂପୃକ୍ତ ଅଞ୍ଚଳକୁ କର୍ଡନ କରି ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ନିଜକୁ ସେନା ଦ୍ୱାରା ଘେରି ହୋଇଥିବା ଦେଖି ଆତଙ୍କବାଦୀମାନେ ପ୍ରଥମେ ଗୁଳି ଚଳାଇଥିଲେ। ସେନାର ପାଲଟା ଜବାବରେ ପାକିସ୍ତାନୀ କମାଣ୍ଡର ୟାସିର ଘଟଣାସ୍ଥଳରେ ହିଁ ନିହତ ହୋଇଥିଲା। ଏକାକୀ ଚଳାଉଥିଲା ଆତଙ୍କୀ ସଙ୍ଗଠନ ସୂତ୍ରରୁ ପ୍ରକାଶ ଯେ, ୟାସିର ପୂର୍ବରୁ ଲସ୍କ ଗ୍ରୁପର ଏକ ବଡ଼ ଦଳ ସହ କାମ କରୁଥିଲେ ମଧ୍ୟ ପ୍ରାୟ ବର୍ଷେ ହେବ ସେ ସେଥିରୁ ଅଲଗା ହୋଇଯାଇଥିଲା। ଅଲଗା ହେବା ପରେ ମଧ୍ୟ ସେ ନିଜ ସ୍ତରରେ ସ୍ଥାନୀୟ ଅଞ୍ଚଳରେ ଯୁବକମାନଙ୍କୁ ଭ୍ରମିତ କରିବା ସହ ହିଂସାତ୍ମକ କାର୍ଯ୍ୟକଳାପ ଜାରି ରଖିଥିଲା ଏବଂ ସେହି ଅଞ୍ଚଳରେ ଲସ୍କରର ଏକ ପ୍ରମୁଖ ଅପରେଟିଭ୍ ପାଲଟିଥିଲା। ଘାଟିରେ ଦୀର୍ଘ ମାସର ଶାନ୍ତି ପରେ ଏହି ଏନକାଉଣ୍ଟର ଦେଖିବାକୁ ମିଳିଛି। ସୁରକ୍ଷା ଦୃଷ୍ଟିରୁ ଏବେ ସଂପୃକ୍ତ ଅଞ୍ଚଳରେ ସେନା ଆଲର୍ଟ ରହିଛି।

# ଜାତି ସଂଘରେ ଗୃହୀତ ହେଲା 'କରେକ୍ଟ ଦି ମ୍ୟାପ୍' ପ୍ରସ୍ତାବ



**ନୂଆଦିଲ୍ଲୀ:** ଜାତିସଂଘ ସାଧାରଣ ପରିଷଦରେ ବୈଶ୍ୱିକ ମାନଚିତ୍ରକୁ ମହାଦ୍ୱୀପଙ୍କ ବାସ୍ତବିକ୍ କ୍ଷେତ୍ରଫଳକୁ ଅତି ନିକଟରୁ ଦେଖାଉଥିବା 'କରେକ୍ଟ ଦି ମ୍ୟାପ୍' ପ୍ରସ୍ତାବ ସଂଖ୍ୟାଗରିଷ୍ଠ ମତରେ ଗୃହୀତ ହୋଇଛି। ଟୋଗୋ ପକ୍ଷରୁ ଉପସ୍ଥାପିତ ତଥା ଆଫ୍ରିକୀୟ ସଂଘର ସମର୍ଥନ ଥିବା ଏହି ପ୍ରସ୍ତାବ ସପକ୍ଷରେ ୧୬୪ଟି ଦେଶ ଅଛନ୍ତି। କେବଳ ଯୁକ୍ତରାଷ୍ଟ୍ର ଆମେରିକା ଏହାକୁ ବିରୋଧ କରିଛି। ସେହିପରି ଏଷ୍ଟୋନିୟା, ଜର୍ଜିୟା, ଲିଥୁଆନିୟା, ମାଲଡୋଭା ଓ ୟୁକ୍ରେନ ଭୋଟରୁ ଦୂରେଇ ରହିଥିଲେ।

ଭାରତ ଏହି ପ୍ରସ୍ତାବକୁ ସମର୍ଥନ କରି ସପକ୍ଷରେ ମତଦାନ କରିଛି। ତେବେ ଏହି ପ୍ରସ୍ତାବ ବାଧ୍ୟକାରୀ ନୁହେଁ, ହେଲେ ଏବେ ବିଭିନ୍ନ ସରକାର ଓ ଅନ୍ତର୍ଜାତୀୟ ଏଜେନ୍ସୀ ସ୍କୁଲ, ମିଡିଆ, ଡିଜିଟାଲ ପ୍ଲାଟଫର୍ମ ଓ ଅଧିକାରୀକ ମାନଚିତ୍ରରେ ଥିବା ମର୍କେଟର ପ୍ରେଜେକ୍ସନ ବଦଳେ ସମାନ କ୍ଷେତ୍ରର ମାନଚିତ୍ରକୁ ପ୍ରୋତ୍ସାହିତ କରିପାରିବେ। ମୋଟ ଉପରେ ଏବେ ବିଶ୍ୱ ମାନଚିତ୍ରରେ ଭାରତର ନକ୍ସା ବଡ଼ ଆକାରରେ ଦେଖାଯିବ। ଆଫ୍ରିକା ଓ ଅନ୍ୟ ଦେଶଙ୍କ ମାନଚିତ୍ର ମଧ୍ୟ ଠିକ୍ ଭାବେ ସାମ୍ନାକୁ ଆସିବ।

ଉଲ୍ଲେଖଯୋଗ୍ୟ ଯେ ଏହି ପ୍ରସ୍ତାବ ଏଥି ପାଇଁ ଅଣାଯାଇଛି ଯେ ଶହଶହ ବର୍ଷରୁ ଚଳି ଆସୁଥିବା ମର୍କେଟର ନକ୍ସାରେ ବିଶ୍ୱର ମ୍ୟାପ୍ ଠିକ୍ ଭାବେ ସାମ୍ନାକୁ ଆସୁ ନାହିଁ। ଷୋଡଶ ଶତାବ୍ଦୀରେ ନୌବାଣିଜ୍ୟ କରୁଥିବା ଲୋକଙ୍କ ଲାଗି ତିଆରି ହୋଇଥିବା ନକ୍ସା ଏହାର ନିର୍ମାଣ ଶୈଳୀ ଯୋଗୁ ଧ୍ରୁବ ନିକଟରେ ଥିବା ଅଞ୍ଚଳକୁ ବଡ ଓ ଭୂମଧ୍ୟରେଖା ନିକଟରେ ଥିବା ମହାଦ୍ୱୀପଙ୍କୁ ଛୋଟ କରି ଦେଖାଉଛି। ଏହାର ଫଳ ହେଉଛି ଗ୍ରୀନଲ୍ୟାଣ୍ଡଠାରୁ ଆଫ୍ରିକା ୧୪ ଗୁଣା ବଡ଼ ହୋଇଥିଲେ ମଧ୍ୟ ମାନଚିତ୍ରରେ ଏହାକୁ ଛୋଟ ଦେଖା ଯାଉଛି।

ଆମେରିକା ଓ କେତେକ ପାଶ୍ଚାତ୍ୟ ଦେଶ ମାନଚିତ୍ରରେ ବାସ୍ତବ କ୍ଷେତ୍ରଫଳଠାରୁ ଅଧିକ ବିଶାଳ ଖଣ୍ଡ ଭାବେ ଦେଖାଯାଉଛନ୍ତି। ଏଥିରେ ଆଫ୍ରିକା ଓ ଦକ୍ଷିଣ ଏସିୟା ଆକାରକୁ ଛୋଟ ଓ ସଂକୁଚିତ ହେଉଥିବା ଦେଖା ଯାଉଛି। ପ୍ରସ୍ତାବରେ କୁହାଯାଇଛି ଯେ ଏହି ବିକୃତି ବିଶ୍ୱର ଅସନ୍ତୁଳିତ ଛବି ତିଆରି କରୁଛି। ତେବେ ଏହାର ପ୍ରଭାବ ସିଧା ଭାରତ ଉପରେ ପଡିବ ନାହିଁ। ଏଥିରେ କୌଣସି ଦେଶର ଭୌଗଳିକ କ୍ଷେତ୍ରଫଳ ବଢିଯିବନି। ତେବେ ଫରକ କେବଳ ଏତିକି ରହିବ ଯେ ସମାନ କ୍ଷେତ୍ରଫଳର ନକ୍ସାରେ ଭାରତ ଓ ଦକ୍ଷିଣ ଏସିୟା , ୟୁରୋପ ଓ ଉତ୍ତର ଆମେରିକା ତୁଳନାରେ ଅଧିକ ବାସ୍ତବିକ ଅନୁପାତରେ ଦେଖାଯିବ। ବିଦ୍ୟାଳୟ ଶ୍ରେଣୀ ଓ ସମ୍ବାଦ ସରବରାହରେ ଦେଶର ଭୌଗଳିକ ଓଜନ ଏବେ ଛୋଟ ଲାଗିବ ନାହିଁ।

ଭାରତ ସ୍ପଷ୍ଟ କରିଛି ଯେ ସେ ଏପରି ମାନଚିତ୍ରକୁ ସମର୍ଥନ କରୁଛି ଯାହା ମହାଦ୍ୱୀପର ପାରସ୍ପରିକ ଆକାରକୁ ସଠିକ ରଖୁଥିବ। ମିଳିତ ଜାତି ସଂଘ ମିସନରେ ଭାରତର ପ୍ରଥମ ସଚିବ ରଘୁ ପୁରୀ କହିଛନ୍ତି ଯେ ସମାଜ, ଭୂଗୋଳ ଓ ବିଶ୍ୱର ଆକାରକୁ କିପରି ବୁଝାଉଛି ଏହା ନକ୍ସା ନିର୍ଦ୍ଧାରଣ କରେ।

# ଝିରମ ଘାଟି ନରସଂହାର: ୧୩ ବର୍ଷ ପରେ ନିଷ୍ପତ୍ତି ଶୁଣାଇଲେ ଏନଆଇଏ କୋର୍ଟ

**ରାୟପୁର:** ଛତିଶଗଡ଼ ଇତିହାସର ସବୁଠୁ ଭୟାନକ ନକ୍ସଲ ଆକ୍ରମଣ ୨୦୧୩ର ଝିରମଘାଟି ନରସଂହାର ରାୟ ଆସିଛି। ଏନଆଇଏ ସ୍ୱତନ୍ତ୍ର କୋର୍ଟ ମାମଲାର ରାୟ ଘୋଷଣା କରିଥିବା ବେଳେ ସମସ୍ତ ୧୦ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାର ଶୁଣାଣି ଏନଆଇଏ ସ୍ୱତନ୍ତ୍ର କୋର୍ଟ ବିଚାରପତି ଜଷ୍ଟିସ୍ ଅଜୟ ସିଂହ ରାଜପୁତଙ୍କ ବେଞ୍ଚରେ ଚାଲୁଥିଲା। ଅଗଷ୍ଟ ୧୨ ତାରିଖ ଦିନ ସ୍ୱତନ୍ତ୍ର କୋର୍ଟରେ ଝିରମ ଘାଟି ନରସଂହାରର ଶେଷ ଶୁଣାଣି ସମାପ୍ତ ହୋଇଥିଲା। ଉଭୟପକ୍ଷଙ୍କ ତର୍କ ଶୁଣିବା ପରେ ବିଚାରପତି ରାୟ ସଂରକ୍ଷିତ ରଖିଥିଲେ ଓ ଅଗଷ୍ଟ ୩୧ରେ ଘୋଷଣା ହେବ ବୋଲି କହିଥିଲେ। ତେବେ ଶୁଣାଣି ଟଳିଥିବା ବେଳେ ସେପ୍ଟେମ୍ବର ୫ ତାରିଖରେ ଘୋଷଣା ହୋଇଛି। ଏହି ମାମଲାର ବିସ୍ତୃତ ଯାଞ୍ଚ ପରେ ଏନଆଇଏ ୨୦୧୫ ମସିହାରେ ୧ ହଜାର ପୃଷ୍ଠାର ଚାର୍ଜସିଟ୍ କୋର୍ଟରେ ଦାଖଲ କରିଥିଲା। ଆରମ୍ଭରେ ଏନଆଇଏ ମାମଲାରେ ୧୧ଜଣଙ୍କୁ ଅଭିଯୁକ୍ତ କରିଥିଲା। ତେବେ ଯାଞ୍ଚ ଓ ଶୁଣାଣି କାଳରେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ବାକି ୧୦ ଜଣ ଅଭିଯୁକ୍ତ ଏବେ ଜଗଦଲପୁର ଜେଲରେ ବନ୍ଦୀ ଅଛନ୍ତି।

ଜାଣନ୍ତୁ ପୁରା ମାମଲା କ'ଣ?

ଛତିଶଗଡ଼ ବସ୍ତର ସଂଭାଗରେ କଂଗ୍ରେସ ପାର୍ଟି ପକ୍ଷରୁ ୨୫ ମେ ୨୦୧୩ରେ ଏକ ପରିବର୍ତ୍ତନ ଯାତ୍ରା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମପାଇଁ ନେତାଙ୍କ ଗାଡି ଝିରମ ଘାଟି ପାର କରୁଥିବା ବେଳେ ପୂର୍ବରୁ ଛକି ରହିଥିବା ଶତାଧିକ ମାଓବାଦୀ ସେମାନଙ୍କ ଉପରକୁ ଚାରିପଟୁ ଅନ୍ଧାଧୁନିଆ ଗୁଳି ବର୍ଷା କରିଥିଲେ। ମାଓବାଦୀଙ୍କ ଏହି କାଣ୍ଡରେ ୩୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୮ ଜଣ ଗୁରୁତର ଆହତ ହୋଇଥିଲେ। ତେବେ ଏନଆଇଏ ଚାର୍ଜସିଟ୍ ରେ ଅଧିକାରୀକ ଭାବେ ୨୭ ଜଣଙ୍କ ମୃତ୍ୟୁ ପୁଷ୍ଟି କରିଛି।ନକ୍ସଲଙ୍କ ଏହି ଆକ୍ରମଣର ମୁଖ୍ୟ ଲକ୍ଷ୍ୟ ଥିଲେ ବରିଷ୍ଠ କଂଗ୍ରେସ ନେତା। ଏହି ଆକ୍ରମଣରେ ତତ୍କାଳୀନ ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ନନ୍ଦ କୁମାର ପଟେଲ, ପୂର୍ବତନ ମନ୍ତ୍ରୀ ମହେନ୍ଦ୍ର କର୍ମା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଦ୍ୟାଚରଣ ଶୁକ୍ଲାଙ୍କ ସମେତ ଅନେକ ପ୍ରମୁଖ ନେତା ଓ ସୁରକ୍ଷା କର୍ମୀ ପ୍ରାଣ ହରାଇଥିଲେ।

# ଧରତୀ ପକଡଙ୍କ ପରଲୋକ

**ଭାଗଲପୁର:** ଦେଶରେ ଅନୁଷ୍ଠିତ ବିଭିନ୍ନ ନିର୍ବାଚନରେ ବାରମ୍ବାର ପ୍ରାର୍ଥୀ ହୋଇ 'ଧରତୀ ପକଡ' ନାମରେ ପରିଚିତ ବିହାରର ନାଗରମଲ ବାଜୋରିଆଙ୍କ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୭ ବର୍ଷ ବୟସ ହୋଇଥିଲା। ସେ ପଞ୍ଚାୟତରୁ ଆରମ୍ଭ କରି ପୌର ନିର୍ବାଚନ ଏପରିକି ଲୋକସଭା ଓ ରାଷ୍ଟ୍ରପତିନିର୍ବାଚନ ପର୍ଯ୍ୟନ୍ତ ୨୮୦ଟି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱୀତା କରିଥିଲେ। ଗୁରୁବାର ବିହାର ରାଜଧାନୀ ପାଟନାରେ ତାଙ୍କର ପରଲୋକ ହୋଇଥିବା ବେଳେ ଶୁକ୍ରବାର ଭାଗଲପୁରରେ ଅନ୍ତ୍ୟେଷ୍ଟି ସମ୍ପନ୍ନ ହୋଇଛି। ୧୯୩୦ ମସିହାରେ ଲାହୋରରେ ଜନ୍ମିତ ନାଗରମଲ ସ୍ୱାଧୀନତା ପୂର୍ବରୁ ପରିବାର ସହ ବିହାରର ଭାଗଲପୁର ଚାଲି ଆସିଥିଲେ। ସେ ବ୍ୟବସାୟ ସହ ଜଡିତ ଥିଲେ। ୩୦ ବର୍ଷ ବୟସରେ ସେ ୧୯୬୦ ମସିହା ଭାଗଲପୁର ପୌର ନିର୍ବାଚନରେ ଜିତି ନିର୍ବାଚନୀ ରାଜନୀତିକୁ ପ୍ରବେଶ କରିଥିଲେ। ପରେ ସେ ଇନ୍ଦିରା ଗାନ୍ଧି, ରାଜୀବ ଗାନ୍ଧି, ଅଟଳବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନୀଙ୍କ ଭଳି ଦେଶର ବଡ଼ ବଡ଼ ରାଜନେତାଙ୍କ ବିରୋଧରେ ପ୍ରାର୍ଥୀ ହୋଇ ନିର୍ବାଚନ ଲଢିଥିଲେ। ୧୯୬୯ ମସିହାରେ ସେ ଭି.ଭି.ଗିରିଙ୍କ ବିରୋଧରେ ମଧ୍ୟ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିଲେ। ଗତ ୨୦୧୯ ମସିହାରେ ସେ ଶେଷ ଥର ପାଇଁ ନିର୍ବାଚନ ଲଢିଥିଲେ। ନାଗରମଲଙ୍କ ନାତି ସୌରଭ ବାଜୋରିୟା କହିଛନ୍ତି ଯେ ତାଙ୍କ ଜେଜେବାପା କେବଳ ଜିତିବା ପାଇଁ ନିର୍ବାଚନରେ ପ୍ରାର୍ଥୀ ହେଉନଥିଲେ ବରଂ ରାଜନୀତି ଓ ନିର୍ବାଚନ ପ୍ରତି ଲୋକଙ୍କୁ ସଚେତନ କରିବାକୁ ସେ ନିର୍ବାଚନ ଲଢୁଥିଲେ ବୋଲି କହିଛନ୍ତି। ଶୁକ୍ରବାର ଗଙ୍ଗାନଦୀ କୂଳରେ ଥିବା ବରାରୀ ଘାଟରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି।

# ଥର୍ମାଲ ପାୱାର ପ୍ଲାଣ୍ଟସରେ କୋଇଲା ଅଭାବ



**ନୂଆଦିଲ୍ଲୀ:** ବିଦ୍ୟୁତ ଚାହିଦା କାଳରେ ମୌସୁମୀ କାରଣରୁ ଉପୁଜିଥିବା ବାଧା ଯୋଗୁ ସାରା ଦେଶର ଥର୍ମାଲ ପାୱାର ପ୍ଲାଣ୍ଟରେ କୋଇଲା ଷ୍ଟକ୍ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହେବାରେ ଲାଗିଛି। କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ (ସିଇଏ) ତଥ୍ୟ ଅନୁସାରେ ସେପ୍ଟେମ୍ବର ୨ ତାରିଖ ସୁଦ୍ଧା ଦେଶର ୫୦ ପାୱାର ପ୍ଲାଣ୍ଟରେ କୋଇଲା ଷ୍ଟକ୍ ହ୍ରାସ ହୋଇଛି। ସିଇଏଙ୍କ ତଥ୍ୟ ଅନୁସାରେ ୨୨୪ ଗିଗାୱାଟ କ୍ଷମତାର ଏହି ପ୍ଲାଣ୍ଟମାନଙ୍କରେ ୫୮.୭ ମିଲିୟନ ଟନ କ୍ଷମତାରୁ ବୁଧବାର ପର୍ଯ୍ୟନ୍ତ ୨୮.୨ ମିଲିୟନ ଟନ କୋଇଲା ଥିଲା, ଯାହା ମୋଟ ଆବଶ୍ୟକତାର ମାତ୍ର ୪୮ ପ୍ରତିଶତ। ଏଣୁ ଉପଲବ୍ଧ ଷ୍ଟକ୍ ଏବେ ମାତ୍ର ୯ ଦିନର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ବୋଲି କୁହାଯାଇଛି।

ନିୟମ ଅନୁସାରେ ଯେଉଁ ପ୍ଲାଣ୍ଟମାନଙ୍କର ନିର୍ଦ୍ଧାରିତ ଷ୍ଟକ୍ ୨୫ ପ୍ରତିଶତରୁ କମେ ସେଗୁଡିକୁ କ୍ରିଟିକାଲ ଶ୍ରେଣୀରେ ବର୍ଗିକୃତ କରାଯାଏ। ଗୁରୁତର କୋଇଲା ଅଭାବର ସମ୍ମୁଖୀନ ହୋଇଥିବା ୫୦ ପାୱାର ପ୍ଲାଣ୍ଟ ମଧ୍ୟରୁ ୪୫ଟି ଘରୋଇ କୋଇଲା, ୪ଟି ଆମଦାନୀ କୋଇଲା ଓ ଗୋଟିଏ ପ୍ଲାଣ୍ଟ ୱାସିଂ କୋଇଲା ଅବଶେଷ ଉପରେ ନିର୍ଭରଶୀଳ। ଏଥିରେ କୋଇଲା ମନ୍ତ୍ରାଳୟ ଅଧିକାରୀ ସ୍ପଷ୍ଟ କରିଛନ୍ତି ଯେ ସମସ୍ତ ସମ୍ବେଦନଶୀଳ ପ୍ଲାଣ୍ଟକୁ ଏକ ଇଣ୍ଟର ମିନିଷ୍ଟରିଆଲ ଟିମ୍ ଦ୍ୱାରା ନିୟମିତ ଦେଖରେଖ କରାଯାଉଛି ଓ ସେଗୁଡିକୁ ନିୟମିତ ଇନ୍ଧନ ପଠାଯାଉଛି।

ମନ୍ତ୍ରାଳୟର ଜନୈକ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ସିଇଏ ନିୟମ ଅନୁସାରେ କୌଣସି ପ୍ଲାଣ୍ଟକୁ କ୍ରିଟିକାଲ ଘୋଷଣା କରିବା ଏକ ନିୟମିତ ମନିଟରିଂ ପ୍ରକ୍ରିୟାର ଅଂଶବିଶେଷ। ଏହାର ଅର୍ଥ ହେଉଛି ପ୍ଲାଣ୍ଟ ଉପରେ କଡ଼ା ନଜର ରଖାଯାଇ ପ୍ରାଥମିକତା ଆଧାରରେ କାର୍ଯ୍ୟାନୁଷ୍ଠାନ କରିବା। ତେବେ ଏହି ପ୍ଲାଣ୍ଟଗୁଡିକୁ କୋଇଲା ଯୋଗାଣ ସମାପ୍ତ ହୋଇନି। ଅଧିକାରୀଙ୍କ ଅନୁସାରେ ୮୫% ପିଏଲଏଫରେ ପ୍ଲାଣ୍ଟର ମାନକ ଆବଶ୍ୟକତା ଦୈନିକ ୩.୧ ମିଲିୟନ ଟନ ଆକଳନ କରାଯାଇଛି। ତେବେ ଦୈନିକ ବାସ୍ତବ ଖର୍ଚ୍ଚ ୨.୪ ମିଲିୟନ ଟନ। ପ୍ରତିବର୍ଷ ମୌସୁମୀ ଋତୁରେ ଖଣି ଓ ପରିବହନରେ ବାଧା ଉପୁଜୁଥିବା ଯୋଗୁ କୋଇଲା ଯୋଗାଣ ପ୍ରଭାବିତ ହୋଇଥାଏ। ତେବେ ସେପ୍ଟେମ୍ବରରେ ବର୍ଷା ହ୍ରାସ ହେଲେ ସ୍ଥିତି ପୁଣି ସୁଧୁରିବା ଆରମ୍ଭ ହୁଏ। ତେବେ ଏହି ମାମଲାରେ ଏ ପର୍ଯ୍ୟନ୍ତ ବିଦ୍ୟୁତ ମନ୍ତ୍ରାଳୟ ପକ୍ଷରୁ କୌଣସି ଅଧିକାରୀକ ବୟାନ ଆସି ନାହିଁ। କିନ୍ତୁ ସୂତ୍ର ଅନୁସାରେ ବିଦ୍ୟୁତ ଉତ୍ପାଦନରେ କୌଣସି ବାଧା ନ ଉପୁଜୁ ଏଣୁ କେତେକ କୋଇଲା ପ୍ଲାଣ୍ଟକୁ ସେମାନଙ୍କ ନିୟମିତ ମେଣ୍ଟେନାନ୍ସକୁ ଆଗକୁ ଟାଳିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ୧୫ ସେପ୍ଟେମ୍ବରରୁ ବନ୍ଦ ହୋଇପାରେ ୟୁପିଆଇ ପେମେଣ୍ଟ




**ନୂଆଦିଲ୍ଲୀ:** ଦୈନନ୍ଦିନ କାରବାର ପାଇଁ ଅନଲାଇନ୍ କିମ୍ବା ୟୁପିଆଇ ପେମେଣ୍ଟ ଉପରେ ନିର୍ଭର କରୁଥିବା ବ୍ୟକ୍ତିଙ୍କୁ ଆସନ୍ତା ୧୫ ସେପ୍ଟେମ୍ବର ପରେ ବଡ଼ ଝଟ୍କା ଲାଗିପାରେ। କାରଣ ଦେଶର ଲକ୍ଷ ଲକ୍ଷ କ୍ଷୁଦ୍ର ବ୍ୟବସାୟୀ ଓ ଉଠାଦୋକାନୀଙ୍କ ରି-କେୱାଇସି ପ୍ରକ୍ରିୟା ଶେଷ ହୋଇପାରିନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଅନଲାଇନ୍ ପେମେଣ୍ଟ କମ୍ପାନୀଗୁଡ଼ିକ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଏହି ସମୟସୀମା ବୃଦ୍ଧି କରିବାକୁ ଅନୁରୋଧ କରିଛନ୍ତି।

ରିପୋର୍ଟ ଅନୁସାରେ, ନିର୍ଦ୍ଧାରିତ ସମୟ ମଧ୍ୟରେ ନହେଲେ ଦୋକାନୀଙ୍କ ଆକାଉଣ୍ଟ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯିବ । ଏହାଦ୍ୱାରା QR କୋଡ୍ ବ୍ୟବହାର କରୁଥିବା ପ୍ରାୟ ୩୦%ରୁ ୩୫% କ୍ଷୁଦ୍ର ଏବଂ ଉଠାଦୋକାନୀ ପ୍ରଭାବିତ ହେବାର ଆଶଙ୍କା ରହିଛି। ପ୍ରାୟ ୧୦ ଲକ୍ଷ ଛୋଟ ଅନଲାଇନ୍ ବ୍ୟବସାୟର ପେମେଣ୍ଟ ସିଷ୍ଟମ୍ ଠପ୍ ହୋଇଯାଇପାରେ।

କାହିଁକି ଅଟକିଛି ପ୍ରକ୍ରିୟା?

ପେଟିଏମ୍ ଏବଂ ଫୋନ୍ପେ ଭଳି ପେମେଣ୍ଟ ଆଗ୍ରିଗେଟର କମ୍ପାନୀଗୁଡ଼ିକର କହିବା ଅନୁଯାୟୀ, ଗ୍ରାମାଞ୍ଚଳ ଓ ଛୋଟ ସହରରେ ଲକ୍ଷ ଲକ୍ଷ ସାଉଣ୍ଡ ବକ୍ସ ଓ QR ଷ୍ଟାଣ୍ଡି ରହିଛି। କିନ୍ତୁ ଏମାନଙ୍କ ମଧ୍ୟରୁ ଅନେକ ଗରିବ ଉଠାଦୋକାନୀ ଅଛନ୍ତି, ଯେଉଁମାନଙ୍କ ପାଖରେ ସଠିକ୍ ପରିଚୟ ପତ୍ର କିମ୍ବା ବ୍ୟବସାୟିକ ଦଲିଲ୍ ନାହିଁ। ଏହା ସହିତ RBIର କଠୋର ନିୟମ ଅନୁଯାୟୀ, କମ୍ପାନୀର ନିଜସ୍ୱ କର୍ମଚାରୀ ହିଁ ଦୋକାନକୁ ଯାଇ ଫିଜିକାଲ୍ ଭେରିଫିକେସନ୍ କରିବା ବାଧ୍ୟତାମୂଳକ। କୌଣସି ପ୍ରାଇଭେଟ୍ ଏଜେନ୍ସିକୁ ଏହି କାମ ଦିଆଯାଇପାରିବ ନାହିଁ, ଯାହାଫଳରେ କର୍ମଚାରୀଙ୍କ ଅଭାବ ଦେଖାଦେଇଛି।

ବର୍ଷେ ପୂର୍ବରୁ ଆସିଥିଲା ନିୟମ

ରିଜର୍ଭ ବ୍ୟାଙ୍କ ଏହି କଠୋର ନିୟମ ଗତ ବର୍ଷ ଅର୍ଥାତ୍ ସେପ୍ଟେମ୍ବରରେ ହିଁ ଲାଗୁ କରିଥିଲା। କମ୍ପାନୀ ଏବଂ ଦୋକାନୀଙ୍କ ପାଖରେ ପୂରା ୧ ବର୍ଷ ସମୟ ଥିଲା। କିନ୍ତୁ ଶେଷ ସମୟ ପର୍ଯ୍ୟନ୍ତ ନକରିବାରୁ ଏବେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। କମ୍ପାନୀଗୁଡ଼ିକର ଆକଳନ ଅନୁଯାୟୀ, ସେପ୍ଟେମ୍ବର ୧୫ ସୁଦ୍ଧା ସେମାନେ ମାତ୍ର ୮୦ ପ୍ରତିଶତ କାମ ହିଁ ଶେଷ କରିପାରିବେ।

ସାଧାରଣ ଗ୍ରାହକଙ୍କ ଉପରେ କ'ଣ ପଡ଼ିବ ପ୍ରଭାବ?

ଯଦି ଆରବିଆଇ ସମୟସୀମା ନ ବଢ଼ାଏ, ତେବେ ଆପଣ ପନିପରିବା, ଚା' ଦୋକାନ କିମ୍ବା ରାସନ ସାମଗ୍ରୀ କିଣିବା ସମୟରେ ୟୁପିଆଇ କିମ୍ବା କାର୍ଡ ମାଧ୍ୟମରେ ଟଙ୍କା ପଠାଇବାରେ ସମସ୍ୟା ଭୋଗିପାରନ୍ତି। ଅବଶ୍ୟ ଏହାଦ୍ୱାରା ଦେଶର ସାମଗ୍ରିକ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ଉପରେ କୌଣସି ବଡ଼ ଫରକ ପଡ଼ିବ ନାହିଁ, କାରଣ କ୍ଷୁଦ୍ର ବ୍ୟବସାୟୀଙ୍କ ଆର୍ଥିକ କାରବାରର ଅଂଶ ବହୁତ କମ୍। କିନ୍ତୁ ସାଧାରଣ ଲୋକଙ୍କ ଦୈନନ୍ଦିନ କିଣାବିକା ଏବଂ ଗରିବ ବ୍ୟବସାୟୀଙ୍କ ରୋଜଗାର ନିଶ୍ଚିତ ଭାବେ ବାଧାପ୍ରାପ୍ତ ହେବ। ତେବେ ପେମେଣ୍ଟ ଇଣ୍ଡଷ୍ଟ୍ରି ପକ୍ଷରୁ ଆଶା ରଖାଯାଇଛି ଯେ, ବାସ୍ତବିକ ସମସ୍ୟାକୁ ବୁଝି ଆରବିଆଇ ଖୁବଶୀଘ୍ର ଡେଡ୍ଲାଇନ୍ ବଢ଼ାଇବା ନେଇ ଘୋଷଣା କରିପାରେ।

# ଜଳପରୀ ଆଦ୍ୱିକା

ଭୁବନେଶ୍ୱର, (**ଶକ୍ତି ପ୍ରକାଶ ନନ୍ଦ**): ଅନ୍ତର୍ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ଆଦ୍ୱିକା ଉତ୍କଳ। ଉତ୍କଳ ମାଟିର ସୁଯୋଗ୍ୟ ସନ୍ତାନ ୮ ବର୍ଷିଆ କଟକର ଆଦ୍ୱିକା ସୁଦୁର ବ୍ୟାଙ୍କକରେ ସାରା ରାଜ୍ୟକୁ ଗୌରାବାନ୍ୱିତ କରିଛନ୍ତି। ବ୍ୟାଙ୍କକରେ ଅନୁଷ୍ଠିତ ଏସୀୟ ସ୍କୁଲ ଆମନ୍ତ୍ରଣୀୟ ସଟକୋର୍ସ ଚାମ୍ପିଅନସିପରେ ଅଂଶଗ୍ରହଣ କରି ଆଦ୍ୱିକା ଚମତ୍କାର ପ୍ରଦର୍ଶନ ସହ ୭ଟି ପଦକ ଜିତି ୩ ଟି ନୂଆ ରେକର୍ଡ କରିଛନ୍ତି। ଗ୍ରୁପ ଚାମ୍ପିଅନ ହେବାର ସୌଭାଗ୍ୟ ମଧ୍ୟ ପାଇଛନ୍ତି ଆଦ୍ୱିକା। ବ୍ୟକ୍ତିଗତ ବର୍ଗରେ ୪ଟି ସ୍ୱର୍ଣ୍ଣ ସହ ଗୋଟିଏ ରୌପ୍ୟ ହାତେଇଛନ୍ତି। କୁନି ଜଳପରୀ ଆଦ୍ୱିକାଙ୍କ ସଫଳତା ଆଗକୁ ମଧ୍ୟ ଗୌରବର ମଶାଲ ଜଳାଇ ରଖିବ।

କଟକର ନିବାସୀ ମା ଗାୟିତ୍ରୀ ତ୍ରିପାଠୀ ଓ ବାପା ଉତ୍କଳ କିଶୋର ସ୍ୱାଇଁଙ୍କ ଝିଅ ଆଦ୍ୱିକା। ପିଲା ଦିନର ପାଣି ଦେଖିଲେ ଆଦ୍ୱିକା ନିଜକୁ ସମ୍ଭାଳି ପାରନ୍ତି ନାହିଁ। ଘଣ୍ଟା ଘଣ୍ଟା ଧରି ପାଣିରେ ଜଳପରୀଙ୍କ ଭଳି ପହଁରିବା ଅଭ୍ୟାସ ତାଙ୍କ ପ୍ରତିଭାକୁ ଶାଣିତ କରିଛି। ସ୍ୱସ୍ତି ପ୍ରିମିୟମର ସୁଇମିଂ ପୁଲରୁ କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ସନ୍ତରଣ କମ୍ପ୍ଲେକ୍ସରେ ଅଭ୍ୟାସ କରି ନିଜକୁ ପ୍ରସ୍ତୁତ କରିଛନ୍ତି ଆଦ୍ୱିକା। ମାତ୍ର ୭ବର୍ଷ ବୟସରେ ପ୍ରଥମ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ମେଡାଲ ଜିତିବା ତାଙ୍କ ପ୍ରତିଭା ଓ ଦକ୍ଷତାକୁ ପ୍ରମାଣିତ କରିଛି। ପ୍ରଥମ ଗୁରୁ ବୁଲୁ ବେରିହାଙ୍କ ଠାରୁ ସନ୍ତରଣର ପ୍ରାରମ୍ଭିକ କଳାକୌଶଳ ଶିଖିବା ପରେ କଳିଙ୍ଗ ଷ୍ଟାଡିୟମରେ ସନ୍ତରଣ କୋଚ ବିନୀତ ପ୍ରଧାନ ତାଙ୍କ ଦକ୍ଷତାକୁ ଶାଣୀତ ଓ ମାର୍ଜିତ କରିବାରେ ବେଶ ସହାୟକ ହୋଇଛନ୍ତି। ଆଦ୍ୱିକାଙ୍କ ସାନ ଭାଇ ଅଭିୟୁକ୍ତ ଉତ୍କଳ ମଧ୍ୟ ଭଉଣୀଙ୍କ ଭଳି ସନ୍ତରଣରେ ମନୋନିବେଶ କଲେଣି।

ସାଢ଼େ ୬ ବର୍ଷରୁ ଆଦ୍ୱିକାଙ୍କ ସନ୍ତରଣ ଅଭିଯାନ ଆରମ୍ଭ ହୋଇଥିଲା। ସେ ସୁଇମିଂକୁ ବାଛି ନାହାନ୍ତି ବରଂ ସୁମିଂ ତାଙ୍କୁ ବାଛିଛି। ବାପା ମା ପିଲାର ପାଣି ପ୍ରତି ଆଗ୍ରହ ଦେଖି ପ୍ରାରମ୍ଭିକ ପର୍ଯ୍ୟାୟରେ ସୁରକ୍ଷା ଲାଗି ସନ୍ତରଣ ଶିଖାଇବାକୁ ମନସ୍ଥ କରିଥିଲେ। ସେ ସ୍ୱସ୍ତି ପ୍ରିମିୟରରେ ପ୍ରାରମ୍ଭିକ ଶିକ୍ଷା ଟ୍ରେନର ପ୍ରମୋଦ ଏବଂ ବିଶ୍ୱଜିତ ସାରଙ୍କ ଠାରୁ ଶିକ୍ଷା ନେଇଥିଲେ। ସନ୍ତରଣର ଯେଉଁ ସବୁ ମୌଳିକ ଦିଗ ଅଛି ସେ ସବୁକୁ ଖୁବ ଶୀଘ୍ର ଆପଣେଇଥିଲେ ଆଦ୍ୱିକା। ୨୦୨୫ ନଭେମ୍ବରରେ ଆଦ୍ୱିକା ପ୍ରଥମଥର ପେସାଦାର ସନ୍ତରଣ ପ୍ରଶିକ୍ଷଣ ଆରମ୍ଭ କରିଥିଲେ। ୭ ବର୍ଷ ୩ ମାସ ବୟସରେ ଆଦ୍ୱିକା କିଟରେ ଅନୁଷ୍ଠିତ ପ୍ରତିଯୋଗିତାର ୫୦ ମିଟର ବର୍ଗରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ସମ୍ବଲପୁର ସନ୍ତରଣ ପ୍ରତିଯୋଗିତାରେ ମଧ୍ୟ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ସିବିଏସସି ଜୋନାଲର ୧୧ ବର୍ଷରୁ କମ (ଛତିଶଗଡ଼) ଅଂଶଗ୍ରହଣ କରି ୫୦ ମିଟର ଫ୍ରି-ଷ୍ଟାଇଲରେ ସ୍ୱର୍ଣ୍ଣ, ୧୦୦ ମିଟର ଫ୍ରି-ଷ୍ଟାଇଲରେ ବ୍ରୋଞ୍ଜ ପଦକ ଜିତିଥିଲେ। ସେ ସର୍ବକନିଷ୍ଠ ଖେଳାଳି ଭାବେ ଜାତୀୟସ୍ତରର ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେ ମଧ୍ୟପ୍ରଦେଶର ଭୋପାଳରେ ହେବାକୁଥିବା ସିବିଏସସି ନ୍ୟାଶନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

ଏହାପରେ ଆଦ୍ୱିକା ବ୍ୟାଙ୍କକରେ ଅନୁଷ୍ଠିତ ଏସିଆନ ସ୍କୁଲ ଆମନ୍ତ୍ରଣୀୟ ସଟ କୋର୍ସ ଚାମ୍ପିଅନସିପ ପାଇଁ ସୁଯୋଗ ପାଇଥିଲେ। ଏଥିରେ ଅଂଶଗ୍ରହଣ କରି ନିଜ ପ୍ରତିଭାର ଯାଦୁ ଦେଖାଇଛନ୍ତି। ଆଦ୍ୱିକା ବ୍ୟକ୍ତିଗତ ବିଭାଗରେ ୪ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ପଦକ ହାସଲ କରିବା ସହିତ ୩ଟି ନୂଆ ରେକର୍ଡ ସ୍ଥାପନ କରିଛନ୍ତି। ତାଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଗୁଡିକ ହେଲା ୫୦ ମିଟର ଫ୍ରି-ଷ୍ଟାଇଲରେ ସ୍ୱର୍ଣ୍ଣ, ୨୫ ମିଟର ଫ୍ରି-ଷ୍ଟାଇଲରେ, ୨୫ ମିଟର ବଟର ଫ୍ଲାଏରେ ସ୍ୱର୍ଣ୍ଣ, ୫୦ ମିଟର ବଟର ଫ୍ଲାଏରେ ରୌପ୍ୟ ଏବଂ ୨୫ ଗୁଣା ୪ ମିଟର ଇଣ୍ଡିଭିଜୁଆଲ ମିଡଲେରେ ସ୍ୱର୍ଣ୍ଣ ଜିତିଥିଲେ। ରିଲେ ବିଭାଗର ଆଦ୍ୱିକାଙ୍କ ସଫଳତା ଜାରି ରହିଥିଲା। ୪ ଗୁଣା ୫୦ ମିଟର ବାଳିକା ଫ୍ରି-ଷ୍ଟାଇଲ ରିଲେରେ ସ୍ୱର୍ଣ୍ଣ ଏବଂ ୪ ଗୁଣା ୫୦ ମିଟର ମିକ୍ସଡ ଫ୍ରି-ଷ୍ଟାଇଲରେ ରିଲେରେ ରୌପ୍ୟ ପଦକ ଜିତିଥିଲେ। ଏପରିକି ଆଦ୍ୱିକା ମୋଟ ୭ଟି ପଦକ ଯଥା ୫ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ହାସଲ କରି ଗ୍ରୁପ ଚାମ୍ପିଅନ ମଧ୍ୟ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଏସିଆର ୧୪ଟି ରାଷ୍ଟ୍ର ଅଂଶଗ୍ରହଣ କରିଥିଲେ। ସବୁ ପ୍ରତିଯୋଗୀଙ୍କ ମଧ୍ୟରେ ଆଦ୍ୱିକା ଥିଲେ ଅନନ୍ୟା। ଭିଏତନାମ, ଫିଲିଫାଇନ୍ସ, ଭାରତ, ମାଲେସିଆ ପ୍ରଭୃତି ରାଷ୍ଟ୍ରରୁ ବହୁ ପ୍ରତିଭାବାନ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ଭାରତରୁ କର୍ଣ୍ଣାଟକ ଓ ମହାରାଷ୍ଟ୍ରରୁ ଅଧିକାଂଶ ପ୍ରତିଯୋଗୀ ଥିଲେ। ଏମାନଙ୍କ ମଧ୍ୟରେ ଆଦ୍ୱିକା ଥିଲେ ଏକମାତ୍ର ଓଡ଼ିଆ।

ମାତ୍ର ୮ ବର୍ଷ ବୟସରେ ମଞ୍ଚରେ ଏଭଳି ଚମତ୍କାର ସଫଳତା ହାସଲ କରି ଆଦ୍ୱିକା କେବଳ କଟକ ନୁହେଁ, ସମଗ୍ର ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କର ଏହି ସଫଳତା ପଛରେ କଠିନ ପରିଶ୍ରମ, ନିଷ୍ଠା, ଶୃଙ୍ଖଳା, ସନ୍ତରଣ ପ୍ରତି ଅସୀମ ଭଲ ପାଇବା। ଆଦ୍ୱିକାଙ୍କ ଏହି ଅନ୍ତର୍ଜାତୀୟ ସଫଳତା ଓଡ଼ିଶାର ଅନ୍ୟ ଯୁବ ସନ୍ତରଣ ପ୍ରତିଭାଙ୍କୁ ମଧ୍ୟ ନୂଆ ପ୍ରେରଣା କରାଯିବ ବୋଲି ଆଶା କରାଯାଇଛି।






## ସନ୍ତରଣରେ ବହୁ ଆଗକୁ ଯିବ ଆଦ୍ୱିକା: କୋଚ ବେରିହା

ପ୍ରଥମକରି ଯେତେବେଳେ ବାପା ମାଙ୍କ ସହ କୁନି ଝିଅ ଆଦ୍ୱିକା ସ୍ୱସ୍ତି ପ୍ରିମିୟମ ଆସିଲେ,ସେତେ ବେଳେ ତାଙ୍କୁ ପ୍ରଶିକ୍ଷଣ ଦେବାର ଦାୟିତ୍ୱ ମିଳିଥିଲେ। ଆରମ୍ଭରୁ ଆଦ୍ୱିକାଙ୍କୁ ଯାହା ଶିକ୍ଷା ଦିଆଯାଉଥିଲା ସେ ଚଟାପଟ ଗ୍ରହଣ କରିନେଉଥିଲେ। ସନ୍ତରଣର ଟେକ୍ନିକ ଖୁବ ଭଲ। ଅଳ୍ପ ବୟସରୁ ତାଙ୍କର ସନ୍ତରଣ ପ୍ରତି ଯେଉଁ ଆଗ୍ରହ ରହିଛି। ଆଗକୁ ନିଶ୍ଚିତ ଭାବେ ସେ ଅନ୍ତର୍ଜାତୀୟ ସନ୍ତରରେ କେବଳ ଓଡ଼ିଶା ନୁହେଁ, ସାରା ଦେଶର ଗୌରବ ପାଲଟିବେ। ଏତାଙ୍କ ଜୀବନର ଅୟମାରମ୍ଭ ମାତ୍ର, ଆଗକୁ ଲମ୍ବା ଯାତ୍ରା ରହିଛି। ଆମ ସମସ୍ତଙ୍କର ବିଶ୍ୱାସ ଆଦ୍ୱିକା ଟେକ ରଖିବେ।

## ଲକ୍ଷ୍ୟ ଅଲିମ୍ପିକ୍ସ: ମା ଗାୟତ୍ରୀ

ସବୁ କ୍ରୀଡାବିତଙ୍କ ଲକ୍ଷ୍ୟ ଥାଏ କ୍ରୀଡାର ମହାକୁମ୍ଭ ଅଲିମ୍ପିକ୍ସରେ ସାମିଲ ହେବ। ସନ୍ତରଣରେ ଆମ ଭାରତର ଅଲିମ୍ପିକ୍ସ ସଫଳତା କମ। ଆଗକୁ ଆହୁରି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଆଦ୍ୱିକା ନିଜକୁ ପରିପକ୍ୱ କରିବ। ଝିଅର ସ୍ୱପ୍ନ ମଧ୍ୟ ଅଲିମ୍ପିକ୍ସରେ ଅଂଶଗ୍ରହଣ। ଅଷ୍ଟ୍ରେଲିଆ, ଆମେରିକା ଭଳି ସନ୍ତରଣରେ ସଫଳତା ପାଇଥିବା ପ୍ରତିଯୋଗୀଙ୍କ ଭଳି ଆଦ୍ୱିକା ଦିନେ ଅଲିମ୍ପିକ୍ସରେ ଭାଗ ନେଇ ପଦକ ଜିତିବାର ଆଶା ରଖିଛନ୍ତି। ଏ ଦିଗରେ ତାଙ୍କୁ ପୂର୍ଣ୍ଣ ସମର୍ଥନ ଯୋଗାଇ ଦେବୁ। ସାରା ଦେଶରେ କର୍ଣ୍ଣାଟକ ଓ ମହାରାଷ୍ଟ୍ରର ଆଧିପତ୍ୟ ଜାରି ରହିଥିବା ବେଳେ ଓଡ଼ିଶା ସନ୍ତରଣରେ ୭ ନମ୍ବର ସ୍ଥାନରେ ରହିଛି। ଓଡ଼ିଶାକୁ ଆହୁରି ଆଗକୁ ନେବା ପାଇଁ କଠିନ ପରିଶ୍ରମ କରିବାକୁ ହେବ। ଆଦ୍ୱିକା ସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଅଛନ୍ତି। ବୟସ ବଢ଼ିବା ସହ ତାଙ୍କୁ ଆହୁରି ଉନ୍ନତମାନର ପ୍ରଶିକ୍ଷଣ ଯୋଗାଇ ଦେବାକୁ ଲକ୍ଷ୍ୟ ରହିଛି। ବ୍ୟକ୍ତିଗତ ଆଗ୍ରହ ଓ ଶିଖିବାର ଇଚ୍ଛା ଶକ୍ତି ତାଙ୍କୁ ସଫଳ କରାଇବ ବୋଲି ମା ଗାୟତ୍ରି ତ୍ରିପାଠୀ ଆଶାବ୍ୟକ୍ତ କରିଛନ୍ତି।

# ୨୧ରୁ ୨୫ ପଦକ: ବ୍ୟାଙ୍କକରେ ଇତିହାସ ରଚିଥିଲେ କମଲଜିତ୍ ସାନ୍ଧୁ

ନୂଆଦିଲ୍ଲୀ,୫।୯ (ଏଜେନ୍ସି): ୨୦୨୬ ଏସିଆନ୍ ଗେମ୍ସ ଆରମ୍ଭ ହେବାକୁ ଆଉ ୧୪ ଦିନ ବାକି। ଆଇଚି-ନାଗୋୟା ଏସିଆନ୍ ଗେମ୍ସ ପାଇଁ ଭାରତର ପୂର୍ବ ସଫଳତାକୁ ମନେ ପକାଇଲେ ୧୯୭୦ ବ୍ୟାଙ୍କକ୍ ଏସିଆନ୍ ଗେମ୍ସ ଏକ ସ୍ୱତନ୍ତ୍ର ସ୍ଥାନ ନେଇଥାଏ। ୧୯୬୬ରେ ୨୧ଟି ପଦକ ଜିତିଥିବା ଭାରତ ୧୯୭୦ରେ ନିଜ ପ୍ରଦର୍ଶନରେ ଉନ୍ନତି ଆଣି ମୋଟ ୨୫ଟି ପଦକ ହାସଲ କରିଥିଲା। ଭାରତ ୬ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୧୦ଟି କାଂସ୍ୟ ପଦକ ଜିତି ପଦକ ତାଲିକାରେ ପଞ୍ଚମ ସ୍ଥାନରେ ରହିଥିଲା। ଏଥର ମଧ୍ୟ ଭାରତର ସଫଳତାର ମୁଖ୍ୟ ଆଧାର ଥିଲା ଆଥଲେଟିକ୍ସ। ଆଥଲେଟିକ୍ସରୁ ଭାରତ ୧୪ଟି, କୁସ୍ତିରୁ ୫ଟି ଏବଂ ବକ୍ସିଂରୁ ୨ଟି ପଦକ ହାସଲ କରିଥିଲା। ଆଥଲେଟିକ୍ସ ଓ କୁସ୍ତି ମିଶି ଭାରତକୁ ୨୫ଟି ପଦକ ମଧ୍ୟରୁ ୧୯ଟି ପଦକ ଦେଇଥିଲା। ତେବେ ବ୍ୟାଙ୍କକ୍ ଏସିଆନ୍ ଗେମ୍ସର ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ଥିଲା ଭାରତୀୟ ମହିଳା ଆଥଲେଟ୍ କମଲଜିତ୍ ସାନ୍ଧୁଙ୍କ ସ୍ୱର୍ଣ୍ଣ ବିଜୟ। ସେ ମହିଳା ୪୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତି ଭାରତୀୟ କ୍ରୀଡ଼ା ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ିଥିଲେ। ଏସିଆନ୍ ଗେମ୍ସ ଆଥଲେଟିକ୍ସରେ ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିବାରେ ସେ ପ୍ରଥମ ଭାରତୀୟ ମହିଳା ହୋଇଥିଲେ। ଏହି ସଂସ୍କରଣରେ ଭାରତ ପାଇଁ ଅନ୍ୟ ସ୍ୱର୍ଣ୍ଣ ବିଜେତାଙ୍କ ମଧ୍ୟରେ ଥିଲେ ଶଟ୍ପୁଟ୍ରେ ଯୋଗିନ୍ଦର ସିଂହ, ଡିସ୍କସ୍ ଥ୍ରୋରେ ପ୍ରବୀଣ କୁମାର, ଟ୍ରିପଲ୍ ଜମ୍ପରେ ମହିନ୍ଦର ସିଂହ ଗିଲ୍, ହେଭିୱେଟ୍ ବକ୍ସିଂରେ ହାୱା ସିଂହ ଏବଂ କୁସ୍ତିରେ ଚାନ୍ଦଗୀ ରାମ। ଭାରତୀୟ ଦଳ ହକିରେ ରୌପ୍ୟ, ୱାଟର ପୋଲୋରେ ରୌପ୍ୟ, ସେଲିଂରେ କାଂସ୍ୟ ଏବଂ ଫୁଟବଲରେ କାଂସ୍ୟ ପଦକ ଜିତିଥିଲା। ସେଲିଂରେ ସୋଲି କଣ୍ଟ୍ରାକ୍ଟର ଓ ଅଫସର ହୁସେନ୍ ଏଣ୍ଟରପ୍ରାଇଜ୍ ଶ୍ରେଣୀରେ କାଂସ୍ୟ ପଦକ ଜିତିଥିଲେ। ଏହା ମଧ୍ୟ ଐତିହାସିକ ଥିଲା, କାରଣ ୧୯୭୦ରେ ପ୍ରଥମ ଥର ପାଇଁ ଏସିଆନ୍ ଗେମ୍ସରେ ସେଲିଂକୁ ସାମିଲ କରାଯାଇଥିଲା। ୧୯୬୬ର ୨୧ ପଦକରୁ ୧୯୭୦ରେ ୨୫ ପଦକ—ଏହି ସଫଳତା ଭାରତୀୟ କ୍ରୀଡ଼ାକୁ ପୁଣିଥରେ ଉତ୍ସାହ ଦେଇଥିଲା। କିନ୍ତୁ ବ୍ୟାଙ୍କକ୍ ୧୯୭୦ ସବୁବେଳେ ମନେ ରହିବ କମଲଜିତ୍ ସାନ୍ଧୁଙ୍କ ସେହି ଐତିହାସିକ ସ୍ୱର୍ଣ୍ଣ ପାଇଁ, ଯେଉଁଥିରେ ପ୍ରଥମ ଥର ଜଣେ ଭାରତୀୟ ମହିଳା ଆଥଲେଟ୍ ବ୍ୟକ୍ତିଗତ ଇଭେଣ୍ଟରେ ଏସିଆନ୍ ଗେମ୍ସ ପୋଡିୟମର ଶୀର୍ଷ ସ୍ଥାନରେ ଠିଆ ହୋଇଥିଲେ।

# ଅକ୍ଟୋବର ୧୦ରୁ ଆଇଏସ୍ଏଲ୍

ମୁମ୍ବାଇ,୫।୯ (ଏଜେନ୍ସି): ନୂଆ କ୍ଲବ୍-ନେତୃତ୍ୱାଧୀନ ଯୁଗରେ ପ୍ରବେଶ କରିଛି ଭାରତୀୟ ସୁପର ଲିଗ୍ (ଆଇଏସ୍ଏଲ)। ଆସନ୍ତା ଅକ୍ଟୋବର ୧୦ରୁ ଆଇଏସ୍ଏଲ୍ର ନୂଆ ସିଜନ୍ ଆରମ୍ଭ ହେବ। ୨୦୨୭ ମେ' ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସିଜନର ମୋଟ ୧୬୩ଟି ମ୍ୟାଚ୍ ଖେଳାଯିବ। ଚଳିତ ସିଜନର ପାରମ୍ପରିକ ହୋମ୍-ଆଣ୍ଡ-ଆୱେ ଫର୍ମାଟରେ ମ୍ୟାଚ୍ ଖେଳାଯିବ। ଲିଗ୍ ପର୍ଯ୍ୟାୟ ଶେଷରେ ପଏଣ୍ଟ ଟେବୁଲର ଶୀର୍ଷରେ ରହୁଥିବା ଦଳକୁ ସିଲ୍ଡ ବିଜେତା ଘୋଷଣା କରାଯିବ। ଏହି ଦଳକୁ ଆଇଏସ୍ଏଲର ଅଫିସିଆଲ୍ ଚାମ୍ପିଅନ୍ ଭାବେ ମାନ୍ୟତା ମିଳିବ ଏବଂ ଏସିଆନ୍ ପ୍ରତିଯୋଗିତାରେ ଖେଳିବାର ସୁଯୋଗ ମଧ୍ୟ ମିଳିବ। ଏଥର ଆଇଏସ୍ଏଲର ପୁଣିଥରେ ପ୍ଲେ-ଅଫ୍ ବ୍ୟବସ୍ଥା ଫେରିଛି। ଲିଗ୍ ପର୍ଯ୍ୟାୟର ଶ୍ରେଷ୍ଠ ୬ଟି ଦଳ ପ୍ଲେ-ଅଫରେ ଖେଳିବେ ଏବଂ ଏଥିରୁ ବିଜେତା ଦଳ ଆଇଏସ୍ଏଲ୍ କପ୍ ଚାମ୍ପିଅନ୍ ହେବ। ଅର୍ଥାତ୍ ଚଳିତ ସିଜନରେ ସିଲ୍ଡ ଓ କପ୍ ପାଇଁ ଅଲଗା ଲଢ଼େଇ ଦେଖିବାକୁ ମିଳିବ। ଏହି ସିଜନ୍ ଆଇଏସ୍ଏଲ୍ ପାଇଁ ଏକ ଐତିହାସିକ ପରିବର୍ତ୍ତନର ସମୟ। ଅଲ୍ ଇଣ୍ଡିଆ ଫୁଟ୍ବଲ୍ ଫେଡେରେସନ୍ (ଏଆଇଏଫ୍ଏଫ୍) ସହ ମିଶି କ୍ଲବ୍ଗୁଡ଼ିକ ଲିଗ୍ର ଭବିଷ୍ୟତ ଦିଗ ନିର୍ଦ୍ଧାରଣରେ ଅଧିକ ଭୂମିକା ନେବେ। ଏହି କ୍ଲବ୍-ନେତୃତ୍ୱାଧୀନ ମଡେଲର ଲକ୍ଷ୍ୟ ହେଉଛି ଭାରତୀୟ ପ୍ରତିଭାରେ ଅଧିକ ନିବେଶ, ଅଧିକ ପ୍ରତିଯୋଗିତାମୂଳକ ଫୁଟ୍ବଲ୍ ଏବଂ ଏକ ଦୀର୍ଘସ୍ଥାୟୀ ଫୁଟବଲ ବ୍ୟବସ୍ଥା ଗଠନ କରିବା। ବର୍ତ୍ତମାନ ୧୩ଟି ଦଳ ରାଉଣ୍ଡ-ରବିନ୍ ହୋମ୍-ଆଣ୍ଡ-ଆୱେ ଫର୍ମାଟରେ ଅଂଶଗ୍ରହଣ କରିବାକୁ ଥିବାବେଳେ ଚର୍ଚ୍ଚିଲ୍ ବ୍ରଦର୍ସର ଅଂଶଗ୍ରହଣ ନିୟାମକ ଅନୁମୋଦନ ଉପରେ ନିର୍ଭର କରୁଛି। ଅଂଶଗ୍ରହଣକାରୀ ଦଳଗୁଡ଼ିକ ହେଲେ— ଓଡ଼ିଶା ଏଫ୍ସି, ବେଙ୍ଗାଲୁରୁ ଏଫ୍ସି, ଚେନ୍ନାଇନ୍ ଏଫ୍ସି, ଚର୍ଚ୍ଚିଲ୍ ବ୍ରଦର୍ସ ଏଫ୍ସି, ଇଷ୍ଟ ବେଙ୍ଗଲ୍ ଏଫସି, ଏଫସି ଗୋଆ, ଇଣ୍ଟର କାଶୀ, କେରଳ ବ୍ଲାଷ୍ଟର୍ସ, ମୋହନ ବାଗାନ୍ ସୁପର ଜାଏଣ୍ଟ, ମୁମ୍ବାଇ ସିଟି ଏଫସି, ନର୍ଥଇଷ୍ଟ ୟୁନାଇଟେଡ୍, ପଞ୍ଜାବ ଏଫ୍ସି ଏବଂ ସ୍ପୋର୍ଟିଂ କ୍ଲବ୍ ଦିଲ୍ଲୀ। ତେବେ ୨୦୨୫-୨୬ ଇଣ୍ଡିଆନ୍ ଫୁଟବଲ ଲିଗ୍ ଜିତି ଆଇଏସ୍ଏଲକୁ ପଦୋନ୍ନତି ପାଇଥିବା ଡାଏମଣ୍ଡ ହାର୍ବର୍ ଏଫସି ୨୦୨୬-୨୭ ସିଜନ୍ ପାଇଁ ଆବଶ୍ୟକ ପ୍ରଶାସନିକ ଫି' ପୂରଣ କରିପାରିନାହିଁ। ତେଣୁ ଦଳଟି ଆଇଏସ୍ଏଲ୍ରେ ପଦୋନ୍ନତି ପାଇଥିବା ସ୍ଥାନ ଗ୍ରହଣ କରିନାହିଁ। ଲିଗ୍ର ପଦୋନ୍ନତି-ଅବନତି ନୀତି ଅନୁସାରେ ଡାଏମଣ୍ଡ ହାର୍ବର୍ ଚଳିତ ସିଜନ୍ରେ କୌଣସି ପଏଣ୍ଟ ପାଇବାକୁ ଯୋଗ୍ୟ ହେବ ନାହିଁ।

# ସାହାଣୀ କପ୍ ଫୁଟବଲ୍ ପାଇଁ ଖେଳାଳି ଚୟନ

ଅନୁଗୋଳ, ୫।୯ (ସବ୍ୟୁ): ଆସନ୍ତା ୧୮ ତାରିଖରୁ ମୟୂରଭଞ୍ଜ ରେ ଆରମ୍ଭ ହେବାକୁ ଥିବା ରାଜ୍ୟ ସ୍ତରୀୟ ସାହାଣୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ଅନୁଗୋଳ ଦଳ ର ଖେଳାଳୀ ଚୟନ କରାଯାଇଥିଲା। ପିଟିସି ପଡ଼ିଆରେ ଏଥିପାଇଁ ଅନୁଗୋଳ ଆଠମଲ୍ଲିକ,ପାଲଲହଡ଼ା ସବଡିଭିଜନ ର ଖେଳାଳୀ ମାନଙ୍କୁ ନେଇ ଖେଳ କରାଯାଇଥିଲା।ସେଥିରୁ ମୋଟ ୨୦ ଜଣ ଖେଳାଳି ଙ୍କୁ ଚୟନ କରାଯାଇଥିଲା। ପରେ ଚୂଡ଼ାନ୍ତ ଦଳ ଚୟନ କରାଯିବ ବୋଲି ଜଣାପଡ଼ିଛି।ଚୟନ ଶିବିରରେ ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ,ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଡା ଗୌର ଗୋବିନ୍ଦ ସାମନ୍ତ ଙ୍କ ସମେତ ସଦସ୍ୟ ରମେଶ ସାହୁ,ପ୍ରଭାତ ଦାସ,ରୁଚିର କୁମାର ଦାସ,ବସନ୍ତ କୁମାର ଦାସ,ପ୍ରଦୀପ କୁମାର ଦେବତା,ଅଭୟ ନାୟକ,ନୀଳମଣି ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ଇଣ୍ଡୋନେସିଆକୁ ୧୪-୦ରେ ହରାଇ ଭାରତର ଦମଦାର ଆରମ୍ଭ

ମୋକି,୫।୯ (ଏଜେନ୍ସି): ଏଏଚ୍ଏଫ୍ ଜୁନିୟର ଏସିଆ କପ୍ ୨୦୨୬ରେ ଟାଇଟଲ୍ ବଜାୟ ରଖିବା ଲକ୍ଷ୍ୟରେ ଥିବା ଭାରତୀୟ ଜୁନିୟର ପୁରୁଷ ହକି ଦଳ ଦମଦାର ଢଙ୍ଗରେ ଅଭିଯାନ ଆରମ୍ଭ କରିଛି। ଶନିବାର ପୁଲ୍-ଏ'ର ପ୍ରଥମ ମ୍ୟାଚରେ ଭାରତ ଇଣ୍ଡୋନେସିଆକୁ ୧୪-୦ ଗୋଲରେ ପରାସ୍ତ କରିଛି। ଭାରତର ବିଶାଳ ବିଜୟରେ ପ୍ରଭଦୀପ ସିଂହ ମୁଖ୍ୟ ଭୂମିକା ନେଇଥିଲେ। ସେ ଏକାକୀ ୫ଟି ଗୋଲ୍ ସ୍କୋର କରି 'ପ୍ଲେୟର ଅଫ୍ ଦି ମ୍ୟାଚ୍' ହୋଇଛନ୍ତି। ଅଧିନାୟକ ଅନମୋଲ ଏକ୍କା ୪ଟି ଏବଂ ଅଜିତ ଯାଦବ ୩ଟି ଗୋଲ୍ ଦେଇଥିଲେ। ଏହାଛଡ଼ା ହରପାଲ ଓ ଆଶୁ ମୌର୍ଯ୍ୟ ଗୋଟିଏ ଲେଖାଏ ଗୋଲ୍ କରିଥିଲେ। ମ୍ୟାଚ୍ ଆରମ୍ଭରୁ ଭାରତୀୟ ଖେଳାଳିମାନେ ଆକ୍ରମଣାତ୍ମକ ହକି ଖେଳି ଇଣ୍ଡୋନେସିଆ ଉପରେ ଚାପ ସୃଷ୍ଟି କରିଥିଲେ। ପଞ୍ଚମ ମିନିଟରେ ପ୍ରଭଦୀପ ଗୋଲ୍ କରି ଭାରତକୁ ଆଗୁଆ କରିଥିଲେ। ଅଷ୍ଟମ ମିନିଟରେ ହରପାଲ ଦଳର ଅଗ୍ରଣୀକୁ ୨-୦ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଭାରତର ଆକ୍ରମଣ ଜାରି ରହିଥିଲା। ୧୬ତମ ମିନିଟରେ ପେନାଲ୍ଟି ଷ୍ଟ୍ରୋକକୁ ଅନମୋଲ ଗୋଲ୍ କରିଥିଲେ। ଏହାର ଚାରି ମିନିଟ୍ ପରେ ଅଜିତ ଆଉ ଗୋଟିଏ ଗୋଲ୍ କରିଥିଲେ। ପରେ ୨୬ତମ ଓ ୩୦ତମ ମିନିଟରେ ଲଗାତାର ଦୁଇଟି ଗୋଲ୍ କରି ପ୍ରଭଦୀପ ନିଜ ହ୍ୟାଟ୍ରିକ୍ ପୂରଣ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଭାରତ ୬-୦ରେ ଆଗୁଆ ରହିଥିଲା।

ବିରତି ପରେ ମଧ୍ୟ ଇଣ୍ଡୋନେସିଆକୁ କୌଣସି ସୁଯୋଗ ଦେଇନଥିଲା ଭାରତ। ୩୫ତମ ଓ ୪୨ତମ ମିନିଟରେ ପେନାଲ୍ଟି କର୍ଣ୍ଣରରୁ ଅନମୋଲ ଆଉ ଦୁଇଟି ଗୋଲ୍ କରିଥିଲେ। ତୃତୀୟ କ୍ୱାର୍ଟର ଶେଷ ହେବା ପୂର୍ବରୁ ପ୍ରଭଦୀପ ପୁଣି ଗୋଲ୍ କରିବାରୁ ଭାରତ ୯-୦ରେ ଆଗୁଆ ରହିଥିଲା। ଶେଷ କ୍ୱାର୍ଟରରେ ଭାରତ ଆହୁରି ୫ଟି ଗୋଲ୍ କରିଥିଲା। ୫୧ତମ ମିନିଟରେ ଅନମୋଲ ନିଜର ଚତୁର୍ଥ ଗୋଲ୍ କରିଥିବା ବେଳେ ଏହାର ମାତ୍ର ଗୋଟିଏ ମିନିଟ୍ ପରେ ପ୍ରଭଦୀପ ପଞ୍ଚମ ଗୋଲ୍ ଦେଇଥିଲେ। ୫୩ତମ ମିନିଟରେ ଅଜିତ ଲଗାତାର ଦୁଇଟି ଗୋଲ୍ କରି ନିଜ ହ୍ୟାଟ୍ରିକ୍ ପୂରଣ କରିବା ସହ ଭାରତକୁ ୧୩-୦ରେ ପହଞ୍ଚାଇଥିଲେ। ୫୯ତମ ମିନିଟରେ ପେନାଲ୍ଟି କର୍ଣ୍ଣରରୁ ମୌର୍ଯ୍ୟ ଗୋଲ୍ କରିବା ପରେ ଭାରତ ୧୪-୦ର ବଡ଼ ବିଜୟ ହାସଲ କରିଥିଲା। ଭାରତର ୧୪ଟି ଗୋଲ୍ ମଧ୍ୟରୁ ୯ଟି ଫିଲ୍ଡ ଗୋଲ୍, ୪ଟି ପେନାଲ୍ଟି କର୍ଣ୍ଣର ଏବଂ ଗୋଟିଏ ପେନାଲ୍ଟି ଷ୍ଟ୍ରୋକ୍ରୁ ଆସିଥିଲା। ଏହି ପରାଜୟ ଇଣ୍ଡୋନେସିଆର ଲଗାତାର ଦ୍ୱିତୀୟ ପରାଜୟ। ଶୁକ୍ରବାର ଦଳଟି ଦକ୍ଷିଣ କୋରିଆଠାରୁ ୦-୯ରେ ହାରିଥିଲା। ଅନ୍ୟପକ୍ଷରେ, ପ୍ରଥମ ମ୍ୟାଚ୍ରୁ ୩ ପଏଣ୍ଟ ପାଇ ଭାରତ ଜାପାନ ଓ ଦକ୍ଷିଣ କୋରିଆ ସହ ସମାନ ପଏଣ୍ଟରେ ରହିଥିଲେ ମଧ୍ୟ ଉନ୍ନତ ଗୋଲ୍ ବ୍ୟବଧାନ ଯୋଗୁଁ ପୁଲ୍-ଏ'ର ଶୀର୍ଷ ସ୍ଥାନ ଦଖଲ କରିଛି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେମେଣ୍ଟ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେମେଣ୍ଟ କରି ଦେୟ ରସିଦ୍କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

# କଳିଙ୍ଗରେ ଇନଲାଇନ ଫ୍ରିଷ୍ଟାଇଲ ସ୍କେଟିଂ ଉଦ୍ଘାଟିତ

## ଭାଗ ନେଲେ ୧୦ ରାଜ୍ୟର ୧୦୦ ରୁ ଊର୍ଦ୍ଧ୍ୱ ସ୍କେଟର



ଭୁବନେଶ୍ୱର,୫।୯ (ସବ୍ୟୁ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଇନଲାଇନ ଫ୍ରିଷ୍ଟାଇଲ ଓପନ୍ ନ୍ୟାସନାଲ ସ୍କେଟିଂ ର୍ୟାଙ୍କିଂ ଚାମ୍ପିଅନସିପ୍ ଉଦ୍ଘାଟିତ ହୋଇଯାଇଛି। ଏହି ଚାରିଦିବସୀୟ ପ୍ରତିଯୋଗିତାରେ ୧୦ ଅନ୍ତର୍ଜାତୀୟ ଖେଳାଳିଙ୍କ ସମେତ ସାରା ଦେଶରୁ ପ୍ରାୟ ୧୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏଥିରେ ଆୟୋଜକ ଓଡ଼ିଶା ସମେତ ତେଲଙ୍ଗାନା, ଉତ୍ତର ପ୍ରଦେଶ, ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, ପୁଡୁଚେରୀ, ମହାରାଷ୍ଟ୍ର, କର୍ଣ୍ଣାଟକ ଏବଂ ବିହାରର ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ଯାହା ଭାରତରେ ଇନଲାଇନ୍ ଫ୍ରିଷ୍ଟାଇଲ୍ ସ୍କେଟିଂର ବୃଦ୍ଧି ପାଉଥିବା ଲୋକପ୍ରିୟତାକୁ ପ୍ରତିଫଳିତ କରୁଛି। ସେହିଭଳି ଏହି ଚାମ୍ପିଅନସିପ୍ରେ ଓଡ଼ିଶାର ଅନାହିତା ମିଶ୍ର, ବିଭାଂଶୁ ପାଣିଗ୍ରାହୀ ଓ ମାଇରା ମୋରେ ଭାଗନେଇ ସେମାନଙ୍କ କ୍ରୀଡ଼ାକୌଶଳ ପ୍ରଦର୍ଶନ କରିଛନ୍ତି। କଟକର ଅନାହିତା ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ପାଞ୍ଚଟି ସ୍ୱର୍ଣ୍ଣ ପଦକ ଜିତି ପୂର୍ବରୁ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିସାରିଛନ୍ତି। ତାଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି। ଏହି ଚାମ୍ପିଅନସିପକୁ ଓଡ଼ିଶାର କ୍ରୀଡା ଏବଂ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦଘାଟନ କରିଥିଲେ। ଇନଲାଇନ୍ ଫ୍ରିଷ୍ଟାଇଲ୍ ସ୍କେଟିଂ ଓଡ଼ିଶାର ଯୁବପିଢ଼ିଙ୍କ ମଧ୍ୟରେ ଏକ ଲୋକପ୍ରିୟ କ୍ରୀଡ଼ା ଭାବରେ ଉଭା ହେବାର ସମ୍ଭାବନା ରହିଛି। ଓଡ଼ିଶାର ବ୍ଲକସ୍ତରୀୟ ଷ୍ଟାଡିୟମ ଭିତ୍ତିଭୂମି ମାଧ୍ୟମରେ ଏହି ପ୍ରକାର କଳାତ୍ମକ କ୍ରୀଡ଼ା ଶୃଙ୍ଖଳାଗୁଡ଼ିକୁ ବ୍ଲକ ଏବଂ ଜିଲ୍ଲାସ୍ତରରେ ମଧ୍ୟ ପ୍ରୋତ୍ସାହିତ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥିଙ୍କ ମଧ୍ୟରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ୍ର ସଭାପତି ସମୀର ମହାନ୍ତି, କ୍ରୀଡା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଭକ୍ତ ବଲ୍ଲଭ ଦାସ, ଉପସଭାପତି ନବରଞ୍ଜନ ପଟ୍ଟନାୟକ, ଏବଂ ଓଡ଼ିଶା ସ୍କେଟିଂ ଆସୋସିଏସନର ସାଧାରଣ ସମ୍ପାଦକ ସତ୍ୟଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଚାମ୍ପିଅନସିପ୍ରୁ ଆଗାମୀ ବିଶ୍ୱ ସ୍କେଟ ଗେମ୍ସ-୨୦୨୬ ଲାଗି ଖେଳାଳି ଚୟନ କରାଯିବ। ତେଣୁ ଚାମ୍ପିଅନସିପର ଗୁରୁତ୍ୱ ବଢ଼ିଯାଇଛି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Dr. Gurukalyan Mohapatra,ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି